# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨/୨୦୨୬ (୧୬ ପୃଷ୍ଠା) | Bhubaneswar, Monday, February 2/2026 | Page 16 | ₹ 7.00 | RAYAGADA

୫୨ଶ ଭାଗ ୭୦ ସଂଖ୍ୟା | www.orissakhabar.com/www.dharitri.com | Printed at Rayagada, Bhubaneswar, Sambalpur & Angul | VOLUME 52 ISSUE 70 | ମୂଲ୍ୟ ₹୭/-




## ଯମଜ ସନ୍ତାନର ବାପା ହେଲେ ରାମ ଚରଣ

ଟଲିଉଡ୍ର ପାୱାର କପଲ ରାମ ଚରଣ ଏବଂ ଉପାସନା କୋନିଡେଲାଙ୍କ ଘରକୁ ଆସିଛନ୍ତି ଦୁଇ ନୂଆ ଅତିଥି। ଉପାସନା ଏକ ପୁତ୍ର ଏବଂ ଏକ କନ୍ୟା ସନ୍ତାନ (ଯମଜ)ଙ୍କୁ ଜନ୍ମ ଦେଇଛନ୍ତି।

୦୫

୧୬

## ଅଲକାରାଜ ଚାମ୍ପିୟନ

ସ୍ପେନର କାର୍ଲୋସ ଅଲକାରାଜ ଅଷ୍ଟ୍ରେଲିଆନ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟାଇଟଲ ଜିତିବା ସହ ଓପନ ଏରାର ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାରିୟରର ସ୍ଲାମ ପୂରଣ କରିଛନ୍ତି।



# ମଧ୍ୟବିତ୍ତଙ୍କୁ କିଛି ନାହିଁ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ସଂସଦରେ ଲଗାତର ନବମ ଥର ପାଇଁ କେନ୍ଦ୍ର ବଜେଟ ଉପସ୍ଥାପନ କରିଛନ୍ତି। ବୈଶ୍ୱିକ ଅନିଶ୍ଚିତତା, ଭୂରାଜନୈତିକ ଉତ୍ତେଜନା, ମୁଦ୍ରାସ୍ଫୀତି ଓ ବାଣିଜ୍ୟ ଚାପ ମଧ୍ୟରେ ପ୍ରସ୍ତୁତ ଏହି ବଜେଟ ଭାରତୀୟ ଅର୍ଥନୀତିକୁ ସୁଦୃଢ଼ କରିବା, ଅଭିବୃଦ୍ଧିକୁ ଅବ୍ୟାହତ ରଖିବା ଓ ସାମାଜିକ ଅନ୍ତର୍ଭୁକ୍ତୀକରଣକୁ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଅଣାଯାଇଛି ବୋଲି ସୀତାରାମନ୍ କହିଛନ୍ତି। କିନ୍ତୁ ଆୟକର ସ୍ଲାବ୍‌ରେ କୌଣସି ପରିବର୍ତ୍ତନ ଅଣାଯାଇ ନାହିଁ। ସେହିପରି ଦରଦାମ୍‌କୁ ନିୟନ୍ତ୍ରଣ କରିବା ଦିଗରେ ମଧ୍ୟ ଆଖିଦୃଶିଆ ପଦକ୍ଷେପ ନିଆଯାଇ ନାହିଁ। ଏଥିଯୋଗୁ ମଧ୍ୟବିତ୍ତ ନିରାଶ ହୋଇଛନ୍ତି। ସୀତାରାମନ୍ ବଜେଟ ଅଭିଭାଷଣ ବେଳେ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସ୍‌ଟିଟି)କୁ ୦.୦୨%ରୁ ୦.୦୫% ପର୍ଯ୍ୟନ୍ତ ବୃଦ୍ଧି ଘୋଷଣା କରିବା ମାତ୍ରେ ଭାରତୀୟ ପୁଞ୍ଜିବଜାର ଧରାଶାୟୀ ହୋଇଯାଇଥିଲା। ସେନ୍‌ସେକ୍ସ ୧,୮୪୩ ପଏଣ୍ଟ (୨.୨୩%) ଖସିଥିବାବେଳେ ନିଫ୍ଟି୫୦ରେ ୫୯୩ ପଏଣ୍ଟ (୨.୩୩%) ହ୍ରାସ ଘଟିଥିଲା।

**ନୂଆଦିଲ୍ଲୀ,୧।୨**

ବୈଶ୍ୱିକ ଅନିଶ୍ଚିତତା ମଧ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ସଂସଦରେ କେନ୍ଦ୍ରୀୟ ବଜେଟ ୨୦୨୬-୨୭ ଉପସ୍ଥାପନ କରିଛନ୍ତି। ଏଥିରେ ସ୍ୱଳ୍ପକାଳୀନ ଲୋକପ୍ରିୟତା ପରିବର୍ତ୍ତେ ମଧ୍ୟମ-ଅବଧିଭିତ୍ତିକ ଅଭିବୃଦ୍ଧି, ବିତ୍ତୀୟ ସଂଯମ ଓ ଢାଞ୍ଚାଗତ ସଂସ୍କାରକୁ ପ୍ରାଥମିକତା ଦିଆଯାଇଛି। ବିଶ୍ୱ ବାଣିଜ୍ୟର ମନ୍ଦଗତି ଓ ଭୂରାଜନୈତିକ ଉତ୍ତେଜନା ମଧ୍ୟରେ ପ୍ରସ୍ତୁତ ହୋଇଥିବା ୫୩.୫ ଲକ୍ଷ କୋଟି ଟଙ୍କାର ଉକ୍ତ ବଜେଟ ଭାରତର ଘରୋଇ ଅର୍ଥନୀତି ଉପରେ ଆତ୍ମବିଶ୍ୱାସ ବଢ଼ାଇବା ସହ ବାହ୍ୟ ଆହ୍ୱାନଗୁଡ଼ିକର ମୁକାବିଲା ପାଇଁ ସକ୍ଷମ ହେବ ବୋଲି ସରକାର ଆଶାବ୍ୟକ୍ତ କରିଛନ୍ତି। ଏହା ହେଉଛି ସୀତାରାମନ୍‌ଙ୍କ ୯ମ ବଜେଟ। ଅର୍ଥମନ୍ତ୍ରୀ ପ୍ରଥମେ ରାଷ୍ଟ୍ରପତି ଭବନ (କର୍ତ୍ତବ୍ୟ ଭବନ) ଯାଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟିଥିଲେ। ରାଷ୍ଟ୍ରପତି ପାରମ୍ପରିକ ଭାବେ ଦହି-ଚିନି ଖୁଆଇ ତାଙ୍କୁ ଶୁଭେଚ୍ଛା ଜଣାଇଥିଲେ। ତାମିଲନାଡୁର କାଞ୍ଚିବରମ୍ ଶାଢ଼ି ପିନ୍ଧି ଓ ଏକ ଟାବ୍‌ଲେଟ ଧରି ସେ ଅର୍ଥ ରାଷ୍ଟ୍ରମନ୍ତ୍ରୀ ପଙ୍କଜ ଚୌଧରୀ ଓ ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀମାନେ ସେଠାରୁ ଫେରିଥିଲେ। ସୀତାରାମନ ବଜେଟ ଉପସ୍ଥାପନ କରି କହିଥିଲେ, ଏହି ଅର୍ଥ ବିଲ୍ ସବ୍ କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଓ ସବ୍‌କା ପ୍ରୟାସ ଉପରେ ଆଧାରିତ ବିକଶିତ ଭାରତ ଦ୍ୱାରା ଅନୁପ୍ରାଣିତ। ବିଶ୍ୱରେ ଅନିଶ୍ଚିତତା ଲାଗି ରହିଥିବାବେଳେ ଭାରତ ଦ୍ରୁତତମ ଅର୍ଥନୀତି ରୂପେ ନିଜ ସ୍ୱାତନ୍ତ୍ର୍ୟ ବଜାୟ ରଖିଛି। ଦୃଢ଼ ଘରୋଇ ଚାହିଦା ଓ ନିୟନ୍ତ୍ରିତ ମୁଦ୍ରାସ୍ଫୀତି ଯୋଗୁ ଏହା ସମ୍ଭବ ହୋଇପାରିଛି। ସରକାର ମାକ୍ରୋଇକୋନୋମିକ୍ ସ୍ଥିରତାକୁ ବଜାୟ ରଖି ଅଭିବୃଦ୍ଧି ଓ ସ୍ଥିରତା ପ୍ରତି ପ୍ରତିଶ୍ରୁତିବଦ୍ଧ। କୃଷକଙ୍କ ଆୟ ବୃଦ୍ଧି ସରକାରଙ୍କ ପ୍ରାଥମିକତା ହୋଇ ରହିଆସିଛି। ଏହାକୁ ଦୃଷ୍ଟିରେ ରଖି ସରକାର କୃଷି, ପ୍ରାଣୀ ଓ ମତ୍ସ୍ୟ ସମ୍ପଦ କ୍ଷେତ୍ରରେ ଉତ୍ପାଦନଶୀଳତା, ବିବିଧକରଣ, ପ୍ରଯୁକ୍ତିର ପ୍ରୟୋଗକୁ ଗୁରୁତ୍ୱ ଦେଉଛନ୍ତି। କୃଷି ଗ୍ରାମାଞ୍ଚଳ ବିକାଶର ଇଞ୍ଜିନ୍ ହେବା ଜରୁରୀ ବୋଲି ସେ କହିଛନ୍ତି।

ଭିତ୍ତିଭୂମି ନିର୍ମାଣ ସମ୍ପର୍କରେ ସୀତାରାମନ୍ କହିଛନ୍ତି, ଘରୋଇ କ୍ଷେତ୍ରରେ ସାଧାରଣ ପୁଞ୍ଜି ବ୍ୟୟ ଜାରି ରହିବ। ଏହାଦ୍ୱାରା ଭାରତର ଦୀର୍ଘମିଆଦୀ ଉତ୍ପାଦନ କ୍ଷମତା ବୃଦ୍ଧି ପାଇବ। ଯୋଗସୂତ୍ରତା, ଲଜିଷ୍ଟିକ୍ ଓ ସହରାଞ୍ଚଳ ଭିତ୍ତିଭୂମି ବିକାଶକୁ ବହୁଗୁଣିତ କରିବ। ପୁଞ୍ଜି ବଜାରରେ ଫ୍ୟୁଚର୍ସ ଓ ଅପ୍ସନ୍ କାରବାର ପାଇଁ ସରକାର ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ ଟ୍ୟାକ୍ସରେ ବୃଦ୍ଧି ପାଇଁ ସେ ପ୍ରସ୍ତାବ ଦେଇଛନ୍ତି। ସୀତାରାମନ ବଜେଟରେ ପ୍ରତିରକ୍ଷା ବ୍ୟୟବରାଦ ୭,୮୪,୬୭୮ କୋଟି ଟଙ୍କାକୁ ବୃଦ୍ଧି କରିଛନ୍ତି। ଗତବର୍ଷ ଏହି କ୍ଷେତ୍ରକୁ ୬,୮୧,୨୧୦ କୋଟି ଟଙ୍କା ☞ପୃଷ୍ଠା-୪

## ପ୍ରମୁଖ ଖର୍ଚ୍ଚ (କୋଟିରେ)

| | |
|---|---|
| ପରିବହନ | ୫,୯୮,୫୨୦ |
| ପ୍ରତିରକ୍ଷା | ୫,୯୪,୫୮୫ |
| ଗ୍ରାମୀଣ ବିକାଶ | ୨,୭୩,୧୦୮ |
| ସ୍ୱରାଷ୍ଟ୍ର ବ୍ୟାପାର | ୨,୫୫,୨୩୪ |
| କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ | ୧,୬୨,୬୭୧ |
| ଶିକ୍ଷା | ୧,୩୯,୨୮୯ |
| ଶକ୍ତି | ୧,୦୯,୦୨୯ |
| ସ୍ୱାସ୍ଥ୍ୟ | ୧,୦୪,୫୯୯ |
| ସହରୀ ବିକାଶ | ୮୫,୫୨୨ |
| ଆଇଟି, ଟେଲିକମ୍ | ୭୪,୫୬୦ |
| ବାଣିଜ୍ୟ ଓ ଶିଳ୍ପ | ୭୦,୨୯୬ |
| ସାମାଜିକ କଲ୍ୟାଣ | ୬୨,୩୬୨ |
| ସାଇଣ୍ଟିଫିକ୍ ବିଭାଗ | ୫୫,୭୫୬ |
| ଟିକସ ପ୍ରଶାସନ | ୪୫,୫୦୦ |
| ବହିର୍ବ୍ୟାପାର | ୨୨,୧୧୯ |
| ଅର୍ଥ | ୨୦,୬୪୯ |
| ପୂର୍ବୋତ୍ତର ଅଞ୍ଚଳ ବିକାଶ | ୬,୮୧୨ |

## ଅଭିବୃଦ୍ଧିମୂଳକ, ଯୁବଶକ୍ତି ବଜେଟ: ମୁଖ୍ୟମନ୍ତ୍ରୀ




**ଭୁବନେଶ୍ୱର,୧।୨(ରବିନାରାୟଣ ଜେନା)**

କେନ୍ଦ୍ର ସରକାରଙ୍କ ପକ୍ଷରୁ ରବିବାର ସଂସଦରେ ୨୦୨୬-୨୭ ଆର୍ଥିକବର୍ଷ ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆଣିଥିବା ବଜେଟ ବାସ୍ତବରେ ଏକ ଅଭିବୃଦ୍ଧିମୂଳକ ଓ ଯୁବଶକ୍ତି ବଜେଟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଦେଶର ଆର୍ଥିକ ଅଭିବୃଦ୍ଧିକୁ ଜାରି ରଖିବା ପାଇଁ ମୋଦି ସରକାରଙ୍କ ଶାସନ କାଳ ସମୟରେ ବର୍ତ୍ତମାନ ସୁଦ୍ଧା ୩୫୦ଟି ଢାଞ୍ଚାଗତ ସଂସ୍କାର ଅଣାଯାଇଛି, ଯାହାକି ସ୍ୱାଧୀନ ଭାରତର ଅର୍ଥନୈତିକ ଇତିହାସରେ ଏକ ବିରଳ ଅଧ୍ୟାୟ। ଏହାଦ୍ୱାରା ଆତ୍ମନିର୍ଭର ଭାରତ, ବିକଶିତ ଭାରତ ଗଠନ ଦିଗରେ ଆମର ଯେଉଁ ଲକ୍ଷ୍ୟ ରହିଛି, ତାହା ତ୍ୱରାନ୍ୱିତ ହୋଇପାରିଛି। ☞ପୃଷ୍ଠା-୪



ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍

## ୧ ଟଙ୍କାର ଆୟ




- ୧-କର୍ପୋରେଟ୍ ଟିକସ ୧୮%
- ୨-ଆୟକର ୨୧%
- ୩-ସୀମା ଶୁଳ୍କ ୪%
- ୪-କେନ୍ଦ୍ରୀୟ ଉତ୍ପାଦ ଶୁଳ୍କ ୬%
- ୫-ଜିଏସ୍‌ଟି ୧୫%
- ୬-ଅଣ ଟିକସ ରାଜସ୍ୱ ୧୦%
- ୭-ଅଣ ଋଣ ପୁଞ୍ଜିରୁ ୨%
- ୮-ଧାର ଓ ଅନ୍ୟ ସୂତ୍ରରୁ ୨୪%

## ୧ ଟଙ୍କାର ବ୍ୟୟ




- ୧-କେନ୍ଦ୍ରୀୟ ଯୋଜନା ୧୭%
- ୨-ସୁଧ ପରିଶୋଧ ୨୦%
- ୩-ପ୍ରତିରକ୍ଷା ୧୧%
- ୪-ପ୍ରମୁଖ ରିହାତି ୬%
- ୫-ଅର୍ଥ ଆୟୋଗ ଓ ଅନ୍ୟାନ୍ୟ ଦେୟ ୭%
- ୬-ଟିକସ ଓ ଶୁଳ୍କ ବାବଦ ରାଜ୍ୟର ଅଂଶଧନ ୨୨%
- ୭-ପେନସନ ୨%
- ୮-ଅନ୍ୟାନ୍ୟ ଖର୍ଚ୍ଚ ୭%
- ୯-କେନ୍ଦ୍ର ପ୍ରାୟୋଜିତ ଯୋଜନା ୮%

## ଶସ୍ତା

- ୧୭ଟି ଗୁରୁତ୍ୱପୂର୍ଣ୍ଣ କର୍କଟ ଔଷଧ
- ମୋବାଇଲ ଓ ଟାବଲେଟ୍
- ୭ ଦୁର୍ଲଭ ରୋଗର ଚିକିତ୍ସା
- ମାଇକ୍ରୋୱେଭ ଓଭନ
- ସୌର ଉପକରଣ
- ବିଦେଶ ଯାତ୍ରା ଓ ପାଠପଢ଼ା
- ଇଭି ବ୍ୟାଟେରୀ
- ଚମଡ଼ା ଓ ଜୋତା

## ମହଙ୍ଗା

- ସିଗାରେଟ୍, ପାନ ମସଲା, ଗୁଟଖା, ତମାଖୁ
- ବିଦେଶୀ ମଦ, ସ୍ପିରିଟ୍
- ବିଳାସପୂର୍ଣ୍ଣ ଘଣ୍ଟା
- କଫି ମେଶିନ
- ବିଦେଶୀ ଛତା
- ଶେୟାର ମାର୍କେଟ ଟ୍ରେଡିଂ
- କେତେକ ରାସାୟନିକ ସାର

# ଓଡ଼ିଶା ସମେତ ୪ ରାଜ୍ୟରେ ହେବ ରେଆର୍ ଆର୍ଥ କରିଡର

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର ଲୋକ ସଭାରେ ବଜେଟ ୨୦୨୬-୨୭ ଉପସ୍ଥାପନ ବେଳେ ଓଡ଼ିଶା ସମେତ ୪ ରାଜ୍ୟରେ ବିରଳ ମୃତ୍ତିକା (ରେୟାର ଆର୍ଥ) କରିଡର କରାଯିବା ପାଇଁ ଘୋଷଣା କରିଛନ୍ତି। ଏହା ଭାରତର ଭବିଷ୍ୟତ ପ୍ରଯୁକ୍ତିବିଦ୍ୟା ଏବଂ ପ୍ରତିରକ୍ଷା କ୍ଷେତ୍ରରେ ଓଡ଼ିଶାର ଭୂମିକାକୁ ଅତି ଗୁରୁତ୍ୱପୂର୍ଣ୍ଣ କରିବ ବୋଲି କୁହାଯାଉଛି। କିନ୍ତୁ ରେୟାର୍ ଆର୍ଥ କରିଡରକୁ ନେଇ ପରିବେଶବିତ୍ ଏବଂ ସ୍ଥାନୀୟ ବାସିନ୍ଦାଙ୍କ ମନରେ କେତେକ ଦ୍ୱନ୍ଦ୍ୱ ରହିଛି। ବିରଳ ମୃତ୍ତିକା ଉତ୍ତୋଳନ ଏବଂ ପ୍ରକ୍ରିୟାକରଣ ସମୟରେ ତେଜଷ୍କ୍ରିୟ ବର୍ଜ୍ୟବସ୍ତୁ ନିର୍ଗତ ହୋଇଥାଏ। ଏହାର ଠିକ୍ ପରିଚାଳନା ନ ହେଲେ ମାଟି ଏବଂ ଜଳରେ ବିଷାକ୍ତ ରାସାୟନିକ ପଦାର୍ଥ ମିଶିବା ଆଶଙ୍କା ରହିଛି। ସେହିପରି ଉପକୂଳବର୍ତ୍ତୀ ବାଲିରୁ ଖଣିଜ ଉତ୍ତୋଳନ ହେଲେ ସ୍ଥାନୀୟ ମତ୍ସ୍ୟଜୀବୀମାନଙ୍କର ଜୀବିକା ପ୍ରଭାବିତ ହୋଇପାରେ। ଅନ୍ୟପକ୍ଷରେ ରେୟାର ଆର୍ଥ ପ୍ରକ୍ରିୟାକରଣ କେନ୍ଦ୍ର ନିକଟରେ ରହୁଥିବା ଲୋକଙ୍କ ସ୍ୱାସ୍ଥ୍ୟ ଉପରେ ଏହାର ପ୍ରଭାବ ପାଇଁ କ'ଣ ସୁରକ୍ଷା ବ୍ୟବସ୍ଥା କରାଯାଇଛି ବୋଲି ବହୁ ବିରୋଧୀ ଦଳ ଏବଂ ସାମାଜିକ କର୍ମୀ ପ୍ରଶ୍ନ ଉଠାଉଛନ୍ତି।




**ନୂଆଦିଲ୍ଲୀ,୧।୨**

ବିରଳ ମୃତ୍ତିକା ହେଉଛି ୧୭ଟି ଖଣିଜ ପଦାର୍ଥର ଏକ ସମୂହ, ଯାହା ଆଧୁନିକ ଇଲେକ୍ଟ୍ରୋନିକ୍ସ ପାଇଁ ଅପରିହାର୍ଯ୍ୟ। ଏହି କରିଡରର ଅର୍ଥ ହେଉଛି ଖଣିରୁ ଖଣିଜ ଉତ୍ତୋଳନ କରିବାଠାରୁ ଆରମ୍ଭ କରି ତାହାର ପ୍ରକ୍ରିୟାକରଣ ଏବଂ ଶେଷରେ ସେଥିରୁ ସାମଗ୍ରୀ ତିଆରି କରିବା ପର୍ଯ୍ୟନ୍ତ ଏକ ସମ୍ପୂର୍ଣ୍ଣ ଶିଳ୍ପ ନେଟୱର୍କ ଗଢ଼ିବା। ଓଡ଼ିଶା, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ଏବଂ କେରଳରେ ଏହି ସମର୍ପିତ କରିଡର ନିର୍ମାଣ କରାଯିବ। ନଭେମ୍ବର ୨୦୨୫ରେ ଆରମ୍ଭ ହୋଇଥିବା ୭,୨୮୦ କୋଟିର 'ରେୟାର ଆର୍ଥ ପର୍ମାନେଣ୍ଟ ମାଗ୍‌ନେଟ୍ ସ୍କିମ୍'କୁ ଏହି କରିଡର ମାଧ୍ୟମରେ ଆହୁରି ବ୍ୟାପକ କରାଯିବ। ବିଶ୍ୱ ବଜାରରେ, ବିଶେଷକରି ଚାଇନା ଉପରେ ରହିଥିବା ନିର୍ଭରତାକୁ ହ୍ରାସ କରି ଭାରତକୁ ବିରଳ ମୃତ୍ତିକା କ୍ଷେତ୍ରରେ 'ଆତ୍ମନିର୍ଭର' କରିବା ହେଉଛି କେନ୍ଦ୍ର ସରକାରଙ୍କ ଲକ୍ଷ୍ୟ।

ଓଡ଼ିଶାର ଉପକୂଳବର୍ତ୍ତୀ ଅଞ୍ଚଳରେ ଥିବା ବାଲି (ବିଚ୍ ସ୍ୟାଣ୍ଡ ମିନେରାଲ୍ସ)ରୁ ପ୍ରଚୁର ପରିମାଣର ☞ପୃଷ୍ଠା-୪

# ନିବେଶକଙ୍କୁ ଝଟକା

## ୧୫୫୦ ପଏଣ୍ଟ ତଳକୁ ସେନ୍‌ସେକ୍ସ

**ମୁମ୍ବାଇ,୧।୨**

କେନ୍ଦ୍ର ସରକାର ରବିବାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ଉପସ୍ଥାପନ କରିଛନ୍ତି। କିନ୍ତୁ ଏହି ବଜେଟ୍ ନିବେଶକକାରୀଙ୍କ ମହଲରେ ନୈରାଶ୍ୟ ସୃଷ୍ଟି କରିଛି ; ଯାହାର ପ୍ରଭାବ ଶେୟାର ବଜାର ଉପରେ ଅନୁଭୂତ ହୋଇଛି। ରବିବାର ଶେୟାର ବଜାର ଖୋଲା ରହିବା ସହିତ କାରବାର ହୋଇଥିଲେ ହେଁ ଦୁଇ ପ୍ରମୁଖ ସୂଚକାଙ୍କ , ସେନ୍‌ସେକ୍ସ ଏବଂ ନିଫ୍ଟି କାରବାର ଭାରୀମାତ୍ରାରେ ପ୍ରଭାବିତ ହୋଇଛି। କାରବାର ଶେଷ ସୁଦ୍ଧା ବିଏସ୍‌ଇ ସେନ୍‌ସେକ୍ସ ୧୫୫୦ ପଏଣ୍ଟ ହ୍ରାସ ପାଇ ୮୦,୭୨୨ ପଏଣ୍ଟରେ ବନ୍ଦ ରହିଛି। ସେହିପରି ନ୍ୟାଶନାଲ ଷ୍ଟକ୍ ଏକ୍ସଚେଞ୍ଜ ସୂଚକାଙ୍କ ନିଫ୍ଟିରେ ୪୯୫ ପଏଣ୍ଟ ହ୍ରାସ ଘଟି କାରବାର ଶେଷ ବେଳକୁ ୨୪,୮୨୫ ପଏଣ୍ଟରେ ବନ୍ଦ ରହିଛି। ନିବେଶକାରୀ ବିଭିନ୍ନ କ୍ଷେତ୍ରରୁ ପୁଞ୍ଜି ପ୍ରତ୍ୟାହାର କରିନେବାରୁ ବହୁ ପ୍ରମୁଖ କମ୍ପାନୀଗୁଡିକର ବଜାର ପୁଞ୍ଜି(ଏମକ୍ୟାପ୍) ସ୍ଥିତି ମଧ୍ୟ ଦୁର୍ବଳ ହୋଇଛି। ରବିବାର ହୋଇଥିବା କାରବାରରେ ବିଏସ୍‌ଇ ତାଲିକାଭୁକ୍ତ କମ୍ପାନୀଗୁଡିକର ଏମ୍‌କ୍ୟାପ୍ ହାରାହାରି ଭାବେ ୪୫୦ ଲକ୍ଷ କୋଟି ଟଙ୍କା ହ୍ରାସ ପାଇଛି। ଏହାଦ୍ୱାରା ଦିନକ ମଧ୍ୟରେ ନିବେଶକାରୀଙ୍କ ୧୦ ଲକ୍ଷ କୋଟି ଟଙ୍କା ସ୍ୱାହା ହୋଇଯାଇଛି।

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ବଜେଟ୍ ଉପସ୍ଥାପନ କରିବାର ମାତ୍ର କିଛି ଘଣ୍ଟା ମଧ୍ୟରେ ଶେୟାର ବଜାର ଭାରୀମାତ୍ରାରେ ପ୍ରଭାବିତ ହୋଇଥିବା ଦେଖିବାକୁ ମିଳିଥିଲା। ଏହାପଛରେ ୩ଟି ମୁଖ୍ୟ କାରଣ ରହିଥିବା ଶେୟାର କାରବାର ବିଶେଷଜ୍ଞମାନେ କହିଛନ୍ତି। ବିଶେଷତଃ ଡେରିଭେଟିଭ୍(ଷ୍ଟକ୍) ଉପରେ ପ୍ରଚଳିତ ସିକ୍ୟୁରିଟିଜ୍ ଟ୍ରାଞ୍ଜାକ୍ସନ୍ ☞ପୃଷ୍ଠା-୪

**ଆଜିର ସମ୍ପାଦକୀୟ** ସ୍ୱାସ୍ଥ୍ୟ ପାଇଁ ୦.୫%


SIKSHA 'O' ANUSANDHAN
(DEEMED TO BE UNIVERSITY)

SAAT-2026

Empowering students for a brighter future

LAW PROGRAMMES
- B.A. LL.B. (H) - Integrated
- BBA LL.B. (H) - Integrated
- LL.B. (H) - 3 Years
- LL.M. - 1 Year

APPROVAL & RECOGNITIONS
- Approved by UGC and BCI
- Re-accredited by NAAC with A++ Grade
- Granted with Category-1 Graded Autonomy by UGC

NIRF INDIA RANKINGS 2025
- 10th Best in Law Category
- 15th Best in University Category

INTERNATIONAL RANKINGS 2026
- Ranked in QS World Rankings 2026
- Ranked in Times World Rankings 2026

To apply for admission through SAAT, Please visit: www.soa.ac.in






# ୧,୬୨,୬୭୧ କୋଟିର କୃଷି ବଜେଟ



ନୂଆଦିଲ୍ଲୀ,୧।୨

ଭାରତ ଏକ କୃଷି ପ୍ରଧାନ ଦେଶ ହୋଇଥିବାରୁ କୃଷିଭିତ୍ତିକ ଅର୍ଥନୀତି ଉପରେ କେନ୍ଦ୍ର ସରକାର ଜୋର୍ ଦେଇଛନ୍ତି। ଏଥି ସକାଶେ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟରେ ୧,୬୨,୬୭୧ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ସେହିପରି ଗ୍ରାମୀଣ ଜୀବିକା କ୍ଷେତ୍ରରେ ନୂଆ ସୁଯୋଗ ସୃଷ୍ଟି ଓ ପାରମ୍ପରିକ ଫସଲ ଚାଷ ଉପରେ ନିର୍ଭରଶୀଳତା କମାଇବା ଲକ୍ଷ୍ୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍

## ଗ୍ରାମୀଣ ଆୟ ବିବିଧୀକରଣ ଉପରେ ଗୁରୁତ୍ୱ

ରବିବାର ବଜେଟ ଉପସ୍ଥାପନ ବେଳେ ମାଛଚାଷ, ପଶୁପାଳନ ଓ ଉଚ୍ଚମୂଲ୍ୟ କୃଷି କ୍ଷେତ୍ର ପାଇଁ ବଡ଼ ପ୍ୟାକେଜ୍ ଘୋଷଣା କରିଛନ୍ତି।

ବଜେଟରେ ଆସନ୍ତା ଆର୍ଥିକବର୍ଷ ପାଇଁ କୃଷି ଓ ଆନୁଷଙ୍ଗିକ କାର୍ଯ୍ୟ ସକାଶେ ୧,୬୨,୬୭୧ କୋଟି ଟଙ୍କା ବିନିଯୋଗ ନିର୍ଦ୍ଧାରଣ କରାଯାଇଛି, ଯାହାକି ୨୦୨୫-୨୬ର ସଂଶୋଧିତ ଅନୁମାନ ୧,୫୧,୮୫୩ କୋଟି ଟଙ୍କାଠାରୁ ୭.୧୨% ଅଧିକ। ସୀତାରାମନ୍ କହିଛନ୍ତି, ସରକାର 'ସବକା ସାଥ, ସବକା ବିକାଶ' ଏବଂ 'ବିକଶିତ ଭାରତ' ଲକ୍ଷ୍ୟ ପୂରଣକୁ ଗୁରୁତ୍ୱ ଦେଉଛନ୍ତି। ଏଥିପାଇଁ ଉତ୍ପାଦକତା ବୃଦ୍ଧି ଓ ଉଦ୍ୟମିତା ମାଧ୍ୟମରେ କୃଷକଙ୍କ ଆୟ ବଢ଼ାଇବା ଦିଗରେ ନିର୍ଦ୍ଦିଷ୍ଟ ପ୍ରୟାସ ଆବଶ୍ୟକ। ମାଛଚାଷ କ୍ଷେତ୍ରକୁ ପ୍ରୋତ୍ସାହନ ଦେବା ପାଇଁ ଭାରତୀୟ ଜାହାଜ ଦ୍ୱାରା ଭାରତର ଏକ୍ସକ୍ଲୁସିଭ ଇକୋନୋମିକ୍ ଜୋନ୍ ଓ ସମୁଦ୍ରରେ ଧରାଯାଇଥିବା ମାଛ ଉପରେ କୌଣସି ଶୁଳ୍କ ଲାଗୁ ହେବନାହିଁ। ୫୦୦ଟି ଜଳାଶୟ ଓ 'ଅମୃତ ସରୋବର'ର ସମନ୍ୱିତ ବିକାଶ କରାଯିବ। ଉପକୂଳ ଅଞ୍ଚଳରେ ଷ୍ଟାର୍ଟଅପ, ମହିଳା ନେତୃତ୍ୱାଧୀନ ଗୋଷ୍ଠୀ ଓ ଫିଶ ଫାର୍ମର୍ସ ପ୍ରୋଡ୍ୟୁସର ଅର୍ଗାନାଇଜେଶନ (ଏଫ୍ଏଫ୍ପିଓ) ମାଧ୍ୟମରେ ମୂଲ୍ୟଶୃଙ୍ଖଳ ସଶକ୍ତ କରାଯିବ। ସେହିପରି ପଶୁପାଳନ କୃଷି ଆୟର ପ୍ରାୟ ୧୬% ଅଂଶ ଦେଉଥିବା ଉଲ୍ଲେଖ କରି ଅର୍ଥମନ୍ତ୍ରୀ ୨୦,୦୦୦ରୁ ଅଧିକ ପ୍ରାଣୀଚିକିତ୍ସକ ଓ ପାରାଭେଟ୍ ପ୍ରୋଫେଶନାଲ ସୃଷ୍ଟି ପାଇଁ ଋଣଯୁକ୍ତ ପୁଞ୍ଜି ସବସିଡି ଯୋଜନା ଘୋଷଣା କରିଛନ୍ତି। ଏହା ମାଧ୍ୟମରେ ଘରୋଇ କ୍ଷେତ୍ରରେ ପ୍ରାଣୀଚିକିତ୍ସା କଲେଜ, ହସ୍ପିଟାଲ, ଡାଇଗ୍ନୋଷ୍ଟିକ୍ ଲାବ୍ ଓ ପ୍ରଜନନ କେନ୍ଦ୍ର ସ୍ଥାପନକୁ ସମର୍ଥନ ମିଳିବ।

କୃଷି ଉତ୍ପାଦ ବିବିଧୀକରଣ ଓ କୃଷକ ଆୟ ବୃଦ୍ଧି ପାଇଁ ନଡ଼ିଆ, ଚନ୍ଦନ, କୋକୋ ଓ କାଜୁ ପରି ଉଚ୍ଚମୂଲ୍ୟ ଫସଲକୁ ଉପକୂଳ ଅଞ୍ଚଳରେ ପ୍ରୋତ୍ସାହନ ଦିଆଯିବ। ଉତ୍ତରପୂର୍ବ ଭାଗରେ ଅଗର ଗଛ ଓ ପାହାଡ଼ିଆ ଅଞ୍ଚଳରେ ଆଲମଣ୍ଡ, ଅଖରୋଟ ଓ ପାଇନ୍ ନଟ୍ ଚାଷ ପାଇଁ ଯୋଜନା ରହିଛି। ଭାରତୀୟ କାଜୁ ଓ କୋକୋ ପାଇଁ ଏକ କାର୍ଯ୍ୟକ୍ରମ ୨୦୩୦ ସୁଦ୍ଧା ଦେଶକୁ ଉତ୍ପାଦନ ଓ ପ୍ରୋସେସିଂରେ ଆତ୍ମନିର୍ଭରଶୀଳ କରିବା ସହିତ ଏହାକୁ ପ୍ରିମିୟମ ବିଶ୍ୱ ମାର୍କା କରିବା ଲକ୍ଷ୍ୟ ରଖାଯାଇଛି। ବଜେଟ ଅନୁଯାୟୀ, ଏହି ପଦକ୍ଷେପଗୁଡ଼ିକ ଟିକସ ସଞ୍ଚୟ ମାଧ୍ୟମରେ କୃଷକ ଓ ମତ୍ସ୍ୟଜୀବୀଙ୍କ ଲାଭ ବଢ଼ାଇବ। ସହକାରୀ ସଂସ୍ଥାମାନେ ସମାବେଶୀ ଗ୍ରାମୀଣ ବୃଦ୍ଧିକୁ ମଜବୁତ କରିବେ ଓ ସାମୁଦ୍ରିକ ରପ୍ତାନିର ପ୍ରତିଯୋଗିତାମୂଳକ ଦକ୍ଷତା ସହ ମୂଲ୍ୟ ଆଦାୟ ବୃଦ୍ଧି ହେବ।



## 'ଭିବି-ଜି ରାମ ଜି'କୁ ୯୫,୦୦୦ କୋଟି

**କେନ୍ଦ୍ର** ସରକାର ଗ୍ରାମାଞ୍ଚଳ ଲୋକଙ୍କୁ ନିଶ୍ଚିତ ରୋଜଗାର ଯୋଗାଇଦେବା ପାଇଁ ଆଣିଥିବା ବିକଶିତ ଭାରତ-ଗ୍ୟାରେଣ୍ଟି ଫର୍ ରୋଜଗାର ଆଜୀବିକା ମିଶନ (ଗ୍ରାମୀଣ) (ଭିବି-ଜି ରାମ ଜି) ଯୋଜନା ପାଇଁ ବଜେଟରେ ୯୫,୬୯୨.୩୧ କୋଟି ଟଙ୍କା ବ୍ୟୟବରାଦ କରାଯାଇଥିବାବେଳେ ଏମ୍ଜିଏନ୍ଆର୍ଇଜିଏ ବାବଦରେ ୩୦,୦୦୦ କୋଟି ଟଙ୍କା ରଖାଯାଇଛି। ଭିବି-ଜି ରାମ ଜି ଯୋଜନାରେ ଗ୍ରାମାଞ୍ଚଳରେ କାମଧନ୍ଦା କରିବାକୁ ଚାହୁଁଥିବା ଲୋକମାନଙ୍କୁ ବର୍ଷକୁ ୧୨୫ ଦିନ କାମ ଯୋଗାଇଦେବାର ପ୍ରତିଶ୍ରୁତି ଦିଆଯାଇଛି। ଉପା ସରକାର ଅମଳରୁ ଚାଲିଆସୁଥିବା ଏମ୍ଜିଏନ୍ଆର୍ଇଜିଏ ସ୍ଥାନରେ ଉକ୍ତ ନୂଆ ଯୋଜନା କାର୍ଯ୍ୟକାରୀ ହେବାକୁ ଯାଉଛି। ତେବେ ଏହା କାର୍ଯ୍ୟକାରୀ ହେବା ପର୍ଯ୍ୟନ୍ତ ଏମ୍ଜିଏନ୍ଆର୍ଇଜିଏ ଯୋଜନା ଜାରି ରହିବ ଏବଂ ଅଧା ଥିବା କାର୍ଯ୍ୟଗୁଡ଼ିକୁ ସମ୍ପୂର୍ଣ୍ଣ କରାଯିବ ବୋଲି ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି।

ଗ୍ରାମାଞ୍ଚଳ ବିକାଶ ବିଭାଗ ନିମନ୍ତେ ୧,୯୪,୩୬୮.୮୧ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ଗତବର୍ଷ ଉକ୍ତ ବିଭାଗକୁ ୧,୮୬,୯୯୫.୬୧ କୋଟି ଟଙ୍କା ମଞ୍ଜୁର କରାଯାଇଥିଲା।

## ଜଳ ଜୀବନ ମିଶନ ପାଇଁ ୬୭,୬୭୦ କୋଟି



୨୦୨୬-୨୭ ବର୍ଷ ଲାଗି ବଜେଟରେ ଜଳ ଜୀବନ ମିଶନ (ଜେଜେଏମ୍) ନିମନ୍ତେ ୬୭,୬୭୦ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି, ଯାହାକି ଗତବର୍ଷ ତୁଳନାରେ ଅଧିକ। ଗତବର୍ଷ ଏହି ବିଭାଗକୁ ୬୭,୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିଲା। ସେହିପରି ପ୍ରଧାନମନ୍ତ୍ରୀ ଆବାସ ଯୋଜନା-ଗ୍ରାମୀଣ (ପିଏମ୍ଏୱାଇ-ଜି) ନିମନ୍ତେ ୫୪,୯୧୭ କୋଟି ଟଙ୍କା ପ୍ରସ୍ତାବ ରହିଛି। ୨୦୨୫-୨୬ ବର୍ଷରେ ସଂଶୋଧିତ ବଜେଟ ଆକଳନ ୩୨,୫୦୦ କୋଟି ଟଙ୍କା ଥିଲା। ସେହିପରି ଦୀନଦୟାଲ ଅନ୍ତ୍ୟୋଦୟ ଯୋଜନା-ଜାତୀୟ ଗ୍ରାମାଞ୍ଚଳ ଜୀବିକା ମିଶନ (ଡିଏୱାଇଏନ୍ଆର୍ଏଲ୍ଏମ୍) ନିମନ୍ତେ ବଜେଟରେ ୧୯,୨୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଛି। ୨୦୨୫-୨୬ ବର୍ଷ ନିମନ୍ତେ ସଂଶୋଧିତ ଆକଳନ ୧୬,୦୦୦ କୋଟି ଟଙ୍କା ଥିଲା। ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନା (ପିଏମ୍ଜିଏସ୍ୱାଇ)ରେ ୧୯,୦୦୦ କୋଟି ଟଙ୍କା ବ୍ୟୟ ନିମନ୍ତେ ପ୍ରସ୍ତାବ ରହିଛି। ୨୦୨୫-୨୬ ବର୍ଷର ସଂଶୋଧିତ ଆକଳନ ୧୧,୦୦୦ କୋଟି ଟଙ୍କା ଥିଲା।

## ଖାଦ୍ୟ, ସାର ଓ ଇନ୍ଧନ ସବ୍ସିଡି ୪.୪୭% କମ୍ ଧାର୍ଯ୍ୟ

**୨**୦୨୬-୨୭ ଆର୍ଥିକ ବର୍ଷ ପାଇଁ ଖାଦ୍ୟ, ସାର ଓ ଇନ୍ଧନ ଉପରେ ବାର୍ଷିକ ସବ୍ସିଡି ୪.୪୭ ପ୍ରତିଶତ ହ୍ରାସ କରି ୪,୧୦,୪୯୫ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷ ପାଇଁ ଖାଦ୍ୟ, ସାର ଓ ଇନ୍ଧନ ସବ୍ସିଡିର ସଂଶୋଧିତ ଅନୁମାନ ୪,୨୯,୭୩୫ କୋଟି ବୋଲି ଅନୁମାନ କରାଯାଇଛି। ଆସନ୍ତା ଆର୍ଥିକ ବର୍ଷ ପାଇଁ ଖାଦ୍ୟ ସବ୍ସିଡି ୨,୨୭,୬୨୯ କୋଟି ହେବ ବୋଲି ଆନୁମାନ କରାଯାଇଛି, ଯାହା ଚଳିତବର୍ଷର ସଂଶୋଧିତ ଅନୁମାନ ୨,୨୮,୧୫୪ କୋଟିଠାରୁ କମ୍। ଖାଦ୍ୟ ସବସିଡିର ସର୍ବାଧିକ ବ୍ୟୟ ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା (ପିଏମ୍ଜିକେଏୱାଇ) ଅଧୀନରେ ହୁଏ, ଯାହା ମାଧ୍ୟମରେ ସରକାର ୮୧ କୋଟିରୁ ଅଧିକ ହିତାଧିକାରୀଙ୍କୁ ମାଗଣା ରାଶନ ଯୋଗାଇ ଦେଉଛନ୍ତି। ଦ୍ୱିତୀୟ ବଡ଼ ବ୍ୟୟ ସାର ସବ୍ସିଡି ଉପରେ, ଯାହା ଆସନ୍ତା ଆର୍ଥିକ ବର୍ଷ ପାଇଁ ୧,୭୦,୮୦୫ କୋଟି ନୁମାନ କରାଯାଇଛି। ୨୦୨୫-୨୬ ବର୍ଷର ସଂଶୋଧିତ ଅନୁମାନଠାରୁ ଏହା ୧,୮୬,୪୬୦ କୋଟି କମ୍। ସେଥିରୁ ୟୁରିଆ ସବ୍ସିଡି ୧,୧୬,୮୦୫ କୋଟି ଓ ଅନ୍ୟ (ଅଣୟୁରିଆ) ସାର



ପାଇଁ ୫୪,୦୦୦ କୋଟି ଧାର୍ଯ୍ୟ କରାଯାଇଛି। ପେଟ୍ରୋଲିୟମ ସବସିଡି ୨୦୨୬-୨୭ ପାଇଁ ୧୨,୦୮୫ କୋଟି ଟଙ୍କା ନୁମାନ କରାଯାଇଛି, ଯାହା ଚଳିତ ବର୍ଷ ସଂଶୋଧିତ ଅନୁମାନ ୧୫,୧୨୧ କୋଟିରୁ କମ୍।

## ମହିଳା ଏସ୍ଏଚ୍ଜି ଉଦ୍ୟୋଗୀଙ୍କ ପାଇଁ ସ୍ଥାପନ ହେବ ଏସ୍ଏଚ୍ଇ ମାର୍ଟ

**ଲ**କ୍ଷପତି ଦିଦି ଯୋଜନା ସଫଳତା ଆଧାରରେ ସ୍ୱୟଂସହାୟକ ଗୋଷ୍ଠୀର ମହିଳା ଉଦ୍ୟୋଗୀମାନଙ୍କ ପାଇଁ ଗୋଷ୍ଠୀ ମାଲିକାନାରେ ଖୁଚୁରା ଦୋକାନ ସ୍ଥାପନ କରାଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି। ଲୋକ ସଭାରେ ବଜେଟ ଉପସ୍ଥାପନ କରିବା ଅବସରରେ ଅର୍ଥମନ୍ତ୍ରୀ କହିଛନ୍ତି, ସ୍ୱୟଂସହାୟକ ଗୋଷ୍ଠୀ (ଏସ୍ଏଚ୍ଜି) ସଦସ୍ୟମାନଙ୍କ ପାଇଁ ପରବର୍ତ୍ତୀ ପଦକ୍ଷେପ ହେଉଛି 'ଉଦ୍ୟୋଗ ମାଲିକ'। ମହଳାମାନଙ୍କୁ ଉଦ୍ୟୋଗ ମାଲିକରେ ପରିଣତ କରିବା ପାଇଁ ଋଣ ସହାୟତା ଯୋଗାଇଦେବା ନିମନ୍ତେ ପ୍ରସ୍ତାବ ରଖିଥିବା ଅର୍ଥମନ୍ତ୍ରୀ କହିଛନ୍ତି। ଗୋଷ୍ଠୀ ମାଲିକାନାରେ ଥିବା ରିଟେଲ ଆଉଟ୍ଲେଟ୍ଗଡ଼ିକରେ ସ୍ୱୟଂସହାୟକ ଉଦ୍ୟୋଗ- ଏସ୍ଏଚ୍ଇ ମାର୍ଟ ଖୋଲାଯିବ। ଲକ୍ଷପତି ଦିଦି ହେଉଛନ୍ତି, ଏସ୍ଏଚ୍ଜିର ମହିଳା ସଦସ୍ୟ ଯେଉଁମାନଙ୍କ ବାର୍ଷିକ ପରିବାର ଆୟ



ଅନ୍ୟୂନ ୧ ଲକ୍ଷ ଟଙ୍କାରେ ପହଞ୍ଚିଛି। ବର୍ତ୍ତମାନ ସୁଦ୍ଧା ୨ କୋଟିରୁ ଉର୍ଦ୍ଧ୍ୱ ମହିଳା ଲକ୍ଷପତି ଦିଦି ହୋଇଥିବା ଗ୍ରାମାଞ୍ଚଳ ବିକାଶ ମନ୍ତ୍ରଣାଳୟ ତଥ୍ୟରୁ ଜଣାପଡ଼ିଛି। ୨୦୨୭ ସୁଦ୍ଧା ଏହାକୁ ୩ କୋଟିରେ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି।

## ବଜେଟ ପ୍ରତିକ୍ରିୟା...



୨୦୨୬-୨୭ ବଜେଟ୍ ଏକ ଦୂରଦର୍ଶୀ ବଜେଟ୍ ଯାହାକି ବିଭିନ୍ନ କ୍ଷେତ୍ରରେ ଭବିଷ୍ୟତ ଲାଗି ପ୍ରଶସ୍ତ ମାର୍ଗ ପ୍ରସ୍ତୁତ କରିବ। ବର୍ତ୍ତମାନର ଆବଶ୍ୟକତାକୁ ପୂରଣ କରି ଦେଶର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଏହା ସଶକ୍ତ ଭିତ୍ତି ସ୍ଥାପନ କରିବ। ବିଶେଷକରି ୨୦୪୭ ସୁଦ୍ଧା ଭାରତକୁ ଏକ ବିକଶିତ ରାଷ୍ଟ୍ର ଭାବେ ପ୍ରତିଷ୍ଠା କରିବା ସଙ୍କଳ୍ପ ପାଇଁ ଏହା ସହାୟକ ହେବା ସହିତ ତ୍ୱରିତ ସଂସ୍କାର ବ୍ୟବସ୍ଥାରେ ଏହି ବଜେଟ୍ ମେକ୍ ଇନ୍ ଇଣ୍ଡିଆ ଏବଂ ଆତ୍ମନିର୍ଭର ଭାରତ ଯୋଜନାକୁ ମଧ୍ୟ ସୁଦୃଢ଼ କରିବ।

**– ନରେନ୍ଦ୍ର ମୋଦି,ପ୍ରଧାନମନ୍ତ୍ରୀ**



ଚଳିତ ବଜେଟ୍ ଏକ ଦୃଷ୍ଟିହୀନ ବଜେଟ୍। ଦେଶର ପ୍ରକୃତ ସମସ୍ୟା ପ୍ରତି ସରକାର ଆଖି ବୁଜିଦେଇଛନ୍ତି। ଉତ୍କଟ ବେକାରି ସମସ୍ୟା, ଚାଷୀ ସମସ୍ୟା ସମେତ ଉତ୍ପାଦନ କ୍ଷେତ୍ରରେ ଯେଭଳି ଅବନତି ଘଟି ଚାଲିଛି ତାହାର ସମାଧାନ ଦିଗରେ ବଜେଟ୍ରେ କିଛି ହିଁ ବ୍ୟବସ୍ଥା ନାହିଁ।

**– ରାହୁଲ ଗାନ୍ଧୀ, ବିରୋଧୀ ଦଳ ନେତା**



ଭାରତର ଅନେକ ଅର୍ଥନୈତିକ, ସାମାଜିକ ଏବଂ ରାଜନୈତିକ ଆହ୍ୱାନ ପାଇଁ କେନ୍ଦ୍ର ବଜେଟରେ ଗୋଟିଏ ହେଲେ ସମାଧାନ ବ୍ୟବସ୍ଥା ପ୍ରଦାନ କରାଯାଇ ନାହିଁ। ସରକାରଙ୍କର କୌଣସି ନୀତିଗତ ଦୂରଦୃଷ୍ଟି କିମ୍ବା ରାଜନୈତିକ ଇଚ୍ଛାଶକ୍ତି ନାହିଁ। ନରେନ୍ଦ୍ର ମୋଦିଙ୍କ ସରକାର ବିଚାରଧାରାଠାରୁ ଦୂରେଇଯାଇଛି।

**–ମଲ୍ଲିକାର୍ଜୁନ ଖାର୍ଗେ, କଂଗ୍ରେସ ଅଧ୍ୟକ୍ଷ**



କେନ୍ଦ୍ର ସରକାର କେବଳ ମିଛ କହିଚାଲିଛନ୍ତି। ପଶ୍ଚିମବଙ୍ଗକୁ ପାଣି ମଧ୍ୟ ଦେଉନାହାନ୍ତି। ରାଜ୍ୟରେ ୩ଟି କରିଡର ପାଇଁ ବଜେଟ୍ରେ ବ୍ୟବସ୍ଥା ହୋଇଛି ବୋଲି ଅର୍ଥମନ୍ତ୍ରୀ ଯାହା କହିଛନ୍ତି ତାହା ମଧ୍ୟ ମିଛ।କାରଣ ଆମେ ଏଭଳି କରିଡର୍ ନିର୍ମାଣ କରିସାରିଛୁ।

**– ମମତା ବାନାର୍ଜୀ, ମୁଖ୍ୟମନ୍ତ୍ରୀ, ପଶ୍ଚିମବଙ୍ଗ**



୨୦୨୬-୨୭ ବଜେଟ୍ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ଏଥିରେ ଗରିବ ଏବଂ ମଧ୍ୟମ ବର୍ଗଙ୍କ ପାଇଁ କ'ଣ ରହିଛି ତାହା ବୁଝାପଡୁ ନାହିଁ। ଏହା କେବଳ ଶିଳ୍ପପତି ଏବଂ ଉଚ୍ଚବର୍ଗଙ୍କ ପାଇଁ ଉଦ୍ଦିଷ୍ଟ।

**– ଅଖିଳେଶ ଯାଦବ, ସମାଜବାଦୀ ପାର୍ଟି ମୁଖ୍ୟ**



କେନ୍ଦ୍ରୀୟ ବଜେଟ୍ ସମ୍ପୂର୍ଣ୍ଣ ନୈରାଶ୍ୟଜନକ। ବଜେଟ୍ରେ ରାଜ୍ୟଗୁଡିକ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଇ ନାହିଁ କି ଗରିବ କଲ୍ୟାଣ, ମହିଳା, ଚାଷୀ ଏବଂ ସମାଜର ଦୁର୍ଗତବର୍ଗଙ୍କ ଲାଗି କିଛି ନାହିଁ।

**–ଏମ୍.କେ. ଷ୍ଟାଲିନ୍, ତାମିଲନାଡୁ ମୁଖ୍ୟମନ୍ତ୍ରୀ**



୨୦୨୬-୨୭ ବଜେଟରେ ଅର୍ଥନୈତିକ ରଣନୀତିକୁ ନେଇ କୌଣସି ବିଷୟ ପ୍ରସ୍ତୁତ କରାଯାଉଥିବା ମନେ ହେଉ ନାହିଁ। ଆମେରିକାର ଟାରିଫ୍କୁ ନେଇ ବିଭିନ୍ନ କ୍ଷେତ୍ରରେ ଘରୋଇ ଉଦ୍ୟୋଗୀମାନଙ୍କ ଉପରେ ଯେଭଳି ପ୍ରଭାବ ପଡ଼ିଛି ତାହାର ସମାଧାନ ନେଇ ମଧ୍ୟ କିଛି ନାହିଁ।

**– ପି.ଚିଦାମ୍ବରମ୍, କଂଗ୍ରେସ ନେତା ତଥା ପୂର୍ବତନ କେନ୍ଦ୍ର ଅର୍ଥମନ୍ତ୍ରୀ**



ମୁଦ୍ରାସ୍ଫୀତି ଏବଂ ବେକାରି ସମସ୍ୟାକୁ ସରକାର ସମ୍ପୂର୍ଣ୍ଣ ଭୁଲିଯାଇଛନ୍ତି। ଯୁବପିଢ଼ିଙ୍କ ପାଇଁ କିଭଳି ରୋଜଗାର ସୃଷ୍ଟି ହେବ ସେ ସମ୍ପର୍କରେ ସରକାରଙ୍କ ଚିନ୍ତା ନାହିଁ। ଗୋଆ ଭଳି ରାଜ୍ୟ ପାଇଁ ମଧ୍ୟ ଏହି ବଜେଟରେ ସରକାରଙ୍କ କୌଣସି ଆଭିମୁଖ୍ୟ ଥିବା ଭଳି ଲାଗୁ ନାହିଁ।

**–ଅରବିନ୍ଦ କେଜରିୱାଲ୍ , ଜାତୀୟ ଆବାହକ, ଆମ୍ ଆଦମୀ ପାର୍ଟି**



ଦେଶର ସର୍ବାଧିକ ଲୋକଙ୍କୁ ପ୍ରଭାବିତ କରୁଥିବା ଆୟ ଅସମାନତା ଓ ବେରୋଜଗାରୀ ଭଳି ଗମ୍ଭୀର ପ୍ରସଙ୍ଗର ସମାଧାନ ଦିଗରେ କେନ୍ଦ୍ରୀୟ ବଜେଟ ପୁଣିଥରେ ସମ୍ପୂର୍ଣ୍ଣ ବିଫଳ ହୋଇଛି।


**– ମନୋଜ ଝା, ଆର୍ଜେଡି ଏମ୍ପି**

# ଧରିତ୍ରୀ DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ସୋମବାର, ଫେବୃଆରୀ ୨/୨୦୨୬ | Bhubaneswar, Monday, February 2/2026





## ବିପଦକୁ ଆମନ୍ତ୍ରଣ



କୋରାପୁଟ ଜିଲା ସେମିଳିଗୁଡ଼ା ବ୍ଲକ ପାଟଖୋଲାରୁ ଦୁଧାରୀ ରାସ୍ତାରେ ଏକ ପୁରୁଣା କମାଣ୍ଡର ଗାଡ଼ିରେ ଲୋକେ ବିପଦସଙ୍କୁଳ ଭାବେ ଯାତ୍ରା କରୁଛନ୍ତି। (ଫଟୋ: କୃତିବାସ ପ୍ରଧାନ)

# କେନ୍ଦ୍ର ଟିକସରେ ରାଜ୍ୟ ଭାଗ ୪୧% ରହିବ

## ଷୋଡ଼ଶ ଅର୍ଥ କମିଶନଙ୍କ ସୁପାରିସ

### ଅନୁଦାନ ଭାବେ ରାଜ୍ୟଗୁଡ଼ିକୁ ୧.୪ ଲକ୍ଷ କୋଟି ଦେବ କେନ୍ଦ୍ର

**ନୂଆଦିଲ୍ଲୀ,୧।୨(ପି.ଟି.)**

୨୦୨୬ ଏପ୍ରିଲ ୧ରୁ ଆଗାମୀ ୫ ବର୍ଷ ପାଇଁ କେନ୍ଦ୍ରୀୟ ଟିକସରେ ରାଜ୍ୟ ଭାଗ ୪୧ ପ୍ରତିଶତ ରଖିବାକୁ ନୀତି ଆୟୋଗର ପୂର୍ବତନ ଉପାଧ୍ୟକ୍ଷ ଅରବିନ୍ଦ ପାନଗାରିୟାଙ୍କ ଅଧ୍ୟକ୍ଷତାରେ ଗଠିତ ଷୋଡ଼ଶ ଅର୍ଥ କମିଶନ ସୁପାରିସ କରିଛନ୍ତି। ସରକାର ଅର୍ଥ କମିଶନଙ୍କ ଉକ୍ତ ସୁପାରିସକୁ ଗ୍ରହଣ କରିଥିବା ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ରବିବାର ବଜେଟ ଭାଷଣ ଦେଲାବେଳେ କହିଛନ୍ତି। ଅନୁମୋଦନ ଅନୁଯାୟୀ, ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଅର୍ଥ କମିଶନ ଅନୁଦାନ ଭାବେ କେନ୍ଦ୍ର ସରକାର ରାଜ୍ୟଗୁଡ଼ିକୁ ୧.୪ ଲକ୍ଷ କୋଟି ଟଙ୍କା ପ୍ରଦାନ କରିବେ। ଏଥିରେ ଗ୍ରାମାଞ୍ଚଳ ଓ ସହରାଞ୍ଚଳ ସଂସ୍ଥା, ବିପର୍ଯ୍ୟୟ ପରିଚାଳନା ଅନୁଦାନ ରହିଛି। ରବିବାର ଅର୍ଥମନ୍ତ୍ରୀ ପାର୍ଲାମେଣ୍ଟରେ ଷୋଡ଼ଶ ଅର୍ଥ କମିଶନଙ୍କ ରିପୋର୍ଟ ଉପସ୍ଥାପନ କରିଛନ୍ତି।

ସମ୍ବିଧାନ ଅନୁଯାୟୀ ଗଠିତ ଅର୍ଥ କମିଶନ କେନ୍ଦ୍ର ଓ ରାଜ୍ୟଗୁଡ଼ିକ ମଧ୍ୟରେ ଟିକସ ହସ୍ତାନ୍ତର ଲାଗି ସୂତ୍ର ପ୍ରଦାନ କରିଥାନ୍ତି। ତେବେ କେନ୍ଦ୍ର ଦ୍ୱାରା ଆଦାୟ ହେଉଥିବା ଉପକର (ସେସ୍) ଏବଂ ସରଚାର୍ଜ ରାଜ୍ୟଗୁଡ଼ିକ ମଧ୍ୟରେ ବଣ୍ଟନ ହୁଏ ନାହିଁ। ୨୦୨୩ ଡିସେମ୍ବର ୩୧ରେ ୧୬ତମ ଅର୍ଥ କମିଶନ ଗଠନ ହୋଇଥିଲା। ପାନଗାରିୟାଙ୍କ ନେତୃତ୍ୱରେ ଗଠିତ କମିଶନରେ ସଦସ୍ୟ ଭାବେ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ଆନି ଜର୍ଜ ମାଥ୍ୟୁ, ଅର୍ଥନୀତିଜ୍ଞ ମନୋଜ ପଣ୍ଡା, ଏସ୍‌ବିଆଇ ଗ୍ରୁପ୍ ମୁଖ୍ୟ ଅର୍ଥନୈତିକ ଉପଦେଷ୍ଟା ସୌମ୍ୟକାନ୍ତି ଘୋଷ ଏବଂ ରିଜର୍ଭ ବ୍ୟାଙ୍କର ଡେପୁଟି ଗଭର୍ନର ଟି. ରବିଶଙ୍କର ରହିଛନ୍ତି। କମିଶନଙ୍କ ସଚିବ ଋତ୍ୱିକ ପାଣ୍ଡେ ଗତବର୍ଷ ନଭେମ୍ବର ୧୭ରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଉକ୍ତ ରିପୋର୍ଟ ପ୍ରଦାନ କରିଥିଲେ।

# ଭାରତ ବିପକ୍ଷ ମ୍ୟାଚ୍ ବର୍ଜନ କରିବ ପାକିସ୍ତାନ

**ଲାହୋର,୧।୨(ପି.ଟି.)**

ଆସନ୍ତା ୭ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ଟି୨୦ ବିଶ୍ୱକପ୍‌ରେ ପାକିସ୍ତାନ ଖେଳିବ। ହେଲେ ଆସନ୍ତା ୧୫ ତାରିଖରେ ଶ୍ରୀଲଙ୍କାର କଲମ୍ବୋଠାରେ ଭାରତ ବିପକ୍ଷରେ ହେବାକୁ ଥିବା ହାଇଭୋଲ୍ଟେଜ ଲିଗ୍ ମ୍ୟାଚ୍‌କୁ ପାକିସ୍ତାନ ବର୍ଜନ କରିବ। ଏ ନେଇ ପାକିସ୍ତାନ ସରକାର ରବିବାର




ଘୋଷଣା କରିଛନ୍ତି। ବାଂଲାଦେଶ ବଦଳରେ ସ୍କଟଲାଣ୍ଡକୁ ବିଶ୍ୱକପ୍‌ରେ ସାମିଲ କରାଯିବା ନିଷ୍ପତ୍ତି ବିରୋଧରେ ପ୍ରତିବାଦ୍ କରିବା ପାଇଁ ପାକିସ୍ତାନ ସରକାର ଏହି ନିଷ୍ପତ୍ତି ନେଇଛନ୍ତି।

ଏଥିସହିତ ବିଶ୍ୱକପ୍‌ରେ ପାକିସ୍ତାନ ଦଳ ଅଂଶଗ୍ରହଣ କରିବ କି ନାହିଁ, ସେ ନେଇ ଲାଗି ରହିଥିବା ଅନିଶ୍ଚିତତାର ଅନ୍ତ ଘଟିଛି। ବାଂଲାଦେଶ ସୁରକ୍ଷାଗତ କାରଣ ଦର୍ଶାଇ ଭାରତ ବଦଳରେ ଶ୍ରୀଲଙ୍କାରେ ତା'ର ମ୍ୟାଚ୍ ଖେଳିବାକୁ ଅନୁରୋଧ କରିଥିଲା, ଯାହାକୁ ଆଇସିସି ପ୍ରତ୍ୟାଖ୍ୟାନ କରିଥିଲା। ଏହାକୁ ବିରୋଧ କରି ପାକିସ୍ତାନ ବିଶ୍ୱକପ୍‌ରୁ ଓହରିବାକୁ ଧମକ ଦେଇଥିଲା। ପରେ ସରକାରଙ୍କ ନିଷ୍ପତ୍ତି ମିଳିଲେ ହିଁ ଦଳ ଟୁର୍ନାମେଣ୍ଟରେ ଭାଗ ନେବ ବୋଲି ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ପକ୍ଷରୁ କୁହାଯାଇଥିଲା।

# ୧୦ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ


## ଅର୍ଥ ବିଭାଗରେ କ୍ଷମତା ମୋହ

**ଭୁବନେଶ୍ୱର,୧।୨(ରବିନାରାୟଣ ଜେନା)**

ସରକାରୀ ଚାକିରିରେ ବଦଳି ଏକ ନିୟମିତ ପ୍ରକ୍ରିୟା। ଯଦି କୌଣସି କର୍ମଚାରୀ ବା ଅଧିକାରୀ ଏହାକୁ ନ ମାନନ୍ତି ତେବେ ତାଙ୍କ ବିରୋଧରେ ଚାକିରି ସର୍ତ୍ତାବଳୀ ଅନୁଯାୟୀ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ହେଲେ କ୍ଷମତା ଅଧିକାରୀଙ୍କୁ ଏଭଳି ଅନ୍ଧ କରିଦେଉଛି, ଅନେକ ସମୟରେ ନୀତି ନିୟମ ଭୁଲି ଯାଉଛନ୍ତି; ଯେଉଁଥିପାଇଁ ସରକାରଙ୍କ ପକ୍ଷରୁ ଯେତେ କାଗଜ ଡରାଣ ଦେଖାଗଲେ ମଧ୍ୟ ତାକୁ ଅଧିକାରୀମାନେ ମାନିବାକୁ ନାରାଜ। ଏଭଳି ଏକ ଉଦାହରଣ ଅର୍ଥ ବିଭାଗରେ ଦେଖିବାକୁ ମିଳିଛି। ୧୦ଜଣ ଓଡ଼ିଶା ଅର୍ଥ ସେବା ଅଧିକାରୀଙ୍କୁ ବିଭାଗ ପକ୍ଷରୁ ବାରମ୍ବାର ବଦଳି ନିର୍ଦ୍ଦେଶନାମା ଜାରି ହେଉଥିଲେ ହେଁ ସେମାନେ ଘୁଞ୍ଚୁ ନାହାନ୍ତି।

ଏହାକୁ ନେଇ ବିଭାଗ ପକ୍ଷରୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

ଜାନୁଆରୀ ୨୮ରେ ଅର୍ଥବିଭାଗ ଅନୁସଚିବ ସୁନେଇନା ସିଂହ ସମ୍ପୃକ୍ତ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। ଯଦି ଏହି ପତ୍ର



GOVERNMENT OF ODISHA
FINANCE DEPARTMENT
***

No. FIN-OFS2-CADRE-0006-2026- 2371 /F., dated 28.01.2026

From
Ms. Suneina Singh,
Under Secretary to Government

To
1. Sri Satyasai Das, OFS(SG)
2. Ms Bijaylaxmi Biswal, OFS(SG)
3. Sri Sanat Kumar Jena, OFS(SG)
4. Ms Geeta Das, OFS(SG)
5. Ms Nirupama Sahu, OFS(SG)
6. Ms Padma Jyoti Sahu, OFS(SG)
7. Sri Bichitra Gomango, OFS-I(SB)
8. Sri Biranchi Mahanandia, OFS-I(SB)
9. Ms Padmabati Nayak, OFS-I(SB)
10. Sri Bibhutendu Pratap Lenka, OFS-I(SB)

Sub: Show Cause for non-compliance of transfer orders issued by Finance Department

Sir/ Madam,

With reference to the subject cited above, I am directed to invite your attention to this Department's Notification No. 29092/F and No. 29096/F dated 16.10.2025 and Notification No. 29599/F dated 24.10.2025, whereby you were transferred and posted to a new place of posting.

It is reported that despite issue of the aforesaid transfer orders and subsequent instructions, you have not complied with the same. It has been noticed that you have either not been relieved from your previous place of posting or, having been relieved, have failed to report and join at your transferred place of posting.

Such non joining in the new place of posting adversely affects functioning of the office. Government views such non-compliance of transfer orders as an act of indiscipline and insubordination and is in violation of the provisions of the Odisha Government Servants' Conduct Rules.

ଅର୍ଥ ବିଭାଗ ପକ୍ଷରୁ ୧୦ ଜଣ ଓଏଫ୍‌ଏସ୍ ଅଧିକାରୀଙ୍କୁ ପ୍ରଦାନ କରାଯାଇଥିବା କାରଣ ଦର୍ଶାଅ ନୋଟିସ୍‌ର ନକଲ।

ପାଇବା ପରେ କାର୍ଯ୍ୟରେ ଯୋଗ ନ ଦିଅନ୍ତି ତେବେ ସରକାରଙ୍କ ପକ୍ଷରୁ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଆଉ ସୁଯୋଗ ପ୍ରଦାନ କରାଯିବ ନାହିଁ ବୋଲି ସିଂହ ପତ୍ରରେ ଦର୍ଶାଇଛନ୍ତି। ସିଂହ ଦେଇଥିବା ପତ୍ରରେ ବରିଷ୍ଠ ଓଏଫ୍‌ଏସ୍ ସତ୍ୟସାଇ ଦାସ, ବିଜୟଲକ୍ଷ୍ମୀ ବିଶ୍ୱାଳ, ସନତ କୁମାର ଜେନା, ଗୀତା ଦାସ, ନିରୁପମା ସାହୁ, ପଦ୍ମଜ୍ୟୋତି ସାହୁ, ବିଚିତ୍ର ଗମାଙ୍ଗୋ, ବିରଞ୍ଚି ମହାନନ୍ଦିଆ, ପଦ୍ମାବତୀ ନାୟକ ଓ ବିଭୂତେନ୍ଦୁ ପ୍ରତାପ ଲେଙ୍କା ରହିଛନ୍ତି।

ସିଂହ ଦର୍ଶାଇଛନ୍ତି, ବିଭାଗ ପକ୍ଷରୁ ଏହା ପୂର୍ବରୁ ୨୦୨୫ ଅକ୍ଟୋବର ୧୬ ଏବଂ ୨୪ରେ ଦୁଇଥର ବିଜ୍ଞପ୍ତି ଜାରି ହେବା ସହିତ ମୌଖିକ ଭାବେ କୁହାଯାଇଛି। ମାତ୍ର ସମ୍ପୃକ୍ତ ଅଧିକାରୀ ନିଜ ସ୍ଥାନ ଛାଡୁ ନାହାନ୍ତି। ଅଧିକାରୀମାନେ ବଦଳି ସ୍ଥାନରେ ଯୋଗ ନ ଦେବା ଯୋଗୁ ସରକାରୀ କାର୍ଯ୍ୟ ବାଧାପ୍ରାପ୍ତ ହେଉଛି। ଏହାକୁ ସରକାରୀ ବିଶୃଙ୍ଖଳା ଭାବେ କାହିଁକି ଗ୍ରହଣ କରା ନ ଯିବ। ଯଦି ଚିଠି ପାଇବାର ୭ଦିନ ମଧ୍ୟରେ ବଦଳି ସ୍ଥାନରେ ଯୋଗ ନ ଦିଅନ୍ତି କିମ୍ବା ବିଭାଗକୁ ଅବଗତ ନ କରାନ୍ତି, ତେବେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସିଂହ ଦର୍ଶାଇଛନ୍ତି।

# ୭ ସୁଦ୍ଧା ଦିଅ ଦିବ୍ୟାଙ୍ଗଙ୍କ ନିଯୁକ୍ତି ସଂରକ୍ଷଣ ତଥ୍ୟ

## ସବୁ ବିଭାଗଠାରୁ ଲୋଡ଼ାଗଲା ରିପୋର୍ଟ

**ଭୁବନେଶ୍ୱର,୧।୨(ରବିନାରାୟଣ ଜେନା)**

ରାଜ୍ୟରେ ଦିବ୍ୟାଙ୍ଗଙ୍କ ଲାଗି ଉଦ୍ଦିଷ୍ଟ ନିଯୁକ୍ତି ସଂରକ୍ଷଣ ନୀତି ଠିକଣା ଭାବେ କାର୍ଯ୍ୟକାରୀ ହୋଇଛି କି ନାହିଁ ସେ ସଂକ୍ରାନ୍ତରେ ସାମାଜିକ ନ୍ୟାୟ ଓ ସଶକ୍ତୀକରଣ ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟଠାରୁ ତଥ୍ୟ ଲୋଡ଼ାଯାଇଛି। ଏସଂକ୍ରାନ୍ତରେ ମନ୍ତ୍ରଣାଳୟ ପକ୍ଷରୁ ଅନୁସଚିବ ଦେବଲ ଭଟ୍ଟାଚାର୍ଜୀ ପତ୍ର ଲେଖି ୩ବର୍ଷର ତଥ୍ୟ ଲୋଡ଼ିବା ପରେ ବିଭାଗ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏହାକୁ ନେଇ ବିଭାଗୀୟ ପ୍ରମୁଖ ଶାସନ ସଚିବ ଆର୍.ଏସ୍. ଗୋପାଳନ ସବୁ ବିଭାଗକୁ ଜାନୁଆରୀ ୨୮ରେ ପତ୍ର ଲେଖି ତଥ୍ୟ ଲୋଡ଼ିଛନ୍ତି। ବିଭାଗରେ କେଉଁ କ୍ୟାଡରରେ କେତେ ମଞ୍ଜୁରୀପଦ ରହିଛି, କେତେ ପୂରଣ ହୋଇଛି, କେତେ ବର୍ଗରେ କେତେ ଖାଲି ରହିଛି ତା'ର ୩ବର୍ଷର ତଥ୍ୟ ନିର୍ଦ୍ଦିଷ୍ଟ ତାଲିକାରେ ଫେବୃଆରୀ ୭ ସୁଦ୍ଧା ଦେବାକୁ ପ୍ରମୁଖ ସଚିବ ଦର୍ଶାଇଛନ୍ତି।

ମନ୍ତ୍ରଣାଳୟ ପକ୍ଷରୁ ଭଟ୍ଟାଚାର୍ଜୀ ପ୍ରଦାନ କରିଥିବା ପତ୍ରରେ ଦର୍ଶାଯାଇଛି, ସାମାଜିକ ନ୍ୟାୟ ମନ୍ତ୍ରଣାଳୟର ସ୍ଥାୟୀ କମିଟି ଦିବ୍ୟାଙ୍ଗମାନଙ୍କ ନିଯୁକ୍ତି ସଂରକ୍ଷଣ ନୀତି ପାଳନ ହେଉଛି କି ନାହିଁ ତାହାର ରିପୋର୍ଟ ଲୋଡ଼ିଛନ୍ତି। ଏହାକୁ ନେଇ ଦିବ୍ୟାଙ୍ଗ ସଂରକ୍ଷଣ ନୀତି ରାଜ୍ୟରେ କେତେଦୂର ପାଳନ ହେଉଛି, ସେ ସଂକ୍ରାନ୍ତୀୟ ୩ବର୍ଷର ତଥ୍ୟ ପ୍ରଦାନ କର। ସେହିପରି ଦିବ୍ୟାଙ୍ଗମାନଙ୍କ ମଧ୍ୟରେ କେତେ ରାଜ୍ୟ ସରକାରଙ୍କ ଅଧୀନରେ ଅଛି ଏବଂ ନିଜସ୍ୱ ଅଞ୍ଚଳରେ ନିଯୁକ୍ତ ହୋଇଛନ୍ତି ଓ କେତେ ସଂଖ୍ୟକ ବାହାରେ ରହୁଛନ୍ତି ସେସବୁର ତଥ୍ୟ ଦେବାକୁ ଦେବଲ ଦର୍ଶାଇଛନ୍ତି।

# ଭଡ଼ାଘରୁ ଅଧ୍ୟାପିକାଙ୍କ ଝୁଲନ୍ତା ମୃତଦେହ ଜବତ

**ବୋଲଗଡ଼,୧।୨(ଦେବବ୍ରତ ହୋତା)**

ଖୋର୍ଦ୍ଧା ଜିଲା ବୋଲଗଡ଼ ଥାନା ଅଧୀନ ପରମାନନ୍ଦ ମହାବିଦ୍ୟାଳୟ ନିକଟସ୍ଥ ଏକ ଭଡ଼ାଘରୁ ରବିବାର ପୋଲିସ ଜଣେ ଅଧ୍ୟାପିକାଙ୍କ ଝୁଲନ୍ତା ମୃତଦେହ ଜବତ କରିଛି। ସେ ହେଲେ ଏହି ମହାବିଦ୍ୟାଳୟର ଓଡ଼ିଆ ବିଭାଗ ଅଧ୍ୟାପିକା ବର୍ଷାରାଣୀ ଗଜେନ୍ଦ୍ର(୨୯)। ତାଙ୍କ ଘର ଏହି ଥାନା ଅଧୀନ ବଡ଼କୁମାରୀ ପଞ୍ଚାୟତ ଶ୍ରୀଚନ୍ଦନପୁର ପାଟଣାରେ। ତେବେ ମୃତ୍ୟୁର କାରଣ ଅସ୍ପଷ୍ଟ ରହିଛି। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା (ନଂ.୨/୨୬) ରୁଜୁକରି ତଦନ୍ତ ଚଳାଇଛି।

ସୂଚନା ମୁତାବକ, ବର୍ଷାରାଣୀ ୩ ବର୍ଷ ପୂର୍ବେ ଓଡ଼ିଆ ବିଭାଗ ଅଧ୍ୟାପିକା ଭାବେ ପରମାନନ୍ଦ ମହାବିଦ୍ୟାଳୟର ଯୋଗଦେଇଥିଲେ। ସେବେଠାରୁ ସେ କଲେଜ ନିକଟ ପ୍ରତିମାରାଣୀ ରାଉତଙ୍କ



ବର୍ଷାରାଣୀ ଗଜେନ୍ଦ୍ର

ଘର ଭଡ଼ା ନେଇ ଉପର ମହଲାରେ ଏକା ରହିଆସୁଥିଲେ। ରବିବାର ସକାଳେ ପରିବାରଲୋକେ ବର୍ଷାରାଣୀଙ୍କୁ ଫୋନ କରିଥିଲେ। ହେଲେ ସେ ଫୋନ୍ ନ ଉଠାଇବାରୁ ଘର ମାଲିକାଣୀ ପ୍ରତିମାରାଣୀଙ୍କୁ ଫୋନ କରି ପଚାରିଥିଲେ। ପରେ ତାଙ୍କ ଘର ଭିତରପଟୁ ବନ୍ଦ ଥିବା ବେଳେ ଡାକିଲେ ମଧ୍ୟ ଶୁଣି ନ ଥିଲେ। ଏହାପରେ ପ୍ରତିମାରାଣୀ ☞ପୃଷ୍ଠା-୪

# ‘ପ୍ରିମିୟମ ୱାଟର’ ଧନୀଙ୍କ ପାଇଁ ସମ୍ମାନର ପ୍ରତୀକ

**ନୂଆଦିଲ୍ଲୀ, ୧।୨ (ରଏଟର୍ସ)**

ଭାରତର ଅତି ଧନୀ ଶ୍ରେଣୀର ଲୋକଙ୍କ ପାଇଁ ଏବେ ବିଳାସପୂର୍ଣ୍ଣ କାର୍ କିମ୍ବା ଗହଣା ଅପେକ୍ଷା ‘ପ୍ରିମିୟମ ୱାଟର’ ଏକ ନୂଆ ଷ୍ଟାଟସ୍ ସିମ୍ବଲ ବା ସମ୍ମାନର ପ୍ରତୀକ ପାଲଟିଛି। ‘ରଏଟର୍ସ’ର ଏକ ରିପୋର୍ଟ ଅନୁଯାୟୀ, ଭାରତର ସମ୍ଭ୍ରାନ୍ତ ଶ୍ରେଣୀ ଏବେ ସାଧାରଣ ପାଣି ପରିବର୍ତ୍ତେ ବିଦେଶୀ ଏବଂ ପ୍ରାକୃତିକ ଝରଣାର ପାଣି ପାଇଁ ବହୁ ହଜାର ଟଙ୍କା ଖର୍ଚ୍ଚ କରୁଛନ୍ତି।

ଯେଉଁଠାରେ ସାଧାରଣ ପାଣି ବୋତଲ ୨୦ ଟଙ୍କାରେ ମିଳେ, ସେଠାରେ ଧନୀ ଭାରତୀୟମାନେ ଗୋଟିଏ ବୋତଲ ପାଣି ପାଇଁ ୮୦୦ ଟଙ୍କାରୁ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଛାଉନାହାନ୍ତି। ଏହା କେବଳ ଶୋଷ ମେଣ୍ଟାଇବା ପାଇଁ ନୁହେଁ, ବରଂ ନିଜର ଜୀବନଶୈଳୀ ଏବଂ ସ୍ୱାସ୍ଥ୍ୟ ପ୍ରତି ସଚେତନତା ଦେଖାଇବା ପାଇଁ ଏକ ମାଧ୍ୟମ ପାଲଟିଛି।

ମଦ ଭଳି ପାଣିର ସ୍ୱାଦ ଚାଖିବା ପାଇଁ ଏବେ ବିଶେଷଜ୍ଞ ବା ୱାଟର ସୋମେଲିୟର ନିଯୁକ୍ତ ହେଉଛନ୍ତି। ଭାରତର ଅବନ୍ତୀ ମେହେଟ୍ଟାଙ୍କ ଭଳି ବିଶେଷଜ୍ଞମାନେ ଲୋକଙ୍କୁ ଶିଖାଉଛନ୍ତି କି କେଉଁ ପାଣିରେ କେତେ ପରିମାଣର ମିନେରାଲ୍ସ (ଖଣିଜ ପଦାର୍ଥ) ଅଛି ଏବଂ ତାହା ଶରୀର ପାଇଁ କେତେ ଲାଭଦାୟକ। ଏଭଳି ଚାହିଦା ପଛରେ କେତେକ କାରଣ ରହିଛି, ଯେମିତିକି ଶୁଦ୍ଧତା, ସ୍ୱାସ୍ଥ୍ୟପ୍ରଦ, ବ୍ରାଣ୍ଡ ଭାଲ୍ୟୁ ଓ ସୋସିଆଲ୍ ଷ୍ଟାଟସ। ଧନୀ ଲୋକମାନେ ବିଶ୍ୱାସ କରୁଛନ୍ତି ଯେ ଘରୋଇ ଆର୍‌ଓ ପ୍ୟୁରିଫାୟର୍ ପାଣିରୁ ଜରୁରୀ ଖଣିଜ ପଦାର୍ଥ ବାହାର କରିଦିଏ। ତେଣୁ ସେମାନେ ହିମାଳୟ କିମ୍ବା ୟୁରୋପର ପର୍ବତମାଳାରୁ ଆସୁଥିବା ‘ନ୍ୟାଚୁରାଲ ମିନେରାଲ ୱାଟର’



ପସନ୍ଦ କରୁଛନ୍ତି। ଏଭଳିସ୍ଥଳେ ଫ୍ରାନ୍ସର ଏଭିଆନ୍, ପେରିୟର୍, ଫିନ୍‌ଲ୍ୟାଣ୍ଡର ଭିନ୍ ଏବଂ ଆମେରିକାର ସାରାଟୋଗା ଭଳି ବ୍ରାଣ୍ଡ ଏବେ ଭାରତୀୟ ମେଟ୍ରୋ ସହରଗୁଡ଼ିକରେ ଖୁବ ଲୋକପ୍ରିୟ ହେଉଛି। ସୋସିଆଲ ଷ୍ଟାଟସ୍ ପାଇଁ ବଡ଼ ବଡ଼ ପାର୍ଟି ଏବଂ କର୍ପୋରେଟ ମିଟିଂରେ ଏହି ମହଙ୍ଗା ପାଣି ବୋତଲ ରଖିବା ଏକ ଫ୍ୟାଶନ ପାଲଟିଛି।

ରଏଟର୍ସ ରିପୋର୍ଟ ଅନୁଯାୟୀ, ଭାରତୀୟ ବଜାରରେ ଏବେ ଅନେକ ଦେଶୀ ଏବଂ ବିଦେଶୀ ବ୍ରାଣ୍ଡର ‘ପ୍ରିମିୟମ ୱାଟର’ ମିଳୁଛି। ସେଗୁଡ଼ିକର ମାର୍କେଟରେ ଦ୍ରୁତ ଅଭିବୃଦ୍ଧି ରହିଛି। ଏହି ବୋତଲଗୁଡ଼ିକର ମୂଲ୍ୟ ସେଗୁଡ଼ିକର ଉତ୍ସ, ପ୍ୟାକେଜିଂ ଏବଂ ସେଥିରେ ଥିବା ଖଣିଜ ପଦାର୍ଥ ଉପରେ ନିର୍ଭର କରେ। ଭାରତୀୟ କମ୍ପାନୀଗୁଡ଼ିକ ମଧ୍ୟ ଏବେ ବିଶ୍ୱସ୍ତରୀୟ ଗୁଣବତ୍ତାର ପାଣି ଯୋଗାଇ ବିଦେଶୀ କମ୍ପାନୀକୁ ଟକ୍କର ଦେଉଛନ୍ତି। ଭାରତୀୟ ବ୍ରାଣ୍ଡଗୁଡ଼ିକ ମଧ୍ୟରେ ରହିଛି ଗୁଜରାଟର ଆଭା, ଟାଟାର ହିମାଳୟନ, ବିସ୍‌ଲେରି କମ୍ପାନୀର ବେଦିକା ଆଦି ପ୍ରମୁଖ। ଏସବୁକୁ ବଡ଼ ବଡ଼ ହୋଟେଲ, ରେଷ୍ଟୁରାଣ୍ଟରେ ବ୍ୟବହାର କରାଯାଇଥାଏ। ସାରକଥା ହେଉଛି, ଯେଉଁ ଦେଶରେ ସ୍ୱଚ୍ଛ ପାନୀୟ ଜଳ ଏକ ବଡ଼ ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

## ବାଲେଶ୍ୱର
- ହନୁମାନ ମନ୍ଦିର ବାର୍ଷିକ ଉତ୍ସବ, ସ୍ଥାନ: ମିରିଗିମୁଣ୍ଡି, ରୂପସା, ସମୟ: ସକାଳ ୮ଟା।
- ସୁବର୍ଣ୍ଣ ଜୟନ୍ତୀ ସମାରୋହ ପ୍ରସ୍ତୁତି ବୈଠକ, ସ୍ଥାନ: ନୀଳମଣି ମହାବିଦ୍ୟାଳୟ, ରୂପସା, ବାଲେଶ୍ୱର, ସମୟ: ଅପରାହ୍ନ ୨ ଟା ୩୦।

## ଭଦ୍ରକ
- ମିଳିତ ଜନଶୁଣାଣି ଶିବିର, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ ସଦ୍‌ଭାବନା ସଭାଗୃହ, ଭଦ୍ରକ, ସମୟ: ପୂର୍ବାହ୍ନ ୧୦ଟା।
- ମହାବିଦ୍ୟାଳୟର ବାର୍ଷିକ ଉତ୍ସବ, ସ୍ଥାନ: ଅଟଳ ବିହାରୀ ମହାବିଦ୍ୟାଳୟ, ତୃପ୍ତି ମହିଳା ମହାବିଦ୍ୟାଳୟ, ବାସୁଦେବପୁର, ସମୟ: ପୂର୍ବାହ୍ନ ୧୦ଟା।
- ଚାଷୀ ବୈଠକ ଓ ଖବରଦାତା ସମ୍ମିଳନୀ, ସ୍ଥାନ: ବାମନବିନ୍ଧା ସମବାୟ ସମିତି, ତିହିଡ଼ି, ସମୟ: ଜିଲାପାଳଙ୍କ କାର୍ଯ୍ୟାଳୟ, ଭଦ୍ରକ, ସମୟ: ପୂର୍ବାହ୍ନ ୧୧ଟା।
- ସର୍ବଭାରତୀୟ ରାମଚନ୍ଦ୍ର ଦାଶ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ଦେହୁଡ଼ି ଆନନ୍ଦପୁର ସ୍କୁଲ ପଡ଼ିଆ, ସମୟ: ପୂର୍ବାହ୍ନ ୧୧ଟା।

## କେନ୍ଦୁଝର
- ମା' ମଙ୍ଗଳା ମନ୍ଦିରର ଉନବିଂଶ ବାର୍ଷିକ ଉତ୍ସବର ଦ୍ୱିତୀୟ ଦିନ, ସ୍ଥାନ: ଯୋଡ଼ା, ସମୟ: ସକାଳ ୫ ଟା ୩୦।
- ୱାନ ଡେ ମ୍ୟାଚ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ମୁଗୁପୁର, ହାଟଡ଼ିହୀ, ସମୟ : ପୂର୍ବାହ୍ନ ୧୧ ଟା।
- ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୪୯ତମ ବାର୍ଷିକ ଉତ୍ସବ, ସ୍ଥାନ: କଣ୍ଡିପାଳ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱଶାନ୍ତି ମହାଯଜ୍ଞ ପୂର୍ଣ୍ଣାହୁତି, ସ୍ଥାନ: ଶାସଙ୍ଗ, ହାଟଡ଼ିହୀ, ସମୟ: ଅପରାହ୍ନ ୩ ଟା।
- ଅଷ୍ଟମ ପ୍ରହର ନାମଯଜ୍ଞ ଶୁଭ ଅଧିବାସ, ସ୍ଥାନ: ଖଇରିମରା, ହାଟଡ଼ିହୀ, ସମୟ : ଅପରାହ୍ନ ୪ ଟା।

## ମୟୂରଭଞ୍ଜ
- ମା' ହିଙ୍ଗୁଳାଙ୍କ ଶିବ ଯଜ୍ଞ, ସ୍ଥାନ: କଉଡ଼ିଖଣି ସୁହାଗପୁର, ବଡ଼ସାହି,ସମୟ: ସକାଳ ୯ଟା।
- ଏସ୍‌ଏଚ୍‌ଜି ଗ୍ରୁପର ସଚେତନତା ସଭା, ସ୍ଥାନ:ଚିତ୍ରଡ଼ା ମାର୍କେଟ ସାହି, ମୋରଡ଼ା, ସମୟ:ପୂର୍ବାହ୍ନ ୧୧ଟା।

## ଗଞ୍ଜାମ
- ଗଞ୍ଜାମ ମହାବିଦ୍ୟାଳୟ ବାର୍ଷିକ ଉତ୍ସବ, ସ୍ଥାନ: କଲେଜ ପରିସର, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତ ସ୍ତରୀୟ ଅଭିଯୋଗ ଶୁଣାଣି, ସ୍ଥାନ: ସିଦ୍ଧନୟୀ ଗ୍ରାମ ପଞ୍ଚାୟତ, ଆସିକା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଗ୍ରାମପଞ୍ଚାୟତ ସ୍ତରୀୟ ଜନ ଶୁଣାଣି, ସ୍ଥାନ: କଇଠଡ଼ା ପଞ୍ଚାୟତ କାର୍ଯ୍ୟାଳୟ,ଦିଗପହଣ୍ଡି ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ମିଳିତ ଜନ ଶୁଣାଣି, ସ୍ଥାନ: ବୁଗୁଡ଼ା ବ୍ଲକ କରସିଂଗି ପଞ୍ଚାୟତ କାର୍ଯ୍ୟାଳୟ,ସମୟ: ପୂର୍ବାହ୍ନ ୧୦ଟା।

## ଢେଙ୍କାନାଳ
- ବଜେଟ୍ ଉପରେ ଭାଜପା ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଭାଜପା ଜିଲା କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## ଅନୁଗୋଳ
- ଆଠମଲ୍ଲିକ କପ୍ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟନ ସମାରୋହ, ସ୍ଥାନ :ମିନି ଷ୍ଟାଡିୟମ ଖେଳପଡ଼ିଆ, ସମୟ : ଅପରାହ୍ନ ୩ ଟା ୩୦।

## ଜଗତ୍‌ସିଂହପୁର
- ବିଶ୍ୱହିନ୍ଦୁ ପରିଷଦ ପକ୍ଷରୁ ସାଧୁସନ୍ଥ ସମ୍ମିଳନୀ, ସ୍ଥାନ: ମୁକ୍ତେଶ୍ୱର ମନ୍ଦିର ପରିସର, ନୂଆବଜାର, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।
- ଆନ୍ତର୍ଜାତିକ ନାଟ୍ୟ ମହୋତ୍ସବ ଭାରତ ରଙ୍ଗ ମହୋତ୍ସବ ଉଦ୍‌ଘାଟନୀ କାର୍ଯ୍ୟକ୍ରମ, ସ୍ଥାନ: ଜୟଦେବ ଭବନ, ବଡ଼ପଡ଼ିଆ, ପାରାଦୀପ, ସମୟ: ସନ୍ଧ୍ୟା ୬ଟା।

## କେନ୍ଦ୍ରାପଡ଼ା
- ଜିଲାସ୍ତରୀୟ ପ୍ରଶାସନିକ ଜନଶୁଣାଣି ଶିବିର, ସ୍ଥାନ: ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଆଳି, ସମୟ: ପୂର୍ବାହ୍ନ ୧୦ଟା।
- ହିନ୍ଦୁ ସମ୍ମିଳନୀ, ସ୍ଥାନ: ନୂଆ ବସଷ୍ଟାଣ୍ଡ, କେନ୍ଦ୍ରାପଡ଼ା ସହର, ସମୟ: ପୂର୍ବାହ୍ନ ୧୦ଟା।
- ଡେରାବିଶ ଯୁବ ମହୋତ୍ସବ, ସ୍ଥାନ: ମିନି ଷ୍ଟାଡିୟମ, କୁରୁଜଙ୍ଗା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର
- ଜିଲାପାଳ ଏବଂ ଏସପିଙ୍କ ମିଳିତ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ଜିଲା ପରିଷଦ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ବ୍ୟାସସରୋବର ମେଳାର ୫ମ ସନ୍ଧ୍ୟାରେ ଆଞ୍ଚଳିକ ନୃତ୍ୟ, ସ୍ଥାନ: ବ୍ୟାସସରୋବର ପୀଠ, ସମୟ : ସନ୍ଧ୍ୟା ୬ଟା।

## ନୟାଗଡ଼
- ଭୈମୀ ଏକାଦଶୀ ମେଳାର ୫ମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ପୀଠ, ସମୟ: ସକାଳ ୭ଟା ।
- ଜାମାଲାଗି ବେଶର ଏକାଦଶ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ସକାଳ ୭ଟା ।
- ଜିଲାସ୍ତରୀୟ ପିଏମଶ୍ରୀ ଉଦ୍‌ଘାଟନୀ ଉତ୍ସବ, ସ୍ଥାନ: ନୟାଗଡ଼ ବ୍ରଜେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା ।
- ପଞ୍ଚୁପାଣ୍ଡବ ମହୋତ୍ସବର ଉଦ୍‌ଯାପନ ଦିବସ, ସ୍ଥାନ: ନୂଆଗାଁ କଲେଜ ସମ୍ମୁଖ ମହୋତ୍ସବ ପଡିଆ, ସମୟ: ଅପରାହ୍ନ ୪ଟା

## ରାୟଗଡ଼ା
- ସୁଭଦ୍ରା ମେଳା ଉଦ୍‌ଘାଟନ କରିବେ ମୁଖ୍ୟମନ୍ତ୍ରୀ, ସ୍ଥାନ: ଜେଏସ୍‌କୋ ପଡିଆ, ରାୟଗଡ଼ା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର
- ଜିଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି, ସ୍ଥାନ: ନବରଙ୍ଗପୁର ଜିଲା ପରିଷଦ ବୈଠକ ଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବାର୍ଷିକ ଉତ୍ସବ, ସ୍ଥାନ: କୋଷାଗୁମୁଡ଼ା ବ୍ଲକ ମାଝୀଧନୁଆସ୍ଥିତ ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।

## କୋରାପୁଟ
- ବୃନ୍ଦାବତୀ ସଂସ୍ଥା ପକ୍ଷରୁ ଚାଲିଥିବା ଅଷ୍ଟ ପ୍ରହରୀ ଉଦଯାପନୀ ଉତ୍ସବ, ସ୍ଥାନ: ସୁନାବେଡ଼ା-୧ସ୍ଥିତ ସଂସ୍ଥା ପରିସର, ସମୟ: ସକାଳ ୯ ଟା।
- ମହାଦେବଙ୍କ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ସେମିଳିଗୁଡ଼ା ବ୍ଲକ ଶୁଣ୍ଡିପୁଟ, ସମୟ: ସକାଳ ୯ ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି, ସ୍ଥାନ: ନନ୍ଦପୁର ବ୍ଲକ ମାଲିବେଲଗାଁ ପଞ୍ଚାୟତ, ସମୟ: ପୂର୍ବାହ୍ନ ୧୦ଟା।
- ପଞ୍ଚାୟତସ୍ତରୀୟ ଜନଶୁଣାଣି ସଚେତନ ଶିବିର, ସ୍ଥାନ: ସେମିଳିଗୁଡ଼ା ବ୍ଲକ ରାଜପୁଟ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚାୟତସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: କୋରାପୁଟ ବ୍ଲକ ମାଥାଲପୁଟ ପଞ୍ଚାୟତ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ ଟା।
- ଜିଲାସ୍ତରୀୟ ଜନ ଶୁଣାଣି କାର୍ଯ୍ୟକ୍ରମ, ସ୍ଥାନ: ଲକ୍ଷ୍ମୀପୁର ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।
- ବିକ୍ରମଦେବ ବିଶ୍ୱ ବିଦ୍ୟାଳୟର ପ୍ରତିଷ୍ଠା ଦିବସ, ସ୍ଥାନ: ଜୟପୁରସ୍ଥିତ ବିଶ୍ୱବିଦ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ନନ୍ଦପୁର ବ୍ଲକ ଭାଜପାର ସାଙ୍ଗଠନିକ ବୈଠକ, ସ୍ଥାନ: ପୂର୍ତ୍ତ ବିଭାଗ ଡାକବଙ୍ଗଳା, ସମୟ: ପୂର୍ବାହ୍ନ ୧୧ଟା।
- ଆଣ୍ଟି କରପ୍‌ସନ୍ ଅରଗାନାଇଜେଶନର ବୈଠକ, ସ୍ଥାନ: ଜୟପୁର ବେଲ୍ ରୋଡ୍‌ସ୍ଥିତ ହୋଟେଲ ସ୍କୁଏର, ସମୟ: ମଧ୍ୟାହ୍ନ ୧୨ଟା।
- ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବ, ସ୍ଥାନ: ନନ୍ଦପୁରସ୍ଥିତ ସ୍କୁଲ ପରିସର, ସମୟ: ଅପରାହ୍ନ ୨ ଟା।
- ଅନ୍ୱେଷାର ଜିଲାସ୍ତରୀୟ କମିଟି ବୈଠକ, ସ୍ଥାନ: କୋରାପୁଟ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷ, ସମୟ: ଅପରାହ୍ନ ୫ ଟା।

## ସମ୍ବଲପୁର
- ରାଜସ୍ୱ ମନ୍ତ୍ରୀଙ୍କ ସମୀକ୍ଷା ବୈଠକ, ସ୍ଥାନ : ଜିଲାପାଳ ସମ୍ମିଳନୀ କକ୍ଷ, ସମୟ : ପୂର୍ବାହ୍ନ ୧୦ଟା।
- ଜିଲା ପ୍ରଶାସନର ମିଳିତ ଜନ ଶୁଣାଣୀ କାର୍ଯ୍ୟକ୍ରମ, ସ୍ଥାନ : ନାକଟିଦେଉଳ ବ୍ଲକ ପରିସର, ସମୟ : ପୂର୍ବାହ୍ନ ୧୦ଟା।
- ଟିପିଡବ୍ଲ୍ୟୁଓଡିଏଲର ବୈଠକ, ସ୍ଥାନ : ଅଇଁଠାପାଲି ନିକଟସ୍ଥ କମ୍ପାନୀର ବ୍ୟବସାୟିକ ସଭାକକ୍ଷ, ସମୟ : ଅପରାହ୍ନ ୧ଟା।
- ପରମାଣପୁର ଧନୁଯାତ୍ର କମିଟି ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ : ପରମାଣପୁର ଗ୍ରାମ, ସମୟ : ସନ୍ଧ୍ୟା ୭ଟା।

## ରାଉରକେଲା
- ଭାଜପାର ଖବରଦାତା ସମ୍ମିଳନୀ, ସ୍ଥାନ: ରାଉରକେଲା ହାଉସ, ସମୟ: ପୂର୍ବାହ୍ନ ୧୧ଟା।

## ସୁନ୍ଦରଗଡ଼
- ଜିଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ: ସବଡେଗା ବ୍ଲକ କାର୍ଯ୍ୟାଳୟ ପରିସର, ସମୟ: ପୂର୍ବାହ୍ନ ୧୦ଟା୩୦।

## ବରଗଡ଼
- ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର, ସ୍ଥାନ:ପଞ୍ଚାୟତ ସମିତି ସମ୍ମିଳନୀ କକ୍ଷ, ବିଜେପୁର, ସମୟ:ପୂର୍ବାହ୍ନ ୧୦ଟା।
- ବିଜେଡି ପ୍ରତିବାଦ ସଭା, ବିକ୍ଷୋଭ ପ୍ରଦର୍ଶନ, ସ୍ଥାନ:ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ପାଖ, ବରଗଡ଼, ସମୟ:ପୂର୍ବାହ୍ନରେ ୧୦ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ** ଆଜିର କର୍ମକ୍ଷେତ୍ରରେ ଦ୍ୱିଜା ନକ୍ଷତ୍ର ସମସ୍ତ ସମସ୍ୟାକୁ ପ୍ରତିହତ କରିବାରେ ସମର୍ଥ ହେବେ। ନିଜ ଲୋକ ବିରୁଦ୍ଧାଚରଣ କରିପାରନ୍ତି। ଯାନବାହନ, ହୋଟେଲଶିଳ୍ପ, ଛୋଟ ଦୋକାନ, ଆନୁଷ୍ଠାନିକ କାମ ଓ ପ୍ରଶାସନିକ କ୍ଷେତ୍ରରେ ଦ୍ୱନ୍ଦ୍ୱ ଦୂର ହେବ। ସଭାସମିତିରେ କିମ୍ବା ଆଲୋଚନାରେ ମଧ୍ୟସ୍ଥତା କଲେ ଅପଦସ୍ତ ହେବାକୁ ପଡିପାରେ।

**ବୃଷ** ଆଜି ଆପଣଙ୍କ ସକାଶେ ଯାତ୍ରା, ବାଣିଜ୍ୟ, ପ୍ରତିଯୋଗିତା ଓ ପ୍ରତିଦ୍ୱନ୍ଦ୍ୱିତା ମନ୍ଦ ହେବନାହିଁ। ରୋହିଣୀ ନକ୍ଷତ୍ରର ପରିବାରର ବୟସ୍କବ୍ୟକ୍ତିଙ୍କ ଅସୁସ୍ଥତା ଯୋଗୁ ମାନସିକ ସ୍ଥିତି ଠିକ୍ ରହି ନ ପାରେ। ସାଧାରଣ କଥାକୁ କେନ୍ଦ୍ରକରି ମନରେ ଦ୍ୱିଧାଭାବଜନିତ ବନ୍ଧୁସମ୍ପର୍କ କ୍ଷୁଣ୍ଣ ହେବ। କର୍ମକ୍ଷେତ୍ର, ପାରିବାରିକ ସ୍ଥିତି ଭଲ ରହିବ।

**ମିଥୁନ** ଅଷ୍ଟମରେ ରାଶ୍ୟାଧିପଙ୍କ ସ୍ଥିତି ହେତୁ ସ୍ୱାସ୍ଥ୍ୟ ସମସ୍ୟା କାମକୁ ନିରୁତ୍ସାହିତ କରିବ। ନିଜ ପରିସରର କୌଣସି ବାଳକ ସକାଶେ ଅସୁବିଧାର ସମ୍ମୁଖୀନ ହେବେ। କର୍ମକ୍ଷେତ୍ରରେ ସହକର୍ମୀଙ୍କ ପରାମର୍ଶକୁ ଗ୍ରହଣ ସହ ସହଯୋଗ ପାଇ ସ୍ଥଗିତ କାମ ତ୍ୱରାନ୍ୱିତ କରବେ। ଅଳଙ୍କାର, ଔଷଧପତ୍ର ଓ ସୌଖୀନ ଦ୍ରବ୍ୟ କ୍ରୟ ପାଇଁ ଖର୍ଚ୍ଚାନ୍ତ ହୋଇପାରନ୍ତି।

**କର୍କଟ** ଅଷ୍ଟମସ୍ଥ ରାହୁଙ୍କ ପ୍ରଭାବରେ ପରକଥାରେ ପଡି ଭୁଲ୍ ମାର୍ଗର ଅନୁସରଣ କରିବେ। ପ୍ରଶାସନିକ କ୍ଷେତ୍ରରେ ଅର୍ଥ ସମ୍ପର୍କିତ ଆଲୋଚନାରେ ଅଧିକାଂଶ ସମୟ କଟିବ। ବନ୍ଧୁଙ୍କ ଦ୍ୱାରା ଅନୁପ୍ରାଣୀତ ହୋଇ ଧାର୍ମିକ କାର୍ଯ୍ୟରେ ସହଯୋଗର ପ୍ରତିଶ୍ରୁତି ଦେଇପାରନ୍ତି। ଯାତ୍ରା ସମୟରେ ଅଜଣା ଅଶୁଣା ବ୍ୟକ୍ତିଙ୍କୁ ବିଶ୍ୱାସ କରି ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ସିଂହ** ରାଶିରେ କେତୁଙ୍କ ଅବସ୍ଥିତି ଯୋଗୁ କୌଣସି କାମ ଉତ୍ସାହପ୍ରଦ ହେବ ନାହିଁ। ଅନ୍ୟମାନଙ୍କଠାରୁ କିଛି ଖବର ଶୁଣି କିମ୍ବା ମିଥ୍ୟା ଗୁଜବରେ ମନ ଚହଲିଯାଇପାରେ। ବ୍ୟବସାୟରେ ଓ ପରିବହନରେ ବିଶେଷ କିଛି ଅସୁବିଧାର ଆଶଙ୍କା ନାହିଁ। ଆର୍ଥିକ ଦୁଃସ୍ଥିତି କିଛି ମାତ୍ରାରେ ବଦଳିଯିବା କାରଣରୁ ସାମୟିକ ଆଶ୍ୱସ୍ତି ଅନୁଭବ କରିପାରନ୍ତି।

**କନ୍ୟା** ଗୁରୁଙ୍କ ଶୁଭଦୃଷ୍ଟି ପ୍ରଭାବରୁ ସକାଳୁ ସକାଳୁ କୌଣସି ବନ୍ଧୁଙ୍କ ସହ ଗୁରୁତ୍ୱପୂର୍ଣ୍ଣ ଆଲୋଚନା କରିପାରନ୍ତି। ବାଣିଜ୍ୟ, ସାହିତ୍ୟ ଚର୍ଚ୍ଚା, ସାମ୍ବାଦିକତା ତଥା ଏଜେନ୍ସିପରୁ ଖୁସି ରହିବେ। କର୍ମକ୍ଷେତ୍ରରେ ଉପରିସ୍ଥଙ୍କ ଦ୍ୱାରା ଆଦେଶପ୍ରାପ୍ତ ହୋଇ ଦୂରସ୍ଥାନକୁ ଯାତ୍ରା କରିପାରନ୍ତି। ସ୍ୱାସ୍ଥ୍ୟସମସ୍ୟା ସାଙ୍ଗକୁ ଅର୍ଥ ସମ୍ପର୍କକୁ ନେଇ ଭ୍ରାତୃବିବାଦ ଦେଖାଦେବ।

**ତୁଳା** ସପ୍ତମାଧିପତି ଚତୁର୍ଥକେନ୍ଦ୍ରସ୍ଥ ଯୋଗୁ ପାରିବାରିକ ସମସ୍ୟାକୁ ସମ୍ପର୍କୀୟଙ୍କ ସହାୟତାରେ ସୁଧାରି ନେବେ। ସରକାରୀ ସ୍ତରରୁ ପ୍ରତୀକ୍ଷିତ ଖବରଟି ଆଜି ବନ୍ଧୁଙ୍କ ଜରିଆରେ ପାଇବାର ଆଶା ରହିଛି। କଳା, ସାହିତ୍ୟ, ସଙ୍ଗୀତ, ଚଳଚ୍ଚିତ୍ର ତଥା ସଭାସମିତିରେ ସୁନାମ ମିଳିବ ଓ ବିଶିଷ୍ଟ ବ୍ୟକ୍ତିମାନଙ୍କ ଦ୍ୱାରା ପ୍ରଶଂସିତ ମଧ୍ୟ ହେବେ।

**ବିଛା** ଭାବପ୍ରବଣ ରାଶିରେ ଚନ୍ଦ୍ରଙ୍କ ସ୍ଥିତିଜନିତ ଅତୀତ ଘଟଣାକୁ ମନେ ପକାଇ ମାନସିକ ସ୍ଥିତି ଠିକ୍ ରହିବ ନାହିଁ। ଆନୁଷ୍ଠାନିକ କାମରେ ଦକ୍ଷତା ବୃଦ୍ଧି କାରଣରୁ ସାମାଜିକ ପ୍ରତିଷ୍ଠା ବଢ଼ିବ ଏବଂ ବନ୍ଧୁଙ୍କ ପ୍ରଶଂସାର ପାତ୍ର ହେବେ। ବିଭିନ୍ନ ସମସ୍ୟାରେ ଦୀର୍ଘଦିନରୁ ସ୍ଥଗିତ ରହିଯାଇଥିବା କାମଟି ଆଜି ସହକର୍ମୀଙ୍କ ସହାୟତାରେ ସମ୍ପନ୍ନ ହୋଇଯିବ।

**ଧନୁ** ତୃତୀୟାଧିପ ଚତୁର୍ଥସ୍ଥ ଯୋଗୁ ଦୀର୍ଘଦିନର ଅପୂରଣୀୟ ଆଶା ପୂରଣ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ। ଭୁଲ୍ ବୁଝାମଣାରୁ ପାରିବାରିକ କ୍ଷେତ୍ରରେ ପ୍ରତିକୂଳ ପରିସ୍ଥିତିର ଚାପ ବଢିପାରେ। ପ୍ରତିବେଶୀଙ୍କ ସହ ମଧୁର ସମ୍ପର୍କ କାମଗୁଡିକ ସୁବିଧାରେ ହେବାରେ ସାହାଯ୍ୟ କରିବ। ମାଙ୍ଗଳିକ କାମ ସକାଶେ ଗୃହସଜ୍ଜା ପ୍ରତି ଆଗ୍ରହ ବଢିପାରେ।

**ମକର** ସମ୍ପର୍କୀୟଙ୍କ ସହଯୋଗକ୍ରମେ ଆନୁଷ୍ଠାନିକ କାମରେ ସଫଳତା ପାଇବେ। ଅତୀତ ଘଟଣାକୁ କେନ୍ଦ୍ରକରି ପରିବାରରେ ବିବାଦୀୟ ପରିସ୍ଥିତି ସୃଷ୍ଟି ହୋଇପାରେ। ଧନିଷ୍ଠା ନକ୍ଷତ୍ର ଅନ୍ୟମାନଙ୍କ ଭୁଲ୍ ଧାରଣା ଯୋଗୁ ଭଲ କାମ କରି ମଧ୍ୟ ନିନ୍ଦା ଶୁଣିପାରନ୍ତି। ପ୍ରକାଶନ, ପ୍ରଶାସନ, ଶିଳ୍ପ, ବାଣିଜ୍ୟ ବ୍ୟବସାୟ, ପରିବହନ ଓ ଏଜେନ୍ସିପରୁ ଖୁସି ରହିବେ।

**କୁମ୍ଭ** ଅସଜଡ଼ା ପରିସ୍ଥିତି ମଧ୍ୟରେ ପ୍ରିୟ କଥା କହି କର୍ମକ୍ଷେତ୍ରର ସମସ୍ୟାକୁ ସୁଧାରି ନେବେ। ଆଜି ବ୍ୟବସାୟିକ ସଫଳତା ମିଳିଲେ ମଧ୍ୟ ସମ୍ପୂର୍ଣ୍ଣ ସନ୍ତୋଷଜନକ ହେବ ନାହିଁ। ଯାତ୍ରାରେ ପ୍ରତିବନ୍ଧକର ସାମନା କରିବାକୁ ପଡ଼ିପାରେ। ଜମିଜମା କାରବାରରେ ବିଳମ୍ବ ହେତୁ ନୂତନ ସମସ୍ୟା ସୃଷ୍ଟି ହେବାର ଆଶଙ୍କା ରହିଛି।

**ମୀନ** ଆଜି ଯାହା କହିବେ କିମ୍ବା କରିବେ ତାହା ଆପଣଙ୍କ ବିପକ୍ଷରେ ଯାଇପାରେ। ସହକର୍ମୀଙ୍କ ସହମତିରେ କାମ କଲେ ସଫଳତା ପାଇପାରନ୍ତି। ଉତ୍ତରଭାଦ୍ରପଦ ନକ୍ଷତ୍ର ସନ୍ତାନଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ହେବେ। ବନ୍ଧୁଙ୍କ ସହ ଯୁକ୍ତିତର୍କ କାରଣରୁ ଛୋଟ ଛୋଟ କଥାରେ କଳହ ଲାଗିବାର ସମ୍ଭାବନା ରହିଛି।

ଆଜି ଫେବୃଆରୀ ୨ ତାରିଖ, ବିଶ୍ୱ ଆର୍ଦ୍ରଭୂମି ଦିବସ, ଫାଲ୍‌ଗୁନ କୃଷ୍ଣ ପ୍ରତିପଦା ସୋମବାର। ରାଶିନକ୍ଷତ୍ର-ଅଶ୍ଳେଷା/କର୍କଟ, ପ୍ରତିପଦାର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ। ଦିବା ଘ.୦୬।୨୫ମି. ଗତେ ଘ.୦୭।୪୯ ମି. ମଧ୍ୟେ, ଘ.୧୦।୫୩ମି. ଗତେ ଘ.୦୧।୦୭ମି. ମଧ୍ୟେ ଶୁଦ୍ଧ ଶୁଭ ବେଳା । ସକାଳ ଘ.୦୭।୪୯ମି. ଗତେ ଘ.୦୯।୧୨ମି. ମଧ୍ୟେ ରାହୁ କାଳ ।

# ଅବଶିଷ୍ଟାଂଶ..

## 'ପ୍ରିମିୟମ ୱାଟର'...
ସମସ୍ୟା, ସେଠାରେ ଉଚ୍ଚବିତ୍ତ ଶ୍ରେଣୀ ପାଇଁ ପାଣି ଏକ 'ବିଳାସପୂର୍ଣ୍ଣ ଆଇଟମ' ପାଲଟିଛି। ଭାରତରେ ବିଦେଶୀ ବ୍ରାଣ୍ଡ ପ୍ରିମିୟମ ୱାଟର ଲିଟର ପିଛା ମୂଲ୍ୟ ପ୍ରାୟ ୩ ଆମେରିକୀୟ ଡଲାରରୁ ଅଧିକ ରହିଥିବାବେଳେ ଦେଶୀ ବ୍ରାଣ୍ଡର ଏହି ପାଣି ମୂଲ୍ୟ ପ୍ରାୟ ୧ ଡଲାର ରହିଛି।
କେତେକ ରିପୋର୍ଟ ଅନୁସାରେ, ଭାରତର ୭୦% ଭୂତଳ ଜଳ ପ୍ରଦୂଷିତ ଏବଂ ଟ୍ୟାପ୍ ପାଣି ପିଇବା ପାଇଁ ଅନୁପଯୁକ୍ତ। ଗତ ଡିସେମ୍ବରରେ ମଧ୍ୟପ୍ରଦେଶର ଇନ୍ଦୋରରେ ପ୍ରଦୂଷିତ ପାଣି ପିଇ ୧୬ ଜଣଙ୍କର ମୃତ୍ୟୁ ହୋଇଛି। ଏଭଳିସ୍ଥଳେ ସାଧାରଣ ଲୋକଙ୍କ ପାଇଁ ୧୫ରୁ ୨୦ ଟଙ୍କାର ପାଣି ବୋତଲ ଏକ ଆବଶ୍ୟକତା ପାଲଟିଥିବାବେଳେ ଧନୀ ଲୋକମାନେ ନିଜ ସ୍ୱାସ୍ଥ୍ୟ ଏବଂ ଏନର୍ଜି ପାଇଁ ପ୍ରିମିୟମ ପାଣିକୁ ଆପଣାଉଛନ୍ତି।

## ଭଡ଼ାଘରୁ ଅଧ୍ୟାପିକାଙ୍କ...
ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ଅଧ୍ୟାପିକାଙ୍କ ବାପା ନୀଳମଣି ଏବଂ ଘର ମାଲିକାଣୀ ପ୍ରତିମାରାଣୀଙ୍କ ଉପସ୍ଥିତିରେ କବାଟ ଭାଙ୍ଗି ଫ୍ୟାନରେ ଝୁଲୁଥିବା ଅବସ୍ଥାରେ ବର୍ଷାରାଣୀଙ୍କ ମୃତଦେହ ଜବତ କରିଥିଲା। ତେବେ ଏ ସମ୍ପର୍କରେ ଥାନାରେ କୌଣସି ଅଭିଯୋଗ ହୋଇ ନ ଥିବା ବେଳେ ମୃତାଙ୍କ ମୋବାଇଲ ଫୋନ ଜବତ କରାଯାଇ ଘଟଣାର ତଦନ୍ତ ଚାଲିଛି ବୋଲି ତଦନ୍ତ ଅଧିକାରୀ ଏଏସ୍‌ଆଇ ଉମାଶଙ୍କର ନାୟକ କହିଛନ୍ତି।

## ଉଗଉମାଳି
(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)


**ଅଖାଇ ଖାଇ ମନ କଲା**
**ବାରବାଟି ଚାଷ ଧୋଇରେ ଗଲା।**

କେବେ ଖାଇବାକୁ ଇଚ୍ଛା ନ କରୁଥିବା ବ୍ୟକ୍ତି ଖାଇବାକୁ ଇଚ୍ଛା ପ୍ରକାଶ କଲେ ତା'ର ଜମି ବନ୍ୟାଜଳରେ ଧୋଇ ନଷ୍ଟ ହୋଇଯିବା ଭଳି ତା'ର ଉଦ୍ଦେଶ୍ୟ କେବେ ପୂରଣ ହୋଇପାରି ନ ଥାଏ। ଠିକ ସେହିପରି ଭାବେ କୃପଣ ବ୍ୟକ୍ତି ନିଜର ଖାଇବା ତଥା ଦୈନନ୍ଦିନ ଖର୍ଚ୍ଚ ଲାଗି ଆବଶ୍ୟକ ଅର୍ଥ ବା ଧନ ବ୍ୟୟ ପାଇଁ କୁଣ୍ଠା ପ୍ରକାଶ କରୁଥିବାବେଳେ ଯଦି କୌଣସି କାରଣବଶତଃ ନିଜର ଅତ୍ୟାବଶ୍ୟକ ପଦାର୍ଥ କିଣିବାକୁ ଉଚିତ୍ ମନେ କରେ ତେବେ ତା'ପ୍ରତି ପ୍ରକୃତି ପ୍ରତିବନ୍ଧକ ସୃଷ୍ଟି କରେ ବୋଲି ଏଠାରେ ପ୍ରକାଶ କରାଯାଇଛି।

**ଅନ୍ଧାରକଣା,**
**ଯେଣେ ଗଲେ ତେଣେ ବଣା।**

ଅନ୍ଧାରକଣା ବ୍ୟକ୍ତିଙ୍କୁ ରାତିରେ ଭଲ ଦିଶି ନ ଥାଏ। ସଞ୍ଜ ନଇଁଲେ ନିଜ ଦୈନନ୍ଦିନ କାର୍ଯ୍ୟ କରିବାରେ ସେମାନେ ଦହଗଞ୍ଜ ହେଉଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ - ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ



ରବିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗ ଚିତ୍ର।

## ମଧ୍ୟବିତ୍ତଙ୍କୁ ...
ମଞ୍ଜୁର ହୋଇଥିଲା। ଟେଲିକମ୍ ମନ୍ତ୍ରଣାଳୟ ପାଇଁ ୭୩,୯୯୦ କୋଟି ବ୍ୟୟବରାଦ କରାଯାଇଥିବାବେଳେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିମନ୍ତେ ୩.୦୯ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରାଯାଇଛି। ସେହିପରି ଜନଗଣନା ପାଇଁ କେନ୍ଦ୍ର ବଜେଟରେ ୬,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଭାରତକୁ ଏକ ବାୟୋଫାର୍ମା ଉତ୍ପାଦନ ହବ୍‌ରେ ପରିଣତ କରିବା, ୧୦୦୦ କ୍ଲିନିକାଲ ପରୀକ୍ଷା ସ୍ଥଳ ନିର୍ମାଣ ଏବଂ କେନ୍ଦ୍ରୀୟ ଔଷଧ ଗୁଣବତ୍ତା ନିୟନ୍ତ୍ରଣ ସଂଗଠନକୁ ସୁଦୃଢ଼ କରିବା ପାଇଁ ଆଗାମୀ ୫ ବର୍ଷ ମଧ୍ୟରେ ୧୦,୦୦୦ କୋଟି ଟଙ୍କା ପୁଞ୍ଜିନିବେଶ କରବାକୁ ସୀତାରାମନ ପ୍ରସ୍ତାବ ରଖିଛନ୍ତି। କେନ୍ଦ୍ର ସରକାର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟକୁ ଆଗାମୀ ଆର୍ଥିକ ବର୍ଷ ଲାଗି ୯,୮୮୬.୮୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରଖିଛନ୍ତି, ଯାହାକି ୨୦୨୫-୨୬ ଆର୍ଥିକ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ। ସୀତାରାମନ୍ ଏହାକୁ ଏକ ସନ୍ତୁଳିତ ବଜେଟ ଭାବେ ଅଭିହିତ କରିବା ସହ ଏଥିଯୋଗୁ ଦୀର୍ଘମିଆଦୀ ଢାଞ୍ଚାଗତ ପରିବର୍ତ୍ତେ ଏହା ସହାୟକ ହେବ ବୋଲି କହିଛନ୍ତି। ଏହି ବଜେଟର ମୁଖ୍ୟ ବୈଶିଷ୍ଟ୍ୟ ହେଉଛି ବିତ୍ତୀୟ ଶୃଙ୍ଖଳା ପ୍ରତି ପ୍ରତିବଦ୍ଧତା। ବିତ୍ତୀୟ ନିଅଣ୍ଟକୁ କ୍ରମଶଃ କମାଇବା ସହ ଉଚ୍ଚ ପୁଞ୍ଜି ବ୍ୟୟକୁ ଜାରି ରଖିବା ମାଧ୍ୟମରେ ସରକାର ଅର୍ଥନୈତିକ ବୃଦ୍ଧି ଓ ସ୍ଥିରତା ମଧ୍ୟରେ ସନ୍ତୁଳନ ଜାରି ରଖିବାକୁ ଚେଷ୍ଟା କରିଛନ୍ତି। ଏଭଳି ଆଭିମୁଖ୍ୟ ଯୋଗୁ ଭାରତ ପ୍ରତି ବୈଶ୍ୱିକ ନିବେଶକ ଓ ରେଟିଂ ଏଜେନ୍ସିଗୁଡ଼ିକର ଭରସା ବଢ଼ିପାରେ ବୋଲି ଆଶା କରାଯାଉଛି। କେତେଜଣ ସମାଲୋଚକ ଏହାକୁ ଅତ୍ୟଧିକ ସତର୍କତା ଭାବେ ଦେଖିପାରନ୍ତି, କିନ୍ତୁ ମାକ୍ରୋ-ଅର୍ଥନୈତିକ ଦୃଷ୍ଟିରୁ ଏହା ନୀତିଗତ ପରିପକ୍ୱତାକୁ ପ୍ରତିଫଳିତ କରେ। ବଜେଟରେ ପୁଞ୍ଜି ବ୍ୟୟ ଉପରେ ଜୋର୍ ଦିଆଯାଇଛି। ପରିବହନ, ଲଜିଷ୍ଟିକ୍ସ, ସହରାଞ୍ଚଳ ବିକାଶ ଓ ଶକ୍ତି କ୍ଷେତ୍ରରେ ଢାଞ୍ଚାଗତ ଅଭିବୃଦ୍ଧି ସରକାରଙ୍କ ଏହି ବିଶ୍ୱାସକୁ ସ୍ପଷ୍ଟ କରେ ଯେ ସରକାରୀ ନିବେଶ ହିଁ ଘରୋଇ ପୁଞ୍ଜିକୁ ଆକର୍ଷିତ କରିବାର ପ୍ରଧାନ ଉପାୟ। ଗତ କିଛି ବର୍ଷରେ ଏହି ରଣନୀତି ଫଳପ୍ରଦ ହୋଇଥିଲେ ମଧ୍ୟ ଏହାର ସଫଳତା କାର୍ଯ୍ୟାନ୍ୱୟନ ଉପରେ ନିର୍ଭର କରିବ। ଭୂମି ଅଧିଗ୍ରହଣ, ପ୍ରଶାସନିକ ଅନୁମତିରେ ବିଳମ୍ବ ଓ ବିଭିନ୍ନ ସ୍ତରରେ ସମନ୍ୱୟର ଅଭାବ ଢାଞ୍ଚାଗତ ରିସ୍କ ସୃଷ୍ଟି କରିଆସିଛି।। ଢାଞ୍ଚାଗତ ଦୃଷ୍ଟିରୁ ଏହି ବଜେଟ ଉତ୍ପାଦନ, ପ୍ରଯୁକ୍ତି ଓ ଆତ୍ମନିର୍ଭରଶୀଳତା ଦିଗରେ ଭାରତର ରଣନୈତିକ ପରିବର୍ତ୍ତନକୁ ଆହୁରି ଗତି ଦେବ ବୋଲି ଅଶା କରାଯାଉଛି। ଇଲେକ୍ଟ୍ରୋନିକ୍ସ, ସେମିକଣ୍ଡକ୍ଟର, ଗୁରୁତ୍ୱପୂର୍ଣ୍ଣ ଖଣିଜ ଓ ଉନ୍ନତ ବିନିର୍ମାଣକୁ ସମର୍ଥନ ଦେବା ମାଧ୍ୟମରେ ବୈଶ୍ୱିକ ଯୋଗାଣ ଶୃଙ୍ଖଳ ପୁନଃ ସଂରଚନା ସହ ଭାରତର ବିତ୍ତୀୟ ନୀତିକୁ ସମନ୍ୱୟ କରାଯାଇଛି। ତଥାପି ଦକ୍ଷତା ବିକାଶ, ଉତ୍ପାଦକତା ବୃଦ୍ଧି ଓ ପ୍ରଯୁକ୍ତି ବ୍ୟବହାର ନ ହେଲେ ଏହି ଲକ୍ଷ୍ୟଗୁଡ଼ିକ ହାସଲ ହୋଇ ନ ପାରେ। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା ଓ ନାରୀକେନ୍ଦ୍ରିକ ଯୋଜନା ପାଇଁ ଆବଣ୍ଟନ ଜାରି ରହିଛି, କିନ୍ତୁ ଖର୍ଚ୍ଚ-କେନ୍ଦ୍ରିକ କଲ୍ୟାଣ ଯୋଜନାରେ ବଡ଼ ବୃଦ୍ଧି କରାଯାଇନାହିଁ। ନିବେଶ ମାଧ୍ୟମରେ ଚାକିରି ସୃଷ୍ଟି ହିଁ ସମାବେଶୀ ଅଭିବୃଦ୍ଧିର ସ୍ଥାୟୀ ପଥ ବୋଲି ସରକାରଙ୍କ ଧାରଣାକୁ ଏହା ପ୍ରତିଫଳିତ କରିଛି। ଟିକସ ବ୍ୟବସ୍ଥାରେ ଏହି ବଜେଟ ସଂସ୍କାର ପରିବର୍ତ୍ତେ ପ୍ରଶାସନିକ ସଂହତି ଉପରେ ଜୋର୍ ଦିଆଯାଇଛି।

## ଅଭିବୃଦ୍ଧିମୂଳକ, ଯୁବଶକ୍ତି ...
୨୦୨୬-୨୭ କେନ୍ଦ୍ର ବଜେଟରେ ସାର୍ବଜନୀନ ପୁଞ୍ଜି ବ୍ୟୟ (କାପେକ୍ସ) ପାଇଁ ୧୨.୨ ଲକ୍ଷ କୋଟି ଟଙ୍କା ସହିତ ଭିତ୍ତିଭୂମି ବିକାଶ ପାଇଁ ଅଧିକ ଆବଣ୍ଟନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।
ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି, ବିରଳ ଖଣିଜପଦାର୍ଥ ନିମନ୍ତେ ଖଣି, ପ୍ରକ୍ରିୟାକରଣ, ଗବେଷଣା ଏବଂ ଉତ୍ପାଦନ କ୍ଷମତା ନିର୍ମାଣ ପାଇଁ କେନ୍ଦ୍ର ସରକାର ଓଡ଼ିଶାରେ ଏକ ଉତ୍ସର୍ଗୀକୃତ ରେୟାର-ଆର୍ଥ(ବିରଳ ମୃତ୍ତିକା) କରିଡର ପ୍ରତିଷ୍ଠା କରିବାକୁ ଘୋଷଣା କରିଛନ୍ତି। ଏହାର ଲକ୍ଷ୍ୟ ହେଲା, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା, ସ୍ଥାନୀୟ ଶିଳ୍ପକୁ ପ୍ରୋତ୍ସାହିତ କରିବା ଏବଂ ଇଲେକ୍ଟ୍ରୋନିକ୍ସ ଏବଂ ଅକ୍ଷୟ ଶକ୍ତି ସମେତ ଉଚ୍ଚ-ବୈଷୟିକ କ୍ଷେତ୍ରକୁ ସମର୍ଥନ କରିବା। ପୂର୍ବତଟ ବିକାଶ କରିଡରରେ ପୂର୍ବ ଉପକୂଳରେ ଥିବା ପର୍ଯ୍ୟଟନ ଏବଂ ଅର୍ଥନୈତିକ ହବ୍ ଅନ୍ତର୍ଭୁକ୍ତ - ଏହାର ଉପକୂଳ ଭୌଗୋଳିକ ଏବଂ ଅର୍ଥନୈତିକ ସଂଯୋଗ ହେତୁ ଓଡ଼ିଶା ଲାଭାନ୍ୱିତ ହେବାର ସମ୍ଭାବନା ରହିଛି । ୫ଟି ପୂର୍ବୋଦୟ ରାଜ୍ୟ ଯଥା ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶରେ ୫ଟି ପର୍ଯ୍ୟଟନ ସ୍ଥଳୀ ସୃଷ୍ଟି କରାଯିବ ଏବଂ ସର୍ବସାଧାରଣ ପରିବହନ ପାଇଁ ୪ହଜାର ଇ-ବସ୍ ଯୋଗାଇ ଦିଆଯିବ। ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ୨୦ଟି ନୂତନ ଜାତୀୟ ଜଳପଥ କାର୍ଯ୍ୟକ୍ଷମ ହେବ, ଏହି ପଦକ୍ଷେପର ଏକ ଅଂଶ ଭାବରେ ଏନ୍‌ଡବ୍ଲ୍ୟୁ-୫ ପ୍ରଥମ ପର୍ଯ୍ୟାୟରେ କାର୍ଯ୍ୟକାରୀ ହେବ। ଏନ୍‌ଡବ୍ଲ୍ୟୁ-୫ ଖଣିଜ ସମୃଦ୍ଧ ଅଞ୍ଚଳ ତାଳଚେର ଏବଂ ଅନୁଗୋଳ ଅଞ୍ଚଳକୁ ଓଡ଼ିଶାର ପାରାଦୀପ ଏବଂ ଧାମରା ଭଳି ପ୍ରମୁଖ ଶିଳ୍ପ ଏବଂ ବନ୍ଦର ହବ୍ ସହିତ ସଂଯୋଗ କରିବ, ଯାହା ଦକ୍ଷ ଏବଂ ସୁଲଭ ମାଲ ପରିବହନରେ ସହାୟକ ହେବ। ଫଳରେ ସଡ଼କ ଏବଂ ରେଳ ନେଟ୍‌ୱର୍କ ଉପରେ ଲଜିଷ୍ଟିକ୍ ଚାପ ହ୍ରାସ ହେବ। ଏକ ନୂତନ ପଦକ୍ଷେପ ଭାବରେ 'ସହର ଅର୍ଥନୈତିକ ଅଞ୍ଚଳ' ସହରୀ ପରିଚାଳିତ ଅର୍ଥନୈତିକ ଅଭିବୃଦ୍ଧି ସୁନିଶ୍ଚିତ ହେବ ଏବଂ ଆଞ୍ଚଳିକ ସହରାଞ୍ଚଳ କ୍ଲଷ୍ଟରଗୁଡ଼ିକ ଲାଭାନ୍ୱିତ ହେବ। ଏହି ଅଞ୍ଚଳର ବିକାଶ ପାଇଁ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ ସିଇଆର୍ ପିଛା ୫୦୦୦ କୋଟି ଟଙ୍କା ଆବଣ୍ଟନ କରିବାକୁ ପ୍ରସ୍ତାବ ଦିଆଯାଇଛି। ଏହା ପ୍ରସ୍ତାବିତ ଭୁବନେଶ୍ୱର-କଟକ-ପାରାଦୀପ-ପୁରୀ ସହରାଞ୍ଚଳ କରିଡର କାର୍ଯ୍ୟକାରୀ କରିବାରେ ସହାୟକ ହେବ। ବନ୍ୟଜନ୍ତୁ ପର୍ଯ୍ୟଟନ ଏବଂ ପରିବେଶ ସୁରକ୍ଷାକୁ ପ୍ରୋତ୍ସାହିତ କରିବା ପାଇଁ ଓଡ଼ିଶା, କର୍ନାଟକ ଏବଂ କେରଳ ସମେତ ରାଜ୍ୟର ପ୍ରମୁଖ କଇଁଛ ବସା ବାନ୍ଧିବା ସ୍ଥଳ ନିକଟରେ କଇଁଛ ଟ୍ରେଲ୍ ବିକଶିତ କରାଯିବ। ବଜେଟରେ ଏହି ପ୍ରକୃତିଭିତ୍ତିକ ପର୍ଯ୍ୟଟନ ଯୋଜନା, ପରିବେଶ ଅନୁକୂଳ ପର୍ଯ୍ୟଟନ ଭିତ୍ତିଭୂମି ଉପରେ ଧ୍ୟାନ କେନ୍ଦ୍ରିତ କରିବ। ବିକଶିତ ଭାରତର ଆବଶ୍ୟକତାକୁ ଲକ୍ଷ୍ୟ ରଖି, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆର୍‌ଇଜିଏ)ରେ ଏକ ବଡ଼ ପରିବର୍ତ୍ତନ କରାଯାଇଛି। ନୂତନ ଯୋଜନା ବିକଶିତ ଭାରତ - ବିକଶିତ ଭାରତ ଗ୍ୟାରେଣ୍ଟି ଫର ରୋଜଗାର ଓ ଆଜୀବିକା(ରୁରାଲ) ଅଧୀନରେ ପ୍ରତି ଗ୍ରାମୀଣ ପରିବାର ପିଛା ୧୨୫ ଦିନର ରୋଜଗାରର ବୈଧାନିକ ଗ୍ୟାରେଣ୍ଟି ପ୍ରଦାନ କରାଯାଇଛି, ଯାହା କି ପୂର୍ବ ୧୦୦ ଦିନ ତୁଳନାରେ ବୃଦ୍ଧି ପାଇଛି। ଓଡ଼ିଶା ଭଳି ରାଜ୍ୟମାନଙ୍କରେ କୃଷକଙ୍କ ଆୟ, ଉତ୍ପାଦକତା ଏବଂ ଗ୍ରାମୀଣ ନିଯୁକ୍ତି ବୃଦ୍ଧି ପାଇଁ ଉଚ୍ଚ ମୂଲ୍ୟର କୃଷିର ଅଂଶ ଭାବରେ ନଡ଼ିଆ, କାଜୁ ଏବଂ ଚନ୍ଦନ ପାଇଁ ଯୋଜନା ଏବଂ ସହାୟକ ପଦକ୍ଷେପ ମଧ୍ୟ ଘୋଷଣା କରାଯାଇଛି। ଏହି ଯୋଜନାରେ ପ୍ରମୁଖ ନଡ଼ିଆ ଉତ୍ପାଦନକାରୀ ରାଜ୍ୟ ଉପରେ ଧ୍ୟାନ ଦିଆଯିବ ଏବଂ କୃଷକଙ୍କ ଆୟ ବୃଦ୍ଧି ପାଇଁ ପୁରୁଣା, ଅଣ-ଉତ୍ପାଦକ ଗଛ ବଦଳରେ ଅଧିକ ଅମଳକ୍ଷମ କିସମ ଭଳି ପଦକ୍ଷେପ ଅନ୍ତର୍ଭୁକ୍ତ ହେବ।

## ଓଡ଼ିଶା ସମେତ ...
ବିରଳ ଖଣିଜ ମିଳିଥାଏ। ଓଡ଼ିଶାରେ ଖଣିଜ ପ୍ରକ୍ରିୟାକରଣ କେନ୍ଦ୍ର ସ୍ଥାପନ ହେବା ଫଳରେ ଗଞ୍ଜାମ ଏବଂ ପୁରୀ ଭଳି ଉପକୂଳ ଜିଲାଗୁଡ଼ିକରେ ଶିଳ୍ପାୟନ ବୃଦ୍ଧି ପାଇବ। ଏହି କରିଡର ମାଧ୍ୟମରେ ବହୁ ହଜାର ପ୍ରତ୍ୟକ୍ଷ ଏବଂ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ। ଓଡ଼ିଶା କେବଳ ଲୁହା ଏବଂ କୋଇଲା ପାଇଁ ନୁହେଁ, ବରଂ ହାଇ-ଟେକ୍ ସେମିକଣ୍ଡକ୍ଟର ଏବଂ ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ପାଇଁ ଏକ କେନ୍ଦ୍ର ପାଲଟିବ ବୋଲି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି।
ସୂଚନାଥାଉ କି ରେୟାର ଆର୍ଥ ବିନା ଆଜିର ଅଧିକାଂଶ ଗେଜେଟ ତିଆରି ହୋଇପାରିବ ନାହିଁ। ବିଶେଷକରି ଇଲେକ୍ଟ୍ରିକ ଗାଡ଼ି(ଇଭି) ମୋଟରରେ ବ୍ୟବହୃତ ଶକ୍ତିଶାଳୀ ଚୁମ୍ବକ (ପର୍ମାନେଣ୍ଟ ମାଗ୍‌ନେଟ୍), ସ୍ମାର୍ଟଫୋନର ସ୍କ୍ରିନ ଏବଂ ବ୍ୟାଟେରୀ, ମିଶାଇଲ ଗାଇଡାନ୍ସ ସିଷ୍ଟମ୍ ଏବଂ ଯୁଦ୍ଧବିମାନର ଉପକରଣ, ୱିଣ୍ଡ୍ ଟର୍ବାଇନ୍ (ପବନ ଚକ୍କି) ଏବଂ ସୌର ପ୍ୟାନେଲ ତିଆରିରେ ଏହି ୧୭ଟି ଖଣିଜ ପଦାର୍ଥ ବ୍ୟବହାର ହୁଏ।
ବଜେଟ ଘୋଷଣା ଏବଂ ଭାରତୀୟ ବିରଳ ମୃତ୍ତିକା ଲିମିଟେଡ (ଆଇଆର୍‌ଇଏଲ୍)ର ରୋଡ୍‌ମ୍ୟାପ୍ ଅନୁଯାୟୀ, ଓଡ଼ିଶାରେ ଏହି 'ରେୟାର ଆର୍ଥ କରିଡର'ର ମୁଖ୍ୟ କେନ୍ଦ୍ରବିନ୍ଦୁ ଦକ୍ଷିଣ ଓଡ଼ିଶା ଏବଂ ବିଶେଷକରି ଗଞ୍ଜାମ ଜିଲା ରହିବ। ଗଞ୍ଜାମର ଛତ୍ରପୁରସ୍ଥିତ ଓଡ଼ିଶା ସ୍ୟାଣ୍ଡ୍ସ କମ୍ପ୍ଲେକ୍ସ (ଓସ୍‌କମ୍) ଏହି କରିଡରର ପ୍ରାଣକେନ୍ଦ୍ର ହେବ। ଏଠାରେ ବିରଳ ମୃତ୍ତିକା ପୃଥକୀକରଣ ପାଇଁ ଏକ ନୂତନ ପ୍ରକ୍ରିୟାକରଣ ପ୍ଲାଣ୍ଟ ସ୍ଥାପନ କରାଯିବ। ବଜେଟ ଅନୁଦାନ ସହାୟତାରେ ଏଠାରେ ବିରଳ ମୃତ୍ତିକାରୁ ଶକ୍ତିଶାଳୀ ଚୁମ୍ବକ ତିଆରି କରିବା ପାଇଁ ଏକ ସ୍ୱତନ୍ତ୍ର ୟୁନିଟ ପ୍ରତିଷ୍ଠା ହେଉଛି, ଯାହା ଇଲେକ୍ଟ୍ରିକ ଗାଡ଼ି (ଇଭି) ଶିଳ୍ପ ପାଇଁ ଅତି ଗୁରୁତ୍ୱପୂର୍ଣ୍ଣ। ସେହିପରି ସରକାର ଏହି କରିଡର ଅନ୍ତର୍ଗତ ଏକ ରେୟାର ଆର୍ଥ ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍ ପ୍ରତିଷ୍ଠା କରିବାକୁ ଯୋଜନା କରୁଛନ୍ତି। ଏଠାରେ ସେହିସବୁ ଛୋଟ ବଡ଼ କାରଖାନା ରହିବ, ଯାହା ବିରଳ ମୃତ୍ତିକାକୁ ବ୍ୟବହାର କରି ମୋବାଇଲ ପାର୍ଟସ, ମାଇକ୍ରୋ-ଚିପ୍ସ ଏବଂ ପ୍ରତିରକ୍ଷା ଉପକରଣ ତିଆରି କରିବ।
ସେହିପରି ପୁରୀ ଜିଲାର ବ୍ରହ୍ମଗିରି ଉପକୂଳରେ ଥିବା ପ୍ରଚୁର ପରିମାଣର ବିଚ୍ ସ୍ୟାଣ୍ଡ୍ (ବାଲି)ରୁ ମୋନାଜାଇଟ୍ ଏବଂ ଇଲମେନାଇଟ ସଂଗ୍ରହ କରାଯାଇ ଛତ୍ରପୁର ପ୍ଲାଣ୍ଟକୁ ପଠାଯିବ। ତେବେ ଏହି ସ୍ଥାନଗୁଡ଼ିକୁ ବାଛିବାର କାରଣ ହେଲା ଗୋପାଳପୁର ବନ୍ଦର ନିକଟରେ ଥିବାରୁ ପ୍ରକ୍ରିୟାକୃତ ଖଣିଜ ପଦାର୍ଥକୁ ବିଦେଶକୁ ରପ୍ତାନି କରିବା ସହଜ ହେବ। ଛତ୍ରପୁରରେ ପୂର୍ବରୁ ଆଇଆର୍‌ଇଏଲ୍‌ର ଭିତ୍ତିଭୂମି ଥିବାରୁ ଏହାକୁ ଏକ ପୂର୍ଣ୍ଣାଙ୍ଗ କରିଡରରେ ପରିଣତ କରିବା ସରକାରଙ୍କ ପାଇଁ ସହଜ ହେଉଛି। ସରକାର ଏହି କରିଡର ପାଇଁ 'ସିଙ୍ଗଲ ୱିଣ୍ଡୋ କ୍ଲିୟରାନ୍ସ' ବ୍ୟବସ୍ଥା କରିଛନ୍ତି, ଯାହାଦ୍ୱାରା ଏହି ଅଞ୍ଚଳରେ ଶିଳ୍ପ ସ୍ଥାପନ ପାଇଁ ଘରୋଇ ନିବେଶକମାନେ ଆଗ୍ରହ ଦେଖାଇବେ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ବଜେଟ୍ ପଦକ୍ଷେପକୁ ସ୍ୱାଗତ କରି କହିଛନ୍ତି ଯେ, ଏହା ଓଡ଼ିଶାକୁ ଭାରତର 'ଉନ୍ନତ ଉତ୍ପାଦନ ଇକୋସିଷ୍ଟମ'ରେ ଏକ ପ୍ରମୁଖ ସ୍ଥାନ ଦେବ।

## ନିବେଶକଙ୍କୁ ଝଟକା...
ଟିକସ ବୃଦ୍ଧି କରିବାକୁ ବଜେଟ୍‌ରେ ପ୍ରସ୍ତାବ ରହିଥିଲା ବେଳେ ଏହା ନିବେଶକାରୀଙ୍କୁ ହତୋତ୍ସାହିତ କରିଛି। ସେହିପରି ଭାରତୀୟ ଶେୟାର ବଜାରରେ ନିବେଶ ଲାଗି ବିଦେଶୀ ନିବେଶକାରୀଙ୍କୁ ଆକୃଷ୍ଟ କରିବା ନେଇ ବଜେଟ୍‌ରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଏବଂ ଭାରତୀୟ ଶେୟାର ବଜାରରୁ ଏଫ୍‌ଆଇଆଇ କରୁଥିବା ପୁଞ୍ଜି ପ୍ରତ୍ୟାହାର ଧାରାକୁ ରୋକିବା ଲାଗି ବ୍ୟବସ୍ଥା କରା ନଯିବା ବିଷୟ ଶେୟାର ବଜାର ପତନର ଅନ୍ୟତମ କାରଣ ବୋଲି କୁହାଯାଇଛି।

# ସମୃଦ୍ଧ ହେବ ସୁବର୍ଣ୍ଣପୁର: ମୁଖ୍ୟମନ୍ତ୍ରୀ

## ଜିଲାକୁ ୬୩୩ କୋଟିର ପ୍ରକଳ୍ପ ଭେଟି

ସୋନପୁର,୧।୨ (ମୃତ୍ୟୁଞ୍ଜୟ ଶତପଥୀ)

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ସୁବର୍ଣ୍ଣପୁର ଜିଲା ଗସ୍ତରେ ଆସି ଜିଲାବାସୀଙ୍କୁ ୬୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ପ୍ରକଳ୍ପ ଭେଟି ଦେଇଛନ୍ତି । ୨୭୬ କୋଟିରେ ନିର୍ମିତ ୫୮ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ପ୍ରକଳ୍ପଗୁଡିକ ମଧ୍ୟରେ ମୁଖ୍ୟତଃ ପାନୀୟ ଜଳ, ରାସ୍ତା, ସେତୁ, ଜଳସେଚନ, ଶିକ୍ଷା, ସ୍ୱାସ୍ଥ୍ୟ, ଭିତ୍ତିଭୂମି, ଛାତ୍ରାବାସ, ଗ୍ରାମୀଣ ବିକାଶ ଓ ସହରାଞ୍ଚଳ ବିକାଶ ଆଦି ରହିଛି। ଭୀମ ଭୋଇ ସମାଧି ପୀଠର ବିକାଶ, ସୁବର୍ଣ୍ଣପୁର ସହରରେ ଓପନ ଏୟାର ଥିଏଟର ନିର୍ମାଣ, ଗାନ୍ଧୀ ଷ୍ଟାଡିୟମର ବିକାଶ ଓ ତରଭା ବ୍ଲକ ମରାଡୁଗୋଛାଠାରେ ନଦୀଗର୍ଭ ଜଳାଶୟ ନିର୍ମାଣ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି ।

ରାମେଶ୍ୱର ଷ୍ଟାଡିୟମଠାରେ ଆୟୋଜିତ ସୁଭଦ୍ରା ଶକ୍ତି ମେଳାରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ, ସୁବର୍ଣ୍ଣପୁର ଜିଲାକୁ କୃଷି, ଜଳସେଚନ ଓ ବୟନଶିଳ୍ପରେ ସମୃଦ୍ଧ କରାଯିବ। ବିକାଶରେ କୌଣସି ପ୍ରତିବନ୍ଧକ ରହିବ ନାହିଁ। ସ୍ୱୟଂ ସହାୟକ ଗୋଷ୍ଠୀର ଭଉଣୀମାନେ କେବଳ ଲାଭାର୍ଥୀ ନୁହନ୍ତି, ସେମାନେ ବିକାଶ ଯାତ୍ରାରେ ଅଂଶୀଦାର। ସେମାନଙ୍କ କଠିନ ପରିଶ୍ରମ, ଶୃଙ୍ଖଳା ଏବଂ ଉଦ୍ୟୋଗୀ ମନୋଭାବ ଗ୍ରାମୀଣ ଅର୍ଥନୀତିରେ ପରିବର୍ତ୍ତନ ଆଣିଛି ବୋଲି ମୁଖ୍ୟମନ୍ତ୍ରୀ ମାଝୀ କହିଛନ୍ତି। ସାମାଜିକ ଓ ଆଧାତ୍ମିକ ଚେତନାକୁ ଦିଗ୍‌ଦର୍ଶନ ଦେଇଥିବା ସନ୍ଥକବି ଭୀମ ଭୋଇଙ୍କ ସମ୍ମାନାର୍ଥେ ତାଙ୍କ ସମାଧି ପୀଠର ବ୍ୟାପକ ବିକାଶ କରାଯିବ। ଏଥିପାଇଁ ୩୫ କୋଟି ଟଙ୍କା ଖର୍ଚ୍ଚ କରାଯିବ। ତରଭା ବ୍ଲକ ମରାଡୁଗୋଛାଠାରେ ୫୫୭କୋଟି ଟଙ୍କାରେ ନଦୀଗର୍ଭ ଜଳାଶୟ ନିର୍ମାଣ, ୧୧.୨୩ କୋଟି ଟଙ୍କାରେ ସୁବର୍ଣ୍ଣପୁର ସହର ସଂସ୍କୃତି ଭବନଠାରେ ଓପନ ଏୟାର ଥିଏଟର ନିର୍ମାଣ, ୨୫.୨୮ କୋଟି ଟଙ୍କାରେ ସୁବର୍ଣ୍ଣପୁର ଗାନ୍ଧୀ ଷ୍ଟାଡିୟମର ନବୀକରଣ, ୪.୨୩କୋଟି ଟଙ୍କାରେ ସୁବର୍ଣ୍ଣପୁର ବ୍ଲକ ଛକ ଜଙ୍କ୍‌ଶନ ରୋଡର ଉନ୍ନତୀକରଣ କାର୍ଯ୍ୟ ସମ୍ପର୍କରେ ଘୋଷଣା କରିଥିଲେ। ସେହିପରି ୨୭୬ କୋଟି ଟଙ୍କା ମୂଲ୍ୟର ୫୮ଟି ଉନ୍ନୟନମୂଳକ ପ୍ରକଳ୍ପର ଉଦ୍‌ଘାଟନ ଓ ଶିଳାନ୍ୟାସ କରିଛନ୍ତି। ଏଥିରେ ୧୭୩ କୋଟି ବ୍ୟୟରେ ୨୪ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୧୦୩କୋଟି ଟଙ୍କା ବ୍ୟୟରେ ୩୪ଟି ପ୍ରକଳ୍ପର ଉଦ୍‌ଘାଟନ କରାଯାଇଛି। ଏହା ଜିଲାର ବିକାଶକୁ ଆହୁରି ଗତି ଦେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ସୁଭଦ୍ରା ଶକ୍ତି ମେଳା ଅବସରରେ ମୁଖ୍ୟମନ୍ତ୍ରୀ ଜିଲାର ୧୮୪୮ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୨୬ କୋଟି ଟଙ୍କାର ସୁଧମୁକ୍ତ ଋଣ ପ୍ରଦାନ କରିଥିଲେ। ଏହି ଆର୍ଥିକ ସହାୟତା ମହିଳା ନେତୃତ୍ୱାଧୀନ ଉଦ୍ୟୋଗକୁ ଆହୁରି ମଜଭୁତ କରିବ ବୋଲି ସେ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ, ଆମର ବିକାଶ ପ୍ରକ୍ରିୟାରେ ସବୁ ବର୍ଗର ଲୋକ ସାମିଲ ହେଉଛନ୍ତି। ବିକାଶ ଯେପରି ପ୍ରତ୍ୟେକ ଲୋକଙ୍କ ପାଖରେ ପହଞ୍ଚିବ ତାହା ଆମେ ସୁନିଶ୍ଚିତ କରୁଛୁ । ସବୁ ଜିଲାରେ ଶିଳ୍ପ ପ୍ରତିଷ୍ଠା ପାଇଁ ଉଦ୍ୟମ ଜାରି ରହିଛି। ସୁବର୍ଣ୍ଣପୁର ଜିଲାରେ ୧୦୦୦ କୋଟିରୁ ଅଧିକ ଟଙ୍କାର ଶିଳ୍ପ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇଛି। କୃଷି, ହସ୍ତତନ୍ତ, ସଂସ୍କୃତି ଓ ପର୍ଯ୍ୟଟନର ବିକାଶ ପାଇଁ ଅପାର ସମ୍ଭାବନା ରହିଛି । ଏହି ସମ୍ଭାବନାକୁ ସଦୁପଯୋଗ କରି ଜିଲାରେ ସ୍ଥାୟୀ ସମୃଦ୍ଧି ଆଣିବା ପାଇଁ ଆମ ସରକାର ଉଦ୍ୟମ ଜାରି ରଖିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରିଥିଲେ।

ବୀରମହାରାଜପୁର ବିଧାୟକ ଇଂ. ରଘୁନାଥ ଜଗଦଲା କହିଥିଲେ, ଆମ ସରକାର ହେଉଛି ଲୋକଙ୍କ ସରକାର। ସରକାର ଆସିବାର ଏହି ଅଳ୍ପ ଦିନ ମଧ୍ୟରେ ଜିଲାର ବିକାଶ ପାଇଁ ଅନେକ ଉନ୍ନୟନମୂଳକ ପ୍ରକଳ୍ପର ଶୁଭାରମ୍ଭ ହୋଇଛି। କୃଷି, ଜଳସେଚନ ଓ ପର୍ଯ୍ୟଟନ କ୍ଷେତ୍ରର ବିକାଶ ପାଇଁ ମୁଖ୍ୟମନ୍ତ୍ରୀ ତତ୍ପର ଅଛନ୍ତି। ସୋନପୁର କଲେଜକୁ ସରକାରୀ ଘୋଷଣା କରିବାକୁ ବିଧାୟକ ଏହି ଅବସରରେ ଘୋଷଣା କରିଥିଲେ। ଜିଲାପାଳ ଡ. ନୃପରାଜ ସାହୁ ସ୍ୱାଗତ ଭାଷଣ ଦେଇଥିଲେ। ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅଶ୍ୱିନୀ କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ।



ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀଙ୍କୁ ସହାୟତା ରାଶି ପ୍ରଦାନ କରୁଛନ୍ତି ।

# ବିଜେଡିରୁ ଶଶୀ ସାହୁ ନିଲମ୍ବିତ

ଭୁବନେଶ୍ୱର,୧।୨ (ରବିନାରାୟଣ ଜେନା)

ବିଜୁ ଜନତା ଦଳ(ବିଜେଡି) ପକ୍ଷରୁ ରବିବାର ବାଲେଶ୍ୱର ସୋରର ବିଜେଡି ନେତା ଶଶୀ କୁମାର ସାହୁଙ୍କୁ ନିଲମ୍ବନ କରାଯାଇଛି। ଏସଂକ୍ରାନ୍ତରେ ଦଳର ଉପସଭାପତି(ମୁଖ୍ୟାଳୟ) ପ୍ରତାପ ଜେନା ଏକ ନିଲମ୍ବନ ନିର୍ଦ୍ଦେଶନାମା ଜାରି କରିଛନ୍ତି। ସେଥିରେ ଶଶୀ ଦଳୀୟ ବିଶୃଙ୍ଖଳା କାର୍ଯ୍ୟରେ ଲିପ୍ତ ଥିବା କାରଣରୁ ନିଲମ୍ବନ କରାଗଲା ବୋଲି ଦର୍ଶାଇଛନ୍ତି।

# ରାଷ୍ଟ୍ରପତିଙ୍କ ଗସ୍ତ ପାଇଁ ସୁରକ୍ଷା କଡ଼ାକଡ଼ି

■ ଦାୟିତ୍ୱରେ ୪ ଡିସିପି, ୫ ଏଡିସିପି, ୨୩ ଏସିପି, ୩୩ ଇନ୍ସପେକ୍ଟର
■ ସରିଲା କାର୍‌କେଡ୍ ରିହରସାଲ

ଭୁବନେଶ୍ୱର,୧।୨(ତ୍ରିନାଥ ମହାନ୍ତି)

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସୋମବାରଠାରୁ ୬ଦିନିଆ ଓଡ଼ିଶା ଗସ୍ତରେ ଆସୁଛନ୍ତି। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ବିମାନବନ୍ଦରରୁ ଲୋକଭବନ ଓ ଲୋକସେବା ଭବନ, ମେ'ଫେୟାର ପର୍ଯ୍ୟନ୍ତ ଗସ୍ତ ରୁଟ୍‌ର ବିଭିନ୍ନ ସ୍ଥାନରେ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ବ୍ୟବସ୍ଥା ହୋଇଛି। ବ୍ଲୁ ବୁକ୍ ଅନୁସାରେ ରାଷ୍ଟ୍ରପତିଙ୍କ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିବାବେଳେ ଦାୟିତ୍ୱରେ ୪ଜଣ ଡିସିପି, ୫ଜଣ ଅତିରିକ୍ତ ଡିସିପି, ୨୩ଜଣ ଏସିପି ଓ ୩୩ଜଣ ଇନ୍ସପେକ୍ଟର ରହିଛନ୍ତି। ରାଷ୍ଟ୍ରପତିଙ୍କ ଯାତାୟାତ ପଥରେ ରହିଥିବା ଉଚ୍ଚ ଅଟ୍ଟାଳିକାଗୁଡିକରେ ଜଗିବେ ବନ୍ଧୁକଧାରୀ ପୋଲିସ। ଏହାସହ ସହରର ବିଭିନ୍ନ ସ୍ଥାନରେ ସାଦା ପୋଷାକରେ ପୋଲିସ ଫୋର୍ସ ମୁତୟନ ରହିବେ ବୋଲି କମିଶନରେଟ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

ରବିବାର ସୁରକ୍ଷା ବ୍ୟବସ୍ଥା ଯାଞ୍ଚ କରିଛନ୍ତି ପୋଲିସ କମିଶନର ଏସ୍. ଦେବଦତ୍ତ ସିଂ। ଏଥିସହ କାରକେଡ୍ ରିହର୍‌ସାଲ କରାଯାଇଛି। ଏହି ରିହର୍‌ସାଲ ବିମାନ ବନ୍ଦରରୁ ଲୋକଭବନ ଏବଂ ଲୋକଭବନରୁ ଲୋକସେବା ଭବନ ପର୍ଯ୍ୟନ୍ତ କରାଯାଇଥିଲା। ଏଥିରେ ଆମ୍ବୁଲାନ୍ସ, ଡାକ୍ତର, ଫାୟାର ଓ ଅନ୍ୟ ଟିମ୍ ସାମିଲ ରହିଛନ୍ତି।

ଅନ୍ୟପକ୍ଷରେ ରାଷ୍ଟ୍ରପତିଙ୍କ ଦୁଇଦିନିଆ ପୁରୀ ଗସ୍ତ ନେଇ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି। ୨୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ ହେବା ସହ ଦାୟିତ୍ୱରେ ୬ ଜଣ କମାଣ୍ଡାଣ୍ଟ ର୍‍ୟାଙ୍କ୍‌ର ଅଫିସର ରହିବେ। ତାଳବଣିଆ ହେଲିପ୍ୟାଡଠାରୁ ଆରମ୍ଭ କରି ଲୋକଭବନ, ଶ୍ୱେତଗଙ୍ଗା ପୁଷ୍କରିଣୀ, ଶ୍ରୀମନ୍ଦିର ଭିତରେ ଏବଂ ବାହାରେ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯିବା ସହ ଟ୍ରାଫିକ ଉପରେ ମଧ୍ୟ କଟକଣା ରହିବ ବୋଲି ପୁରୀ ଏସପି ପ୍ରତୀକ ସିଂ କହିଛନ୍ତି। ସୂଚନାନୁସାରେ, ୪ ତାରିଖ ସକାଳେ ପୁରୀ ପଞ୍ଚତୀର୍ଥ ପୁଷ୍କରିଣୀ ଶ୍ୱେତଗଙ୍ଗାରେ ପୂର୍ବପୁରୁଷଙ୍କ ଉଦ୍ଦେଶ୍ୟରେ ପିଣ୍ଡଦାନ କରିବେ। ପରେ ରାଷ୍ଟ୍ରପତି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବେ। ଏଥିସହ ରାଷ୍ଟ୍ରପତିଙ୍କ ଗଞ୍ଜାମ ଓ ବାଲେଶ୍ୱର ଗସ୍ତ ପାଇଁ ୪୪ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ଦିଆଯାଇଛି।

# ପୂର୍ବତନ ଏମ୍‌ପି ସୁଶିଳା ତିରିଆଙ୍କ ପରଲୋକ

ବାରିପଦା,୧।୨
(ନୀଳାଦ୍ରି ବିହାରୀ ଦଣ୍ଡପାଟ)



ମୟୂରଭଞ୍ଜର ପୂର୍ବତନ ଏମ୍‌ପି ତଥା ବରିଷ୍ଠ କଂଗ୍ରେସ ନେତ୍ରୀ ସୁଶିଳା ତିରିଆ(୭୦)ଙ୍କର ରବିବାର ସନ୍ଧ୍ୟାରେ ପରଲୋକ ହୋଇଯାଇଛି। ଭୁବନେଶ୍ୱର ଏମ୍ସ ହସ୍ପିଟାଲରେ ଚିକିତ୍ସାଧୀନ ଥିବାବେଳେ ସେ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି। ଖବର ପ୍ରଚାରିତ ହେବା ପରେ ମୟୂରଭଞ୍ଜ ଜିଲାରେ ଶୋକର ଛାୟା ଖେଳିଯାଇଛି। ୧୯୫୬ରେ ମୟୂରଭଞ୍ଜ ଜିଲା କଲୁଆଖାମନ ଗ୍ରାମରେ ଏକ ସ୍ୱାଧୀନତା ସଂଗ୍ରାମୀ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ୨୪ ବର୍ଷ ବୟସରେ ସୁଶିଳା ଯୁବ କଂଗ୍ରେସ (ଆଇ)ରେ ଯୋଗ ଦେଇଥିଲେ। ୧୯୮୩ ଓ ୧୯୮୪ରେ ଯଥାକ୍ରମେ ମୟୂରଭଞ୍ଜ ଜିଲାର ସଭାପତି ଓ ଉପସଭାପତି ହୋଇଥିଲେ। ୧୯୮୬ରେ ସେ ରାଜ୍ୟ ସଭାକୁ ନିର୍ବାଚିତ ହୋଇଥିଲେ। ତାଙ୍କ କାର୍ଯ୍ୟକାଳ ସମୟରେ ସେ ୧୯୮୬-୮୭ରେ ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା, ପରମାଣୁ ଶକ୍ତି ଏବଂ ସମୁଦ୍ର ବିକାଶ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା, ୧୯୮୭-୮୮ରେ ନାଗରିକ ବିମାନ ପରିବହନ ମନ୍ତ୍ରଣାଳୟ ଏବଂ ୧୯୮୮-୮୯ରେ ଯୋଗାଯୋଗ ମନ୍ତ୍ରଣାଳୟର ପରାମର୍ଶଦାତା କମିଟିର ସଦସ୍ୟା ଭାବେ କାର୍ଯ୍ୟ କରିଥିଲେ। ୧୯୮୭ରୁ ୧୯୯୩ ପର୍ଯ୍ୟନ୍ତ ସେ ଭାରତୀୟ ଯୁବ କଂଗ୍ରେସର ଜେନେରାଲ ସେକ୍ରେଟାରୀ ଭାବେ କାର୍ଯ୍ୟ କରିଥିଲେ। ସେ ୧୯୮୮-୮୯ରେ ସରକାରୀ ଆଶ୍ୱାସନା କମିଟି ଏବଂ ୧୯୮୯-୯୨ରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟା ଥିଲେ। ୧୯୯୪ରେ ଦଶମ ଲୋକସଭା ନିର୍ବାଚନରେ ସେ ମୟୂରଭଞ୍ଜରୁ ବିଜୟୀ ହୋଇଥିଲେ। ୧୯୯୫ରୁ ସେ ଅଲ୍ ଇଣ୍ଡିଆ କଂଗ୍ରେସ କମିଟିର ଯୁଗ୍ମ ସଚିବ ଭାବେ କାର୍ଯ୍ୟ କରିବା ସହ ୧୯୯୬ରେ ଲୋକସଭା ସଦସ୍ୟା ଭାବେ ପୁଣି ନିର୍ବାଚିତ ହୋଇଥିଲେ। ସେ ଭାରତୀୟ ଜାତୀୟ କଂଗ୍ରେସ କମିଟିର ସ୍ଥାୟୀ ସଦସ୍ୟା ଥିଲେ।

# ଚୌଦ୍ୱାର ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ

ଚୌଦ୍ୱାର,୧।୨(ଆଶୁତୋଷ ଦାସ)

ଚୌଦ୍ୱାର ମଣ୍ଡଳ କାରାଗାର ଭିତରେ ଜଣେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ମୃତକ ଜଣକ ହେଲେ କଟକ ହାତୀ ପୋଖରୀ ଅଞ୍ଚଳର ମହମ୍ମଦ କଲିମ୍ (୩୨)। ପ୍ରାପ୍ତ ସୂଚନା ଅନୁଯାୟୀ, ରବିବାର ସନ୍ଧ୍ୟାରେ ଜେଲ କର୍ମଚାରୀମାନେ ୱାର୍ଡ ଯାଞ୍ଚ କରୁଥିବା ବେଳେ କଲିମ୍ ଜେଲ ଭିତରେ ନିଜ କୋଠରିରେ ବେକରେ ଗାମୁଛା ବାନ୍ଧି ଝୁଲୁଥିବା ଦେଖିବାକୁ ପାଇଥିଲେ। କର୍ମଚାରୀମାନେ ତୁରନ୍ତ ତାଙ୍କୁ ତଳକୁ ଆଣି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ମାତ୍ର ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ତେବେ ଏ ବାବଦରେ ଚୌଦ୍ୱାର ଥାନାରେ କୌଣସି ମାମଲା ରୁଜୁ ହୋଇ ନ ଥିବା ଆଇଆଇସି ରଜନୀକାନ୍ତ ଦାସ ସୂଚନା ଦେଇଛନ୍ତି। ଏ ସମ୍ପର୍କରେ ଜେଲ ଅଧୀକ୍ଷକଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସେ ଫୋନ୍ ଉଠାଇ ନ ଥିଲେ। ସୂଚନାଯୋଗ୍ୟ ଯେ ଗତ ୩ ମାସ ତଳେ ଖୋର୍ଦ୍ଧା ବୋଲଗଡ଼ ଅଞ୍ଚଳର ପବିତ୍ର ସାହୁ ନାମକ ଜଣେ କଏଦୀ ଏହି ଜେଲ ଭିତରେ ଆତ୍ମହତ୍ୟା କରିଥିଲେ।

# ପୋଖରୀରେ ବୁଡ଼ିଗଲେ ଭଉଣୀଭାଇ

ଯାଜପୁରଟାଉନ,୧।୨
(ପ୍ରଯକ୍ତା ପ୍ରିୟଦର୍ଶିନୀ ମହାନ୍ତି)

ଯାଜପୁର ବ୍ଲକ୍ ଭୁବନେଶ୍ୱରପୁର ପଞ୍ଚାୟତ ସମସରପୁର ଗାଁରେ ରବିବାର ଅପରାହ୍ନରେ ପୋଖରୀରେ ବୁଡ଼ି ଭଉଣୀଭାଇଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଗ୍ରାମର ଚନ୍ଦ୍ରଶେଖର ଗୁରୁଙ୍କ ଝିଅ ପାର୍ବତୀ ଗୁରୁ(୧୫) ଓ ପୁଅ ଶଙ୍କର ଗୁରୁ(୧୨)। ପିଲା ଦୁଇଜଣ ହଜିଯାଇଥିବା ସନ୍ଦେହରେ ଗ୍ରାମବାସୀ ଖୋଜାଖୋଜି କରିଥିଲେ। ଏହାପରେ ପୋଖରୀରେ ଚପଲ ଭାସୁଥିବା ଦେଖିବାକୁ ମିଳିଥିଲା। ୨ଘଣ୍ଟା ପରେ ଗ୍ରାମବାସୀ ସେମାନଙ୍କୁ ପୋଖରୀରୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ସେମାନଙ୍କୁ ମୃତ ଘୋଷଣା କରିଥିଲେ। ସଦର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସେମାନେ ଖେଳିବାକୁ ଯାଇଥିବାବେଳେ ସାନଭାଇ ପୋଖରୀରେ ବୁଡ଼ିଯାଇଥିଲେ। ବଡ଼ ଭଉଣୀ ତାଙ୍କୁ ବଞ୍ଚାଇବାକୁ ଯାଇ ମଧ୍ୟ ବୁଡ଼ି ଯାଇଥିଲେ। ଫଳରେ ଉଭୟ ପ୍ରାଣ ହରାଇଥିବା ଗାଁ ଲୋକେ ଅନୁମାନ କରୁଥିବା କହିଛନ୍ତି। ଚନ୍ଦ୍ରଶେଖର ଜଣେ ପାରାଲିସିସ୍ ରୋଗୀ। ତାଙ୍କ ପିଲାଙ୍କ ଏଭଳି ଦୁଃଖଦ ମୃତ୍ୟୁରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।


ଭୁବନେଶ୍ୱର ନୟାପଲ୍ଲୀସ୍ଥିତ ବିଜୁ ନାଟ୍ୟ କେନ୍ଦ୍ରଠାରେ ଶତାବ୍ଦୀର କଳାକାରଙ୍କ ପକ୍ଷରୁ ମଞ୍ଚସ୍ଥ ନାଟକ 'ଜୀବନ୍ୟାସ'ର ଏକ ଦୃଶ୍ୟ।

# ଗଙ୍ଗାଦେବୀ ସମୁଦ୍ର କୂଳରୁ ୧୦ ଫୁଟ୍ ଲମ୍ବର କୁମ୍ଭୀର ଉଦ୍ଧାର


ଗଙ୍ଗାଦେବୀ ସମୁଦ୍ରକୂଳରୁ ଜାଲରେ ଧରାପଡ଼ିଥିବା କୁମ୍ଭୀର।

## ଭିତରକନିକାରେ ଛଡ଼ାଯିବ

ଅସ୍ତରଙ୍ଗ/କାକଟପୁର,୧।୨(ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା/ଶୁଭଦର୍ଶନ ମିଶ୍ର)

ପୁରୀ ଜିଲା ଅସ୍ତରଙ୍ଗ ବ୍ଲକ୍ ଅନ୍ତର୍ଗତ ପୀର୍ ଜାହାନିଆଁ ବେଳାଭୂମିରେ ଶନିବାର ଦେଖାଦେଇଥିବା ୧୦ ଫୁଟ ଲମ୍ବର ଏକ ବଉଳା କୁମ୍ଭୀରକୁ ରବିବାର ଗଙ୍ଗାଦେବୀ ସମୁଦ୍ର କୂଳରୁ ଉଦ୍ଧାର କରାଯାଇଛି। ଏହାକୁ ଭିତରକନିକାରେ ଛଡ଼ାଯିବ ବୋଲି ସୂଚନା ମିଳିଛି।

ସୂଚନା ଅନୁଯାୟୀ, କୁମ୍ଭୀରଟି ଶନିବାର ମଧ୍ୟାହ୍ନ ସମୟରେ ଅଣକଣା ସମୁଦ୍ରକୂଳ ବାଲି ଉପରକୁ ଚାଲିଆସିଥିବାବେଳେ ସ୍ଥାନୀୟ ମତ୍ସ୍ୟଜୀବୀ ଦେଖିବାକୁ ପାଇଥିଲେ। ପରେ ସେଠାରେ ଲୋକଙ୍କ ଭିଡ଼ ଜମିବାରୁ କୁମ୍ଭୀରଟି ସମୁଦ୍ର ଭିତରକୁ ଚାଲିଯାଇଥିଲା। ଅସ୍ତରଙ୍ଗ ବନବିଭାଗ ଉକ୍ତ କୁମ୍ଭୀରକୁ ଧରିବା ପାଇଁ ଚେଷ୍ଟା ଜାରି ରଖିଥିବାବେଳେ ରବିବାର ପୂର୍ବାହ୍ନରେ ରାଜନଗର ବନବିଭାଗ ପକ୍ଷରୁ ସ୍ୱତନ୍ତ୍ର ରାପିଡ୍ ରେସ୍‌କ୍ୟୁ ଟିମ୍‌ର ୬ଜଣିଆ ସଦସ୍ୟ ଅସ୍ତରଙ୍ଗ ବେଳାଭୂମିରେ ପହଞ୍ଚିଥିଲେ। ସେମାନେ ଦୀର୍ଘ ୮ଘଣ୍ଟା ପରିଶ୍ରମ କରିବା ପରେ କୁମ୍ଭୀରକୁ କୌଶଳ କ୍ରମେ ପ୍ରାୟ ୪ କି.ମି. ଦୂର ଗଙ୍ଗାଦେବୀ ସମୁଦ୍ରକୂଳରୁ ଜାଲ ମାଧ୍ୟମରେ ଧରିବାକୁ ସକ୍ଷମ ହୋଇଥିଲେ। ପରେ ବନ କର୍ମଚାରୀମାନେ ଏକ ଟାଟା ଏସିଇ ଗାଡ଼ିରେ କୁମ୍ଭୀରକୁ ରାଜନଗର ବନ ବିଭାଗ କାର୍ଯ୍ୟାଳୟକୁ ପଠାଇଥିଲେ। ସମ୍ପୃକ୍ତ କୁମ୍ଭୀରଟି ପ୍ରାୟ ୪କିମି ପର୍ଯ୍ୟନ୍ତ ଚାଲିଯାଇଥିବାବେଳେ ତା' ଆଖିରେ କ୍ଷତ ଚିହ୍ନ ରହିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ପୀର୍ ଜାହାନିଆଁ ବେଳାଭୂମିରେ ଏହି କୁମ୍ଭୀର ବିଚରଣ କରୁଥିବାବେଳେ ସ୍ଥାନୀୟ ଯୁବକ ଦେଖି ମୋବାଇଲ୍‌ରେ ଏହାର ଭିଡିଓ କଏଦ କରି ସାମାଜିକ ଗଣମାଧ୍ୟମରେ ଅପ୍‌ଲୋଡ୍ କରିଥିଲେ। ପରେ ଅସ୍ତରଙ୍ଗ ବନ ବିଭାଗ ପକ୍ଷରୁ ଏ ନେଇ ସଚେତନତା ସୃଷ୍ଟି କରାଯିବା ସହ ପୀର୍ ଜାହାନିଆଁ ସମୁଦ୍ରରେ ପର୍ଯ୍ୟଟକଙ୍କୁ ସ୍ନାନ ବାରଣ କରାଯାଇଥିଲା। କୁମ୍ଭୀର ଯୋଗୁ ଅଞ୍ଚଳବାସୀ ସମୁଦ୍ରକୁ ଯିବାକୁ ଭୟ କରୁଥିଲେ।

# କ୍ୟାନ୍‌ସର ଔଷଧ ଉପରୁ ହଟିବ ବହିଃଶୁଳ୍କ

ନୂଆଦିଲ୍ଲୀ,୧।୨

କ୍ୟାନ୍‌ସର ଚିକିତ୍ସା କ୍ଷେତ୍ରରେ ବ୍ୟବହାର ହେଉଥିବା ୧୭ଟି ଅତ୍ୟାବଶ୍ୟକ ଔଷଧ ଏବଂ ଅନ୍ୟାନ୍ୟ ଦ୍ରବ୍ୟ ଉପରୁ ବହିଃଶୁଳ୍କ ଛାଡ଼ କରିବାକୁ କେନ୍ଦ୍ର ସରକାର ଘୋଷଣା କରିଛନ୍ତି। ଯେଉଁମାନେ ଆଡ୍‌ଭାନ୍ସ କ୍ୟାନ୍‌ସର ରୋଗରେ ପୀଡ଼ିତ ଏବଂ ସେମାନଙ୍କ ପାଇଁ ବିଦେଶରୁ ଆସୁଥିବା ଔଷଧ ଅତ୍ୟନ୍ତ ଜରୁରୀ, ସେମାନଙ୍କ ଚିକିତ୍ସା ସୁବିଧା ଲାଗି ସରକାର ଏହି ଶୁଳ୍କ ଛାଡ଼ କରିବାକୁ ବଜେଟରେ ବ୍ୟବସ୍ଥା କରିଛନ୍ତି। ଅତ୍ୟାବ୍ୟକ ଔଷଧ ବ୍ୟତୀତ କ୍ୟାନ୍‌ସର ଚିକିତ୍ସା ପାଇଁ ଆବଶ୍ୟକ ପଡୁଥିବା ଅନ୍ୟାନ୍ୟ ଦ୍ରବ୍ୟ ଓ ସାମଗ୍ରୀ ଉପରେ ମୌଳିକ ବହିଃଶୁଳ୍କ ଛାଡ଼ କରାଯିବ ବୋଲି କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ତି।

# ଯମଜ ସନ୍ତାନର ବାପା ହେଲେ ରାମ ଚରଣ

ଟଲିଉଡ୍‌ର ପାୱାର କପଲ ରାମ ଚରଣ ଏବଂ ଉପାସନା କୋନିଡେଲାଙ୍କ ଘରକୁ ଆସିଛନ୍ତି ଦୁଇ ନୂଆ ଅତିଥି। ଉପାସନା ଏକ ପୁତ୍ର ଏବଂ ଏକ କନ୍ୟା ସନ୍ତାନ (ଯମଜ)ଙ୍କୁ ଜନ୍ମ ଦେଇଛନ୍ତି। ଏହି ଖୁସି ଖବର ମେଗାଷ୍ଟାର ଚିରଞ୍ଜୀବୀ ସୋସିଆଲ ମିଡିଆ ମାଧ୍ୟମରେ ପ୍ରଶଂସକଙ୍କୁ ଜଣାଇବା ସହ ଉଭୟ ମା' ଏବଂ ଶିଶୁ ସୁସ୍ଥ ଥିବା ସୂଚନା ଦେଇଛନ୍ତି। ଉପାସନା ୨୦୨୫ ଅକ୍ଟୋବରରେ ନିଜର ଦ୍ୱିତୀୟ ଗର୍ଭଧାରଣ ବିଷୟରେ ଜଣାଇଥିଲେ, ଯାହା ପରେ ପରିବାର ପକ୍ଷରୁ ଏକ ଭବ୍ୟ 'ବେବିସାୱାର' ଉତ୍ସବର ଆୟୋଜନ କରାଯାଇଥିଲା।

ଚିରଞ୍ଜୀବୀ ଟୁଇଟ୍ କରି ଲେଖିଛନ୍ତି, ଅତ୍ୟନ୍ତ ଆନନ୍ଦ ଏବଂ କୃତଜ୍ଞତାର ସହ ଜଣାଉଛୁ ଯେ ରାମ ଚରଣ ଓ ଉପାସନାଙ୍କୁ ଭଗବାନ୍ ଯମଜ ସନ୍ତାନର ଆଶୀର୍ବାଦ ଦେଇଛନ୍ତି। ଆମ ପରିବାର ପାଇଁ ଏହା ଏକ ଦୈବୀ ଆଶୀର୍ବାଦ ନିଶ୍ଚୟ।



ବିବାହର ୧୦ ବର୍ଷ ପରେ ୨୦୨୩ ମସିହାରେ ଏହି ଦମ୍ପତିଙ୍କର ପ୍ରଥମ ସନ୍ତାନ ଭାବେ କନ୍ୟା 'କ୍ଲିନ କାରା' ଜନ୍ମଗ୍ରହଣ କରିଥିଲେ। ଏବେ ଯମଜ ସନ୍ତାନଙ୍କ ଆଗମନ ପରେ ତାଙ୍କ ପରିବାର ସମ୍ପୂର୍ଣ୍ଣ ହୋଇଛି। ୨୦୧୨ ଜୁନରେ ବିବାହ କରିଥିବା ଏହି ଷ୍ଟାର୍ ଦମ୍ପତିଙ୍କୁ ସିନେ ଜଗତର ବହୁ ବିଶିଷ୍ଟ ବ୍ୟକ୍ତି ଏବଂ ପ୍ରଶଂସକମାନେ ଅଭିନନ୍ଦନ ଜଣାଇବାରେ ଲାଗିଛନ୍ତି।

# ଏଆଇ ଡାଟା ସେଣ୍ଟର ପାଇଁ ଟିକସ ଛାଡ଼

ନୂଆଦିଲ୍ଲୀ,୧।୨

ଭାରତରେ ଏଆଇ(କୃତ୍ରିମ ବୁଦ୍ଧିମତ୍ତା) ଭିତ୍ତିଭୂମିକୁ ସୁଦୃଢ଼ କରିବା ଲାଗି କେନ୍ଦ୍ର ସରକାର ବଜେଟରେ ପ୍ରସ୍ତାବ ରଖିଛନ୍ତି। ବର୍ତ୍ତମାନ ସୁଦ୍ଧା ଭାରତରେ ଓପନ ଏଆଇ କିମ୍ବା ଗୁଗଲ୍ ଭଳି ମଡେଲ କାର୍ଯ୍ୟ କରୁ ନଥିଲେ ହେଁ ଏଭଳି ମଡେଲ ପ୍ରସ୍ତୁତ କରିବାକୁ ଡାଟା ସେଣ୍ଟର ଭଳି ଯେଉଁ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରତିଷ୍ଠା କରାଯିବା ଆବଶ୍ୟକତା ରହିଛି ସେ ଦିଗରେ କେନ୍ଦ୍ର ସରକାର କାର୍ଯ୍ୟ କରିବେ। ଏଥିପାଇଁ ଡାଟା ସେଣ୍ଟର ପ୍ରକଳ୍ପ ଲାଗି ଉଦ୍ୟୋଗୀମାନଙ୍କୁ ୨୦୪୭ ଯାଏ ଟିକସ ଛାଡ଼ କରିବାକୁ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଘୋଷଣା କରିଛନ୍ତି। ବିଶେଷକରି ଯେଉଁ ବିଦେଶୀ ସଂସ୍ଥା ଭାରତରେ ଡାଟା ସେଣ୍ଟର ପ୍ରତିଷ୍ଠା କରି ବିଶ୍ୱସ୍ତରରେ କ୍ଲାଉଡ୍ ସେବା ଯୋଗାଇ ଦେବେ, ସେହି ସଂସ୍ଥା ଏହି ସୁବିଧା ପାଇବେ ବୋଲି ସେ କହିଛନ୍ତି।

# ଜଳବାୟୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଉଛି ଆର୍ଦ୍ରଭୂମି

## ଆଜି 'ବିଶ୍ୱ ଆର୍ଦ୍ରଭୂମି ଦିବସ'




ଜୈବ ବିବିଧତା, ଜଳବାୟୁ ପରିବର୍ତ୍ତନ ଏବଂ ଜଳର ବିଶୁଦ୍ଧୀକରଣ କ୍ଷେତ୍ରରେ ଆର୍ଦ୍ରଭୂମିର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ତେଣୁ ମନୁଷ୍ୟ ଏବଂ ପୃଥିବୀ ପାଇଁ ଆର୍ଦ୍ରଭୂମିର ମହତ୍ତ୍ୱ ସମ୍ପର୍କରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପ୍ରତିବର୍ଷ ଫେବୃଆରୀ ୨କୁ 'ବିଶ୍ୱ ଆର୍ଦ୍ରଭୂମି ଦିବସ' ଭାବେ ପାଳନ କରାଯାଉଛି। ପ୍ରତିବର୍ଷ ଏହି ଦିବସ ପାଳନ ପାଇଁ ଏକ ସ୍ୱତନ୍ତ୍ର ଥିମ୍ ରହିଥାଏ। ଚଳିତ ବର୍ଷର ଥିମ୍ ରହିଛି 'ଆର୍ଦ୍ରଭୂମି ଏବଂ ପାରମ୍ପରିକ ଜ୍ଞାନ: ସାଂସ୍କୃତିକ ଐତିହ୍ୟ ପାଳନ'।

୧୯୭୧ରେ ଇରାନ୍‌ର ରାମ୍‌ସାର ସହରରେ ପ୍ରଥମ କରି ଆର୍ଦ୍ରଭୂମି ସମ୍ପର୍କରେ କନ୍‌ଭେନ୍‌ଶନ୍ ଅନୁଷ୍ଠିତ ହୋଇଥିଲା। ପରେ ମିଳିତ ଜାତିସଂଘ ସାଧାରଣ ସଭା ଦ୍ୱାରା ୭୫/୩୧୭ ରିଜଲ୍ୟୁଶନ ଗ୍ରହଣ କରି ୨୦୨୨ରେ ବିଶ୍ୱ ଆର୍ଦ୍ରଭୂମି ଦିବସର ମହତ୍ତ୍ୱ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ୧୯୮୨ରୁ ଭାରତ ରାମ୍‌ସା କନ୍‌ଭେନଶନ୍‌ର ଅଂଶ ଭାବେ ରହିଆସିଛି। ଦେଶରେ ଏଯାବତ୍ ୮୦ରୁ ଉର୍ଦ୍ଧ୍ୱ ରାମ୍‌ସାସ୍ଥଳ ଚିହ୍ନଟ ହୋଇଛି। ତେବେ ଲୋକସଂଖ୍ୟା ବଢିବା ସହିତ ପରିବେଶ ପ୍ରଦୂଷଣ, ଜଳବାୟୁ ପରିବର୍ତ୍ତନ ଏବଂ ଅତ୍ୟଧିକ ବ୍ୟବହାର ଫଳରେ ଧୀରେଧୀରେ ଏହା ନଷ୍ଟ ହେବାରେ ଲାଗିଛି। ବିଶେଷକରି ଓଡ଼ିଶାରେ ଥିବା ୬ଟି ରାମ୍‌ସାର ସାଇଟ୍‌ର ମାନ୍ୟତା ପାଇଥିବା ଚିଲିକା, ସାତକୋଶିଆ, ହୀରାକୁଦ, ଅଂଶୁପା, ତାମ୍ପରା ଏବଂ ଭିତରକନିକାରେ ମଧ୍ୟ ଏହି ସମସ୍ୟା ଦେଖାଦେଇଛି। ଫଳରେ ଏହି କ୍ଷୟ କାରଣରୁ ଜୈବ ବିବିଧତା, ଜଳବାୟୁ ଏବଂ ବିଶ୍ୱର ଅର୍ଥନୀତି ପାଇଁ ଗଭୀର ପ୍ରଭାବ ରହିଛି। ଏହାର ସମାଧାନ ପାଇଁ ଧାରଣା ପରିବର୍ତ୍ତନ କରିବା ଏବଂ ଆର୍ଦ୍ରଭୂମି ସଂରକ୍ଷଣକୁ ପ୍ରାଥମିକତା ଦେବା ଆବଶ୍ୟକ ବୋଲି ପରିବେଶବିତ୍‌ମାନେ ମତ ପ୍ରକାଶ କରିଛନ୍ତି।

-ବନ୍ଦନା ସେଠୀ

ଯଦି ତୁମେ ସତକୁ ସତ କିଛି ଭଲ କାମ କରିବାକୁ ଚାହଁ- ତା' ହେଲେ ସବୁଠାରୁ ବଡ କାମ ହେବ-ଯଦି ତୁମେ ତୁମ ଚରିତ୍ରରେ ନିଷ୍ପାପର ଭାବେ ଛୋଟ ଛୋଟ ବିଜୟଗୁଡିଏ ହାସଲ କରିପାରିବ। ତୁମ ଚରିତ୍ରରେ ଗୋଟିକ ପରେ ଗୋଟିଏ ବିଜୟ ଲାଭ କରିବା ଦ୍ୱାରା ହିଁ ତୁମେ ପୃଥିବୀର ସବୁଠାରୁ ବଡ ଉପକାର କରିପାରିବ। -ଶ୍ରୀମା



# ସ୍ୱାସ୍ଥ୍ୟ ପାଇଁ ୦.୫%

କ୍ରମାଗତ ୯ମ ଥର ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଫେବୃଆରୀ ୧ରେ ୨୦୨୬-୨୭ ଆର୍ଥିକ ବର୍ଷ ସକାଶେ ବଜେଟ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀଙ୍କ ଭାଷଣ ପରେ ହଠାତ୍ ଶେୟାର ବଜାର ୧୮୦୦ରୁ ଊର୍ଦ୍ଧ୍ୱ ପଏଣ୍ଟ ହ୍ରାସ ପାଇଥିଲା। ଆର୍ଥିକ ଅଭିବୃଦ୍ଧି ବଜେଟ ବୋଲି ସରକାର କହୁଥିବା ବେଳେ ହଠାତ୍ କାହିଁକି ଏଭଳି ହେଲା ସେ ନେଇ କାରଣ ରହିଛି। ବଜେଟରେ ସିକ୍ୟୁରିଟି ଟ୍ରାଞ୍ଜାକ୍ସନ ଟ୍ୟାକ୍ସ (ଏସ୍‌ଟିଟି) ପ୍ରତିଶତ ବଢ଼ାଇ ଦିଆଯାଇଥିବାରୁ ନିବେଶକାରୀମାନେ ହତୋତ୍ସାହିତ ହୋଇପଡ଼ିଥିଲେ। ସରଳ ଭାଷାରେ କହିଲେ ଏସ୍‌ଟିଟି ହେଉଛି ଇକ୍ୱିଟି ମାର୍କେଟରେ ପ୍ରତିଟି କ୍ରୟ ଓ ବିକ୍ରୟ କାରବାର ଉପରେ ବସାଯାଉଥିବା ଟିକସ। ପୂର୍ବରୁ ୦.୦୨%ରୁ ଏକାଥରେ ୦.୦୫% ବଢ଼ିବା ଯୋଗୁ ଅଂଶଧନ ବିକ୍ରି, ମଧ୍ୟସ୍ଥ କାରବାର ଓ ଶେୟାର ବଜାର ସହ ସମ୍ପୃକ୍ତ କାର୍ଯ୍ୟ ବାଧାପ୍ରାପ୍ତ ହୋଇଥିଲା। ଏମିତି ଦେଖିଲେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ଭାରତୀୟ ସାମଗ୍ରୀ ଉପରେ ଟାରିଫ୍ ବୋଝ ଦେଶର ଅର୍ଥନୀତିକୁ ସଙ୍କୁଚିତ କରିଦେଇଛି। ଆର୍ଥିକ ତଥା ଅଂଶଧନ ବଜାର ଚଳମାନ ଥିବାରୁ ଲାଭ ଆଶା ନ ଦେଖି ଗତ କିଛିମାସ ଧରି ବିଦେଶୀ ନିବେଶକମାନେ ଅର୍ଥ ଉଠାଣ କରିଦେବାରୁ ଭାରତୀୟ ମୁଦ୍ରାର ମୂଲ୍ୟ କ୍ରମଶଃ ହ୍ରାସ ପାଉଥିଲା। ଏବେ ଆମେରିକା ଡଲାର ତୁଳନାରେ ଭାରତୀୟ ମୁଦ୍ରା ୯୨ ଟଙ୍କା ହୋଇଥିବା ବିଷୟ ସରକାରୀ ଭାବେ କୁହାଯାଉଥିଲେ ମଧ୍ୟ ବାସ୍ତବରେ ତାହା କେତେ ଦୁର୍ବଳ ହେଲାଣି ତାହାର ଠିକ୍ ତଥ୍ୟ ଦିଆଯାଉ ନାହିଁ। ଏଠି ଦୁଇଟି ବିଷୟ ଲକ୍ଷ୍ୟ କରିବା କଥା। ଭାରତୀୟ ମୁଦ୍ରା ଦୁର୍ବଳ ହେବା ଓ ଶେୟାର ବଜାର ତଳକୁ ଖସିଲେ ତାହାକୁ ଶୀଘ୍ର ଭରଣା କରିବା କଷ୍ଟକର। ଉପସ୍ଥାପିତ ବଜେଟ ମୂଳରୁ ଖରାପ ସଙ୍କେତ ଦେବା ତା'ର ସ୍ୱରୂପ ଲୋକହିତକାରୀ ହୋଇ ନ ଥିବା ଜଣାଯାଉଛି।

ବଜେଟ ୨୦୨୬-୨୭ରେ ସେଭଳି ଆକର୍ଷିତ ରଖୁଥିବା ଭଳି କ୍ଷେତ୍ରଟିଏ ଦେଖିବାକୁ ମିଳିନାହିଁ। ଏଥିରେ ସ୍ୱାସ୍ଥ୍ୟ, ଶିକ୍ଷା, ପ୍ରତିରକ୍ଷା, ଭିତ୍ତିଭୂମି ଆଦି କ୍ଷେତ୍ରକୁ ଗୁରୁତ୍ୱ ଦିଆଯାଉଥିବା କୁହାଯାଇଛି। ଦୁରାରୋଗ୍ୟ ବ୍ୟାଧି କର୍କଟ ଉପଶମ ପାଇଁ ଅତ୍ୟାବଶ୍ୟକ ଔଷଧ ଦର କମିବା ସହ ୩ଟି ନୂଆ ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ ପ୍ରତିଷ୍ଠା କରାଯିବ ବୋଲି ବଜେଟରେ ପ୍ରସ୍ତାବ ରଖାଯାଇଛି। ସାମାଜିକ ଭିତ୍ତିଭୂମି ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ବ୍ୟୟବରାଦ ପୂର୍ବାପେକ୍ଷା ବଢ଼ିଥିଲେ ମଧ୍ୟ ତାହା ନଗଣ୍ୟ। ସ୍ୱାସ୍ଥ୍ୟ କ୍ଷେତ୍ରରେ ଜିଡିପିର ୦.୫% ବ୍ୟୟବରାଦ କରାଯାଇଛି, ଯାହା ୨୦୧୭ ଜାତୀୟ ସ୍ୱାସ୍ଥ୍ୟ ନୀତିର ସୁପାରିସରେ କରାଯାଇଥିବା ଆକଳନ ୨.୫%ଠାରୁ ବହୁତ କମ୍। ସ୍ୱାସ୍ଥ୍ୟ କ୍ଷେତ୍ରରେ ଯୋଗାଣ ଓ ଯୋଜନା ଗୋଟେ ବାଟରେ ଓ ସେବାକୁ ସମର୍ଥନ ଦେଲା ଭଳି ଖର୍ଚ୍ଚ କରିବାକୁ ସରକାର ଯେମିତି ଅପ୍ରସ୍ତୁତ। ଅନୁରୂପ ଭାବେ ଚଳିତ ବଜେଟରେ ଶିକ୍ଷା କ୍ଷେତ୍ରରେ ଜିଡିପିର ମାତ୍ର ୦.୬% ବ୍ୟୟବରାଦ ହୋଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ରେ ଜିଡିପିର ୬% ଶିକ୍ଷାକୁ ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଥିଲା। ଅର୍ଥାତ୍ ବୁଝିବାକୁ ହେବ ଯେ, ଭାରତରେ ବ୍ୟବସ୍ଥା ବିଧିବଦ୍ଧ ଭାବେ ଅନେକ ଜିଲାକୁ ଅଶିକ୍ଷିତ କରି ରଖିବାକୁ ଚାହୁଁଛି।

ସରକାର ବିରଳ ମୃତ୍ତିକା (ରେୟାର ଆର୍ଥ) କରିଡର ଉପରେ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶା, କେରଳ, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ଭଳି ଖଣିଜ ପଦାର୍ଥ ସମୃଦ୍ଧ ରାଜ୍ୟରେ ଏହି କରିଡର ରହିବ। ଦେଶର ଦୀର୍ଘସ୍ଥାୟୀ ଅର୍ଥନୈତିକ ଓ ରଣନୀତିକ ସ୍ୱାର୍ଥ ଦୃଷ୍ଟିରୁ ବିରଳ ମୃତ୍ତିକା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜଭିତ୍ତିକ ନିର୍ମାଣକୁ ପ୍ରୋତ୍ସାହନ କରିବା ଲାଗି ସରକାର ଏବେ ଏକ ଜାତୀୟ ମିଶନ ଆଣିଛନ୍ତି। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। କାରଣ ଆସନ୍ତା ସମୟ ଚିପ୍ସଠାରୁ ଆରମ୍ଭ କରି ବିଭିନ୍ନ ପ୍ରକାର ସେମିକଣ୍ଡକ୍ଟର ଦ୍ୱାରା ପରିଚାଳିତ ହେବାକୁ ଯାଉଛି। ଏସବୁ ଲାଗି ବିରଳ ମୃତ୍ତିକା ଓ ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ ଦରକାର। କିନ୍ତୁ ଏପରି ପଦାର୍ଥକୁ ଉପଯୋଗ କରି ସରକାର ଶତପ୍ରତିଶତ ସୁବିଧା କିଭଳି ହାସଲ କରିବେ, ତାହା ପ୍ରଶ୍ନବାଚୀ ସୃଷ୍ଟି କରୁଛି। କାରଣ କର୍ପୋରେଟ ଲବି ରହିଲେ ତାହା ରାଷ୍ଟ୍ରୀୟ ଉଦ୍ୟୋଗକୁ କମ୍ ଯୋଗାଣ ହେବାର ଆଶଙ୍କା ରହିଛି। ଏଥିସହିତ ଚାଇନା, ଜାପାନ ଓ ଆମେରିକା ଏ କ୍ଷେତ୍ରରେ ଯେତେ ଆଗକୁ ଯାଇଛନ୍ତି, ଭାରତ ସେହି ତୁଳନାରେ ଶୈଶବ ଅବସ୍ଥାରେ। ଅନ୍ୟତମ ଭିତ୍ତିଭୂମି ବିକାଶ କଥା ଦେଖିଲେ ଆସନ୍ତା ୫ ବର୍ଷ ମଧ୍ୟରେ ୨୦ଟି ନୂଆ ଜାତୀୟ ଜଳପଥ ସୃଷ୍ଟି ଲକ୍ଷ୍ୟ ରଖାଯାଇଛି। ଏଥିରେ ଓଡ଼ିଶାର ଖଣିଜ ସମୃଦ୍ଧ ଅଞ୍ଚଳ ତାଳଚେର, ଅନୁଗୋଳ ସହ ଶିଳ୍ପ ହବ୍ କଳିଙ୍ଗ ନଗର ଏବଂ ବନ୍ଦର ସହର ପାରାଦୀପ ଓ ଧାମରାକୁ ସଂଯୋଗର ପ୍ରସ୍ତାବ ଅଛି। ଅବଶ୍ୟ କୁହାଯାଇପାରେ ଯେ, ଏଭଳି ସ୍ଥାନ ବାଛିବା ପଛରେ କିଛି କମ୍ପାନୀଙ୍କୁ ଖଣିଜ ଦ୍ରବ୍ୟ ଅଧିକ ଲାଭ ଦେବ।

ବଜେଟରେ ପୂର୍ବ ଭାଷା ଅନୁଯାୟୀ ଅନ୍ୟାନ୍ୟ ବହୁକ୍ଷେତ୍ରରେ ବ୍ୟୟବରାଦ କରାଯାଇଛି। ୨୦୨୫-୨୬ରେ ମଧ୍ୟବିତ୍ତଙ୍କୁ ସୁବିଧା ଦେବାକୁ ଯାଇ ୧୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଆୟ କରୁଥିବା ବ୍ୟକ୍ତିଙ୍କୁ ଆୟକରରୁ ଛାଡ଼ ଭଳି ବଡ଼ ଆଶ୍ୱସ୍ତି ଦିଆଯାଇଥିଲା। ହେଲେ ୨୦୨୬-୨୭ ବଜେଟରେ କୌଣସି କ୍ଷେତ୍ର ଉପରେ ଫୋକସ୍ ଥିବା ଭଳି ମନେହେଉ ନାହିଁ। ଭାରତର ବାସ୍ତବ ସମସ୍ୟା ସମାଧାନକୁ ଏଥିରେ ପ୍ରାଧାନ୍ୟ ଦିଆଯାଇ ନ ଥିବା ଲକ୍ଷ୍ୟ କରାଯାଇଛି। ଗରିବ ଓ ମହିଳାଙ୍କ ଉନ୍ନତି ପାଇଁ ଆଖିଦୃଶିଆ ଯୋଜନା ନାହିଁ। ଦେଶରେ ବେକାରଙ୍କ ସଂଖ୍ୟା ବଢ଼ିଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ଦର ମଧ୍ୟ ଉଚ୍ଚା ରହିଛି। ଯୁଦ୍ଧ, ସଂଘର୍ଷ, ପରିବେଶ ପ୍ରଦୂଷଣଠାରୁ ଆରମ୍ଭ କରି ଆର୍ଥିକ ସଙ୍କଟ ଯୋଗୁ ବିଭିନ୍ନ ପ୍ରକାର ବୈଶ୍ୱିକ ବିପତ୍ତି, ତାହା ମଣିଷକୃତ ହେଉ ବା ପ୍ରାକୃତିକ ବଢ଼ିଚାଲିଛି। ଏଭଳି ସ୍ଥିତିରେ ଆଜିର ବଜେଟରେ ପରିବେଶ ସୁରକ୍ଷା ପାଇଁ କୌଣସି ଆଖିଦୃଶିଆ ବ୍ୟୟବରାଦ ନାହିଁ। ଏଥିସହିତ ସୁଯୋଗ ଥିଲା ଭାରତରେ ଯେଉଁସବୁ କ୍ଷେତ୍ର ଟ୍ରମ୍ପଙ୍କ ୫୦% ଆମେରିକୀୟ ଟାରିଫ୍ ଦ୍ୱାରା କ୍ଷତିଗ୍ରସ୍ତ ହୋଇଛନ୍ତି, ସେମାନଙ୍କୁ ନୂତନ ଦିଗ୍‌ଦର୍ଶନ ସହିତ ଆର୍ଥିକ ସହାୟତା କରିବାର ; ଯାହାକୁ ଏହି ଜାତୀୟ ବଜେଟରେ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। କେତେକ ଅର୍ଥନୀତିଜ୍ଞ କହୁଛନ୍ତି, ଜନସଂଖ୍ୟା ଦୃଷ୍ଟିରୁ ଭାରତ ବିଶାଳ ଥିବାରୁ ଏହାର ଉପଭୋକ୍ତା ବଜାର ବ୍ୟାପକ। ମାତ୍ର ଦେଖିଲା ବେଳକୁ ପରିବାରର ସଞ୍ଚୟ ଯଥେଷ୍ଟ ହ୍ରାସ ପାଇଛି। ଅରେଞ୍ଜ ଇକୋନୋମି ବା ଗୈରିକ ଅର୍ଥନୀତିର ବିକାଶ ହେଲେ ନିଯୁକ୍ତି ସୁଯୋଗ ବଢ଼ିବ ବୋଲି କୁହାଯାଉଛି। ଆନିମେଶନ, ଗେମିଂ, ଡିଜାଇନ ଓ ମନୋରଞ୍ଜନ ଭଳି ସୃଜନଶୀଳ କ୍ଷେତ୍ରକୁ ପ୍ରୋତ୍ସାହନ ଦିଆଯିବ ବୋଲି ଗୋଟେ ପଟେ କୁହାଯାଉଥିଲେ ମଧ୍ୟ ତାହାର ସ୍ୱାଧୀନତାକୁ ଅନେକ ସମୟରେ ସଙ୍କୁଚିତ କରାଯାଉଥିବା ଲକ୍ଷ୍ୟ କରାଯାଉଛି। ବିରୋଧାଭାସ ହେବା ଭଳି ସ୍ଥିତି ଉପୁଜିଲେ ନିଯୁକ୍ତି ବଢ଼ିବା ମଧ୍ୟ ପ୍ରଶ୍ନବାଚୀରେ ରହୁଛି। ତେଣୁ କୃଷିକୁ ଆକର୍ଷଣୀୟ କରାଯାଇ ନିର୍ମାଣ ଶିଳ୍ପକୁ ଅଗ୍ରପ୍ରାଧାନ୍ୟ ସହ ଏମ୍‌ଏସ୍‌ଏମ୍‌ଇ ଓ କ୍ଷୁଦ୍ର ବ୍ୟବସାୟକୁ ବଢ଼ାଇବାର ଏକ ଅନୁକୂଳ ବାତାବରଣ ସୃଷ୍ଟି କରାଯିବାର ବ୍ୟବସ୍ଥା ହୋଇଥିଲେ ଭାରତର ବିଶାଳ ଯୁବବର୍ଗ ଉପକୃତ ହୋଇପାରିଥାନ୍ତେ। ବୈଶ୍ୱିକ ବାତାବରଣରୁ ଉତ୍ପନ୍ନ ସମସ୍ୟାକୁ ସାମ୍ନା କରିବା ଲାଗି ଯେତେବେଳେ ଦମ୍ଭ ହେବ, ତେଣେ ଯାଇ ନିଜ ଦେଶ ଭିତରେ ଗୋଟେ ସୁସ୍ଥ ସାମାଜିକ ଓ ଆର୍ଥିକ ବାତାବରଣ ସୃଷ୍ଟି ହୋଇପାରିବ।

# ଇନ୍ଦୋର: ସ୍ୱଚ୍ଛ ଭାରତର ଦୁଃଖ



ସୌଭାଗ୍ୟ ସୁନ୍ଦରରାୟ

ମଧ୍ୟପ୍ରଦେଶର ଇନ୍ଦୋର ସହରରେ ପ୍ରଦୂଷିତ ଜଳ ପିଇ ଜାନୁଆରୀ ମାସରେ ୧୦ ଜଣ ବ୍ୟକ୍ତିଙ୍କର ପ୍ରାଣହାନି ଘଟିବା ସହ ବହୁ ଅସୁସ୍ଥ ହୋଇ ଡାକ୍ତରଖାନାରେ ଭର୍ତ୍ତି ହେଲେ। ଏହି ଘଟଣା ପରିପ୍ରେକ୍ଷୀରେ ସରକାର ଇନ୍ଦୋର ମହାନଗର ନିଗମ କମିଶନରଙ୍କୁ ବଦଳି ଓ ଅତିରିକ୍ତ କମିଶନରଙ୍କୁ ନିଲମ୍ବିତ କଲେ। ଅଘଟଣଟି ଦେଶବ୍ୟାପୀ ହଇଚଇ ସୃଷ୍ଟି କଲା। ଏହା ହେବା ମଧ୍ୟ ସ୍ୱାଭାବିକ। କାରଣ ଇନ୍ଦୋର ମଧ୍ୟପ୍ରଦେଶର ବ୍ୟବସାୟିକ ରାଜଧାନୀ। ଏହା ଏକ ମହାନଗର ନିଗମ। ଏଠାରେ ୮୫ଟି ୱାର୍ଡ ରହିଛି। ସହରର ଜନସଂଖ୍ୟା ୩୦ ଲକ୍ଷ ଛୁଇଁବାକୁ ଯାଉଛି। ଇନ୍ଦୋର ଭାରତର ଅନ୍ୟତମ 'ସ୍ମାର୍ଟ ସିଟି'। ଲଗାତର ୮ମ ବର୍ଷ ପାଇଁ ଦେଶର ନିର୍ମଳ ସହର ତାଲିକାରେ ଇନ୍ଦୋର ପ୍ରଥମ ସ୍ଥାନ ପାଇଚାଲିଛି। ଦେଶର ନିର୍ମଳତମ ସହରରେ ଦୂଷିତ ଜଳ ବ୍ୟବହାର କରି ଜନସାଧାରଣ ଯଦି ମରଣମୁହଁରେ ପଡୁଛନ୍ତି , ତା'ହେଲେ ଦେଶର ଅନ୍ୟାନ୍ୟ ସହରାଞ୍ଚଳର ଅବସ୍ଥା କ'ଣ ରହିଥିବ ତାହା ଅନୁମାନ କରାଯାଇପାରେ। ଏହି ଘଟଣା ଦେଶରେ ସ୍ୱଚ୍ଛ ଭାରତ ଅଭିଯାନର ସଫଳତା ନେଇ ପ୍ରଶ୍ନବାଚୀ ସୃଷ୍ଟି କରିଛି। ପ୍ରଚାର ଓ ବାସ୍ତବତା ମଧ୍ୟରେ ଦେଶରେ ଅନେକ ଫରକ ରହିଥିବା ଏହି ଘଟଣାରୁ ପ୍ରତୀୟମାନ ହେଉଛି।

ଜଣାପଡ଼ିଛି ଯେ, ଯେଉଁ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଲା ସେଠାରେ ଏକ ପୋଲିସ ଫାଣ୍ଡି ରହିଛି। ଫାଣ୍ଡି ଶୌଚାଳୟର ବର୍ଜ୍ୟ ଟାଙ୍କିଟି ଭୂତଳେ ଥିବା ପାନୀୟ ଜଳ ଯୋଗାଣ ପାଇପ ଲାଇନ ଉପରେ ନିର୍ମାଣ କରାଯାଇଛି। ଏହା ଏକ ଅଦ୍ଭୁତ ବିଷୟ। ଏ ପ୍ରକାର ନିର୍ମାଣ କେଉଁ ଠିକାଦାର କରିଥିଲେ ଏବଂ କେଉଁ ଯନ୍ତ୍ରୀ ଅନୁମୋଦନ କରିଥିଲେ ତାହା ପ୍ରଥମେ ଲୋକଲୋଚନକୁ ଆସିବା ଦରକାର।

ଏବେ ଓଡ଼ିଶା ପ୍ରସଙ୍ଗକୁ ଆସିବା। ୨୦୨୫ ଜୁନ ମାସରେ ଯାଜପୁର ଜିଲାର ଦାନଗଦି, କୋରେଇ, ଯାଜପୁର ରୋଡ୍, ଦଶରଥପୁର, ରସୁଲପୁର ଓ ବ୍ୟାସନଗର ମ୍ୟୁନିସିପାଲିଟିରେ ହଇଜା ଓ ଝାଡ଼ାବାନ୍ତିରେ ୨୪ ଜଣ ବ୍ୟକ୍ତିଙ୍କ ଜୀବନ ଗଲା ଓ ଶତାଧିକ ଆକ୍ରାନ୍ତ ହେଲେ। ସେହିବର୍ଷ ପୁରୀ ଜିଲା କଣାସ ବ୍ଲକରେ ହଇଜା ବ୍ୟାପି ୭ ଜଣ ପ୍ରାଣ ହରାଇଥିବା ବେଳେ ଶତାଧିକ ଆକ୍ରାନ୍ତ ହୋଇଥିଲେ। ଏହି ଘଟଣାରେ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବା ନିମନ୍ତେ ଇତିମଧ୍ୟରେ ରାଜ୍ୟ ମାନବାଧିକାର କମିଶନ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୩ ମସିହାରେ ରାଉରକେଲା ସହରରେ ହଇଜା ଦେଖାଦେଲା। ଶତାଧିକ ଆକ୍ରାନ୍ତ ହେଲେ। ପାନୀୟ ଜଳ ସଂକ୍ରମଣ ଯୋଗୁ ଏହା ଘଟିଲା। ଆଇସିଏମ୍‌ଆର୍ ନମୁନା ପରୀକ୍ଷଣରୁ ଜଣାପଡ଼ିଲା ଯେ, ପାନୀୟ ଜଳରେ ଭାଇବ୍ରିଓ କଲେରା ଓ ଇ କୋଲି ଜୀବଣୁ ରହିଥିଲା। ଉଲ୍ଲେଖଯୋଗ୍ୟ ଯେ, ରାଉରକେଲା ଦେଶର ଅନ୍ୟତମ ସ୍ମାର୍ଟ ସିଟି। ସେହିପରି ୨୦୨୨ ଜୁଲାଇରେ ଝାଡ଼ାବାନ୍ତି ରୋଗରେ ରାୟଗଡ଼ା ଜିଲାରେ ୧୧ ଜଣ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। ସେହି ସମୟରେ କୋରାପୁଟ, ନୂଆପଡ଼ା ଓ ନବରଙ୍ଗପୁରରେ ମଧ୍ୟ ଜଣେ ଲେଖାଏ ବ୍ୟକ୍ତିଙ୍କ ପ୍ରାଣହାନି ଘଟିଥିଲା। କଟକ ସହରର ନାଳ ନର୍ଦ୍ଦମା ଓ ଅସ୍ୱଚ୍ଛ ପରିବେଶ ସମ୍ପ୍ରତି ଓଡ଼ିଶା ହାଇକୋର୍ଟ ହେପାଜତରେ ରହିଛି। ଏହି ମାମଲାର ଶୁଣାଣି ହାଇକୋର୍ଟ ନିୟମିତ କରୁଛନ୍ତି ଓ ଆବଶ୍ୟକ ଅନୁଯାୟୀ ନିର୍ଦ୍ଦେଶ ଦେଉଛନ୍ତି। ଗତ କିଛି ଦିନ ତଳେ ଖୋର୍ଦ୍ଧାସ୍ଥିତ କେନ୍ଦ୍ର ସରକାରଙ୍କ ନିୟନ୍ତ୍ରଣାଧୀନ ଜବାହର ନବୋଦୟ ବିଦ୍ୟାଳୟରେ ୪୦ ଜଣ ଛାତ୍ର କାମଳ ରୋଗରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିବା ପରେ ସେମାନଙ୍କୁ ନିଜନିଜ ଘରକୁ ପଠାଇ ଦିଆଯାଇଥିଲା।



ନୀତି ଆୟୋଗର ପୂର୍ଣ୍ଣାଙ୍ଗ ଜଳ ପରିଚାଳନା ସୂଚକାଙ୍କ -୨୦୧୮ ଅନୁଯାୟୀ ବିଶ୍ୱର ୧୨୨ ଦେଶ ମଧ୍ୟରୁ ଜଳ ସୂଚକାଙ୍କରେ ଭାରତର ସ୍ଥାନ ହେଉଛି ୧୨୦। ଅର୍ଥାତ୍ ଦେଶର ୭୦% ଜଳରାଶି ପ୍ରଦୂଷିତ। ମହାତ୍ମା ଗାନ୍ଧୀଙ୍କ ନାମ ନେଇ ୨୦୧୪ ଅକ୍ଟୋବର ୨ରୁ ବହୁ ଆଡ଼ମ୍ବର ସହକାରେ ଦେଶରେ ଆରମ୍ଭ ହୋଇଥିଲା ସ୍ୱଚ୍ଛ ଭାରତ (ଗ୍ରାମୀଣ ଓ ସହରାଞ୍ଚଳ) ମିଶନ। ଏହାର ଉଦ୍ଦେଶ୍ୟ ଥିଲା ଦେଶ ସମ୍ପୂର୍ଣ୍ଣ ଭାବେ ଉନ୍ମୁକ୍ତ ମଳତ୍ୟାଗରହିତ ଅଞ୍ଚଳ ହେବ। ସହରାଞ୍ଚଳ କଠିନ ବର୍ଜ୍ୟଶୂନ୍ୟ ହେବ। ଏହି ଯୋଜନାରେ ଗ୍ରାମାଞ୍ଚଳରେ ଶୌଚାଳୟ ନିର୍ମାଣ ପାଇଁ ସରକାର ପଦକ୍ଷେପ ଗ୍ରହଣ କଲେ। ସରକାର ଇତିମଧ୍ୟରେ ଦେଶରେ ୬ ଲକ୍ଷ ଗ୍ରାମକୁ ଖୋଲା ମଳତ୍ୟାଗ ରହିତ ଅଞ୍ଚଳ ଭାବେ ଘୋଷଣା କରିଛନ୍ତି। ଏହା ସରକାରୀ ପରିସଂଖ୍ୟାନ ବା ଦାବି ହୋଇପାରେ, ବାସ୍ତବତା ଉପର ବର୍ଣ୍ଣିତ ସ୍ଥାନଗୁଡ଼ିକରୁ ଜଳଜଳ ହୋଇ ଜଣାପଡୁଛି। ଇନ୍ଦୋରରେ ତ ଶୌଚାଳୟ ଥିଲା ତା'ହେଲେ ପାଣି ଦୂଷିତ ହେଲା କିପରି ? କେବଳ ଶୌଚାଳୟ ନିର୍ମାଣ କରିଦେଲେ ଦେଶ ସ୍ୱଚ୍ଛ ହୋଇପାରିବ ନାହିଁ। ଶୌଚାଳୟଟିଏ କ'ଣ ସ୍ୱଚ୍ଛତାର ପ୍ରତୀକ ? ଶୌଚାଳୟ ଯେପରି ଅନ୍ୟ ବାହ୍ୟ ବାତାବରଣକୁ ଅସ୍ୱଚ୍ଛ ନ କରିବ ସେଥିପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ, ଯାହା ଇନ୍ଦୋରରେ ଘଟିଲା। ବିଭିନ୍ନ ସ୍ଥାନରେ ଜଳ ନମୁନାରୁ ଭାଇବ୍ରିଓ କଲେରା ଓ ଇ କୋଲି ଜୀବାଣୁ ମିଳିବାର ଏକମାତ୍ର କାରଣ ହେଲା ମଳ। ଏହି ମଳ ମନୁଷ୍ୟଙ୍କର ହୋଇପାରେ ବା ପଶୁଙ୍କର। ଏହି ଜୀବାଣୁ ସାଧାରଣତଃ ଶରୀରର ଅନ୍ତନଳୀରେ ରହିଥାନ୍ତି। ତେଣୁ ଏଥିରୁ ଜଣାପଡୁଛି ଯେ ଖୋଲା ମଳତ୍ୟାଗ ଦେଶରେ ଜାରି ରହିଛି, ଯଦ୍ୱାରା ଜଳାଶୟ ଓ ପାନୀୟ ଜଳ ଉତ୍ସ ପ୍ରଦୂଷିତ ହେଉଛି। ଓଡ଼ିଶାର ମହାନଦୀ ଓ କାଠଯୋଡ଼ି ନଦୀ ପଠା କେତେ ଖୋଲା ମଳତ୍ୟାଗ ମୁକ୍ତ ଅଞ୍ଚଳ ତାହା ପ୍ରତ୍ୟକ୍ଷ ଭାବେ ଏହି ଅଞ୍ଚଳ ପରିଭ୍ରମଣ କଲେ ଜଣାପଡ଼ିବ। କହିବାକୁ ଗଲେ ସ୍ୱଚ୍ଛ ଭାରତ କେବଳ ଶୌଚାଳୟ ନିର୍ମାଣର ପରିସଂଖ୍ୟାନରେ ଅଟକି ଯାଇଛି। ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସ ଏବେବି ଜନତାଙ୍କ ମଧ୍ୟରେ ବଳବତ୍ତର ରହିଛି। ସୁରକ୍ଷିତ ଭାବେ ମଳ ପ୍ରକ୍ରିୟାକରଣ ପାଇଁ ସରକାରୀ ସ୍ତରରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ନଗରପାଳିକା ପକ୍ଷରୁ ଖୋଲାରେ ମଳ ନିଷ୍କାସନ କରାଯାଉଥିବା ଦେଖାଯାଉଛି। ପୁରୁଣା ପାଇପ ପରିବର୍ତ୍ତନ ହେଉ ନାହିଁ କି ସ୍ୱରେଜ ବ୍ୟବସ୍ଥାରେ ଉନ୍ନତି କରାଯାଉ ନାହିଁ। ଏହା ସତ୍ତ୍ୱେ ୨୦୧୯ ମସିହାରେ ଦେଶକୁ କାଗଜ କଲମରେ ଖୋଲା ମଳତ୍ୟାଗ ମୁକ୍ତ ଅଞ୍ଚଳ ଭାବେ ଘୋଷଣା କରିଦିଆଗଲା। ବାସ୍ତବତା କିନ୍ତୁ ଭିନ୍ନ। ୨୦୨୧ ମସିହାର ଜାତୀୟ ସ୍ୱାସ୍ଥ୍ୟ ସର୍ଭେରେ ଦେଶର ୧୯% ଜନତାଙ୍କ ନିକଟରେ ଶୌଚାଳୟ ଉପଲବ୍ଧ ନାହିଁ, ୨୦% ଜନସାଧାରଣ ଖୋଲାରେ ମଳତ୍ୟାଗ କରୁଥିବା ଦର୍ଶାଯାଇଛି। ବହୁ ସ୍ଥାନରେ ଶୌଚାଳୟ ଅଚଳ ହୋଇ ପଡ଼ିଲାଣି।

ଇନ୍ଦୋର ପରି ମୁମ୍ବାଇ, କୋଲକାତା, ଦିଲ୍ଲୀ, ଚେନ୍ନାଇ, ବେଙ୍ଗାଲୁରୁ, ପୁଣେ, ଭୁବନେଶ୍ୱର ଆଦି ସହରରେ କଠିନ ଆବର୍ଜନା ଏଣେତେଣେ ଗଦା ହୋଇ ପଡୁଛି। ଫଳରେ ଉଭୟ ବାୟୁ ଓ ଜଳ ପ୍ରଦୂଷିତ ହେଉଛି। ସ୍ୱଚ୍ଛ ଭାରତ ଅଭିଯାନ ଇତିମଧ୍ୟରେ ୧୨ ବର୍ଷରେ ପଦାର୍ପଣ କରିଛି। ବିଭିନ୍ନ ମାର୍ଗରେ ସରକାର ଯୋଜନାକୁ ବିଜ୍ଞାପିତ କରିଛନ୍ତି। ଏ ବାବଦରେ ବିପୁଳ ଟିକସ ଅର୍ଥ ବ୍ୟୟ ହୋଇଛି। ଯୋଜନାକୁ ସରକାରୀ ଗଣମାଧ୍ୟମ ଆଶାଠାରୁ ଅଧିକ ପ୍ରସାର ପ୍ରଚାର କରିଛନ୍ତି। ଏହାକୁ ମହାତ୍ମା ଗାନ୍ଧୀଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ବୋଲି କୁହାଯାଇଛି। ଏଥିପାଇଁ ଗାନ୍ଧୀଙ୍କ ଚଷମାର ନକଲ ବ୍ୟବହାର କରାଯାଇଛି। ସ୍ୱଚ୍ଛ ଭାରତ ନିମନ୍ତେ ୦.୫% ଅତିରିକ୍ତ ସେସ୍ ଜନତାଙ୍କଠାରୁ ଆଦାୟ କରାଯାଇଛି। ପରିଶେଷରେ ଇନ୍ଦୋର ଉଭା ହୋଇଛି। ତା'ହେଲେ ସରକାରୀ ବାର୍ତ୍ତା ପହଞ୍ଚିଲା କେଉଁଠି ? ନା ଏହା ସରକାରୀ କଳ ନିକଟରେ ପହଞ୍ଚିଲା ନା ସାଧାରଣ ଜନତାଙ୍କ ନିକଟରେ। ଏହା କେବଳ ଏକ ଶକ୍ତିଶାଳୀ ସ୍ଲୋଗାନ ହୋଇ ରହିଯାଇଥିବା ପରି ମନେହେଉଛି।

ମୋ:୯୪୩୭୨୨୯୨୩୩

# କୃଷିଭିତ୍ତିକ ଶିଳ୍ପର ସ୍ଥିତି



ଯୁଧିଷ୍ଠିର ମହାରଣା

ଓଡ଼ିଶାରେ ପୁରୁଣା ସରକାର ଯିବା ପରେ ନୂଆ ସରକାରଙ୍କ ଆଗମନ ପରେ ଅନେକ ଯୋଜନା ଓ କାର୍ଯ୍ୟକ୍ରମ ଚାଲିଛି, ହେବା ମଧ୍ୟ ସ୍ୱାଭାବିକ। ତେବେ ଏସବୁ ଭିତରେ ଗୋଟିଏ ଛୋଟିଆ ପ୍ରସଙ୍ଗ ଉପରେ ମୁଁ ଆଲୋଚନା ରଖୁଛି। ବର୍ତ୍ତମାନର ବଜାର ଦରକୁ ଦେଖିଲେ ଚିନି ଓ ତେଲ ପରି ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ପ୍ରାୟତଃ ଚଢ଼ା ରହୁଛି। ଓଡ଼ିଶାରେ ଆଖୁ ଓ ବିଭିନ୍ନ ଶସ୍ୟରାଶି ପ୍ରଚୁର ଅମଳ ହେଉଛି। କିନ୍ତୁ ରାଜ୍ୟରେ ଚିନିକଳ, ତେଲକଳ ଏବଂ ସୂତା କଳଗୁଡ଼ିକ ଏବେ ଅଚଳ। ଆଉ କେତୋଟିର ତ ଅସ୍ତିତ୍ୱ ନାହିଁ। ଚିନିକଳ ଆଖୁ ଚାଷୀଙ୍କୁ ରୋଜଗାର ଦିଏ, ତେଲ କଳ ଚିନାବାଦାମ, ସୂର୍ଯ୍ୟମୁଖୀ ଏବଂ ସୋରିଷ ଚାଷୀଙ୍କୁ ଲାଭବାନ୍ କରାଏ, ସୂତାକଳ କପାଚାଷୀଙ୍କୁ ରୋଜଗାରକ୍ଷମ କରେ। ଏସବୁ କଳ ଚାଲିଥିବା ସମୟରେ ଏଥିରେ ଅନେକ ଲୋକ କର୍ମ ସଂସ୍ଥାନ ପାଇଥିଲେ। ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ଏସବୁ କୃଷିଭିତ୍ତିକ ଶିଳ୍ପ ଅନେକ ରୋଜଗାର ସୃଷ୍ଟି କରିପାରିଥିଲା।

ଧାନଚାଷ ସହିତ ବିକଳ୍ପ ଚାଷକୁ ପ୍ରୋତ୍ସାହିତ କରିବା ପାଇଁ ଏସବୁ ଶିଳ୍ପର ପୁନରୁଦ୍ଧାର ଲାଗି ସରକାର ଆନ୍ତରିକତା ସହ ଉଦ୍ୟମ କରିବା ଜରୁରୀ। ଆଖୁର ଅଭାବୀ ବିକ୍ରି ପାଇଁ ଅନେକ ଚାଷୀ ଏବେ ଆଖୁଚାଷ ଆଡୁ ମୁହଁ ଫେରାଇ ନେଲେଣି। ନିକଟରେ ଏକ ସରକାରୀ ଘୋଷଣା ଅନୁଯାୟୀ ରାଜ୍ୟରେ ଚିନିକଳର ପୁନରୁଦ୍ଧାର ପାଇଁ ସରକାର ଅଣ୍ଟା ଭିଡ଼ିଛନ୍ତି। ଚିନିକଳର ଆଧୁନିକୀକରଣ ପାଇଁ ରାଜ୍ୟ ସରକାର ଉଦ୍ୟମ ଆରମ୍ଭ କରିଛନ୍ତି। ଏଥିପାଇଁ ଏକ ଟାସ୍କଫୋର୍ସ ଗଠନ କରାଯିବ ବୋଲି ଜଣାଯାଇଛି। ଏଇ ଟାସ୍କଫୋର୍ସରେ କୃଷି, ଅର୍ଥ, ସମବାୟ, ଅବକାରୀ ତଥା ଜଳସମ୍ପଦ ବିଭାଗର ବରିଷ୍ଠ ଅଧିକାରୀମାନେ ସଦସ୍ୟ ରହିବେ।

ଓଡ଼ିଶାର ବିଭିନ୍ନ ଅଞ୍ଚଳ ଭିତରେ ଦେଖିବାକୁ ଗଲେ ନୟାଗଡ଼ ଏବଂ ବାଙ୍କି ଅଞ୍ଚଳରେ ଆଖୁଚାଷ ପାଇଁ ଅନୁକୂଳ ମାଟି, ପାଣି ପବନ ରହିଛି। ଆଖୁ ଭଲ ଅମଳଦିଏ ଏଠି। ଦିନେ ନୟାଗଡ଼ ଚିନିକଳ ଏ ଅଞ୍ଚଳ ଚାଷୀଙ୍କ ଆଖୁକୁ କିଣି ନେଉଥିଲେ। ଏବେ ସେ ସବୁ ଅଞ୍ଚଳର ଚାଷୀ ଅଭାବୀ ବିକ୍ରିର ସାମ୍ନା କରୁଛନ୍ତି ଚିନିକଳ ବନ୍ଦ ହୋଇଯିବା କାରଣରୁ। ପଡ଼ୋଶୀ ରାଜ୍ୟର ଦଲାଲମାନେ ଶସ୍ତାରେ ଆଖୁ କିଣି ନେଉଛନ୍ତି ଚାଷୀଙ୍କ ଠାରୁ। ଧାନଚାଷ ପାଇଁ ଯେଉଁସବୁ କ୍ଷେତ ଉପଯୁକ୍ତ ନ ହୁଏ, ସେ ସବୁ କ୍ଷେତରେ ଆଖୁଚାଷ କରାଯାଇପାରେ। ତେଣୁ ଏ ଅଞ୍ଚଳରେ ମଧ୍ୟ ଏକାଧିକ ଚିନିକଳର ଆବଶ୍ୟକତା ରହିଛି।

ରାଜ୍ୟରେ ଅନେକ ସୂତାକଳ ବନ୍ଦ ହୋଇଯାଇଛି। ଆମ ରାଜ୍ୟ କପାର ଗୁଣାତ୍ମକ ମାନ ଉନ୍ନତ ହୋଇଥିବାରୁ ବିଦେଶରେ ଏହାର ଚାହିଦା ରହିଛି। ତେଣୁ ଆମେ ଆମ ରାଜ୍ୟର କପାକୁ ସୂତାରେ ରୂପାନ୍ତରିତ କରି ବାହାର ରାଜ୍ୟ ଏବଂ ଦେଶକୁ ବିକି ପାରନ୍ତେ। ଏଥିରେ ରାଜ୍ୟର ଚାଷୀ ଉପକୃତ ହେବା ସହିତ ଆମ ରାଜ୍ୟର ହସ୍ତତନ୍ତ ଶିଳ୍ପୀକୁ ମଧ୍ୟ ଏହା ପ୍ରୋତ୍ସାହିତ କରନ୍ତା। ଏବେ ଦେଶ ବିଦେଶରେ କଟନ ପୋଷାକର ଚାହିଦା ବଢ଼ୁଛି। ତେଣୁ ଆମ ରାଜ୍ୟରେ ଉନ୍ନତମାନର ସୂତା କପଡ଼ା ମଧ୍ୟ ତିଆରି ହୋଇପାରନ୍ତା ଉନ୍ନତ କପାରେ। ଦେଶ ବିଦେଶରେ ରାଜ୍ୟର ହସ୍ତତନ୍ତ ଶାଢ଼ିର ସୁନାମ ରହିଛି। କିନ୍ତୁ ଦୁର୍ଭାଗ୍ୟର କଥା, ଆମ ବୁଣାକାରମାନେ ଅନ୍ୟ ରାଜ୍ୟରୁ ସୂତା କିଣୁଛନ୍ତି। ତେଣୁ ଏବେ ସମୟ ଆସିଛି କୃଷିଭିତ୍ତିକ ଶିଳ୍ପଗୁଡ଼ିକୁ ପୁଣିଥରେ କିଭଳି ସଚଳ କରେଇହେବ ଏବଂ ଅଧିକ ସଂଖ୍ୟକ ଏଭଳି ଶିଳ୍ପ କିଭଳି କରାଯାଇପାରିବ, ସେ ଦିଗରେ ଚିନ୍ତା କରିବାର ବେଳ ଆସିଛି। କୃଷି ରାଜ୍ୟ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ର ନେଉଥିବାରୁ ଓଡ଼ିଶାରେ ବିଶେଷକରି ଆଖୁଚାଷ ଓ କପାଚାଷକୁ ଗୁରୁତ୍ୱ ଦେଲେ ଏହା ଧାନ ଓ ଅନ୍ୟ ଶସ୍ୟପରି ଲାଭଜନକ ହୋଇପାରନ୍ତା।

ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି। ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଏପରିସ୍ଥଳେ ରାଜ୍ୟ ସରକାର ଧାନଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି। ହେଲେ ଉଦ୍‌ବେଗର ବିଷୟ ହେଉଛି, ଏସବୁର ପ୍ରଭାବ ଚାଷଜମିରେ ପରିଲକ୍ଷିତ ହେଉନାହିଁ। ୨୦୨୦ରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା। ୨୦୨୧ରେ ୭୯ ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା। ୨୦୨୩ରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ। ବରଂ ରାଜ୍ୟରେ ବର୍ତ୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି। ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି।

ଆଜି ଚାଷୀପୁଅକୁ ପ୍ରୋତ୍ସାହନ ନାହିଁ। ଏପଟେ ଚାଷକ୍ଷେତକୁ ଠିକ୍ ଭାବେ ପାଣି ପହଞ୍ଚୁନି। ବନ୍ୟା, ମରୁଡ଼ି ତ ଚାଷୀର ସବୁଦିନିଆ ବନ୍ଧୁ। କେଉଁଠି ଅଭାବୀ ଚାଷୀଟି ଆତ୍ମହତ୍ୟା କଲାଣି, ରାଜ୍ୟରେ ଶୀତଳଭଣ୍ଡାର ନ ଥିବାରୁ ଉତ୍ପାଦନ ସମୟରେ ଫସଲ ଟଙ୍କାକରେ ବିକ୍ରି ହେଉଥିବାବେଳେ ଝାଳବୁହା ପରିଶ୍ରମର ମୂଲ୍ୟ ଉଠୁନି। ଏସବୁ ଦେଖିଲେ ଚାଷବାସ ପ୍ରତି ଯୁବପିଢ଼ି କିପରି ଆଉ ଆଗ୍ରହ ରଖିବେ। ଚଷାପୁଅ ପାଇଁ ବଡ଼ କଥା ହେଉଛି ସ୍ଥିର ବଜାର ଦର, ପର୍ଯ୍ୟାପ୍ତ ଶୀତଳଭଣ୍ଡାର, ବ୍ୟାଙ୍କର ସହଯୋଗ, ଉନ୍ନତ ଜଳସେଚନ ଓ ସୂଚନା ପ୍ରଯୁକ୍ତିର ଚାଷବାସ ପାଇଁ ସହଯୋଗ ତଥା କଳାବଜାର ତଥା ଅଭାବୀ ବିକ୍ରି ପାଇଁ ସରକାରୀ ଦୃଢ଼ ନୀତି। ସରକାର ଯେଉଁପରି ବିଭିନ୍ନ ପ୍ରୋତ୍ସାହନ ଓ ସହଯୋଗ ସବୁ ଘୋଷଣା କରୁଛନ୍ତି, ତାହା ବାସ୍ତବରେ ସତ ହୋଇପାରି ନଥାଏ। ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଖାଉଟି କଲ୍ୟାଣ ନୀତି ମଧ୍ୟ ନାହିଁ। ଏସବୁ ଭିତରେ ଜାତୀୟ ତଥା କ୍ଷେତ୍ରୀୟ ସରକାରମାନେ ଜନସ୍ୱାର୍ଥକୁ ଗୁରୁତ୍ୱ ଦେଇ ମହଙ୍ଗା ସ୍ଥିତିକୁ କିପରି ବଜାରକୁ ଦେଖି ମୁକାବିଲା କରିହେବ, ସେ ପଦକ୍ଷେପ ନେବା ଜରୁରୀ।

ଆଇନଜୀବୀ, ଓଡ଼ିଶା ହାଇକୋର୍ଟ, କଟକ
ମୋ:୯୪୩୭୧୬୩୫୨୮



## ଏଇ ଭାରତରେ

ପଶ୍ଚିମବଙ୍ଗ ବାଙ୍କୁଡ଼ା ସେନଜୁତି ମାହାତୋ ଓ ଅଭିଷେକ ଚୌଧୁରୀ ସେହି ଅଞ୍ଚଳର ଖଜୁରି ଗୁଡ଼ ଉତ୍ପାଦନ କରି ସେଠାକାର ଏହି ପାରମ୍ପରିକ ଉତ୍ପାଦକୁ ବଞ୍ଚାଇ ରଖିବା ପାଇଁ ଚେଷ୍ଟା ଜାରି ରଖିଛନ୍ତି। ସେନଜୁତି ଜବାହରଲାଲ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିବାବେଳେ ଅଭିଷେକ ଆଇଆଇଏମ୍ କୋଲକାତାରୁ ଏମ୍‌ବିଏରେ ଡିଗ୍ରୀ କରିଛନ୍ତି। ଏମାନେ ବାଙ୍କୁଡ଼ାରେ ଆର୍ଥ ଷ୍ଟୋରି ଫାର୍ମ ଗଠନ କରି ସେଠାରେ ଖଜୁରି ରସ ସଂଗ୍ରହ ଓ ସେଥିରୁ ଗୁଡ଼ ରାନ୍ଧିବା କାର୍ଯ୍ୟରେ ୮୦ ଜଣଙ୍କୁ ନିଯୁକ୍ତି ଦେଇଛନ୍ତି। ଏହି ଫାର୍ମକୁ ସେମାନେ ୨୦୨୦ରେ ଆରମ୍ଭ କରିଥିଲେ। ତେବେ ତାଙ୍କ ଫାର୍ମ ଏବଂ ସେହି ଅଞ୍ଚଳରେ ଥିବା ଅତ୍ୟଧିକ ଖଜୁରି ଗଛରୁ ସୂର୍ଯ୍ୟୋଦୟ ପୂର୍ବରୁ ୫୦ କୁଶଳୀ ବ୍ୟକ୍ତି ରସ ସଂଗ୍ରହ କରିବା ପରେ ୩୫ ଜଣ ଗୁଡ଼ ରାନ୍ଧୁଛନ୍ତି। ଏହା ଦ୍ୱାରା ଏହି ଲୋକମାନଙ୍କୁ ସ୍ଥାୟୀ ଭାବେ ଏବେ ରୋଜଗାର ମିଳିପାରିଛି। ଫଳରେ ଲୋକେ ସେମାନଙ୍କ ପାରମ୍ପରିକ ଗୁଡ଼ ଉତ୍ପାଦନ କାର୍ଯ୍ୟ ସହିତ ପୁନର୍ବାର ଯୋଡ଼ି ହେବା ସହ ଅଧିକ ରୋଜଗାର କରିବା ପାଇଁ ସକ୍ଷମ ହୋଇଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

**୨ ଫେବୃଆରୀ ୧୯୭୭**

- ଓଡ଼ିଶା ଆଦିବାସୀ ଅଞ୍ଚଳ ସ୍ଥାବର ସମ୍ପତ୍ତି ହସ୍ତାନ୍ତର ସଂଶୋଧନ ବିଲ୍‌କୁ ରାଷ୍ଟ୍ରପତିଙ୍କ ସ୍ୱୀକୃତି ପ୍ରଦାନ।
- କଂଗ୍ରେସ ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଅଟଳ ବାହାଦୂର ସିଂହ ନାଗପୁରର ମେୟର ରୂପେ ନିର୍ବାଚିତ ହୋଇଛନ୍ତି।
- ଜାତିସଂଘର ବିଜ୍ଞାନ ଓ ବୈଷୟିକ ବିଦ୍ୟା ସଂକ୍ରାନ୍ତ ସମ୍ମିଳନୀ ପାଇଁ ୫୬ଟି ରାଷ୍ଟ୍ରକୁ ନେଇ ଗଢ଼ାଯାଇଥିବା ପ୍ରସ୍ତୁତି କମିଟିର ଚେୟାରମ୍ୟାନ୍ ରୂପେ ଭାରତ ସରକାରଙ୍କ ବିଜ୍ଞାନ ଓ କାରିଗରୀ ବିଭାଗ ସେକ୍ରେଟାରୀ ଡଃ. ରାମଚନ୍ଦ୍ରନ ନିର୍ବାଚିତ।

## ସୁଡୋକୁ

su|do|ku
Puzzles by Srikant Ghosh
ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | 8 | | | 7 | | 5 | 3 |
| | | 4 | | 8 | | | 6 | |
| 9 | | | 2 | | | | | |
| | | | | | 8 | | | |
| 6 | 7 | | | 3 | | | 8 | |
| 8 | | | | 6 | | 7 | 1 | |
| | 4 | | 7 | | | 1 | 9 | |
| | 5 | 1 | | 9 | 4 | | | 2 |
| 2 | | | 3 | 1 | | | | 4 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 5 | 1 | 4 | 8 | 7 | 3 | 6 | 9 | 2 |
| 9 | 6 | 3 | 4 | 2 | 5 | 8 | 7 | 1 |
| 7 | 8 | 2 | 1 | 6 | 9 | 4 | 3 | 5 |
| 3 | 5 | 8 | 2 | 9 | 7 | 1 | 6 | 4 |
| 6 | 4 | 9 | 3 | 8 | 1 | 2 | 5 | 7 |
| 2 | 7 | 1 | 5 | 4 | 6 | 3 | 8 | 9 |
| 8 | 9 | 6 | 7 | 1 | 4 | 5 | 2 | 3 |
| 1 | 3 | 7 | 6 | 5 | 2 | 9 | 4 | 8 |
| 4 | 2 | 5 | 9 | 3 | 8 | 7 | 1 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଅଦାଲତ ହତାରେ ମଦ୍ୟପଙ୍କ ଆଡ୍ଡା

ମହାଶୟ,

ଦୀର୍ଘବର୍ଷ ତଳେ ମୁଁ ଭଦ୍ରକ ଅଦାଲତରୁ ଅବସର ଗ୍ରହଣକରି ବର୍ତ୍ତମାନ ଅବସର ଜୀବନ ଅତିବାହିତ କରୁଛି। ବର୍ତ୍ତମାନ ଭଦ୍ରକ ଅଦାଲତ ପୁରୁଣା ଅଦାଲତଠାରୁ ପ୍ରାୟ ୭ କି.ମି. ଦୂରରେ ନୂଆ କାର୍ଯ୍ୟାଳୟରେ କାର୍ଯ୍ୟ କରୁଛି। ପୁରୁଣା ଅଦାଲତ ଗୃହଗୁଡ଼ିକ ତାଲା ପଡ଼ି ରହିଛି। କିଛି ଗୃହରେ କେତେଜଣ ଅଦାଲତ କର୍ମଚାରୀ କାର୍ଯ୍ୟ କରୁଛନ୍ତି। ନିକଟରେ ମୁଁ ଏକ ସିଭିଲ କେସ୍‌ରେ ମୋର ଆଇନଜୀବୀଙ୍କୁ ଦେଖାକରିବା ପାଇଁ ପୁରୁଣା ଅଦାଲତକୁ ଯିବା ସୁବିଧା ହେବ ଭାବି ସମ୍ପୃକ୍ତ ଆଇନଜୀବୀଙ୍କୁ ଦେଖା କରିବା ପାଇଁ ଯାଇଥିଲି। ସେଠାରେ ଯାଇ ପହଞ୍ଚି ଦେଖେ ତ ପୂର୍ବରୁ ଏହି ପରିସରରେ ଆଇନଜୀବୀମାନେ ବସାଉଠା କରୁଥିବା ସିମେଣ୍ଟ ପିଣ୍ଡିଗୁଡ଼ିକ ତଳେ ଖାଲି ମଦବୋତଲ ଗଡୁଛି। ପାଖରେ ଥିବା ଏକ ପୁରୁଣା ଉଠା ପାନଦୋକାନୀଙ୍କୁ କଥା ପ୍ରସଙ୍ଗରେ ପଚାରିବାରୁ ସନ୍ଧ୍ୟାରେ ଏହି ପରିସର ମଦ୍ୟପ, ଜୁଆଡ଼ି, ଡ୍ରଗ୍ସ ସେବନକାରୀମାନଙ୍କ ଆଡ୍ଡାସ୍ଥଳ ହୁଏ ବୋଲି କହିଥିଲେ। ଏପରିକି ନିକଟସ୍ଥ ଥାନାର କେତେଜଣ କର୍ମଚାରୀ ସେମାନଙ୍କ ସହ ମିଶି ନିଶାପାନ କରନ୍ତି। ଫଳରେ ମଦ୍ୟପମାନେ ବିନା ବାଧାରେ ଅନ୍ୟ କୁକାର୍ଯ୍ୟ ମଧ୍ୟ କରନ୍ତି। ଉକ୍ତ ପୁରୁଣା ଅଦାଲତ ଗୃହ ଓ ପରିସର ଭଦ୍ରକର ଐତିହ୍ୟ। ଯଥାଶୀଘ୍ର ଏସବୁ ବନ୍ଦ କରାଯାଉ।

-ବୈଷ୍ଣବ ଚରଣ ନାୟକ, କିସ୍ମତ କୃଷ୍ଣପୁର, ବାସୁଦେବପୁର,ଭଦ୍ରକ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଚକିତେ ବଧିର ହିୟା
ଲଭିଲା ଶ୍ରବଣ,
ମଣିଲା ଏ କ୍ଷତରାଶି
ନୁହେ ଅକାରଣ ।
-(ଚିରନ୍ତନ କୁହୁ)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସଂକ୍ଷେପରେ

### ପଡ଼ିଆ ବ୍ଲକ୍ ପ୍ରାଥମିକ ଶିକ୍ଷକ ସଂଘ କର୍ମକର୍ତ୍ତା ନିର୍ବାଚିତ



ଏମ୍‌ଭି– ୭୯, ୧।୨ (ଆଶିଷ ବାଇନ)

ମାଲକାନଗିରି ଜିଲା ପ୍ରାଥମିକ ଶିକ୍ଷକ ସଂଘ ତତ୍ତ୍ୱାବଧାନରେ ପଡିଆ ବ୍ଲକ ପ୍ରାଥମିକ ଶିକ୍ଷକ ସଂଘ ନିର୍ବାଚନ ଶେଷ ହୋଇଛି। ଏଥିରେ ସଭାପତି ଭାବେ ସୀତାରାମ ମାଡି, ଉପସଭାପତିଭାବେ ସୁମନ୍ତ କୁମାର ଖଟଇ, ସଭାନେତ୍ରୀ ଭାବେ କରାପୁ ସର୍ଜିନି ଏବଂ ସମ୍ପାଦକ ଭାବେ ସୁରେସ କୁମାର ମେହେଟା ନିର୍ବାଚିତ ହୋଇଛନ୍ତି। ସାଂଗଠନିକ ସମ୍ପାଦକ ଭାବେ ରାଜେନ୍ଦ୍ର ପ୍ରସାଦ ମହାରଣା, ଈଶ୍ୱର ଚନ୍ଦ୍ର ସାଲବାଣୀ ଓ ବି. ତ୍ରିମୂର୍ତ୍ତି ଦାୟିତ୍ୱ ଗ୍ରହଣ କରିଛନ୍ତି। ସଂଯୋଜକ ଭାବେ ଶ୍ରୀକାନ୍ତ କୁମାର ରଥ ଓ କୋଷାଧ୍ୟକ୍ଷ ଭାବେ ଶଙ୍କରା ସୁବିବାବୁ ନିର୍ବାଚିତ ହୋଇଛନ୍ତି। ସେହିପରି ଉପଦେଷ୍ଟା ଭାବେ ଟୋକାଲ ବିଚାମ, ଦିଲୀପ କୁମାର ନାୟକ, ମାଡି ନାଗେଶ୍ୱର ରାଓ, ପ୍ରଶାନ୍ତ ପଡିତା ଓ ପବିତ୍ର ରାୟଙ୍କୁ ମନୋନୀତ କରାଯାଇଛି। ନିର୍ବାଚନ କାର୍ଯ୍ୟରେ ଜିଲା ପ୍ରାଥମିକ ଶିକ୍ଷକ ସଂଘ ସଭାପତି ତାରକ ମଣ୍ଡଳ, ଜିଲା ସାଧାରଣ ସମ୍ପାଦକ ଦାମୋଦର ସାହୁ, କୋଷାଧ୍ୟକ୍ଷ ଚିତ୍ତରଞ୍ଜନ ସରକାର, ରାଜ୍ୟ ଉପସଭାପତି ରଞ୍ଜିତ ନାୟକଙ୍କ ସହ ଅନ୍ୟ ସଦସ୍ୟ ଉପସ୍ଥିତ ରହିଥିଲେ।

### ଶିକ୍ଷକଙ୍କୁ ସ୍ୱଚ୍ଛତା ପ୍ରଶିକ୍ଷଣ

ଟିକିରି, ୧।୨ (ପ୍ରଫୁଲ୍ଲ କୁମାର ବେହେରା)

ରାୟଗଡା ଜିଲା କାଶୀପୁର ବ୍ଲକର ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ସ୍ୱଚ୍ଛତା ପ୍ରଶିକ୍ଷଣ ପ୍ରଦାନ କରାଯାଇଛି। କାଶୀପୁର ବ୍ଲକ ସରକାରି ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସ୍ୱଚ୍ଛତା, ପରିମଳ, ସୁରକ୍ଷିତ ପାନୀୟ ଜଳ ବିଷୟରେ ଶିକ୍ଷକଙ୍କୁ ସଚେତନ କରାଯାଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବେ କାଶୀପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ଅମର ସିଂ ନାଏକ ଯୋଗଦେଇ ସ୍ୱଚ୍ଛତା ଉପରେ ଅଭିଭାଷଣ ରଖିଥିଲେ। ଅମର ଜ୍ୟୋତି ଫାଉଣ୍ଡେସନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ପ୍ରୋଗ୍ରାମ ସଂଯୋଜକ ଆଲୋକ ମିଶ୍ର, ରୂପଧର ମାଝୀ ପରିଚାଳନା କରିଥିଲେ। ପ୍ରଶିକ୍ଷଣ ପରେ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

### ବ୍ୟବସାୟୀଙ୍କ ମୃତ୍ୟୁ

ଗୁଣପୁର, ୧।୨ (ସଂକେତ ପାତ୍ର)

ରାୟଗଡା ଜିଲା ଗୁଣପୁରର ସିମେଣ୍ଟ ଓ ରଡ ବ୍ୟବସାୟୀ ନାରାୟଣଚେଟି ଚନ୍ଦ୍ରମଉଳି (୬୦)ଙ୍କ ଶନିବାର ମୃତ୍ୟୁ ଘଟିଛି। ସେ ଦୀର୍ଘଦିନ ଧରି କର୍କଟ ରୋଗରେ ପୀଡିତ ହୋଇ ଆନ୍ଧ୍ରପ୍ରଦେଶ ଶ୍ରୀକାକୁଲମର ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସିତ ହେଉଥିଲେ। ଗୁଣପୁରସ୍ଥିତ ଜଗନ୍ନାଥ ରୋଡ଼ ବାସଭବନରେ ଶନିବାର ମଧ୍ୟାହ୍ନ ୩ଟାରେ ସେ ହଠାତ୍ ଅଚେତ ହୋଇଯିବାରୁ ପରିବାର ଲୋକେ ଡାକ୍ତରଙ୍କୁ ଘରକୁ ଡ଼ାକାଇଥିଲେ। ସଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ହୃଦ୍‌ଘାତରେ ଅବସରପ୍ରାପ୍ତ ଶିକ୍ଷକଙ୍କ ପରଲୋକ

ମାଲକାନଗିରି, ୧।୨ (ଦୁର୍ଯ୍ୟୋଧନ ପାତ୍ର)



ବୃଷକେତୁ ବେହେରା

ମାଲକାନଗିରି ଜିଲାରେ ଦୀର୍ଘ ୩୮ ବର୍ଷ ଶିକ୍ଷକତା କରିବା ସହ ବିଭିନ୍ନ ସାମାଜିକ କାର୍ଯ୍ୟରେ ଲିପ୍ତ ରହି ଜିଲାରେ ସୁନାମ ଅର୍ଜନ କରିଥିବା ଜଣେ ଅବସରପ୍ରାପ୍ତ ଶିକ୍ଷକ ବୃଷକେତୁ ବେହେରାଙ୍କ ରବିବାର ହୃଦ୍‌ଘାତରେ ମୃତ୍ୟୁ ହୋଇଛି । ଏହି ଖବର ପ୍ରଚାର ହେଲା ପରେ ଶିକ୍ଷକ ମହଲରେ ଶୋକର ଛାୟା ଖେଳିଯାଇଛି । ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ କାର୍ଯ୍ୟାଳୟରେ ସମସ୍ତେ ଏକାଠି ହୋଇ ଦୁଃଖ ପ୍ରକାଶ କରିବା ସହ ତାଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରିଥିଲେ । ସ୍ୱର୍ଗତ ବେହେରାଙ୍କ ନିଜ ଗ୍ରାମ ଗଞ୍ଜାମ ଜିଲା ଦିଗପହଣ୍ଡି ବ୍ଲକ ଅଧୀନ ଗଉଡା ଗ୍ରାମ ହୋଇଥିବା ବେଳେ ସେ ସକାଳେ ନିଜ ବଗିଚାରେ କାମ କରୁଥିବା ସମୟରେ ହଠାତ୍ ହୃଦ୍‌ଘାତରେ ପ୍ରାଣ ହରାଇଥିଲେ। ସ୍ୱର୍ଗତ ବେହେରା ଦୀର୍ଘ ବର୍ଷ ଧରି ଜିଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଥିଲେ।

# ଜିଲାର କଳାସଂସ୍କୃତି, ପରମ୍ପରାର ନିଛକ ପ୍ରତିଛବି 'ମାଲ୍ୟବନ୍ତ'

- ମାଦଳ ବଜାଇ ଜିଲାସ୍ତରୀୟ ମହୋତ୍ସବ ଉଦ୍‌ଘାଟିତ
- ସାଂସ୍କୃତିକ କାର୍ଯ୍ୟକ୍ରମରେ ଝୁମିଲେ ଦର୍ଶକ

ମାଲକାନଗିରି, ୧।୨ (ସୁଚିତ୍ରା ଦାସ)




ମାଲ୍ୟବନ୍ତ ମହୋତ୍ସବ ମଞ୍ଚରେ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ ଉଦ୍‌ବୋଧନ ଦେଉଛନ୍ତି।

ମାଲକାନଗିରି ଜିଲାରେ ଆଦିବାସୀ କଳା ସଂସ୍କୃତିକୁ ବଞ୍ଚାଇ ରଖିବା ଉଦ୍ଦେଶ୍ୟରେ ରବିବାର ସନ୍ଧ୍ୟାରେ ମାଦଳ ବଜାଇ ଜିଲାସ୍ତରୀୟ 'ମାଲ୍ୟବନ୍ତ ମହୋତ୍ସବ' ସାଂସ୍କୃତିକ କାର୍ଯ୍ୟକ୍ରମ ଡିଏନ୍‌କେ ମୈଦାନ ମାଲ୍ୟବନ୍ତ ମଣ୍ଡପ ସହିଦ ତାମା ଦୋରା ମଞ୍ଚରେ ଆରମ୍ଭ ହୋଇଛି। ଜିଲା ସଂସ୍କୃତି ପରିଷଦ ସଭାପତି ତଥା ଜିଲାପାଳ ସୋମେଶ କୁମାର ଉପାଧ୍ୟୟଙ୍କ ଅଧ୍ୟକ୍ଷତାରେ ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମାଲକାନଗିରି ବିଧାୟକ ନରସିଂହ ମାଡକାମି ଯୋଗଦେଇଥିଲେ। ସମ୍ମାନୀତ ଅତିଥି ଭାବେ ଏସ୍‌ପି ବିନୋଦ ପାଟିଲ ଏଚ୍, ଡିଏଫଓ ସାଇ କିରନ ଡିଏନ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ ଯୋଗଦେଇ ମାଲ୍ୟବନ୍ତ ମହୋତ୍ସବକୁ ଉଦ୍‌ଘାଟନ କରିଥିଲେ। ଆଦିବାସୀ ଅଧ୍ୟୁଷିତ ମାଲକାନଗିରି ଜିଲା କେଉଁ ଗୁଣରେ କମ୍ ନୁହେଁ। ଏଠାକାର ଐତିହ୍ୟ, ପରମ୍ପରା, କଳାସଂସ୍କୃତି, ଜୀବନଧାରାର ନିଛକ ପ୍ରତିଛବି ହେଉଛି ମାଲ୍ୟବନ୍ତ ମହୋତ୍ସବ ବୋଲି ଅତିଥିମାନେ କହିଥିଲେ। ଅତିଥିମାନେ ମାଲ୍ୟବନ୍ତ ମଣ୍ଡପ ପଡିଆରେ ଖୋଲା ଯାଇଥିବା ବିଭିନ୍ନ ଷ୍ଟଲ ଓ ଉନ୍ନୟନ ପ୍ରଦର୍ଶନୀ ବୁଲିଦେଖିଥିଲେ। ଜିଲା ସୂଚନା ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ।

ଏହି ଅବସରରେ ଆୟୋଜିତ ମ୍ୟୁଜିକାଲ ନାଇଟରେ ସୁନାମଧନ୍ୟ ଗାୟିକା ତ୍ରିଶା ଚାଟାର୍ଜୀ, ଶ୍ରୀଜିତା ଉପାଧ୍ୟୟ, ସନତ କୁମାର ପାଣିଗ୍ରାହୀଙ୍କ ସଙ୍ଗୀତରେ ଦର୍ଶମ ଝୁମିଥିଲେ। ଏଥିସହ ଭୁବନେଶ୍ୱରର ଓଡିଶୀ ନୃତ୍ୟ, ଆସାମର ବିହୁ, ରାଜସ୍ଥାନର ଘୁମର ନୃତ୍ୟ ସହ ମାଲ୍ୟବନ୍ତ ପ୍ରମୋ ସଙ୍ଗୀତ ଟିମ, ବଣ୍ଡା, କୋୟା, ଢ଼େମସା ନାଟ୍ୟଦଳଙ୍କ କଳାକୃତି ଦର୍ଶକଙ୍କ ମନ ମୋହିଥିଲା। ଏହାବ୍ୟତୀତ ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ପ୍ରତିଯୋଗୀଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଥିଲା। ଏହି ଆବସରରେ ପଲ୍ଲୀଶ୍ରୀ ମେଳାରେ ୧୨୦ଟି ଷ୍ଟଲ ଖୋଲାଯାଇଛି। ୩୦ଟି ଖାଦ୍ୟ, ୫୫ ବାଣିଜ୍ୟ, ୫ଟି କୃଷି ବିଭାଗ, ୨ ଶିଳ୍ପବିଭାଗ ସହିତ ୨୨ଟି ଏସ୍ଏଚଜି ଗ୍ରୁପର ଷ୍ଟଲ ଖୋଲାଯାଇ ବିଭିନ୍ନ ପ୍ରକାର ସାମଗ୍ରୀ ବିକ୍ରି ହେବା ସହିତ ଜିଲାସ୍ତରୀୟ ବିଭାଗର ଉନ୍ନୟନ ପ୍ରଦର୍ଶନୀ ଖୋଲା ଯାଇଥିଲା । ଓରମାସ ପକ୍ଷରୁ ଏସ୍ଏଚ୍‌ଜି ଗ୍ରୁପ ସହିତ ଜିଲା ଓ ଜିଲା ବାହରୁ ଅନେକ ଷ୍ଟଲ ଖୋଲାଯାଇଛି। ଶୀତୁଆ ସନ୍ଧ୍ୟାରେ ଠୁଙ୍କାପୁରୀ, ଦହିବରା ଆଳୁଦମ, ଚାଟ, ଆଇସକ୍ରିମ, ପୁରିର ମାଲପୁଆ, ଗଜା, ଛତିଶଗଡର ବରିଫ ମିଠା ଖାଇବା ସହିତ ଅନେକ ଘରକରଣା ଜନିଷ କିଣି ଦର୍ଶକ ମଜା ଉଠାଇଥିଲେ । ଉତ୍ସବ ମଇଦାନରେ ବିଭିନ୍ନ ବିଭାଗର ଉନ୍ନୟନମୂଳକ ଷ୍ଟଲ ସହିତ, ଦୋକାନ ବଜାର, ମୀନାବଜାର ସହ ରଙ୍ଗବେରଙ୍ଗର ତୋରଣ ବେଶ ଚିତାକର୍ଷକ ହୋଇଛି। ଏହି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ପଲ୍ଲୀଶ୍ରୀ ମେଳା ୫ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଉତ୍ସବ ପାଇଁ ମାଲ୍ୟବନ୍ତ ମଣ୍ଡପ ସହିତ ଜିଲାରେ ପୁଲିସ ସୁରକ୍ଷା ବ୍ୟବସ୍ଥା କଡାକଡି କରାଯିବା ସହ ବିଏସଏଫ ଯବାନଙ୍କ ସହିତ ଓଡିଶା ପୋଲିସ ମୁତୟନ କରାଯାଇଛି ।



କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରୁଛନ୍ତି।

# ଖାରିଗୁଡ଼ାରେ ଦକ୍ଷିଣ କାଳୀଙ୍କ ପୂଜା

କୋରୁକୋଣ୍ଡା, ୧।୨ (ଶିବଦତ୍ତ ସାହୁ)

ଦୀପାବଳିରେ ସବୁ ଅଞ୍ଚଳରେ ମା' କାଳୀଙ୍କ ପୂଜା ହେଉଥିବାବେଳେ ମାଲକାନଗିରି ଜିଲା କୋରୁକୋଣ୍ଡା ବ୍ଲକ ସୋମନାଥପୁର ପଞ୍ଚାୟତ ଅଧୀନ ଖାରିଗୁଡା ଗ୍ରାମରେ ପ୍ରତ୍ୟେକ ବର୍ଷ ମାଘ ପୂର୍ଣ୍ଣିମାରେ ମା' ଦକ୍ଷିଣ କାଳୀଙ୍କ ପୂଜା କରାଯାଉଛି। ଆଜକୁ ପ୍ରାୟ ୩୦ ବର୍ଷରୁ ଉର୍ଦ୍ଧ୍ୱ ହେବ ଗ୍ରାମବାସୀଙ୍କ ପକ୍ଷରୁ ପାରମ୍ପରିକ ରୀତିନୀତି ଅନୁଯାୟୀ ବହୁ ଆଡମ୍ବର ସହିତ ମା' କାଳୀଙ୍କ ପୂଜା ହେଉଛି। ଏହି ଅବସରରେ ଗ୍ରାମର ମହିଳାମାନେ ରବିବାର ମନ୍ଦିର ନିକଟରେ ପ୍ରବାହିତ ହେଉଥିବା ନଦୀରୁ ଜଳ ସଂଗ୍ରହ କରି ଏକ ଶୋଭାଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିବା ପରେ ମନ୍ଦିରରେ କଳସ ସ୍ଥାପନ କରିଥିଲେ। ମା'ଙ୍କ ଦର୍ଶନ ପାଇଁ ଖାରୀଗୁଡା, ଶାରଦାଗୁଡା ଗ୍ରାମବାସୀଙ୍କ ସମେତ ଆଖପାଖ ଅଞ୍ଚଳର ଭକ୍ତଙ୍କ ଭିଡ ଜମିଥିବା ଦେଖିବାକୁ ମିଳିଛି। ପୂଜା ଯୋଗୁ ଉକ୍ତ ମନ୍ଦିର ନିକଟରେ ବିଭିନ୍ନ ପ୍ରକାର ଅସ୍ଥାୟୀ ଦୋକାନ ଖୋଲାଯାଇଛି। ଲୋକଙ୍କ ମନୋରଞ୍ଜନ ପାଇଁ ରାତିରେ ଆଦିବାସୀ ଲୋକନୃତ୍ୟ ଅନୁଷ୍ଠିତ ହୋଇଥିଲା। ସୋମବାର ମା' କାଳୀଙ୍କ ଲାଠି ଭକ୍ତଙ୍କ ଗହଣରେ ଖାରୀଗୁଡା ଏବଂ ଶାରଦା ଗୁଡା ଗ୍ରାମ ପରିକ୍ରମା କରିବେ ବୋଲି ପୂଜା କମିଟିର ସଦସ୍ୟ ସରୋଜ ଖେମୁଡୁ, ପଦୁ ମାଣ୍ଡି, ହରି ଖିଲ, ମଙ୍ଗରାଜ ମାଣ୍ଡି, ଲକ୍ଷ୍ମଣ ଖରା, ଧନେଶ୍ୱର ଖିଲ, ବୁଦା ମାଝୀ, ବୁଦ୍ରା ମୁଦୁଲୀ, ରମେଶ ଖିଲ, ଅର୍ଜୁନ ଜାଲା, ଲବ ଜାଲା, ମିଥୁନ ସାଗରିଆଙ୍କ ସମେତ ଗ୍ରାମବାସୀ ପ୍ରକାଶ କରିଛନ୍ତି ।



ପୂଜା ପାଉଥିବା ମା' କାଳୀ।

# ଆର୍ଯ୍ୟ ସମାଜ ବାର୍ଷିକୋତ୍ସବରେ ୧୧ କୁଣ୍ଡୀୟ ସାମୂହିକ ହୋମଯଜ୍ଞ

କୋରୁକୋଣ୍ଡା, ୧।୨ (ଶିବଦତ୍ତ ସାହୁ)

ମାଲକାନଗିରି ଜିଲା ବାଲିମେଲା ସହର ଡ୍ରଗ ଲାଇନରେ ଥିବା ବୈଦିକ ସତ୍‌ସଙ୍ଗ ଆର୍ଯ୍ୟ ସମାଜର ୨୯ତମ ବାର୍ଷିକ ଉତ୍ସବ ରବିବାର ଅନୁଷ୍ଠିତ ହୋଇଛି। ସମାଜ ସଭାପତି ନୀଳାଦ୍ରି ସାମନ୍ତ, ସାଧାରଣ ସମ୍ପାଦକ ଶ୍ୟାମଘନ ମହାନ୍ତି, ପ୍ରତିଷ୍ଠାତା ସୁବାସ ଚନ୍ଦ୍ର ମହାନ୍ତି ଏବଂ ପୂର୍ଣ୍ଣଚନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆର୍ଯ୍ୟ ସମାଜ ମନ୍ଦିର ପରିସରରେ ସକାଳୁ ଦୈନିକ ଅଗ୍ନିହୋତ୍ର କରାଯାଇଥିଲା। ପରେ ସକାଳ ୭ଟାରେ ଆର୍ଯ୍ୟ ସମାଜର ସମସ୍ତ କର୍ମକର୍ତ୍ତା ଏବଂ ସଦସ୍ୟଙ୍କ ଦ୍ୱାରା ଧ୍ୱଜା ଉତ୍ତୋଳନ କରାଯାଇଥିଲା। ଏହା ପରେ ମନ୍ଦିର ପରିସରରେ ୧୧ କୁଣ୍ଡୀୟ ସାମୂହିକ ହୋମ ଯଜ୍ଞ ଅନୁଷ୍ଠିତ ହୋଇଥିଲା। ଅପରାହ୍ନ ୨ଟାରେ ପୂର୍ଣ୍ଣାହୁତି ହୋଇଥିଲା। କାର୍ଯ୍ୟକ୍ରମରେ ବାଲିମେଲା ସହର ସମେତ ଆଖପାଖ ପଞ୍ଚାୟତର ବହୁ ଶ୍ରଦ୍ଧାଳୁ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ଆର୍ଯ୍ୟ ସମାଜ ସଦସ୍ୟ ଅନ୍ତର୍ଯ୍ୟାମୀ ପଣ୍ଡା, ସନ୍ତୋଷ ପାଣିଗ୍ରାହୀ, ସୁଦାମ ମହାନ୍ତି, କାର୍ତ୍ତିକେଶ୍ୱର ନାୟକ, ଉଷା ରାଣୀ ନାୟକଙ୍କ ସମେତ ଅନ୍ୟ ସଦସ୍ୟବୃନ୍ଦ ଉପସ୍ଥିତ ରହି ପରିଚାଳନା କରିଥିଲେ।




୧୧ କୁଣ୍ଡୀୟ ସାମୂହିକ ହୋମଯଜ୍ଞ କରାଯାଉଛି।

# କଳସ ଯାତ୍ରା ସହ ମାଲ୍ୟବନ୍ତ ମହୋତ୍ସବ ଶୁଭାରମ୍ଭ

ମାଲକାନଗିରି, ୧।୨ (ଦୁର୍ଯ୍ୟୋଧନ ପାତ୍ର)

**ନାଚଗୀତରେ ଦୁଲୁକିଲା ରାଜରାସ୍ତା**

ଐତିହ୍ୟ, ପରମ୍ପରା, କଳା ସଂସ୍କୃତି ଓ ଆଦିବାସୀଙ୍କ ଜୀବନଧାରାର ନିଛକ ପ୍ରତିଛବି ମାଲକାନଗିରି ଜିଲାସ୍ତରୀୟ ମାଲ୍ୟବନ୍ତ ମହୋତ୍ସବ–୨୦୨୫ର ରବିବାର ଶୁଭାରମ୍ଭ ହୋଇଛି। ଜିଲାରେ ଆଦିବାସୀ କଳା ସଂସ୍କୃତିକୁ ବଞ୍ଚାଇ ରଖି ଦେଶବିଦେଶରେ ପ୍ରଚାର ପ୍ରସାର କରିବା ସହିତ ରାଜ୍ୟ ଓ ଦେଶ ବାହାରର କଳାକାରଙ୍କ କଳାଚାତୁରିକୁ ଜାଣିବା ପାଇଁ ମାଲ୍ୟବନ୍ତ ମହୋତ୍ସବ ଆରମ୍ଭ ହୋଇଛି । ଏହି ପରିପ୍ରେକ୍ଷୀରେ ରବିବାର ସକାଳେ ଜିଲା ସଦର ମହକୁମାଠାରେ ଥିବା ଜଗନ୍ନାଥ ମନ୍ଦିରରୁ କଳସ ଶୋଭାଯାତ୍ରା ବାହାରିଥିଲା। ନୃତ୍ୟଦଳ, ଘୋଡିଶଙ୍ଖ, ଦୁଲଦୁଲି, ବାଜା, ବଣ୍ଡା, କୋୟା, ପରଜା, ଭୁମିଆ, ଦୁରୁଆ ଆଦିବାସୀ ଢେମସା ଓ ନୃତ୍ୟର ତାଳେତାଳେ ଶୋଭାଯାତ୍ରା ସହର ପରିକ୍ରମା କରି ଡି.ଏନ୍.କେ. ମଇଦାନ ମାଲ୍ୟବନ୍ତ ମଣ୍ଡପରେ କଳସ ସ୍ଥାପନା କରାଯାଇଛି।

କଳସଯାତ୍ରାରେ ମାଲକନଗିରି ବିଧାୟକ ନରସିଂହ ମାଡକାମି, ଜିଲା ପରିଷଦ ଅଧ୍ୟକ୍ଷା ସମାରୀ ଟାଙ୍ଗୁଲ, ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି. ବିନୋଦ ପାଟିଲ, ଡି.ଏଫ୍‌ଓ ସାଇକିରଣ, ଅତିରିକ୍ତ ଜିଲାପାଳ ବେଦବର ପ୍ରଧାନ, ସୋମନାଥ ପ୍ରଧାନ, ଜିଲା ପରିଷଦ ଉନ୍ନୟନ ଓ ମୁଖ୍ୟ ନିର୍ବାହୀ ଅଧିକାରୀ ଦାଶରଥି ସରାବୁ, ଉପଜିଲାପାଳ ଦୁର୍ଯ୍ୟୋଧନ ଭୋଇ, ଜିଲା ସଂସ୍କୃତି ଅଧିକାରୀ ସଂତ୍ରାଶ ନାରାୟଣ ପଣ୍ଡା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ପ୍ରମିଳା ମାଝୀ, ପୌର ପରିଷଦ ଚେୟାରମ୍ୟାନ ମନୋଜ ବାରିକ, ପୂର୍ବତନ ସାହିତ୍ୟ ଏକାଡେମୀ ସଦସ୍ୟ ରତ୍ନାକର ଦାଶ, ଏମ୍‌ପି ପ୍ରତିନିଧି ସଞ୍ଜୟ ସରକାର, ଜିଲା ଆଦିବାସୀ ସମାଜ ମହାସଂଘ ସଭାପତି ବନ୍ଧୁ ମୁଦୁଲି, ଗେନୁ ମୁଦୁଲି ପ୍ରମୁଖ ଉପସ୍ଥିତ ଥିଲେ । କଳସ ଯାତ୍ରାରେ ବିଧାୟକ, ଜିଲାପାଳ, ଏସ୍.ପି. ଏବଂ ଅନ୍ୟ ଅଧିକାରୀମାନେ ରାସ୍ତାରେ ହାତ ଧରାଧରି ହୋଇ ନୃତ୍ୟ କରିଥିଲେ। ରବିବାର ସନ୍ଧ୍ୟାରେ ମୁଖ୍ୟ ମାଲ୍ୟବନ୍ତ ମହୋତ୍ସବରେ ସୁପ୍ରସିଦ୍ଧ ଗାୟିକା ତ୍ରିଶା ଚାଟାର୍ଜୀ, ଶ୍ରୀଜାତା ଉପାଧ୍ୟାୟ, ଗାୟକ ସନତ ପାଣିଗ୍ରାହୀ ସଙ୍ଗୀତ ଗାନ କରିବା ସହିତ ଘୁମୁରା, କୋୟା, ଓଡ଼ିଶୀ ନୃତ୍ୟ, ଗୋଟିପୁଅ, ଢେମସା ନୃତ୍ୟ ପରିବେଷଣ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



କଳସ ଶୋଭାଯାତ୍ରାରେ ସାମିଲ ହୋଇଥିବା ଜନ ପ୍ରତିନିଧି, ପ୍ରଶାସନିକ ଅଧିକାରୀ ଓ ଜନସାଧାରଣ ।

# ଯନ୍ତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା



ଅବସରପ୍ରାପ୍ତ ଯନ୍ତ୍ରୀଙ୍କୁ ବିଡିଓ ଡକ୍ୟୁମେଣ୍ଟ ପ୍ରଦାନ କରୁଛନ୍ତି।

ଗୁଡାରି, ୧।୨ (ପ୍ରମୋଦ କୁମାର ପତି)

ଗୁଡାରି ବ୍ଲକ୍‌ରେ କାର୍ଯ୍ୟରତ ଯନ୍ତ୍ରୀ ପି. ମୋହନ ରାଓ ପାତ୍ର ଶନିବାର କାର୍ଯ୍ୟରୁ ଅବସର ନେଇଛନ୍ତି। ଏହି ଅବସରରେ ବ୍ଲକ କାର୍ଯ୍ୟାଳୟରେ ବିଡିଓ ଶୁଚିସ୍ମିତା ବେହେରାଙ୍କ ଅଧ୍ୟକ୍ଷତାରେ ଏକ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ବହୁ ବର୍ଷ ଧରି ସମ୍ପୃକ୍ତ ଯନ୍ତ୍ରୀ ବ୍ଲକ୍‌ରେ କାର୍ଯ୍ୟରତ ଥିଲେ ଏବଂ ନିଜ କାର୍ଯ୍ୟକୁ ଠିକ ଭାବେ କରୁଥିଲେ। ଏହାଛଡ଼ା ଜଣେ ନିଷ୍ଠାବାନ ଓ ସମୟାନୁବର୍ତ୍ତିତା ଅଧିକାରୀ ଭାବେ ସେ ବ୍ଲକରେ ଜଣାଶୁଣା ଥିଲେ ବୋଲି ବିଡିଓ ନିଜ ବକ୍ତବ୍ୟରେ କହିଥିଲେ। ଏହି କାର୍ଯ୍ୟକ୍ରମରେ ଯନ୍ତ୍ରୀଙ୍କ ପତ୍ନୀ, ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୌଭାଗ୍ୟ ରଞ୍ଜନ କର, ବିଶ୍ୱନାଥ ମଣ୍ଡଳଙ୍କ ସମେତ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ଆନ୍ତଃ ୟୁନିଟ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ: ବାଲିମେଲା ଟିମ୍ ଚାମ୍ପିୟନ




ଟ୍ରଫି ସହ ଚାମ୍ପିୟନ ହୋଇଥିବା ବାଲିମେଲା ଟିମ୍ ଖେଳାଳି।

କୋରୁକୋଣ୍ଡା, ୧।୨ (ଶିବଦତ୍ତ ସାହୁ)

ଓଡ଼ିଶା ହାଇଡ୍ରୋ ପାୱାର କର୍ପୋରେଶନ (ଓଚପିସି) ପକ୍ଷରୁ ରାଜ୍ୟରେ ଥିବା ସମସ୍ତ ଜଳ ବିଦ୍ୟୁତ୍ କେନ୍ଦ୍ରକୁ ନେଇ ସମ୍ବଲପୁର ଜିଲା ରେଙ୍ଗାଲିଠାରେ ଗତ ୨୮ରୁ ଆରମ୍ଭ ହୋଇଥିବା ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ୩୧ ତାରିଖରେ ଶେଷ ହୋଇଛି। ରାଜ୍ୟରେ ଥିବା ମାଛକୁଣ୍ଡ, ଚିପିଲିମା ରେଙ୍ଗାଲୀ, ମୁଖୀଗୁଡା, ବୁର୍ଲା, ଅପର କୋଲାବ, ବାଲିମେଲା ଜଳ ବିଦ୍ୟୁତ କେନ୍ଦ୍ର ଓ ଭୁବନେଶ୍ୱର ମୁଖ୍ୟ କାର୍ଯ୍ୟାଳୟର ଖେଳାଳିମାନେ ଏହି ଟୁର୍ନାମେଣ୍ଟରେ ଭାଗ ନେଇଥିଲେ। ଫାଇନାଲରେ ମୁଖୀଗୁଡାକୁ ହରାଇ ବାଲିମେଲା ଟିମ ଚାମ୍ପିୟନ ହୋଇଛି। ବାଲିମେଲା ଜଳ ବିଦ୍ୟୁତ କେନ୍ଦ୍ର ପକ୍ଷରୁ ତାପସ କୁମାର ପାଲ ଓ ସୀମାଞ୍ଚଳ ସୁବୁଦ୍ଧି ଯୋଗଦେଇ ବାଲିମେଲା ପାଇଁ ଗୌରବ ଆଣିଛନ୍ତି। ବାଲିମେଲା ଜଳ ବିଦ୍ୟୁତ କେନ୍ଦ୍ରରେ ବାଲି ପାୱାର ସଂଘର ସଭାପତି ପ୍ରବୀର କୁମାର ଦାସ ଏବଂ ସମ୍ପାଦକ ସନ୍ତୋଷ କୁମାର ପଣ୍ଡାଙ୍କ ସମେତ ଅନ୍ୟ କର୍ମଚାରୀ ଟୁର୍ନାମେଣ୍ଟରେ ବିଜେତା ହୋଇଥିବା ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।


**କୃଷି ବିଭାଗ, ମାଲକାନଗିରି**

**"ଅଭିନନ୍ଦନ ବାର୍ତ୍ତା"**

କୃଷି ବିଭାଗ, ମାଲକାନଗିରି ଜିଲ୍ଲା ତରଫରୁ ଚାଷୀ ଭାଇଭଉଣୀମାନଙ୍କୁ "ମାଲ୍ୟବନ୍ତ ୨୦୨୫" ଅବସରରେ ଅନେକ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ। ଏତଦ୍ୱାରା ସମସ୍ତ ଚାଷୀ ଭାଇ ଓ ଭଉଣୀମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି କୃଷି ବିଭାଗ, ମାଲକାନଗିରି ଆପଣଙ୍କ ନିମନ୍ତେ ସଦା ସର୍ବଦା ତତ୍ପର ରହିଛି ଏବଂ ଆପଣଙ୍କ ଅବଗତି ନିମନ୍ତେ ନିମ୍ନଲିଖିତ ସୂଚନା ଦିଆଯାଉଛି।

**କୃଷକ ପଞ୍ଜୀକରଣ**

ଓଡ଼ିଶା ସରକାରଙ୍କର ଡିଜିଟାଲ କୃଷି ଅଧୀନରେ କୃଷକ ପଞ୍ଜୀକରଣ କାର୍ଯ୍ୟ ପଞ୍ଚାୟତସ୍ତରରେ ୪୯ଟି କ୍ୟାମ୍ପ ମାଧ୍ୟମରେ କରାଯାଉଅଛି। ଗ୍ରାମ୍ୟ କୃଷି କର୍ମଚାରୀ ଓ ରାଜସ୍ୱ ନିରୀକ୍ଷକ ସହଯୋଗରେ ଅପରେଟର ମୋଡ୍, ସିଏସ୍‌ସି ମୋଡ୍, ସେଲ୍ଫ ମୋଡ୍ ଏବଂ ସହାୟକଙ୍କ ଦ୍ୱାରା କୃଷକ ପଞ୍ଜୀକରଣ କାର୍ଯ୍ୟ ଚାଲୁଅଛି। ଏଣୁ ସମସ୍ତ କୃଷକ ନିଜର ଜମିଜମା ସଂକ୍ରାନ୍ତୀୟ ତଥ୍ୟ ସହିତ ନିଜ ନାମକୁ ପଞ୍ଜୀକରଣ କରାଇବାକୁ ଅନୁରୋଧ। ଅଧିକ ଜାଣିବା ପାଇଁ ନିକଟସ୍ଥ କୃଷି କର୍ମଚାରୀଙ୍କ ସାହାଯ୍ୟ ନିଅନ୍ତୁ।

**ସିଏମ୍ କିଷାନ**

ସିଏମ୍ କିଷାନ ଯୋଜନାର ବାଧ୍ୟତାମୂଳକ ଆବଶ୍ୟକତାଗୁଡ଼ିକ ପୂରଣ କରିନଥିବା ହିତାଧିକାରୀମାନଙ୍କ ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ସୂଚନା।
ପଞ୍ଜୀକରଣ ପାଇଁ ବାଧ୍ୟତାମୂଳକ ଆବଶ୍ୟକତା :
- ବ୍ୟାଙ୍କ ଖାତା ସହ ଆଧାର ସଂଯୋଗୀକରଣ
- କୃଷକ ଓଡ଼ିଶା ପୋର୍ଟାଲରେ ପଞ୍ଜୀକରଣ

ଉପରୋକ୍ତ ଆବଶ୍ୟକତା ପୂରଣ କରିବା ପରେ ହିତାଧିକାରୀମାନେ ଆଧାର ଲିଙ୍କ୍ ଥିବା ମୋବାଇଲ୍ ନମ୍ବର ଜରିଆରେ e-KYC ସହିତ ନିକଟସ୍ଥ ଜନ ସେବା କେନ୍ଦ୍ର କିମ୍ବା ବ୍ୟକ୍ତିଗତ ସ୍ତରରେ ସିଏମ୍ କିଷାନ ପୋର୍ଟାଲ (cmkisan.odisha.gov.in) ରେ ପଞ୍ଜୀକରଣ କରାଇ ନିଅନ୍ତୁ। ପଞ୍ଜୀକରଣ କରିନଥିବା ହିତାଧିକାରୀମାନେ ଉକ୍ତ ଯୋଜନାରୁ ବାଦ୍ ପଡିପାରନ୍ତି। ଅଧିକ ସୂଚନା ପାଇଁ ବ୍ଲକ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ କିମ୍ବା କୃଷି ସମୃଦ୍ଧି ହେଲ୍ପଲାଇନ୍ ନମ୍ବର ୧୫୫୩୩୩ରେ ଯୋଗାଯୋଗ କରନ୍ତୁ।

ସ୍ୱା./– ମହେଶ କୁମାର ପାଢୀ
ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ତଥା ପ୍ରକଳ୍ପ ନିର୍ଦ୍ଦେଶକ, ଆତ୍ମା, ମାଲକାନଗିରି



केनरा बैंक Canara Bank
सिंडिकेट Syndicate

କ୍ଷେତ୍ରୀୟ କାର୍ଯ୍ୟାଳୟ: ଭୁବନେଶ୍ୱର, ଏଫ୍-୪, ୨ୟ ମହଲା, ଇନ୍ଦ୍ରଧନୁ ମାର୍କେଟ, ଆଇଆର୍‌ସି ଭିଲେଜ, ନୟାପଲ୍ଲୀ, ଭୁବନେଶ୍ୱର-୭୫୧୦୧୫

**ଦଖଲ ନୋଟିସ୍**
(ସ୍ଥାବର ସମ୍ପତ୍ତିଗୁଡିକ ନିମନ୍ତେ)

ନିମ୍ନସ୍ୱାକ୍ଷରକାରୀ **କାନାରା ବ୍ୟାଙ୍କ**ର କ୍ଷମତାପ୍ରାପ୍ତ ଅଧିକାରୀ, ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍‌ସନ୍ ଅଫ୍ ଫାଇନାନ୍ସିଆଲ୍ ଆସେଟ୍‌ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨(୨୦୦୨ର ଆକ୍ଟ ୫୪) (ଏହାପରେ ଆକ୍ଟ କୁହାଯିବ)ର ଧାରା ୧୩(୧୨) ଏବଂ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ରେ ପ୍ରଦାନ କରାଯାଇଥିବା କ୍ଷମତା ପ୍ରୟୋଗ କରାଯାଇ ନିମ୍ନ ପ୍ରଦତ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ ଡିମାଣ୍ଡ ନୋଟିସ୍ ଜାରିକରି ନୋଟିସ୍ ପ୍ରଦତ୍ତ ରାଶି ସହିତ ସୁଧ ନୋଟିସ୍ ପ୍ରାପ୍ତି ତାରିଖ ଠାରୁ **୬୦ ଦିନ** ମଧ୍ୟରେ ପରିଶୋଧ କରିବାକୁ କୁହାଯାଇଥିଲା । ଯେହେତୁ, ଋଣଗ୍ରହୀତାମାନେ ଋଣ ପରିଶୋଧ କରିବାରେ ବିଫଳ ହେଲେ ତେଣୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏହି ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଛି କି ଏହି ଆକ୍ଟର ଧାରା ୧୩(୪)ସହିତ କଥିତ ରୁଲ୍ସର ରୁଲ୍ ୮ ଏବଂ ୯ ଅନୁଯାୟୀ ପ୍ରଦତ୍ତ କ୍ଷମତାବଳରେ ନିମ୍ନସ୍ୱାକ୍ଷରକାରୀ ନିମ୍ନ ପ୍ରଦତ୍ତ ସମ୍ପତ୍ତିଗୁଡିକୁ **ଦଖଲ** କରିଛନ୍ତି । ଏତଦ୍‌ଦ୍ୱାରା ବିଶେଷ କରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ସତର୍କ କରାଇ ଦିଆଯାଉଛି କି, ନିମ୍ନଲିଖିତ ସମ୍ପତ୍ତିଗୁଡିକ ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଯଦି ସମ୍ପତ୍ତିଗୁଡିକ ଉପରେ କୌଣସି ପ୍ରକାର କାରବାର କରନ୍ତି, ତେବେ **କାନାରା ବ୍ୟାଙ୍କର ଭୁବନେଶ୍ୱର କଟକ ରୋଡ ଶାଖା** ନିକଟରେ ନିମ୍ନଲିଖିତ ବକେୟା ରାଶି ସହିତ ସେବାବଦ ସୁଧ ଏବଂ ଖର୍ଚ୍ଚ ପାଇଁ ଉତ୍ତରଦାୟୀ ରହିବେ। **ଏତଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩(୮) ଅନୁଯାୟୀ ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଭୁବନେଶ୍ୱର କଟକ ରୋଡ ଶାଖା / ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନାମ ଓ ଠିକଣା | (କ) ସ୍ଥାବର ସମ୍ପତ୍ତିଗୁଡିକର ସଂପୂର୍ଣ୍ଣ ବିବରଣୀ / (ଖ)ଧାରା ୧୩(୨) ନୋଟିସ୍ ତାରିଖ / (ଗ) ଧାରା ୧୩ (୪) ନୋଟିସ୍ ତାରିଖ / (ଘ) ବକେୟା ପରିମାଣ |
|---|---|
| **ଋଣଗ୍ରହୀତା: ମେସର୍ସ ଫୋଏନିକ୍ସ ଫିଲ୍ମ ଲାବ୍ସ ପ୍ରା.ଲିଃ.,** ଫ୍ଲାଟ୍ ନଂ.: ୪୬, ୨ୟ ମହଲା, ଇନ୍‌ଫୋସିଟି ରୋଡ୍, ପଟିଆ, ଭୁବନେଶ୍ୱର, ଓଡ଼ିଶା-୭୫୧୦୨୪, **ନିର୍ଦ୍ଦେଶକମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ ନଂ.: ୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬ / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ,** ପିତା: ୰ ରମାକାନ୍ତ ପଟ୍ଟନାୟକ, ହାଉସ୍ ନଂ.: | କ) **ଶ୍ରୀ ମୁକୁନ୍ଦ ପ୍ରସାଦ ପଟ୍ଟନାୟକ**ଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ଜିଲ୍ଲା: ଖୋର୍ଦ୍ଧା, ତହସିଲ: ଭୁବନେଶ୍ୱର, ଥାନା: ଲକ୍ଷ୍ମୀସାଗର, ଥାନା ନଂ.: ୫୨, ଏସ୍‌ଆରଓ: ଭୁବନେଶ୍ୱର, ମୌଜା: ଭୁବନେଶ୍ୱର ସହର ୟୁନିଟ୍ ନଂ.: ୩୦, ଲକ୍ଷ୍ମୀସାଗର-୧, ଖାତା ନଂ.: ୧୫୯୩/୩୪୦, ପ୍ଲଟ୍ ନଂ.: ୨୧୧୬, କ୍ଷେତ୍ର: ଏକର୦.୦୫୮ ଡିସିମିଲି, ଅନୁରୂପ ପ୍ଲଟ୍ ନଂ.: ୨୧୧୬, ଖାତା ନଂ.: ୧୦୭୫, କ୍ଷେତ୍ର ଏକର୦.୧୮୮ଡିସିମିଲି, କିସମ: ଘରବାରୀ, ସ୍ୱତ୍ୱ: ସ୍ଥିତିବାନ, ଏହାର ଚାରିପାର୍ଶ୍ୱରେ ପୂର୍ବ: ପ୍ଲଟ୍ ନଂ.: ୨୧୧୭ ଏବଂ ପ୍ଲଟ୍ ନଂ.: ୪୩୯୩(ଅଂଶ), ପଶ୍ଚିମ: ପ୍ଲଟ୍ ନଂ.: ୨୧୧୮ ଏବଂ ପ୍ଲଟ୍ ନଂ.: ୨୧୨୫(ଅଂଶ), ଉତ୍ତର: ରାସ୍ତା ଏବଂ ପ୍ଲଟ୍ ନଂ.: ୨୧୧୭, ଦକ୍ଷିଣ: ଏ ସମୁଖ ରାଓ, **CERSAI ID- 400022742250 / ଖ) ୦୬.୧୧.୨୦୨୫ / ଗ) ୩୧.୦୧.୨୦୨୬ / ଘ) ଟ.୨୦,୩୨,୩୭୨/- (କୋଡିଏ ଲକ୍ଷ ବତିଶ ହଜାର ତିନି ଶହ ବାସ୍ତରୀ ଟଙ୍କା ମାତ୍ର)** ଏବଂ ସେବାବଦ ସୁଧ ଓ ଅନ୍ୟାନ୍ୟ ଖର୍ଚ୍ଚ। |

୫/୨୦, ଖାରବେଳ ନଗର, ଭୁବନେଶ୍ୱର-୭୫୧୦୦୧, **୨) ଶ୍ରୀ ସତ୍ୟ ସୁନ୍ଦର ବେହେରା,** ପିତା: ବିଦ୍ୟାଧର ବେହେରା, ଜଗନ୍ନାଥପୁର, ଭଦ୍ରକ ମ୍ୟୁନିସିପାଲିଟି, ଭଦ୍ରକ-୭୫୬୧୦୦, **୩) ଶ୍ରୀ ବିଜୟ କିଶୋର ବେହେରା,** ପିତା: ବିଦ୍ୟାଧର ବେହେରା, ଫ୍ଲାଟ୍ ନଂ.: ୧୦୨, ଜିଏ-୧୧, ଓଲିଭ ଏନ୍‌କ୍ଲେଭ୍, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬, **୪) ଶ୍ରୀମତୀ ନମିତା ପଟ୍ଟନାୟକ,** ସ୍ୱାମୀ: ବିଜୟ କିଶୋର ବେହେରା, ପ୍ଲଟ୍ ନଂ.: ୨୯୪, ଫ୍ଲାଟ୍ ନଂ.: ୩୦୧, ତ୍ରିବିକ୍ରମ ଟେରାସ, ଶୈଳଶ୍ରୀ ବିହାର, ଭୁବନେଶ୍ୱର-୭୫୧୦୦୬

**ସ୍ଥାନ: ଭୁବନେଶ୍ୱର, ତାରିଖ: ୩୧.୦୧.୨୦୨୬** — **ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, କାନାରା ବ୍ୟାଙ୍କ**

# ଓଡ଼ିଶାରେ ନୂଆ ଜାତୀୟ ଜଳପଥ

## ଦେଶରେ ୨୦





ସରକାର ଏହି ପ୍ରକଳ୍ପରେ ବେସରକାରୀ ନିବେଶକୁ ପ୍ରୋତ୍ସାହିତ କରିବା ପାଇଁ ଭାଏବିଲିଟି ଗ୍ୟାପ୍ ଫଣ୍ଡ (ଭିଜିଏଫ୍) ର ସୁବିଧା ମଧ୍ୟ ରଖିଛନ୍ତି, ଯାହାଦ୍ୱାରା ମୋଟ ନିବେଶ ପରିମାଣ ଆଗାମୀ ବର୍ଷଗୁଡ଼ିକରେ ୫,୦୦୦ କୋଟି ଅତିକ୍ରମ କରିବାର ସମ୍ଭାବନା ରହିଛି। ଏହି ଅର୍ଥରେ ବ୍ରାହ୍ମଣୀ ଏବଂ ମହାନଦୀର କିଛି ଅଂଶରେ ବଡ଼ ଜାହାଜ ଚଳାଚଳ ପାଇଁ ନଦୀପଠାରୁ ବାଲି କଢ଼ାଯିବ। ସେହିପରି ପଙ୍କପାଳ, ଧାମରା ଏବଂ ପାରାଦୀପ ନିକଟରେ ଅତ୍ୟାଧୁନିକ ଜାହାଜ ରହଣିସ୍ଥଳ ବା ଟର୍ମିନାଲ ତିଆରି ହେବ। ଜଳପଥରେ ଜାହାଜ ଚଳାଚଳର ସୂଚନା ପାଇଁ ରିଭର ଇନଫରମେଶନ ସିଷ୍ଟମ୍ (ଆର୍‌ଆଇଏସ୍) ସ୍ଥାପନ କରାଯିବ। ଜଳପଥରେ ଆସୁଥିବା ପୁରୁଣା ସେତୁଗୁଡ଼ିକର ଉଚ୍ଚତା ବୃଦ୍ଧି କରାଯିବ, ଯେପରି କାର୍ଗୋ ଜାହାଜ ସହଜରେ ଯାଇପାରିବ। ଏହି ଜଳପଥ କାର୍ଯ୍ୟକ୍ଷମ ହେଲେ ଓଡ଼ିଶାରୁ କୋଇଲା ପରିବହନ ଖର୍ଚ୍ଚ ପ୍ରାୟ ୩୦%ରୁ ୪୦% କମିଯିବ।

## ଭାରତୀୟ ଶେୟାରକୁ ସିଧା କିଣିପାରିବେ ବିଦେଶୀ

ଭାରତୀୟ କମ୍ପାନୀଗୁଡ଼ିକୁ ବିଦେଶରୁ ସିଧାସଳଖ ଅଧିକ ପୁଞ୍ଜି ମିଳିପାରିବ। ସାଧାରଣତଃ ବ୍ୟକ୍ତିଗତ ନିବେଶକମାନେ ଦୀର୍ଘକାଳୀନ ନିବେଶ କରନ୍ତି, ଯାହା ଫଳରେ ବଜାରରେ ଅସ୍ଥିରତା କମିବ ବୋଲି ସରକାର ଆଶା ରଖିଛନ୍ତି। ଏଭଳି ନିବେଶ ପାଇଁ ଜଟିଳ ରେଜିଷ୍ଟ୍ରେଶନ ପ୍ରକ୍ରିୟା ଦେଇ ଯିବାକୁ ପଡ଼ିବ ନାହିଁ, ବ୍ୟାଙ୍କିଙ୍ଗ ଚ୍ୟାନେଲ ଏବଂ କେୱାଇସି ମାଧ୍ୟମରେ ଏହା ସହଜରେ ହୋଇପାରିବ।

**ମନ୍ତ୍ରଣାଳୟ ଅନୁଯାୟୀ ବ୍ୟୟବରାଦ (କୋଟିରେ)**

| | | |
|---|---|---|
| ୧ | କୃଷି ମନ୍ତ୍ରଣାଳୟ | ୧,୪୦,୫୨୮.୭୮ |
| ୨ | ଆଣବିକ ଶକ୍ତି ବିଭାଗ | ୨୪,୧୨୩.୯୨ |
| ୩ | ଆୟୁଷ ମନ୍ତ୍ରଣାଳୟ | ୪,୪୦୮.୯୩ |
| ୪ | ରସାୟନ ଓ ସାର | ୧,୭୭,୦୬୧.୪୭ |
| ୫ | ବେସାମରିକ ବିମାନ ଚଳାଚଳ | ୨,୧୦୨.୮୭ |
| ୬ | କୋଇଲା ମନ୍ତ୍ରଣାଳୟ | ୩,୬୩୫.୩୨ |
| ୭ | ବାଣିଜ୍ୟ ଓ ଶିଳ୍ପ | ୧୭,୮୪୩.୯୦ |
| ୮ | ଯୋଗାଯୋଗ ମନ୍ତ୍ରଣାଳୟ | ୧,୦୨,୨୬୭.୦୨ |
| ୯ | ଖାଉଟି ବ୍ୟାପାର, ଖାଦ୍ୟ ଓ ସାଧାରଣ ବଣ୍ଟନ | ୨,୩୯,୫୨୧.୩୭ |
| ୯ | କୋଅପରେଶନ ମନ୍ତ୍ରଣାଳୟ | ୧,୭୪୪.୭୪ |
| ୧୦ | କର୍ପୋରେଟ୍ ବ୍ୟାପାର | ୫,୫୬୧.୮୬ |
| ୧୧ | ସଂସ୍କୃତି ମନ୍ତ୍ରଣାଳୟ | ୩,୪୧୬.୬୩ |
| ୧୨ | ପ୍ରତିରକ୍ଷା ମନ୍ତ୍ରଣାଳୟ | ୭,୮୪,୬୭୮.୨୮ |
| ୧୩ | ଉତ୍ତରପୂର୍ବାଞ୍ଚଳ ବିକାଶ | ୬,୮୧୨.୩୦ |
| ୧୪ | ଭୂବିଜ୍ଞାନ ମନ୍ତ୍ରଣାଳୟ | ୩,୭୮୯.୨୩ |
| ୧୫ | ଶିକ୍ଷା ମନ୍ତ୍ରଣାଳୟ | ୧,୩୯,୨୮୯.୪୮ |
| ୧୬ | ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି | ୨୧,୬୩୨.୯୬ |
| ୧୭ | ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ | ୩,୭୫୯.୪୬ |
| ୧୮ | ବହିର୍ବ୍ୟାପାର ମନ୍ତ୍ରଣାଳୟ | ୨୨,୧୧୮.୯୭ |
| ୧୯ | ଅର୍ଥ ମନ୍ତ୍ରଣାଳୟ | ୧୯,୭୨,୫୦୯.୪୮ |
| ୨୦ | ମତ୍ସ୍ୟଚାଷ, ପଶୁ ସମ୍ପଦ ଓ ଗୋପାଳନ | ୮,୯୧୫.୨୬ |
| ୨୧ | ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ | ୪,୦୬୪.୧୬ |
| ୨୨ | ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ | ୧,୦୬,୫୩୦.୪୨ |
| ୨୩ | ଭାରି ଶିଳ୍ପ ମନ୍ତ୍ରଣାଳୟ | ୭,୯୩୯.୯୦ |
| ୨୪ | ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ | ୨,୫୫,୨୩୩.୫୩ |
| ୨୫ | ଗୃହ ଓ ନଗର ଉନ୍ନୟନ | ୮୫,୫୨୨.୩୯ |
| ୨୬ | ସୂଚନା ଓ ପ୍ରସାରଣ | ୪,୫୫୧.୯୪ |
| ୨୭ | ଜଳଶକ୍ତି ମନ୍ତ୍ରଣାଳୟ | ୯୪,୮୦୭.୮୪ |
| ୨୮ | ଶ୍ରମ ଓ ନିୟୋଜନ | ୩୨,୬୬୬.୩୧ |
| ୨୯ | ଆଇନ ଓ ନ୍ୟାୟ | ୫,୫୧୩.୩୯ |
| ୩୦ | ଏମ୍ଏସ୍ଏମ୍ଇ | ୨୪,୫୬୬.୨୭ |
| ୩୧ | ଖଣି ମନ୍ତ୍ରଣାଳୟ | ୩,୮୦୬.୪୫ |
| ୩୨ | ସଂଖ୍ୟାଲଘୁ ବ୍ୟାପାର | ୩,୪୦୦.୦୦ |
| ୩୩ | ନବୀନ ଓ ନବୀକରଣୀୟ ଶକ୍ତି | ୩୨,୯୧୪.୬୭ |
| ୩୪ | ପଞ୍ଚାୟତିରାଜ | ୧,୧୯୦.୧୬ |
| ୩୫ | ସଂସଦୀୟ ବ୍ୟାପାର | ୬୮.୪୫ |
| ୩୬ | କାର୍ମିକ, ଜନଅଭିଯୋଗ ଓ ପେନ୍‌ସନ | ୨,୬୬୨.୦୧ |
| ୩୭ | ପେଟ୍ରୋଲିୟମ ଓ ପ୍ରାକୃତିକ ଗ୍ୟାସ | ୩୦,୪୪୩.୨୨ |
| ୩୮ | ଯୋଜନା ମନ୍ତ୍ରଣାଳୟ | ୧,୨୩୨.୧୬ |
| ୩୯ | ବନ୍ଦର, ନୌପରିବହନ ଓ ଜଳମାର୍ଗ | ୫,୧୬୪.୮୦ |
| ୪୦ | ଶକ୍ତି ମନ୍ତ୍ରଣାଳୟ | ୨୯,୯୯୬.୮୫ |
| ୪୧ | ରାଷ୍ଟ୍ରପତି, ସଂସଦ, ୟୁପିଏସ୍‌ସି ଏବଂ ଉପରାଷ୍ଟ୍ରପତି ସଚିବାଳୟ | ୨,୦୮୩.୮୩ |
| ୪୨ | ରେଳ ମନ୍ତ୍ରଣାଳୟ | ୨,୮୧,୩୭୭.୩୨ |
| ୪୩ | ସଡ଼କ ପରିବହନ ଓ ରାଜପଥ | ୩,୦୯,୮୭୫.୩୦ |
| ୪୪ | ଗ୍ରାମୀଣ ବିକାଶ | ୧,୯୭,୦୨୩.୧୪ |
| ୪୫ | ବିଜ୍ଞାନ ଓ ପ୍ରଯୁକ୍ତି | ୩୮,୨୬୦.୯୪ |
| ୪୬ | ଦକ୍ଷତା ବିକାଶ ଓ ଔଦ୍ୟୋଗିକ | ୯,୮୮୫.୮୦ |
| ୪୭ | ସାମାଜିକ ନ୍ୟାୟ ଓ ସଶକ୍ତୀକରଣ | ୧୫,୩୫୭.୩୧ |
| ୪୮ | ମହାକାଶ ବିଭାଗ | ୧୩,୭୦୫.୬୩ |
| ୪୯ | ପରିସଂଖ୍ୟାନ ଓ କାର୍ଯ୍ୟକ୍ରମ ପ୍ରଣୟନ | ୫,୫୦୨.୮୯ |
| ୫୦ | ଇସ୍ପାତ ମନ୍ତ୍ରଣାଳୟ | ୪୪୩.୧୮ |
| ୫୧ | ବୟନଶିଳ୍ପ | ୫,୨୭୯.୦୧ |
| ୫୨ | ପର୍ଯ୍ୟଟନ | ୨,୪୩୮.୪୦ |
| ୫୩ | ଆଦିବାସୀ ବ୍ୟାପାର | ୧୫,୪୨୧.୯୭ |
| ୫୪ | ମହିଳା ଓ ଶିଶୁ ବିକାଶ | ୨୮,୧୮୩.୦୬ |
| ୫୫ | ଯୁବ ବ୍ୟାପାର ଓ କ୍ରୀଡ଼ା | ୪,୪୭୯.୮୮ |
| | ମୋଟ | ୫୩,୪୭,୩୧୪.୮୧ |

## ଶିକ୍ଷା ମନ୍ତ୍ରଣାଳୟକୁ ୧,୩୯, ୨୮୯ କୋଟି


## ଖୋଲିବ ୫ ୟୁନିଭର୍ସିଟି ଟାଉନଶିପ୍

ଏଣିକି ଶିକ୍ଷା ସହ ନିଯୁକ୍ତି କ୍ଷେତ୍ରର ସମନ୍ୱୟକୁ ଗୁରୁତ୍ୱ ଦିଆଯିବ। ଶିକ୍ଷା ସହିତ ସେବା, ସ୍ୱାସ୍ଥ୍ୟ, ପର୍ଯ୍ୟଟନ ଏବଂ ବୈଷୟିକ କ୍ଷେତ୍ର ଜଡ଼ିତ ଥିବାରୁ ସାମୂହିକ ବିକାଶଲାଗି ପଦକ୍ଷେପ ନିଆଯିବ। ଏହିକ୍ରମରେ ୨୦୨୬-୨୭ ବଜେଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଶିକ୍ଷା ବିଭାଗ ପାଇଁ ୧,୩୯,୨୮୯ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି; ଯାହାକି ଗତବର୍ଷ ବଜେଟ ତୁଳନାରେ୮.୫ % ଅଧିକ। ସ୍କୁଲ ଶିକ୍ଷା କ୍ଷେତ୍ରକୁ ୮୩,୫୬୧ କୋଟି ଏବଂ ଉଚ୍ଚଶିକ୍ଷା କ୍ଷେତ୍ର ପାଇଁ ୫୫,୭୨୪ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଦେଶର ଶିକ୍ଷା ବ୍ୟବସ୍ଥାକୁ ବିଶ୍ୱସ୍ତରୀୟ କରିବା ଲାଗି ୫ ପ୍ରମୁଖ ଶିଳ୍ପ କରିଡର୍ ନିକଟରେ ୫ଟି ଏକାଡେମିକ୍ ଜୋନ୍ ବା ୟୁନିଭର୍ସିଟି ଟାଉନଶିପ୍ ଖୋଲାଯିବ। ଏଗୁଡିକରେ ୟୁନିଭର୍ସିଟି, କଲେଜ, ଗବେଷଣା ଅନୁଷ୍ଠାନ ଏବଂ ଦକ୍ଷତା ବିକାଶ କେନ୍ଦ୍ର ରହିବ। ବିଜ୍ଞାନ, ଗଣିତ, ଇଞ୍ଜିନିୟରିଂ ଏବଂ ଟେକ୍ନୋଲୋଜି(ଷ୍ଟେମ୍) ଆଦି ବିଷୟରେ ଉଚ୍ଚଶିକ୍ଷା କରୁଥିବା ଛାତ୍ରୀଙ୍କ ପାଇଁ ପ୍ରତି ଜିଲାରେ ସ୍ୱତନ୍ତ୍ର ହଷ୍ଟେଲ ଖୋଲାଯିବ। ସେହିପରି ଡିଜାଇନିଂ ଶିକ୍ଷା ପାଇଁ ପୂର୍ବ ଭାରତରେ ଆଉ ଏକ ଜାତୀୟ ଅନୁଷ୍ଠାନ ଖୋଲାଯିବ। ରିଲ୍ ମେକିଂ ଏବଂ କଣ୍ଟେଣ୍ଟ କ୍ରିଏସନ୍ ପାଇଁ ସ୍କୁଲ ଓ କଲେଜ ବିଦ୍ୟାର୍ଥୀଙ୍କୁ ପ୍ରୋତ୍ସାହନ ଦିଆଯିବ। ମୁମ୍ବାଇସ୍ଥିତ ଇଣ୍ଡିଆନ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ କ୍ରିଏଟିଭ୍ ଟେକ୍ନୋଲୋଜି (ଆଇଆଇସିଟି) ମାଧ୍ୟମରେ ୫୦୦ କଲେଜ ଏବଂ ୧୫୦୦ ଉଚ୍ଚ ମାଧ୍ୟମିକ ସ୍କୁଲରେ କଣ୍ଟେଣ୍ଟ କ୍ରିଏସନ୍ ଲ୍ୟାବ୍ ଖୋଲାଯିବ। ଏଥିରେ ଛାତ୍ର ଛାତ୍ରୀମାନଙ୍କୁ ଆନିମେଶନ୍, ଭିଜୁଆଲ ଇଫେକ୍ଟ ଓ ଗେମିଂ ଆଦି କ୍ଷେତ୍ରରେ ପ୍ରଶିକ୍ଷଣ ଦିଆଯିବ।



## ଏମ୍ଏସ୍ଏମ୍ଇ କ୍ଷେତ୍ରକୁ ୧୦ ହଜାର କୋଟି

କେନ୍ଦ୍ର ସରକାର ଆଗାମୀ ଦିନରେ ଦେଶର ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବାକୁ ସ୍ୱତନ୍ତ୍ର ଭାବେ ଅଗ୍ରାଧିକାର ଦେଇଛନ୍ତି। ୨୦୨୬-୨୭ ବଜେଟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମନ୍ ଏଥିପାଇଁ ଗୁରୁତ୍ୱ ଦେବା ସହିତ ଦେଶର ନିର୍ମାଣ ଶିଳ୍ପ କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବାକୁ କହିଛନ୍ତି। ସାମ୍ପ୍ରତିକ ବୈଶ୍ୱିକ ଅର୍ଥନୀତି ଏବଂ ବାଣିଜ୍ୟ ବ୍ୟବସାୟ କ୍ଷେତ୍ରରେ ଦେଖାଯାଇଥିବା ତୀବ୍ର ପ୍ରତିଦ୍ୱନ୍ଦ୍ୱିତାକୁ ଦୃଷ୍ଟିରେ ରଖି ଭାରତକୁ ଭବିଷ୍ୟତ ପାଇଁ ପ୍ରସ୍ତୁତ କରିବାକୁ ବଜେଟରେ ଗୁରୁତ୍ୱ ଦିଆଯାଇଛି। ବିଶେଷକରି ଆତ୍ମନିର୍ଭର ଭାରତ ଏବଂ ବିକଶିତ ଭାରତ ସଙ୍କଳ୍ପକୁ ନେଇ ଆମକୁ ତ୍ୱରିତ ଅଭିବୃଦ୍ଧି ହାସଲ କରିବାକୁ ପଡ଼ିବ। ଏହି ଲକ୍ଷ୍ୟରେ ଅଣୁ,କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ (ଏମ୍ଏସ୍ଏମ୍ଇ) କ୍ଷେତ୍ରକୁ ଆହୁରି ସୁଦୃଢ଼ କରିବା ଉଦ୍ଦେଶ୍ୟରେ ଏହି ବଜେଟରେ ୧୦ ହଜାର କୋଟି ଟଙ୍କା ବ୍ୟୟବରାଦ ଲକ୍ଷ୍ୟ ରଖାଯାଇଛି। ଦୀର୍ଘସୂତ୍ରରେ ଶିଳ୍ପାନୁଷ୍ଠାନଗୁଡ଼ିକୁ ଅର୍ଥ ସହାୟତା, ଉତ୍ତମ ଭିତ୍ତିଭୂମି ପ୍ରତିଷ୍ଠା, ଦକ୍ଷତା ବୃଦ୍ଧି ଏବଂ ଅତ୍ୟାଧୁନିକ ଜ୍ଞାନ କୌଶଳର ଉପଯୋଗ ଉପରେ ଏହି ବଜେଟରେ ଗୁରୁତ୍ୱ ଦିଆଯାଇଛି। ୟୁରୋପୀୟ ୟୁନିୟନ ବ୍ୟତୀତ ଅନ୍ୟ କେତେକ ଦେଶ ସହିତ ଭାରତ ମୁକ୍ତ ବାଣିଜ୍ୟ ଚୁକ୍ତି କରିଥିବାରୁ ରପ୍ତାନି କ୍ଷେତ୍ରକୁ ଆହୁରି ସମ୍ପ୍ରସାରଣ କରିବାକୁ ପଡ଼ିବ। ଏଥିପାଇଁ ଉତ୍ପାଦନ ଏବଂ ନିର୍ମାଣ କ୍ଷେତ୍ର ସହିତ ସେବା କ୍ଷେତ୍ରକୁ ମଧ୍ୟ ତ୍ୱରାନ୍ୱିତ କରିବାକୁ ପଡ଼ିବ ବୋଲି କୁହାଯାଇଛି। ୧୦ ହଜାର କୋଟି ଟଙ୍କାର ଏମ୍ଏସ୍ଏମ୍ଇ ଗ୍ରୋଥ୍ ଫଣ୍ଡ ଜରିଆରେ କ୍ଷୁଦ୍ର ଉଦ୍ୟୋଗୀମାନଙ୍କ ଠାରୁ ଆରମ୍ଭ କରି ଶିଳ୍ପ କ୍ଲଷ୍ଟରଗୁଡ଼ିକୁ ବିଭିନ୍ନ କ୍ଷେତ୍ରରେ ପ୍ରୋତ୍ସାହନ ଯୋଗାଇ ଦିଆଯିବ ବୋଲି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ କହିଛନ୍ତି।




## ଦକ୍ଷତା ବିକାଶ ମନ୍ତ୍ରଣାଳୟକୁ ୯,୮୮୬ କୋଟି

କେନ୍ଦ୍ର ସରକାର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟକୁ ଆଗାମୀ ଆର୍ଥିକ ବର୍ଷ ଲାଗି ୯,୮୮୬.୮୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରଖିଛନ୍ତି, ଯାହାକି ୨୦୨୫-୨୬ ଆର୍ଥିକ ବର୍ଷ ତୁଳନାରେ ଯଥେଷ୍ଟ ଅଧିକ। ଉକ୍ତ ମନ୍ତ୍ରଣାଳୟ ଲାଗି ଚଳିତ ଆର୍ଥିକ ବର୍ଷ ବଜେଟରେ ୬,୧୦୦ କୋଟି ଟଙ୍କାର ପ୍ରସ୍ତାବ ଥିବାବେଳେ ସଂଶୋଧିତ ଆକଳନ ୨,୭୦୩.୫୪ କୋଟି ଟଙ୍କା ହୋଇଥିଲା। କେନ୍ଦ୍ର ପ୍ରାୟୋଜିତ ଯୋଜନା ଉନ୍ନତ ଆଇଟିଆଇ ଜରିଆରେ ପ୍ରଧାନମନ୍ତ୍ରୀ ଦକ୍ଷତା ଓ ନିଯୁକ୍ତିସାମର୍ଥ୍ୟ ପରିବର୍ତ୍ତନ (ପିଏମ୍ ଏସ୍‌ଇଟିୟୁ) ପାଇଁ ସର୍ବାଧିକ ୬,୧୪୦.୫୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। ଦକ୍ଷତା ବିକାଶ ମନ୍ତ୍ରଣାଳୟକୁ ବ୍ୟୟବରାଦ ୬୨ ପ୍ରତିଶତ ବୃଦ୍ଧି ପାଇଥିବା ବିଭାଗୀୟ ମନ୍ତ୍ରୀ ଜୟନ୍ତ ଚୌଧରୀ କହିଛନ୍ତି।

## ଜନଗଣନା ଲାଗି ୬,୦୦୦କୋଟି

୨୦୨୭ ଜନଗଣନା ପାଇଁ କେନ୍ଦ୍ର ବଜେଟରେ ୬,୦୦୦ କୋଟି ଟଙ୍କା ବ୍ୟୟବରାଦ କରାଯାଇଛି। କୋଭିଡ୍ ମହାମାରୀ ଯୋଗୁ ଜନଗଣନା ପ୍ରାୟ ୬ ବର୍ଷ ବିଳମ୍ବ ହୋଇଥିବାବେଳେ ଆଗାମୀ ଏପ୍ରିଲ ୧ରୁ ଏହି ମେଗା ଗଣନାର ୧୬ତମ ସଂସ୍କରଣ ଆରମ୍ଭ ହେବାକୁ ଯାଉଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ପାର୍ଲାମେଣ୍ଟରେ ୨୦୨୬-୨୭ ବଜେଟ ଉପସ୍ଥାପନ କରିବା ବେଳେ ଜନଗଣନା, ସର୍ଭେ ଏବଂ ପରିସଂଖ୍ୟାନ/ରେଜିଷ୍ଟ୍ରାର ଜେନେରାଲ ଅଫ୍ ଇଣ୍ଡିଆ (ଆର୍‌ଜିଆଇ) ପାଇଁ ୬,୦୦୦ କୋଟି ଟଙ୍କା ବ୍ୟୟବରାଦ ହୋଇଥିବା କହିଛନ୍ତି। ଗତବର୍ଷ ଏବାବଦରେ ୧,୦୪୦ କୋଟି ଟଙ୍କା ସଂଶୋଧିତ ଆକଳନରେ ମଞ୍ଜୁର କରାଯାଇଥିଲା। ସେଥିରେ ରେଜିଷ୍ଟ୍ରାର ଜେନେରାଲ ଏବଂ ଭାରତର ଜନଗଣନା ଆୟୋଗଙ୍କ କାର୍ଯ୍ୟାଳୟ ବ୍ୟବସ୍ଥା ଏବଂ ଆର୍‌ଜିଆଇର ବିଭିନ୍ନ ଯୋଜନା ଯଥା ଜାତୀୟ ଜନସଂଖ୍ୟା ପଞ୍ଜିକା (ଏନ୍‌ପିଆର୍) ଏବଂ ପଞ୍ଜୀକରଣ ୨୦୨୭ ଖର୍ଚ୍ଚ ରହିଛି। ଲଦାଖ ଭଳି ବରଫାବୃତ୍ତ ଅଞ୍ଚଳରେ ୨୦୨୬ ଅକ୍ଟୋବର ୧କୁ ରେଫରେନ୍ସ ତାରିଖ ଭାବେ ନିଆଯାଇ ୨୦୨୭ରେ ଜନଗଣନା ଚାଲିବାକୁ ଥିବାବେଳେ ଦେଶର ଅନ୍ୟାନ୍ୟ ଭାଗରେ ୨୦୨୭ ମାର୍ଚ୍ଚ ୧କୁ ରେଫରେନ୍ସ ତାରିଖ ଭାବେ ନିଆଯିବ। ଜନସଂଖ୍ୟା ସମ୍ପର୍କିତ ତଥ୍ୟ ସଂଗ୍ରହ ପାଇଁ ପ୍ରାୟ ୩୦ ଲକ୍ଷ ଗଣନାକାରୀ ଏବଂ ସୁପରଭାଇଜରଙ୍କୁ ନିୟୋଜିତ କରାଯିବାକୁ ଥିବାବେଳେ ୧.୩ ଲକ୍ଷ ଜନଗଣନା ଅଧିକାରୀ ଡିଜିଟାଲ ଉପକରଣ ସହ ଉପସ୍ଥିତ ରହିବେ। ପ୍ରତି ୧୦ ବର୍ଷରେ ଥରେ ଜନଗଣନା ହେଉଥିବାବେଳେ କୋଭିଡ୍ ପାଇଁ ୨୦୨୧ରେ ତାହା ସ୍ଥଗିତ ରହିଥିଲା।

## ପ୍ରତିରକ୍ଷା ବଜେଟ ୭.୮୪ ଲକ୍ଷ କୋଟିକୁ ବୃଦ୍ଧି



... ଅନ୍ୟ ବିମାନ ନିର୍ମାଣ ଏବଂ ଯନ୍ତ୍ରାଂଶ ଉପରେ ... ନଷ୍ଟଓ ପ୍ରତିରକ୍ଷା ଏରୋସ୍ପେସ୍ ଶିଳ୍ପ ପାଇଁ ସହାୟକ ହେବ ବୋଲି ଆଶା କରାଯାଉଛି।

### ବୌଦ୍ଧ ପର୍ଯ୍ୟଟନ ସର୍କିଟ

ସରକାର ଉତ୍ତର-ପୂର୍ବ ଭାରତର ୬ ରାଜ୍ୟରେ (ଅରୁଣାଚଳ ପ୍ରଦେଶ, ସିକିମ, ଆସାମ, ମିଜୋରାମ, ତ୍ରିପୁରା, ଏବଂ ମଣିପୁର) ବୌଦ୍ଧ ପର୍ଯ୍ୟଟନ ସର୍କିଟ ବିକଶିତ କରାଯିବ। ଏହା ଦ୍ୱାରା ବିଦେଶୀ ପର୍ଯ୍ୟଟକ, ବିଶେଷକରି ଦକ୍ଷିଣ-ପୂର୍ବ ଏସିଆର ପର୍ଯ୍ୟଟକମାନେ ଆକୃଷ୍ଟ ହେବେ। ସେହିପରି ସରକାର ଦେଶର ୧୫ଟି ପ୍ରତ୍ନତାତ୍ତ୍ୱିକ ସ୍ଥାନକୁ 'ଅନୁଭବଭିତ୍ତିକ ସାଂସ୍କୃତିକ ଗନ୍ତବ୍ୟସ୍ଥଳ' ଭାବରେ ବିକଶିତ କରିବେ। ଏଥିମଧ୍ୟରେ ଲୋଥାଲ, ସାରନାଥ, ହସ୍ତିନାପୁର ଏବଂ ରାୟଗିରି ଭଳି ସ୍ଥାନ ଅନ୍ତର୍ଭୁକ୍ତ।

### ଭାରତ ହେବ ମେଡିକାଲ ହବ୍

ଭାରତକୁ ବିଶ୍ୱର ଏକ 'ମେଡିକାଲ ହବ୍' କରିବା ପାଇଁ ବଜେଟରେ ଘୋଷଣା କରାଯାଇଛି। ଏଥିପାଇଁ ୫ଟି ଆଞ୍ଚଳିକ ମେଡିକାଲ ହବ୍ ସ୍ଥାପନ କରାଯିବ, ଯେଉଁଠାରେ ଆଧୁନିକ ଚିକିତ୍ସା ସହ ଆୟୁଷ ଏବଂ ୱେଲ୍‌ନେସ୍ ସେଣ୍ଟର ରହିବ।

### ୧୦ ହଜାର ପର୍ଯ୍ୟଟନ ଗାଇଡ୍‌ଙ୍କୁ ତାଲିମ

ଆଗାମୀ ଦିନରେ ୨୦ଟି ପ୍ରମୁଖ ପର୍ଯ୍ୟଟନସ୍ଥଳୀରେ ୧୦ ହଜାର ପର୍ଯ୍ୟଟନ ଗାଇଡ୍‌ଙ୍କୁ ଆଇଆଇଏମ୍ ସହାୟତାରେ ତାଲିମ ଦିଆଯିବ। ସେହିପରି ପର୍ଯ୍ୟଟନ ଶିଳ୍ପରେ ବୃତ୍ତିଗତ ଶିକ୍ଷା ପାଇଁ ଏକ ସ୍ୱତନ୍ତ୍ର ପ୍ରତିଷ୍ଠାନ 'ନ୍ୟାଶନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ହସ୍ପିଟାଲିଟି' ସ୍ଥାପନ କରାଯିବ।

### ବିଦେଶ ଯାତ୍ରାରେ ଟିସିଏସ୍ ୨୦%ରୁ ୨%କୁ ହ୍ରାସ

ବିଦେଶୀ ଟୁର୍ ପ୍ୟାକେଜ ଉପରେ ଟିସିଏସ୍ (ଟ୍ୟାକ୍ସ କଲେକ୍ଟେଡ୍ ଆଟ୍ ସୋର୍ସ)କୁ ୨୦%ରୁ କମାଇ ୨% କରାଯାଇଛି, ଯାହା ମଧ୍ୟବିତ୍ତ ଶ୍ରେଣୀର ପର୍ଯ୍ୟଟକଙ୍କ ପାଇଁ ବଡ଼ ଆଶ୍ୱସ୍ତି।

## ଓଡ଼ିଶା ପାଇଁ ସ୍ୱତନ୍ତ୍ର 'କଇଁଛ ପର୍ଯ୍ୟଟନ'



... ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗର ଏକ ପ୍ରମୁଖ ମାଧ୍ୟମ ଭାବରେ ଗ୍ରହଣ କରାଯାଇଛି। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଏହି ବଜେଟରେ ପର୍ଯ୍ୟଟନ ଶିଳ୍ପ ପାଇଁ ଅନେକ ବଡ଼ ଘୋଷଣା କରିଛନ୍ତି, ଯାହା ଭାରତର ସାଂସ୍କୃତିକ ଐତିହ୍ୟ ଏବଂ ପ୍ରାକୃତିକ ସୌନ୍ଦର୍ଯ୍ୟକୁ ବିଶ୍ୱସ୍ତରୀୟ କରିବାକୁ ଲକ୍ଷ୍ୟ ରଖିଛି। ତେବେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ଭାବେ 'କଇଁଛ ପର୍ଯ୍ୟଟନ' ଭଳି ନିଆରା ପଦକ୍ଷେପ ନିଆଯାଇଛି। ସମୁଦ୍ରକୂଳରେ କଇଁଛଙ୍କ ବଂଶବୃଦ୍ଧି ଏବଂ ସେମାନଙ୍କ ସଂରକ୍ଷଣକୁ ଦେଖିବା ପାଇଁ 'କଇଁଛ ପଥ' ବିକଶିତ କରାଯିବ। ଏହା ଦ୍ୱାରା ଓଡ଼ିଶାରେ ଇକୋ-ଟ୍ୟୁରିଜମ୍ ବୃଦ୍ଧି ପାଇବ ଏବଂ ସ୍ଥାନୀୟ ଲୋକଙ୍କ ପାଇଁ ରୋଜଗାର ସୃଷ୍ଟି ହେବ। ଓଡ଼ିଶାର ଉପକୂଳ ବିଶେଷକରି ଗହିରମଥା, ରଷିକୁଲ୍ୟା ଏବଂ ଦେବୀ ନଦୀ ମୁହାଣ ବିଶ୍ୱର ବିରଳ ଅଲିଭ୍ ରିଡ୍‌ଲେ କଇଁଛମାନଙ୍କର ପ୍ରଜନନ ପାଇଁ ପ୍ରସିଦ୍ଧ। ସରକାର ଏହି ପ୍ରାକୃତିକ ବିସ୍ମୟକୁ ଏକ ଅନ୍ତର୍ଜାତୀୟ ପର୍ଯ୍ୟଟନ ଆକର୍ଷଣରେ ପରିଣତ କରିବାକୁ ଲକ୍ଷ୍ୟ ରଖିଛନ୍ତି।

## ଆର୍ଥିକ ନିଅଣ୍ଟ ଜିଡିପିର ୪.୩%

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ଆସନ୍ତା ଆର୍ଥିକ ବର୍ଷ ପାଇଁ ଆର୍ଥିକ ନିଅଣ୍ଟକୁ ଜିଡିପି (ମୋଟ ଘରୋଇ ଉତ୍ପାଦ)ର ୪.୩ ପ୍ରତିଶତ ଧାର୍ଯ୍ୟ କରିଛନ୍ତି। ଆସନ୍ତା ମାର୍ଚ୍ଚରେ ଶେଷହେବାକୁ ଥିବା ଚଳିତ ଆର୍ଥିକ ବର୍ଷର ବିତ୍ତୀୟ ନିଅଣ୍ଟ ପରିମାଣ ଜିଡିପିର ୪.୪ ପ୍ରତିଶତ ରହିବ ବୋଲି ଆକଳନ କରାଯାଇଥିଲା। ୨୦୨୬-୨୭ ବଜେଟ ଅନୁମାନ ଅନୁସାରେ ଋଣ-ଜିଡିପି ଅନୁପାତ ଜିଡିପିର ୫୫.୬ ପ୍ରତିଶତ ହେବ, ଯାହା ୨୦୨୫-୨୬ର ସଂଶୋଧିତ ଅନୁମାନ ୫୬.୧ ପ୍ରତିଶତଠାରୁ କମ୍। ଋଣ-ଜିଡିପି ଅନୁପାତ କମିବାରୁ ସୁଧ ପ୍ରଦାନ ଉପରେ ବ୍ୟୟ କମିବ ଏବଂ ପ୍ରାଥମିକ କ୍ଷେତ୍ରରେ ଖର୍ଚ୍ଚ ପାଇଁ ଅଧିକ ସମ୍ବଳ ଉପଲବ୍ଧ ହେବ। ଋଣ ଲକ୍ଷ୍ୟ ପୂରଣ ପାଇଁ ଆର୍ଥିକ ନିଅଣ୍ଟ ଏକ ମୁଖ୍ୟ ପରିଚାଳନା ଉପକରଣ। ସଂଖ୍ୟାତ୍ମକ ଭାବେ ଆସନ୍ତା ଆର୍ଥିକ ବର୍ଷ ପାଇଁ ବିତ୍ତୀୟ ନିଅଣ୍ଟ ପରିମାଣ ୧୬,୯୫,୭୬୮ କୋଟି ହେବ। ୨୦୨୪ରେ ସାଧାରଣ ସରକାରୀ ଋଣ-ଜିଡିପି ଅନୁପାତ ୮୫% ଥିଲା, ଯେଉଁଥିରେ କେନ୍ଦ୍ର ସରକାରଙ୍କ ଋଣ ୫୭ ପ୍ରତିଶତ। ସରକାର ୨୦୨୬-୨୭ରୁ ୨୦୩୦-୩୧ ପର୍ଯ୍ୟନ୍ତ ବିତ୍ତୀୟ ନିଅଣ୍ଟକୁ ଏମିତି ନିୟନ୍ତ୍ରଣରେ ରଖିବାକୁ ପ୍ରତିଶ୍ରୁତିବଦ୍ଧ, ଯାହା ଫଳରେ ୩୧ ମାର୍ଚ୍ଚ ୨୦୩୧ ପର୍ଯ୍ୟନ୍ତ କେନ୍ଦ୍ର ସରକାରଙ୍କ ଋଣ-ଜିଡିପି ଅନୁପାତ ପ୍ରାୟ ୫୦ ପ୍ରତିଶତକୁ ହ୍ରାସ ପାଇବ।

## ୭ ହାଇ-ସ୍ପିଡ୍ ରେଳ କରିଡର ଚିହ୍ନଟ

ଲୋକ ସଭାରେ ରବିବାର ଉପସ୍ଥାପିତ କେନ୍ଦ୍ର ସରକାରଙ୍କ ବଜେଟ ୨୦୨୬-୨୭ରେ ଦେଶର ବିଭିନ୍ନ ପ୍ରମୁଖ ସହର ମଧ୍ୟରେ ୭ଟି ନୂତନ ହାଇ-ସ୍ପିଡ୍ ରେଳ (ଏଚ୍ଏସ୍ଆର୍) କରିଡରକୁ 'ଗ୍ରୋଥ କନେକ୍ଟର୍ସ' ବା ବିକାଶର ସଂଯୋଜକ ଭାବେ ଚିହ୍ନଟ କରାଯାଇଛି। ଏହି ପ୍ରକଳ୍ପଗୁଡ଼ିକ କେବଳ ଯାତାୟାତ ପାଇଁ ନୁହେଁ, ବରଂ ଅର୍ଥନୈତିକ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି।

୭ଟି ପ୍ରମୁଖ ହାଇ-ସ୍ପିଡ୍ ରେଳ କରିଡର ବଡ଼ ବଡ଼ ଆଇଟି, ଶିଳ୍ପ ଏବଂ ବ୍ୟବସାୟିକ କେନ୍ଦ୍ରଗୁଡ଼ିକୁ ସଂଯୋଗ କରିବ। ସେଗୁଡ଼ିକ ହେଲା ମୁମ୍ବାଇ-ପୁଣେ, ପୁଣେ-ହାଇଦ୍ରାବାଦ, ହାଇଦ୍ରାବାଦ-ବେଙ୍ଗାଲୁରୁ, ହାଇଦ୍ରାବାଦ-ଚେନ୍ନାଇ, ଚେନ୍ନାଇ-ବେଙ୍ଗାଲୁରୁ, ଦିଲ୍ଲୀ-ବାରାଣସୀ ଏବଂ ବାରାଣସୀ-ଶିଳିଗୁଡ଼ି। ମୁମ୍ବାଇ-ପୁଣେ କରିଡର ଦେଶର ଆର୍ଥିକ ରାଜଧାନୀକୁ ଏକ ପ୍ରମୁଖ ଶିକ୍ଷା ଓ ଆଇଟି ହବ୍ ସହିତ ଯୋଡ଼ିବ। ପୁଣେ-ହାଇଦ୍ରାବାଦ କରିଡର ପଶ୍ଚିମ ଭାରତର ମାନୁଫାକଚରିଂ ୟୁନିଟ୍‌କୁ ଦକ୍ଷିଣର ଫାର୍ମା ଏବଂ ଟେକ୍ କ୍ଷେତ୍ର ସହ ସଂଯୋଗ କରିବ। ହାଇଦ୍ରାବାଦ-ବେଙ୍ଗାଲୁରୁ କରିଡର ଭାରତର ଦୁଇଟି ବୃହତ୍ତମ 'ସିଲିକନ ଭ୍ୟାଲି'କୁ ଏକାଠି କରି ଏକ ବିରାଟ ଟେକ୍ ମେଗା-ରିଜନ ତିଆରି କରିବ। ହାଇଦ୍ରାବାଦ-ଚେନ୍ନାଇ କରିଡର ବ୍ୟବସାୟିକ କେନ୍ଦ୍ର ଏବଂ ଅଟୋମୋବାଇଲ/ବନ୍ଦର ସହର ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରିବ। ଚେନ୍ନାଇ-ବେଙ୍ଗାଲୁରୁ କରିଡର ଶିଳ୍ପ କ୍ଷେତ୍ରକୁ ଗତିଶୀଳ କରିବା ସହ ଇଲେକ୍ଟ୍ରୋନିକ୍ସ ଉତ୍ପାଦନକୁ ପ୍ରୋତ୍ସାହନ ଦେବ। ଦିଲ୍ଲୀ-ବାରାଣସୀ କରିଡର ପର୍ଯ୍ୟଟନ ଏବଂ ଆଧ୍ୟାତ୍ମିକ ଯାତ୍ରାକୁ ସହଜ କରିବା ସହ ପୂର୍ବ ଉତ୍ତର ପ୍ରଦେଶର ବିକାଶ କରିବ। ସେହିପରି ବାରାଣସୀ-ଶିଳିଗୁଡ଼ି କରିଡର ଉତ୍ତର-ପୂର୍ବ ଭାରତ ପାଇଁ ଏକ ପ୍ରବେଶ ପଥ ଭାବେ କାର୍ଯ୍ୟ କରିବ।

ଏହି ପ୍ରକଳ୍ପଗୁଡ଼ିକ କେବଳ ସମୟ ବଞ୍ଚାଇବ ନାହିଁ, ବରଂ ଅର୍ଥନୀତିରେ ବଡ଼ ପରିବର୍ତ୍ତନ ଆଣିବ ବୋଲି ସରକାର ଆଶା ରଖିଛନ୍ତି। ଉଦାହରଣ ସ୍ୱରୂପ ଚେନ୍ନାଇରୁ ବେଙ୍ଗାଲୁରୁ ଭଳି ଦୂରତା ମାତ୍ର ୧ ଘଣ୍ଟାରେ ଅତିକ୍ରମ କରିହେବ, ଯାହା ଫଳରେ ଏହି ସହରଗୁଡ଼ିକ ଏକକ ଅର୍ଥନୈତିକ କ୍ଷେତ୍ର ଭାବେ କାର୍ଯ୍ୟ କରିବେ। ଲୋକମାନେ ନିଜ ସହର ନ ଛାଡ଼ି ଅନ୍ୟ ସହରରେ କାମ କରିପାରିବେ, ଯାହା ଦ୍ୱାରା ବଡ଼ ସହରଗୁଡ଼ିକ ଉପରେ ଜନସଂଖ୍ୟା ଚାପ କମିବ। ବୁଲେଟ୍ ଟ୍ରେନ ଷ୍ଟେଶନ ଚାରିପଟେ ନୂଆ ସହର ଏବଂ ବ୍ୟବସାୟିକ କେନ୍ଦ୍ର ଗଢ଼ିଉଠିବ। ଏହା ସଡ଼କ ପଥ ଏବଂ ବିମାନ ଯାତ୍ରା ଉପରେ ନିର୍ଭରଶୀଳତା କମାଇ କାର୍ବନ ନିର୍ଗମନ ହ୍ରାସ କରିବାରେ ସହାୟକ ହେବ। ବର୍ତ୍ତମାନ ମୁମ୍ବାଇ-ଅହମ୍ମଦାବାଦ ବୁଲେଟ୍ ଟ୍ରେନ୍ ପ୍ରକଳ୍ପର କାମ ଦ୍ରୁତଗତିରେ ଚାଲିଥିବାବେଳେ ଏହି ୭ଟି ନୂଆ କରିଡର ପାଇଁ ବିସ୍ତୃତ ପ୍ରକଳ୍ପ ରିପୋର୍ଟ (ଡିପିଆର୍) ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ଅଛି। ନ୍ୟାଶନାଲ ହାଇ-ସ୍ପିଡ୍ ରେଳ କର୍ପୋରେଶନ ଲିମିଟେଡ (ଏନ୍ଏଚ୍ଏସ୍ଆର୍‌ସିଏଲ୍) ଏହାର ତଦାରଖ କରୁଛି।




## ପୂର୍ବତଟ ଶିଳ୍ପ କରିଡର ପ୍ରସ୍ତାବ

## ପୂର୍ବୋଦୟ ରାଜ୍ୟରେ ହେବ ୫ ପର୍ଯ୍ୟଟକ ଲକ୍ଷ୍ୟସ୍ଥଳ

କେନ୍ଦ୍ର ସରକାର ଏକ 'ପୂର୍ବତଟ ଶିଳ୍ପ କରିଡର' ବିକଶିତ କରିବା ପ୍ରସ୍ତାବ ରଖିଛନ୍ତି, ଯାହା ପଶ୍ଚିମବଙ୍ଗର ଦୁର୍ଗାପୁର ସହ ଉତ୍ତମ ଭାବେ ସଂଯୋଗ ହେବ। ଏଥିସହିତ ୫ ପୂର୍ବୋଦୟ ରାଜ୍ୟରେ ୫ଟି ପର୍ଯ୍ୟଟନ ଲକ୍ଷ୍ୟସ୍ଥଳ ସୃଷ୍ଟି ହେବ ବୋଲି ବଜେଟ ଉପସ୍ଥାପନ ବେଳେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି। ୬ଟି ଉତ୍ତରପୂର୍ବାଞ୍ଚଳ ରାଜ୍ୟ ଅରୁଣାଚଳପ୍ରଦେଶ, ସିକିମ୍, ଆସାମ, ମଣିପୁର, ମିଜୋରାମ ଓ ତ୍ରିପୁରାରେ ବୌଦ୍ଧ ସର୍କିଟଗୁଡ଼ିକର ବିକାଶ ନିମନ୍ତେ ଏକ ଯୋଜନା କାର୍ଯ୍ୟକାରିତା ସମ୍ପର୍କରେ ସୀତାରାମନ ପ୍ରସ୍ତାବ ରଖିଛନ୍ତି। କୃଷି, ଫାଇନାନ୍ସ, ସ୍ୱାସ୍ଥ୍ୟ, ନିଯୁକ୍ତି, ଶିଳ୍ପ ଓ ପର୍ଯ୍ୟଟନ ଆସି ସେକ୍ଟର ପାଇଁ ଅର୍ଥମନ୍ତ୍ରୀ ଅନେକ ଘୋଷଣା କରିଛନ୍ତି। ସମୃଦ୍ଧ ଭାରତର ଦୃଢ଼ ମୂଳଦୁଆ ପକାଇବା ପାଇଁ ମୋଦି ସରକାରଙ୍କ ତୃତୀୟ ପାଳି ସରକାରର ୧୦୦ ଦିନ ପୂର୍ତ୍ତି ଅବସରରେ ୨୦୨୪ ସେପ୍ଟେମ୍ବରରେ ବିକଶିତ ଭାରତ ଦୂରଦୃଷ୍ଟି ନେଇ ଅନେକ ଉପକ୍ରମ ଘୋଷଣା କରାଯାଇଥିଲା। ପୂର୍ବାଞ୍ଚଳର ବିକାଶ ପାଇଁ ପୂର୍ବୋଦୟ ଉପକ୍ରମ ରହିଥିଲା। ପୂର୍ବୋଦୟ ଅଞ୍ଚଳ ମଧ୍ୟରେ ବିହାର, ଝାଡ଼ଖଣ୍ଡ, ପଶ୍ଚିମବଙ୍ଗ, ଓଡ଼ିଶା ଏବଂ ଆନ୍ଧ୍ରପ୍ରଦେଶ ରହିଛି।

### ପ୍ରତି ଟଙ୍କାରୁ ୬୪ ପଇସା ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସରୁ ଆସିବ

... ଅଧିକ ୬୪ ପଇସା ପ୍ରତ୍ୟକ୍ଷ ଓ ପରୋକ୍ଷ ଟିକସରୁ ... ଅନ୍ୟ ଦେୟତାରୁ, ୧୦ ପଇସା ପୁଞ୍ଜି ପ୍ରତ୍ୟାହାର ଭଳି ଅଣଋଣ ପୁଞ୍ଜି ଆଦାୟରୁ ଆସିବ। ୧ ଟଙ୍କା ଆୟରୁ ... କର ୧୮ ପଇସା ଓ ଜିଏସଟି ୧୫ ପଇସା ଆଣିବ। ... ୬ ପଇସା ଏବଂ ...



### ଗ୍ରାମୀଣ ଅର୍ଥନୀତି ପାଇଁ ମହାତ୍ମା ଗାନ୍ଧୀ ଗ୍ରାମ ସମାଜ

ଗ୍ରାମୀଣ ଅର୍ଥନୀତିକୁ ସୁଦୃଢ଼ ଏବଂ ପାରମ୍ପରିକ ଶିଳ୍ପକୁ ଆଧୁନିକ କରିବା ପାଇଁ 'ମହାତ୍ମା ଗାନ୍ଧୀ ଗ୍ରାମ ସମାଜ' ଯୋଜନା ଘୋଷଣା କରାଯାଇଛି। ଏହି ପଦକ୍ଷେପ ଖଦି ଏବଂ ହସ୍ତଶିଳ୍ପ କ୍ଷେତ୍ରରେ କାମ କରୁଥିବା ବହୁ ଲକ୍ଷ କାରିଗରଙ୍କ ପାଇଁ ନୂତନ ଆଶା ସଞ୍ଚାର କରିଛି। ଏହା ମାଧ୍ୟମରେ ସରକାର ଖଦି, ହାତବୁଣା ଲୁଗା ଏବଂ ...



### ରାଜପଥ ମନ୍ତ୍ରଣାଳୟର ବଜେଟ ୩.୦୯ ଲକ୍ଷ କୋଟି

୨୦୨୬-୨୭ ଆର୍ଥିକବର୍ଷ ପାଇଁ ସରକାର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ନିମନ୍ତେ ୩.୦୯ ଲକ୍ଷ କୋଟି ଟଙ୍କା ବିନିଯୋଗ ଘୋଷଣା କରିଛନ୍ତି, ଯାହା ଚଳିତ ଆର୍ଥିକ ବର୍ଷର ୨.୮୭ ଲକ୍ଷ କୋଟିଠାରୁ ପ୍ରାୟ ୮% ଅଧିକ। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରାଜ୍ୟ ମାଲିକାନାଧୀନ ଭାରତର ଜାତୀୟ ରାଜପଥ ...



### ବାୟୋଫାର୍ମା ହବ୍ ପାଇଁ ୧୦,୦୦୦ କୋଟିର ପ୍ରସ୍ତାବ

ଭାରତକୁ ଏକ ବାୟୋଫାର୍ମା ଉତ୍ପାଦନ ହବ୍‌ରେ ପରିଣତ କରିବା, ୧୦୦୦ କ୍ଲିନିକାଲ ପରୀକ୍ଷା ସ୍ଥଳ ନିର୍ମାଣ ଏବଂ କେନ୍ଦ୍ରୀୟ ଔଷଧ ଗୁଣବତ୍ତା ନିୟନ୍ତ୍ରଣ ସଂଗଠନକୁ ସୁଦୃଢ଼ କରିବା ପାଇଁ ୫ ବର୍ଷରେ ୧୦,୦୦୦ କୋଟି ଟଙ୍କା ନିବେଶ ପ୍ରସ୍ତାବ ରହିଛି। ବାୟୋଫାର୍ମାସ୍ୟୁଟିକାଲ୍ସ ହେଉଛି ଜଟିଳ ଔଷଧ, ଯାହା ରାସାୟନିକ ...



### ଟେଲିକମ୍ ପାଇଁ ୭୩,୯୯୦ କୋଟି

ଟେଲିକମ୍ ମନ୍ତ୍ରଣାଳୟ ପାଇଁ ୭୩,୯୯୦ କୋଟି ଟଙ୍କା ବ୍ୟୟବରାଦ ପ୍ରସ୍ତାବ ରହିଛି। ରାଷ୍ଟ୍ରାୟତ୍ତ ... ପୁଞ୍ଜିନିବେଶରେ ଉଲ୍ଲେଖ ... ବିଭିନ୍ନ ପ୍ରକଳ୍ପ, ବିଏସ୍ଏନ୍ଏଲ୍ ... ନେଟୱର୍କ ବିସ୍ତାର ଆଦି ...



### ପ୍ରତିଷ୍ଠା ହେବ ଆଉ ୩ ଅଖିଳ ଭାରତୀୟ ଆୟୁର୍ବେଦ ସଂସ୍ଥାନ

ବଜେଟରେ ସରକାର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପାଇଁ ୧ ଲକ୍ଷ ୫ ହଜାର ୫୩୦ କୋଟି ଟଙ୍କା ...



# ଆଜିଠୁ ସୁଭଦ୍ରା ଶକ୍ତି ମେଳା



ଜିଲାପାଳ, ଏସ୍‌ପି ଏବଂ ଅନ୍ୟ ଅଧିକାରୀ ସୁଭଦ୍ରା ମେଳା ମଞ୍ଚ ତଦାରଖ କରୁଛନ୍ତି।

## ୬୭ ପ୍ରକଳ୍ପର ଶିଳାନ୍ୟାସ, ୪୧ ପ୍ରକଳ୍ପର ଲୋକାର୍ପଣ କରିବେ ମୁଖ୍ୟମନ୍ତ୍ରୀ

ରାୟଗଡ଼ା,୧।୨(ଆଶିଷ ରଞ୍ଜନ ପଣ୍ଡା)

ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ଆର୍ଥିକ ଭାବେ ସଶକ୍ତ କରି ତାଙ୍କୁ ଆତ୍ମନିର୍ଭର ମାର୍ଗରେ ଆଗେଇ ନେବା ଉଦ୍ଦେଶ୍ୟରେ ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ସୋମବାଠାରୁ ସୁଭଦ୍ରା ଶକ୍ତି ମେଳା ଆରମ୍ଭ ହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ସୋମବାର ରାୟଗଡ଼ାରେ ପହଞ୍ଚି ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ କରିବାର କାର୍ଯ୍ୟକ୍ରମ ରହିଛି। ଏଥିସହିତ ମୁଖ୍ୟମନ୍ତ୍ରୀ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ ଓ ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ରହିଥିବା ରାୟଗଡା ଜିଲା ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସୁଭଦ୍ରା ଶକ୍ତି ମେଳା ସୋମବାରଠାରୁ ଆରମ୍ଭ ହୋଇ ୮ ତାରିଖ ପର୍ଯ୍ୟନ୍ତ ଚାଲିବ। ଏଥିରେ ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ନେଇ ୧୨୦ଟି ବିଭିନ୍ନ ପ୍ରକାର ଷ୍ଟଲ ଲାଗିବ । ମହିଳାଙ୍କ ଦ୍ୱାରା ପ୍ରସ୍ତୁତ ହସ୍ତଶିଳ୍ପ, ହ୍ୟାଣ୍ଡଲୁମ ବସ୍ତ୍ର, ପାରମ୍ପରିକ ଓ ପୌଷ୍ଟିକ ଖାଦ୍ୟ ପଦାର୍ଥ, ଘରୋଇ ଉତ୍ପାଦନ ସାମଗ୍ରୀ, ମିଲେଟ ଭିତ୍ତିକ ଉତ୍ପାଦ, ସ୍ଥାନୀୟ କଳାକୃତି ଓ ଅନ୍ୟାନ୍ୟ ସାମଗ୍ରୀ ଏହି ମେଳାରେ ପ୍ରଦର୍ଶନ ଏବଂ ବିକ୍ରୟ ପାଇଁ ଉପଲବ୍ଧ ରହିବ ବୋଲି ସୂଚନା ମିଳିଛି। ଏହି ମେଳା ସମୟରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ, ସଚେତନତା କାର୍ଯ୍ୟକ୍ରମ ଓ ମହିଳା ସଶକ୍ତିକରଣ ସମ୍ପର୍କିତ କାର୍ଯ୍ୟାକ୍ରମ ଆୟୋଜନ କରାଯିବା ଯୋଜନା ରହିଛି।

ସୋମବାର ପୂର୍ବାହ୍ନ ପ୍ରାୟ ୧୧ଟାରେ ମୁଖ୍ୟମନ୍ତ୍ରୀ ରାୟଗଡ଼ାରେ ପହଞ୍ଚିବେ। ରାୟଗଡ଼ା ଫ୍ଲାଏ ଓଭର ମରାମତି ଚାଲିଥିବାରୁ ମୁଖ୍ୟମନ୍ତ୍ରୀ ରାୟଗଡ଼ା ସହର ନିକଟବର୍ତ୍ତି ବାରିଝୋଲା ପଡ଼ିଆରେ ନିର୍ମିତ ଅସ୍ଥାୟୀ ହେଲିପ୍ୟାଡ୍‌ରେ ଓହ୍ଲାଇ ଜେଏସ୍‌କୋ ପଡ଼ିଆରେ ଅନୁଷ୍ଠିତ ଗାୟତ୍ରୀ ଯଜ୍ଞରେ ଯୋଗଦାନ କରିବେ। ଏହାପରେ ସୁଭଦ୍ରା ଶକ୍ତି ମେଳା ଉଦ୍‌ଘାଟନ କରିବା ପରେ ଅନ୍ୟାନ୍ୟ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରିବେ ବୋଲି ଜିଲା ପ୍ରଶାସନ ପକ୍ଷରୁ ସୂଚନା ରହିଛି । ଏହି ଗସ୍ତ ସମୟରେ ମୁଖ୍ୟମନ୍ତ୍ରୀ ୩୪୦ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୬୭ଟି ପ୍ରକଳ୍ପର ଶିଳାନ୍ୟାସ ଏବଂ ୨୨୧ କୋଟିରୁ ଉର୍ଦ୍ଧ୍ୱ ମୂଲ୍ୟର ୪୧ଟି ବିକାଶମୂଳକ ପ୍ରକଳ୍ପର ଲୋକାର୍ପଣ କରିବାର କାର୍ଯ୍ୟକ୍ରମ ସ୍ଥିର ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ଗସ୍ତକୁ ଦୃଷ୍ଟିରେ ରଖି ଜିଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନେତୃତ୍ୱରେ ଦୁଇ ଅତିରିକ୍ତ ଜିଲାପାଳ ନୀହାର ରଞ୍ଜନ କହଁର ଓ ନବୀନ ଚନ୍ଦ୍ର ନାଏକ, ଜିଲା ପରିଷଦ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଅକ୍ଷୟ କୁମାର ଖେମୁଣ୍ଡୁ ପ୍ରମୁଖ କାର୍ଯ୍ୟକ୍ରମର ଆୟୋଜନ ତଦାରଖ କରୁଥିବା ଜଣାପଡ଼ିଛି । ରାୟଗଡ଼ା ଏସ୍‌ପି ସ୍ୱାଥି ଏସ.କୁମାରଙ୍କ ନେତୃତ୍ୱରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହିତ ବ୍ୟାପକ ପୋଲିସ ମୁତୟନ କରାଯାଇଛି। ମୁଖ୍ୟମନ୍ତ୍ରୀଙ୍କ ଏହି ଗସ୍ତରେ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୁତି ଭୁଷଣ ଜେନା, ବିଦ୍ୟାଳୟ ଓ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, କୋରାପୁଟ ବିଧାୟକ ରଘୁରାମ ମାଛ, କୋଟପାଡ଼ ବିଧାୟକ ରୁପୁ ଭତ୍ରା ଏବଂ ନବରଙ୍ଗପୁର ବିଧାୟକ ଗୌରୀ ଶଙ୍କର ମାଝୀ ଯୋଗଦେବେ ବୋଲି ଜଣାପଡିଛି।

## ସଂକ୍ଷେପରେ

### ଜେକେ କାଗଜ କଳ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର

ଜେକେପୁର,୧।୨(ରାଜେଶ ବିଶ୍ୱାଳ)

ରାୟଗଡା ବ୍ଲକ୍ ଜେକେପୁରସ୍ଥିତ ଜେକେ କାଗଜ କଳର ସାମାଜିକ ଦାୟିତ୍ୱ ବିଭାଗର ରୋଷନି ପ୍ରକଳ୍ପ ଆନୁକୁଲ୍ୟରେ ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନ, ପିତାମହଲ ସହଯୋଗରେ ଖଲିଗୁଡାଠାରେ ମାଗଣା ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୪୫ ଜଣ ରୋଗୀଙ୍କ ଚକ୍ଷୁ ପରୀକ୍ଷା କରାଯାଇଥିଲା। ୧୮ ଜଣ ମୋତିଆବିନ୍ଦୁ, ୫ ଜଣ ଟେରିଜିମ , ୨୨ ଜଣ ଦୂରଦୃଷ୍ଟି ସମସ୍ୟା ଥିବା ଚିହ୍ନଟ କରାଯାଇଛି। ମୋତିଆବିନ୍ଦୁ ରୋଗୀଙ୍କ ଫିଟନେସ ସାର୍ଟିଫିକେଟ ହେବାପରେ ଅସ୍ତ୍ରୋପଚାର ପାଇଁ ପିତାମହଲସ୍ଥିତ ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନକୁ ପଠାଯିବ। ଏହି କାର୍ଯ୍ୟକ୍ରମରେ ଏଲ୍‌ଭି ପ୍ରସାଦ ଚକ୍ଷୁ ଅନୁଷ୍ଠାନର ଭିଜନ



ଟେକ୍ନିସିଆନ ଜଗଦୀଶ କୋଣ୍ଡାଗୋରୀ ରୋଗୀ ପରୀକ୍ଷା କରିଥିବାବେଳେ, ଉପ ପ୍ରବନ୍ଧକ ହରିହର ଖମାରି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଏ ନେଇ ଇନ୍ଦିରା ଅଙ୍ଗନୱାଡି ଦିଦି ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ପରବର୍ତ୍ତୀ ସମୟରେ ଦୂରଦୃଷ୍ଟି ଦୋଷ ଥିବା ରୋଗୀଙ୍କୁ ଚଷମା ପ୍ରଦାନ କରାଯିବ।

### କେନ୍ଦ୍ରୀୟ ବଜେଟ ସମ୍ପର୍କରେ ଉଦ୍ୟୋଗୀଙ୍କୁ ସଚେତନତା

ରାୟଗଡ଼ା,୧।୨(ଆଶିଷ ରଞ୍ଜନ ପଣ୍ଡା)

ଭାରତୀୟ ଯୁବ ଶକ୍ତି ଟ୍ରଷ୍ଟ ରାୟଗଡ଼ା ଶାଖା ପକ୍ଷରୁ ଚଳିତ କେନ୍ଦ୍ରୀୟ ବଜେଟ୍ ଅଧିବେଶନର ଲାଇଭ୍ ଦେଖାଇବା ସହିତ ଉଦ୍ୟୋଗୀଙ୍କୁ ଏ ନେଇ ସଚେତନତା କରାଯାଇଥିଲା । ଏଥିରେ ବ୍ୟାଙ୍କିଙ୍ଗ କ୍ରେଡିଟ୍ ସହାୟତା, ଏମ୍‌ଏସ୍‌ଏମ୍‌ଇ ଅଭିବୃଦ୍ଧି, ଭିତ୍ତିଭୂମି ବିକାଶ, ଡିଜିଟାଲାଇଜେସନ୍ ଏବଂ ବ୍ୟବସାୟ କରିବାର ସହଜତା ସମ୍ବନ୍ଧୀୟ ପ୍ରମୁଖ ଘୋଷଣା ଉପରେ ଆଲୋଚନା କରିଥିଲେ। ଆଲୋଚନା ଅଂଶଗ୍ରହଣକାରୀଙ୍କୁ ବ୍ୟବସାୟ ଯୋଜନା ଏବଂ ସମ୍ପ୍ରସାରଣ ରଣନୀତି ସହିତ ବଜେଟ୍ ବ୍ୟବସ୍ଥାଗୁଡ଼ିକୁ କିପରି ସମନ୍ୱିତ କରାଯାଇପାରିବ ସେ ବିଷୟରେ ସ୍ପଷ୍ଟତା ପାଇବାରେ ସାହାଯ୍ୟ କରିଥିଲା।

### ସରିଲା ଧୃତି ଉତ୍ସବ

ରାୟଗଡ଼ା,୧।୨(ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ସହର ନିକଟସ୍ଥ ଖଲିଗୁଡ଼ାସ୍ଥିତ ପଡିଆଠାରେ ଶ୍ରୀ ଶ୍ରୀ ଆଚାର୍ଯ୍ୟ ଦେବଙ୍କ ନିର୍ଦ୍ଦେଶକ୍ରମେ ରବିବାର ଶ୍ରୀ ଶ୍ରୀ ଠାକୁର ଅନୁକୂଳ ଚନ୍ଦ୍ରଙ୍କ ୧୩୮ତମ ଜନ୍ମ ମହୋତ୍ସବ ତଥା ଧୃତି ଉତ୍ସବ ପାଳିତ ହୋଇଯାଇଛି। ପ୍ରାତଃରୁ ବେଦ ମାଙ୍ଗଳିକ କର୍ଯ୍ୟକ୍ରମ ପରେ ସକାଳ ୭ରେ ଉଷା ବିନତୀ ଅନୁଷ୍ଠିତ ହୋଇଥିଲା। ଏହି ଧୃତି ଉତ୍ସବ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ



ନିହାର ରଞ୍ଜନ କହଁର ଯୋଗଦେଇଥିଲେ। ସତସଙ୍ଗ କାର୍ଯ୍ୟକ୍ରମ ପ୍ରାରମ୍ଭରେ ଉତ୍ସବ ସଙ୍ଗୀତ ଗାନ କରାଯିବା ପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ରାୟଗଡ଼ାର ଆଞ୍ଚଳିକ ନୃତ୍ୟ ପରିବେଷଣ ହୋଇଥିଲା। ଅନ୍ୟାନ୍ୟ କାର୍ଯ୍ୟକ୍ରମ ମଧ୍ୟରେ ଆଇନ ପରାମର୍ଶ ଶିବିର, ରକ୍ତଦାନ ଶିବିର, ଦୀକ୍ଷା ପାତ୍ର କାର୍ଯ୍ୟକ୍ରମ, ଶିକ୍ଷା ପରାମର୍ଶ ଶିବିର ଅନୁଷ୍ଠିତ ହୋଇଥିଲା । ଏହି ଉତ୍ସବରେ ରାୟଗଡ଼ା ଜିଲାର ୧୧ଟି ବ୍ଲକ ସମେତ ପଡ଼ୋଶୀ ଜିଲା କଳାହାଣ୍ଡି, କୋରାପୁଟ, ଗଜପତି, ଗଞ୍ଜାମ, ନବରଙ୍ଗପୁର ଓ ମାଲକାନଗିରିରୁ ବହୁ ଶ୍ରଦ୍ଧାଳୁ ଯୋଗଦେଇ ଗୁରୁ ଦୀକ୍ଷା ଗ୍ରହଣ କରିଥିଲେ। ସୁରେଶ ଚନ୍ଦ୍ର ଲେଙ୍କା, ଦେବରାଜ ମଲିକ, ସଂଗ୍ରାମ ନାୟକ, ବିକ୍ରମ ନାୟକ, ଜୟପ୍ରକାଶ ଉଚ୍ଚରାୟ, ଗୋବିନ୍ଦ ପ୍ରଧାନ, ହରାଧନ ମହାନ୍ତି, ବାଲୁଙ୍କେଶ୍ୱର ମୁଦୁଲି, ପ୍ରଶାନ୍ତ ବିଶୋଇ, ଦେବବ୍ରତ ସାହୁ, ବସନ୍ତ କୁମାର ସାହୁ, ଗୋପୀନାଥ ପାତ୍ର, ସନ୍ତୋଷ ପାତ୍ର, ହରିହର ଯାଦବ, କେଶବ ଗମାଙ୍ଗ, ରମେଶ ବାରିକ, ରଘୁନାଥ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# କେନ୍ଦ୍ର ବଜେଟରେ ଆଦିବାସୀ ଅଞ୍ଚଳ ଉପେକ୍ଷିତ: ସପ୍ତଗିରି

ରାୟଗଡ଼ା,୧।୨(ଆଶିଷ ରଞ୍ଜନ ପଣ୍ଡା)

ରବିବାର ଉପସ୍ଥାପନ ହୋଇଥିବା କେନ୍ଦ୍ରୀୟ ବଜେଟ୍‌ରେ ଓଡ଼ିଶାର ଆଦିବାସୀଙ୍କୁ ଉପେକ୍ଷା କରାଯାଇଛି ବୋଲି କୋରାପୁଟ ଏମ୍‌ପି ସପ୍ତଗିରି ଉଲାକା କହିଛନ୍ତି। କେନ୍ଦ୍ରୀୟ ବଜେଟ୍ ଭାଷଣରେ ଓଡ଼ିଶାକୁ ଚୟନମୂଳକ ଉଲ୍ଲେଖ କରାଯାଇଥିବା ବେଳେ, ଏହା ଆଦିବାସୀ ଓ କେବିକେ ଜିଲାଗୁଡ଼ିକ ପାଇଁ କୌଣସି ବ୍ୟାପକ କିମ୍ବା ସମନ୍ୱିତ ଦୃଷ୍ଟିକୋଣ ନାହିଁ। ଯାହା ଜାତୀୟ ବିକାଶ ଯୋଜନାର ସୀମାରେ ରହିଛି ବୋଲି ଏମ୍‌ପି ଉଲାକା ପ୍ରତିକ୍ରିୟା ରଖିଛନ୍ତି। କେନ୍ଦ୍ର ସରକାର ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ମୋଟ ୫୩.୫ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ପ୍ରସ୍ତାବ ଦେଇଛନ୍ତି। ବଜେଟରେ ଓଡ଼ିଶାର ଉପସ୍ଥିତି ପ୍ରାୟତଃ ପ୍ରତୀକାତ୍ମକ ସୀମାରେ ସୀମିତ ରହିଛି ବୋଲି ପ୍ରେସ୍ ବିବୃତ୍ତିରେ ସୂଚନା ଦେଇଛନ୍ତି ଏମ୍‌ପି ଉଲାକା ।

ବଜେଟରେ ସ୍ଥାନୀୟ ନିଯୁକ୍ତି ସୃଷ୍ଟି, ବିସ୍ଥାପିତଙ୍କ ସୁରକ୍ଷା, କିମ୍ବା ଏହି କରିଡର ସହ ଜଡିତ଼ ଆଦିବାସୀ ସମ୍ପ୍ରଦାୟ ପାଇଁ



ସପ୍ତଗିରି ଉଲାକା।

ଲାଭବଣ୍ଟନ ବ୍ୟବସ୍ଥା ସମ୍ପର୍କରେ କୌଣସି ସ୍ପଷ୍ଟ ରୂପରେଖ ଦିଆଯାଇନାହିଁ। ସେହିପରି ପ୍ରସ୍ତାବିତ ବିରଳ ପୃଥିବୀ କରିଡର ପାଇଁ ଖଣିଜ ସମୃଦ୍ଧ ରାଜ୍ୟଗୁଡ଼ିକ ମଧ୍ୟରେ ଓଡ଼ିଶାକୁ ନାମିତ କରାଯାଇଥିଲେ ମଧ୍ୟ ବଜେଟ୍ ରାଜ୍ୟ ମଧ୍ୟରେ ମୂଲ୍ୟ ବୃଦ୍ଧି, ପରିବେଶଗତ ସୁରକ୍ଷା ଏବଂ ସମ୍ପ୍ରଦାୟ ଆଧାରିତ ସହମତି ସମ୍ପର୍କରେ ନୀରବ ରହିଛି। ଜାତୀୟ ପରିବେଶ ପର୍ଯ୍ୟଟନ ପଦକ୍ଷେପ ଅଧୀନରେ 'ଆରକୁ' ଉପତ୍ୟକାରେ ପର୍ବତ ଟ୍ରେକିଂ ପଥ ବିକାଶ ଘୋଷଣା କରାଯାଇଛି। କିନ୍ତୁ ଆଦିବାସୀ ଅଧ୍ୟୁଷିତ ଅବିଭକ୍ତ କୋରାପୁଟ ଜିଲାରେ ଅବସ୍ଥିତ

### ପର୍ଯ୍ୟଟନ ବିକାଶରେ ଆନ୍ଧ୍ରର ଆର୍‌କୁ ରଖିଲେ, ଦେଓମାଳିର ସ୍ଥାନ ନାହିଁ

ଓଡ଼ିଶାର ସର୍ବୋଚ୍ଚ ଶିଖର ଦେଓମାଳିକୁ ସମ୍ପୂର୍ଣ୍ଣ ଭାବେ ଅଣଦେଖା କରାଯାଇଛି। ଦେଓମାଳି କେବଳ ଏକ ଭୌଗୋଳିକ ଲ୍ୟାଣ୍ଡମାର୍କ ନୁହେଁ। ଏହା ଓଡ଼ିଶାର ଆଦିବାସୀ ପରିଚୟ, ପରିବେଶ, ପର୍ଯ୍ୟଟନ, ସମ୍ଭାବନା ଏବଂ ସ୍ଥାନୀୟ ଜୀବିକାର ଏକ କେନ୍ଦ୍ରବିନ୍ଦୁ। ଦେଓମାଳିକୁ ଅଣଦେଖା କରି ଆରକୁକୁ ପ୍ରାଧାନ୍ୟ ଦେବା ଦୁର୍ବଳ ଆଞ୍ଚଳିକ ଯୋଜନା ଏବଂ ଓଡ଼ିଶାର ଆଦିବାସୀ ପ୍ରାଣଭୂମି ପ୍ରତି ଗଭୀର ସମ୍ବେଦନଶୀଳତାର ଅଭାବକୁ ପ୍ରତିବିମ୍ବିତ କରେ ବୋଲି ସେ ପ୍ରକାଶ କରିଛନ୍ତି । କୋରାପୁଟ, ରାୟଗଡା, ମାଲକାନଗିରି ଏବଂ କନ୍ଧମାଳ ଭଳି ଆଭ୍ୟନ୍ତରୀଣ ଜିଲାଗୁଡ଼ିକ ବଜେଟର ବିକାଶ ବର୍ଣ୍ଣନାରେ ପ୍ରାୟ ଅଦୃଶ୍ୟ ରହିଛନ୍ତି ବୋଲି ସପ୍ତଗିରି ଉଲାକା ପ୍ରତିକ୍ରିୟା ପ୍ରକାଶ କରିଛନ୍ତି।

### ଶିଶୁ ପୁସ୍ତକ 'ସ୍ମାର୍ଟ ପିଲାଙ୍କ ସ୍ମାର୍ଟ ଗପ' ଉନ୍ମୋଚିତ

ରାୟଗଡ଼ା,୧।୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ତାମଓଲବାଇସ୍ଥିତ ସରକାରୀ ପ୍ରାଥମିକ ବିଦ୍ୟାଳୟ ପରିସରରେ ଶିକ୍ଷକ ତଥା ଲେଖକ ବିପିନ ସାହୁଙ୍କ ଦ୍ୱାରା ରଚିତ ଶିଶୁ ଗଳ୍ପ ପୁସ୍ତକ 'ସ୍ମାର୍ଟ ପିଲାଙ୍କ ସ୍ମାର୍ଟ ଗପ' ଉନ୍ମୋଚିତ ହୋଇଛି। ଏହି ଅବସରରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟଅତିଥି ଭାବେ ମୀରାବାଲି ସରପଞ୍ଚ ଅଶୋକ ପୁଆଲା ଏବଂ ସମ୍ମାନିତ ଅତିଥି ଭାବେ ମୀରାବାଲି କ୍ଲଷ୍ଟରର ସିଆରସିସି ଉମେଶ କୁମାର ଗାଣ୍ଟା ଯୋଗଦେଇ ପୁସ୍ତକକୁ ଲୋକାର୍ପଣ କରିଥିଲେ। ପୁସ୍ତକରେ ମୁଖ୍ୟତଃ କୋମଳମତି ଶିଶୁଙ୍କୁ ଆଧୁନିକ ଜ୍ଞାନକୌଶଳ ଓ ସାଇବର ସୁରକ୍ଷା ବିଷୟରେ ସଚେତନ କରିବା ଲକ୍ଷ୍ୟରେ ଲେଖାଯାଇଛି। ଆଜିକାଲିର ଡିଜିଟାଲ ଦୁନିଆରେ ପିଲାମାନେ କିପରି ସୁରକ୍ଷିତ ରହିବେ ସେ ବିଷୟରେ ଏହି ପୁସ୍ତକରେ ସରଳ ଗପ ମାଧ୍ୟମରେ ବୁଝାଯାଇଛି। ଉନ୍ମୋଚନ ସମୟରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ, ସହକାରୀ ଶିକ୍ଷକ, ସ୍ଥାନୀୟ ୱାର୍ଡ ମେମ୍ବର ଓ କ୍ଲଷ୍ଟରର ସମସ୍ତ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।

## ହିନ୍ଦୁ ସମାଜକୁ ସଙ୍ଗଠିତ, ସଚେତନ ରହିବାକୁ ଆହ୍ୱାନ

ଅମ୍ବାଦଳା,୧।୨ (ରବୀନ୍ଦ୍ର ପଣ୍ଡା)

ମୁନିଗୁଡା ବ୍ଲକ୍ ଅମ୍ବାଦଳାରେ ହିନ୍ଦୁ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ମହିଳା ବାଘଡଙ୍ଗରି ନାଳରୁ କଳସରେ ଜଳ ସଂଗ୍ରହ କରି ଅମ୍ବାଦଳା ଟାଉନ ଦେଇ ରାମ ମନ୍ଦିର ପଡ଼ିଆରେ ପହଞ୍ଚିଥିଲେ। ସେଠାରେ ପୁରୋହିତ ବିପିନ ବିହାରୀ କର, ଅକ୍ଷୟ କୁମାର ରଥ, ଶିବାଶିଷ ପାଣିଗ୍ରାହୀଙ୍କ ଦ୍ୱାରା ଗାୟତ୍ରୀ ମହାଯଜ୍ଞ ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସ୍ୱାମୀ ନିର୍ମାଣଗିରି ମହାରାଜ, ମୁଖ୍ୟବକ୍ତା ଭାବେ ଯୁବା ଆୟାମ ପ୍ରମୁଖ ପ୍ରସେନଜିତ୍ ସିହ୍ନା ଓ ସମ୍ମାନିତ ଅତିଥି ଭାବେ ରାଜ୍ୟ ଯୁବ ସଂଯୋଜକ ବିଶ୍ୱନାଥ ଶତପଥୀ, ଦଳିତ ସମାଜର ପୂଜାରୀ ସାଗର କୁସୁଲିଆ, ବନବାସୀ ସମାଜ ରାମଚନ୍ଦ୍ର ଭୋଇ ପ୍ରମୁଖ ମଞ୍ଚାସୀନ ରହିଥିଲେ। ହିନ୍ଦୁ ସମାଜକୁ ସଂଗଠିତ ଓ ସଚେତନ ରହିବା, ଧର୍ମ ଓ ସଂସ୍କୃତିକୁ ସୁରକ୍ଷା କରିବା ପାଇଁ ଅତିଥି ଆହ୍ୱାନ କରିଥିଲେ। କାର୍ଯ୍ୟକ୍ରମରେ ହିନ୍ଦୁ ସମାଜର ସଦସ୍ୟ, ଭାଜପା ନେତା ଓ କର୍ମୀ ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଦସ୍ୟ, ସାଧୁସନ୍ଥ ଉପସ୍ଥିତ ଥିଲେ।



ହିନ୍ଦୁ ସମାଜ କର୍ମକର୍ତ୍ତା ଓ ରାଷ୍ଟ୍ରୀୟ ସ୍ୱୟଂସେବକ ସଦସ୍ୟ ସଚେତନ କରୁଛନ୍ତି ।

## ପିଏମ୍‌ଶ୍ରୀ ଉତ୍ସବ, ସ୍ୱର୍ଣ୍ଣ ଜୟନ୍ତୀ ପାଳିତ

ଚନ୍ଦ୍ରପୁର, ୧।୨ (ବିଜୟ ପ୍ରସାଦ ଉଲାକା)

ଚନ୍ଦ୍ରପୁରସ୍ଥିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ପିଏମ୍‌ଶ୍ରୀ ଉତ୍ସବ ସହ ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଛି । ପିଏମ୍‌ଶ୍ରୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ, ମୁଖ୍ୟବକ୍ତା ଭାବେ ବିଇଓ ଗଣେଶ ଶବର ଯୋଗଦେଇଥିଲେ। ସମ୍ମାନିତ ଅତିଥି ଭାବେ ବ୍ଲକ୍ ଅଧ୍ୟକ୍ଷ କଇନ କିମ୍ବାକା, ଏବିଇଓ ଉମାକାନ୍ତ ମିଶାଲ, ସିଙ୍ଗାନା ତାଡିଙ୍ଗି, ସରପଞ୍ଚ ରଞ୍ଜିତା ବ୍ରେକବେଡ, ସ୍କୁଲ ସଭାପତି ହାଡିବନ୍ଧୁ ବ୍ରେକବେଡ, ପ୍ରେସ କ୍ଲବ ସଭାପତି ପ୍ରମୋଦ ସାହୁକାର, ସମ୍ପାଦକ ବିଜୟ ଉଲାକା, ଭୀମ ଗୋଗେରେଙ୍ଗା, ଶିକ୍ଷକ ପ୍ରଦୀପ ଚୌଧୁରୀ, କଂଗ୍ରେସ ସଭାପତି ହିରୁ ମାଝି ଉପସ୍ଥିତ ଥିଲେ। ସେହିପରି ବିଦ୍ୟାଳୟର ୫୦ବର୍ଷ ପୂର୍ତ୍ତି ଉପଲକ୍ଷେ ସନ୍ଧ୍ୟାରେ ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବରେ ରାୟଗଡ଼ା ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତି ମାଝୀ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଏହି ଅବସରରେ ଅତିଥିଙ୍କୁ ଉତ୍ତରୀୟ, ଟ୍ରଫି ସହ ପ୍ରମାଣପତ୍ର ଦେଇ ସମ୍ମାନିତ କରାଯାଇଥିଲା। ନିମନ୍ତ୍ରିତ ଅତିଥି ଭାବେ ରାମନଗୁଡା ବ୍ଲକ ଅଧ୍ୟକ୍ଷ ରବି ଗମାଙ୍ଗ, ପୂର୍ବତନ ଶିକ୍ଷକ ଚକ୍ରପାଣି ରତନାଲୁ, ଶିକ୍ଷୟିତ୍ରୀ ଗୀତାଞ୍ଜଳି ରାଓ, ସାମାଜିକ କର୍ମୀ ବିଜୟ ଉଲାକା ଉପସ୍ଥିତ ଥିଲେ।



ସମ୍ବର୍ଦ୍ଧିତ ହୋଇଥିବା ଅତିଥି।

## କନ୍ୟକା ପରମେଶ୍ୱରୀ ମନ୍ଦିର ବାର୍ଷିକୋତ୍ସବ

ଗୁଣପୁର,୧।୨(ସଂକେତ ପାତ୍ର)

ଗୁଣପୁର ସହରସ୍ଥିତ କନ୍ୟକା ପରମେଶ୍ୱରୀ ମନ୍ଦିରର ୨୭ତମ ପ୍ରତିଷ୍ଠା ଦିବସ ଶନିବାର ପାଳିତ ହୋଇଛି। ଏହି ଅବସରରେ ଶ୍ରୀ କନ୍ୟକା ପରମେଶ୍ୱରୀଙ୍କ ବିଶେଷ ପୂଜାର୍ଚ୍ଚନା, ହୋମଯଜ୍ଞ ଓ ବିଭିନ୍ନ ଧାର୍ମିକ କାର୍ଯ୍ୟକ୍ରମ ସମ୍ପନ୍ନ ହୋଇଥିଲା। ଏଥିରେ ମା'ଙ୍କ ନଗର ପରିକ୍ରମା ଉତ୍ସବର ମୁଖ୍ୟ ଆକର୍ଷଣ ଥିଲା। ଢୋଲ, ମହୁରୀ, ହରିନାମ ସଂକୀର୍ତ୍ତନ ଓ ଜୟଧ୍ୱନି ମଧ୍ୟରେ ମା'ଙ୍କ ପାଲଙ୍କୀ ସହର ପରିକ୍ରମା କରିଥିଲା। କାର୍ଯ୍ୟକ୍ରମରେ ବୈଶ୍ୟ ସଂଘ କମିଟିର ସଭାପତି ସକଲବତ୍ତୁଲା ବାବା ପ୍ରସାଦ, ଉପ ସଭାପତି ପେଦିନା ନାଗରାଜୁ, ସମ୍ପାଦକ ପୋଟ୍ଟୁନୁରୁ ସାଇକ୍ରିଷ୍ଣା, ଯୁଗ୍ମ ସମ୍ପାଦକ ଆନ୍ଦଭାରାପୁ ୱେଙ୍କଟ ରାଓ, ଧନାଧ୍ୟକ୍ଷ ପାଇଡିଚେଟି ହରିନାଥ ରାଓଙ୍କ ସହ ବୈଶ୍ୟ ସଂଘ କମିଟିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




ମା'ଙ୍କ ସ୍ୱତନ୍ତ୍ର ପୂଜାରେ ଉପସ୍ଥିତ ମହିଳା ଶ୍ରଦ୍ଧାଳୁ।

# ମାଘ ପୂର୍ଣ୍ଣିମାରେ ଗଦଗଦା ଶୈବପୀଠରେ ଭିଡ଼

ଗୁଣପୁର,୧।୨ (ସୁଜାତା ପାଢ଼ୀ)

ମାଘ ପୂର୍ଣ୍ଣିମା ଅବସରରେ ରବିବାର ରାୟଗଡ଼ା ଜିଲା ରାମନାଗୁଡା ବ୍ଲକ ପେଣକାମ ପଞ୍ଚାୟତର ତାମିଙ୍ଗଠାରେ ଥିବା ଗଦଗଦା ଉତ୍ତରଗଙ୍ଗା ଶୈବପୀଠରେ ଭକ୍ତଙ୍କ ଭିଡ଼ ଜମିଥିଲା। ଏଠାରେ ବୁଡ ପକାଇ ମାନସିକ କଲେ ନିଃସନ୍ତାନଙ୍କୁ ସନ୍ତାନ ପ୍ରାପ୍ତ ହୁଏ ବୋଲି ବିଶ୍ୱାସ ରହିଛି। ତେଣୁ ସ୍ଥାନୀୟ ଅଞ୍ଚଳ ସମେତ ପଡୋଶୀ ଆନ୍ଧ୍ରରୁ ମଧ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଉତ୍ତର ଗଙ୍ଗାରେ ବୁଡ ପକାଇଥାନ୍ତି। ଏଥିସହ ମାନସିକଧାରୀ ଏଠାରେ ମୁଣ୍ଡନ ବା ଚୁଟି କାଟି ନୀଳକଣ୍ଠେଶ୍ୱରଙ୍କ ଦର୍ଶନ କରି



ପଥର ଖୋଲର ଝରଣା ମଧ୍ୟରେ ପ୍ରଭୁ ଶ୍ରୀ ନୀଳକଣ୍ଠେଶ୍ୱର ।

କୃପାଲାଭ କରିଥାନ୍ତି। ବର୍ଷର ବହୁ ସମୟ ଏହି ଲିଙ୍ଗ ଜଳମଗ୍ନ ହୋଇ ରହୁଥିବାବେଳେ ଏହି ସମୟରେ ହିଁ ଏଠାରେ ମହାଦେବ ପୂଜା ପାଆନ୍ତି। ଏହି ଝରଣା ଉତ୍ତର ଦିଗରୁ ବୋହି ଆସିଥିବାରୁ ଏହାକୁ ଉତ୍ତରଗଙ୍ଗା ବୋଲି ଲୋକେ କୁହନ୍ତି । ମାଘ ପୂର୍ଣ୍ଣମୀରେ ଏଠାରେ ବଡ ଧରଣର ଯାତ୍ରା ପାଳିତ ହୋଇଥାଏ। ଏହି ନିର୍ଜନ ସ୍ଥାନରେ ଏବେ ଉଠା ଦୋକାନୀଙ୍କ ଭିଡ ଯାତ୍ରାକୁ ଅଧିକ ସୁନ୍ଦର କରିଛି।

ସୂଚନାଯୋଗ୍ୟ, ଗଦଗଦ ଶବ୍ଦରେ ଓ ପ୍ରାକୃତିର ସୌନ୍ଦର୍ଯ୍ୟ ଭରା ଗାଁ ନିକଟସ୍ଥ ସୁଉଚ୍ଚ ପାହାଡ଼ରୁ ବୋହି ଆସୁଥିବା ଝରଣା ଏହି ସ୍ଥାନକୁ ଅଧିକ ବିମୋହିତ କରୁଛି । ଶୈବପୀଠ ସହ ଜଳପ୍ରପାତ, ଘଞ୍ଚ ବନାନୀ, ଶିଳାବନ୍ଧୁର ଝରଣା ଶଯ୍ୟା ଶ୍ରଦ୍ଧାଳୁ ଓ ପର୍ଯ୍ୟଟକଙ୍କ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ପ୍ରାକୃତିକ ଶୋଭା ମଧ୍ୟରେ ପଥର ଚଟାଣର ମଧ୍ୟ ଭାଗରେ ପୂଜା ପାଆନ୍ତି ଠାକୁର ନୀଳକଣ୍ଠେଶ୍ୱର। ଏଠାରେ ଭକ୍ତ ଏବଂ ପର୍ଯ୍ୟଟକଙ୍କ ପାଇଁ କୌଣସି ସୁବିଧା ନ ଥିବାରୁ ଅନେକ ସମୟରେ ଲୋକେ ହଇରାଣ ହେଉଥିବା ଅଭିଯୋଗ ହେଉଛି। ଅବ୍ୟବସ୍ଥା ଘେରରେ ଏଂ ଦୃଷ୍ଟି ଆଢୁଆଳରେ ରହିଥିବା ଏହି ସ୍ଥାନ ପ୍ରତି ପ୍ରଶାସନ ଏବଂ ସରକାର ଦୃଷ୍ଟିକୁ ନେଇ ପର୍ଯ୍ୟଟନସ୍ଥଳୀ ପାଇଁ ପଦକ୍ଷେପ ନେଲେ ଅଞ୍ଚଳର ସାମଗ୍ରୀକ ବିକାଶ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତ ଦେଇଛନ୍ତି ।

# ବରିଷ୍ଠ ନାଗରିକଙ୍କ ସମ୍ମାନ, ସୁରକ୍ଷା ଉପରେ ଗୁରୁତ୍ୱ



ବୈଠକରେ ଉପସ୍ଥିତ ଅଧିକାରୀ ।

## ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ, କଲ୍ୟାଣ ଆଇନ ନେଇ ସଚେତନତା

ରାୟଗଡ଼ା,୧।୨ (ଆଶିଷ ରଞ୍ଜନ ପଣ୍ଡା)

ରାୟଗଡ଼ା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲା ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ତରଫରୁ ଶନିବାର ଜିଲାସ୍ତରୀୟ ମାତାପିତା ଏବଂ ବରିଷ୍ଠ ନାଗରିକଙ୍କ ରକ୍ଷଣାବେକ୍ଷଣ ଓ କଲ୍ୟାଣ ଆଇନ-୨୦୦୭ ସଚେତନତା ଶିବିର ଅନୁଷ୍ଠିତ ହୋଇଛି। ଅତିରିକ୍ତ ଜିଲାପାଳ ନବୀନ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଶିବିରରେ ଜିଲା ପରିଷଦ ଅଧ୍ୟକ୍ଷା ସରସ୍ୱତୀ ମାଝି, ରାୟଗଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଚୁନି ହୁଇକା, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବସନ୍ତ କୁମାର ପ୍ରଧାନ, ବରିଷ୍ଠ ନାଗରିକ କଲ୍ୟାଣ ସଂଘର ଅଧ୍ୟକ୍ଷ ବିନୋଦ ଚନ୍ଦ୍ର ପଣ୍ଡା, ରାୟଗଡ଼ା ନଗରପାଳିକା ଉପାଧ୍ୟକ୍ଷ ଶୁଭ୍ରା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ମା'ବାପାଙ୍କ ମହତ୍ତ୍ୱ ଏବଂ ପିଲାଙ୍କ ଦାୟିତ୍ୱ ବିଷୟରେ ଏଡିଏମ୍ ନାୟକ ଆଲୋଚନା କରିଥିଲେ। ସଚେତନତା କାର୍ଯ୍ୟକ୍ରମରେ ପରିବାରିକ ବିବାଦ, ଏକାକିତ୍ୱ ଏବଂ ସ୍ୱାସ୍ଥ୍ୟ ସମସ୍ୟା ସହିତ ମାତାପିତା ତଥା ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ ୨୦୦୭ ବିଷୟରେ ସମସ୍ତଙ୍କୁ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ ବରିଷ୍ଠ ନାଗରିକଙ୍କ ସମ୍ମାନ ଓ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ବିଭିନ୍ନ ପରାମର୍ଶ ଦିଆଯିବା ସହ ବରିଷ୍ଠ ନାଗରିକଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା। ଜିଲା ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀକାନ୍ତ କୁମାର ପାଣିଗ୍ରାହୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ହେଲ୍ପ ଏଜ୍ ଇଣ୍ଡିଆ ଏନ୍‌ଜିଓର ଦେବଶ୍ରୀ ବ୍ରହ୍ମା ଓ ଆର.କେ. ଦାସ ମାତାପିତା ତଥା ବରିଷ୍ଠ ନାଗରିକ ଭରଣପୋଷଣ ଓ କଲ୍ୟାଣ ଆଇନ ୨୦୦୭ ବିଷୟରେ ସମସ୍ତଙ୍କୁ ସଚେତନ କରାଇଥିଲେ।

## ସଂକ୍ଷେପରେ

### ପାଣିରେ ବୁଡ଼ି ନାବାଳକ ମୃତ

ଜୟପୁର, ୧।୨ (ପବନ ପାଣିଗ୍ରାହୀ)

ଗାଧୋଉଥିବା ସମୟରେ ପାଣିରେ ବୁଡ଼ି ଯିବାର ଜଣେ ନାବାଳଙ୍କ ମୃତ୍ୟୁ ହୋଇଥିବା ରବିବାର ଜୟପୁର ସଦର ଥାନାରେ ଅଭିଯୋଗ ହୋଇଛି। ମୃତକ ହେଲେ ଉପର କଲାବ ଅଞ୍ଚଳର ଗୁରୁନାଥ ଟାକ୍ରିଙ୍କ ପୁଅ ମହେଶ (୧୩)। ପୋଲିସ ସୂଚନାନୁଯାୟୀ ରବିବାର ଅପରାହ୍ନ ୨ଟା ୩୦ରେ ମହେଶ ତାଙ୍କ ସାଙ୍ଗମାନଙ୍କ ସହ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ସେ ଅସାବଧାନତା ବଶତଃ ହଠାତ ବୁଡ଼ିଯାଇଥିଲେ। ସାଙ୍ଗମାନେ ନିକଟସ୍ଥ ବସ୍ତିରେ ଥିବା ଲୋକଙ୍କୁ ସଙ୍ଗେସଙ୍ଗେ ଏ ସମ୍ପର୍କରେ ଜଣାଇଥିଲେ। ସେମାନେ ଆସି ମହେଶଙ୍କୁ ଉଦ୍ଧାର କରି ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ମହେଶଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ସଦରଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ସଦର ଥାନାଧିକାରୀ ସଚ୍ଚିନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

### ବିସିଡି ଠିକାଦାର ସଂଘ ପକ୍ଷରୁ ଚାରାରୋପଣ

ଜୟପୁର, ୧।୨ (ପବନ ପାଣିଗ୍ରାହୀ)

କୋରାପୁଟ ଜିଲା ଜୟପୁର ବ୍ଲକ ଅଧୀନ ବାରିଣିପୁଟ ଶିବ ମନ୍ଦିର ପ୍ରାଙ୍ଗଣରେ ଜିଲା ବିସିଡି ଠିକାଦାର ସଂଘ ପକ୍ଷରୁ ରବିବାର ଚାରାରୋପଣ କାର୍ଯ୍ୟକ୍ରମ କରାଯାଇଛି। ସଭାପତି ପଦ୍ମନ ହରିଜନଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମସ୍ତ କର୍ମକର୍ତ୍ତା ଶିବମନ୍ଦିର ନିକଟରେ ବିଭିନ୍ନ ପ୍ରକାରର ଚାରାରୋପଣ କରିଥିଲେ। ପରେ ହାନାଗୁଡ଼ା ନିକଟସ୍ଥ ଏକ ଅନ୍ତେବାସୀ ଛାତ୍ରାବାସକୁ ଯାଇ ସେଠାରେ ଥିବା ଛାତ୍ରୀ ଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସଂଘର ବରିଷ୍ଠ ସଭ୍ୟ ବିଜୟ ପଣ୍ଡା, ସାଧାରଣ ସମ୍ପାଦକ ହେମନ୍ତ ତ୍ରିପାଠୀ, ରଞ୍ଜନ କୁମାର ପ୍ରଧାନ, ଉପସଭାପତି ବିନିତ ସତମନ, କୋଷାଧ୍ୟକ୍ଷ ସୁରଜିତ ରାଉତରାୟ, ଟୁକୁରୁ ଦାସ, ତୁଷାର ବିଶ୍ୱାଳ, ବି. ନାରାୟଣ ରାଓ, ଯୁଗ୍ମ ସମ୍ପାଦକ ଶ୍ରୀନିବାସ ପଣ୍ଡା, କାର୍ଯ୍ୟନିର୍ବାହୀ ସଭ୍ୟ ରାଜିବ ଟାକ୍ରୀ, ସତ୍ୟନାରାୟଣ ନାୟକ, ବିଶ୍ୱନାଥ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

### ଛୁରାମାଡ଼ରେ ଜଣେ ଗୁରୁତର, ୨ ଆହତ

ଦଶମନ୍ତପୁର, ୧।୨ (ଅରବିନ୍ଦ ନାୟକ)

କୋରାପୁଟ ଜିଲା ଦଶମନ୍ତପୁର ବ୍ଲକ ଅଧୀନ ଗାଦିଆଗୁଡ଼ା ପଞ୍ଚାୟତ ଅଧୀନ ତଳଗଦ୍ରି ଗାଁରେ ଦେଶିଆ ନାଚ ଦେଖିବାକୁ ଯାଇଥିବା ୩ଜଣ ଯୁବକଙ୍କୁ ଦୁର୍ବୃତ୍ତମାନେ ଛୁରିରେ ଆକ୍ରମଣ କରିଥିଲେ। ଏ ନେଇ ଦଶମନ୍ତପୁର ଥାନାରେ ଲିଖିତ ଅଭିଯୋଗ ହୋଇଛି। ଛୁରାମାଡ଼ରେ ନନ୍ଦି ଗାଁ ପଞ୍ଚାୟତ ଅଧୀନ ପରଜା ସୁଜୁଲି ଗାଁର ଧନୁ ମୁଦୁଲି ଗୁରୁତର ଅଛନ୍ତି। ଚୁନା ମୁଦୁଲି ଏବଂ ଇନ୍ଦ୍ର ମୁଦୁଲି ଆହତ ହୋଇଛନ୍ତି। ପ୍ରକାଶଯେ, ଗତ ୨୯ ତାରିଖରେ ତଳଗଦ୍ରି ଗାଁ ରେ ଦେଶିଆ ନାଚ ହେଉଥିଲା। ଏହାକୁ ଦେଖିବାକୁ ଧନୁ, ଚୁନା ଓ ଇନ୍ଦ୍ର ଯାଇଥିଲେ। ନାଚ ସମୟରେ କୌଣସି କରାଣରୁ ତଳଗଦ୍ରିର ଯୁବକଙ୍କ ସହ ସେମାନଙ୍କ ବଚଷା ହୋଇଥିଲା। ଏଥିରେ ତଳଗଦ୍ରିର କେତେଜଣ ଯୁବକ ଉତ୍ୟକ୍ତ ହୋଇ, ଧନୁ, ଇନ୍ଦ୍ର ଓ ଚୁନାଙ୍କୁ ଛୁରିରେ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ଧନୁ ଚେତା ଶୂନ୍ୟ ହୋଇ ପଡ଼ିଥିଲେ। ସଙ୍ଗେସଙ୍ଗେ ଅନ୍ୟ ଯୁବକମାନେ ତାଙ୍କୁ ଉଦ୍ଧାର କରି ଏକ ଗାଡ଼ିରେ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ କଲେଜ୍ ଓ ହସ୍ପିଟାଲକୁ ଆଣିଥିଲେ। ଅନ୍ୟ ଦୁଇଜଣ ଯୁବକଙ୍କୁ ମଧ ମୁଣ୍ଡରେ ଆଘାତ ହୋଇ ଥିବା କୁହାଯାଇଛି। ୩୦ ତାରିଖରେ ଘଟଣା ସମ୍ପର୍କରେ ଥାନାରେ ଅଭିଯୋଗ ହୋଇଥିବା ଜଣାପଡ଼ିଛି।

### ଦାମନଯୋଡ଼ିରେ ହିନ୍ଦୁ ସମ୍ମିଳନୀ

ଦାମନଯୋଡି, ୧।୨ (ନରସିଂହ ବ୍ରହ୍ମା)

କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ହନୁମାନ ବାଟିକା ପରିସରରେ ରବିବାର ଏକ ହିନ୍ଦୁ ସଭାର ଆୟୋଜନ କରାଯାଇଥିଲା। କୋରାପୁଟ ଖଣ୍ଡ କାର୍ଯ୍ୟବାହ ରଞ୍ଜନ କୁମାର ବେହେରା, ସୁନାବେଡ଼ାସ୍ଥିତ ଓଡ଼ିଶା କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର ପ୍ରଧାପକ ଭରତ କୁମାର ପଣ୍ଡା, ଆଦିମ ଗୁରୁକୁଳ ଆଶ୍ରମ, କୁନ୍ଦୁଲି ର ଅଶ୍ରମାଧିକ୍ଷ ବିନୟ କୁମାର ପ୍ରମୁଖ ଉପସ୍ଥିତ ଥିଲେ। ଗାୟତ୍ରୀ ପ୍ରଜ୍ଞାପୀଠରୁ କଳସ ଯାତ୍ରା ବାହାରିଥିଲା। ଦାମନଯୋଡ଼ି, ମାଥାଲପୁଟ, ଭେଜାପୁଟ, ମରିଚମାଳ, ପୁଟୁରାଘାଟି, ଅଁଳାବାଡ଼ି ସମେତ ଆଖପାଖ ଅଞ୍ଚଳର ହଜାର ହଜାର ଲୋକେ ସାମିଲ ହୋଇଥିଲେ। ଦାମନଯୋଡ଼ି ତଥା ଆଖପାଖ ଅଞ୍ଚଳର ବିଭିନ୍ନ ସଂଘ ଶାଖାର ସ୍ୱୟଂସେବକମାନେ ମିଳିତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରୀକ୍ଷା ସୁପରିଚାଳନା, ଶତ ପ୍ରତିଶତ ପାସ୍‌କୁ ଗୁରୁତ୍ୱ

## ଶିକ୍ଷା ବିଭାଗର ଜିଲାସ୍ତରୀୟ ସମୀକ୍ଷା ବୈଠକ

କୋରାପୁଟ, ୧।୨ (ଅମିତାଭ ବେହେରା)



ବୈଠକରେ କୋରାପୁଟ ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ଆଲୋଚନା କରୁଛନ୍ତି।

କୋରାପୁଟସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଶିକ୍ଷା ବିଭାଗର ଜିଲାସ୍ତରୀୟ ସମୀକ୍ଷା ବୈଠକ ରବିବାର ଅନୁଷ୍ଠିତ ହୋଇଯାଇଛି। ୧୯ ତାରିଖରୁ ଆରମ୍ଭ ହେବାକୁ ଯାଉଥିବା ମାଟ୍ରିକ ପରୀକ୍ଷାର ସୁପରିଚାଳନା ନେଇ ବୈଠକରେ ଆଲୋଚନା ହୋଇଛି। ବିଭିନ୍ନ ପ୍ରକାର ସ୍କାର୍ଡ ଗଠନ, ସବୁ ପିଲା ଯେବରି ପରିକ୍ଷାରେ ଉପସ୍ଥିତ ରହିବେ, ଶତ ପ୍ରତିଶତ ପାସ ହାର, ଅଧିକରୁ ଅଧିକ ପିଲା ଯେପରି ଏ-୧, ଏ-୨ ଗ୍ରେଡ୍ ରଖିବେ ସେ ଉପରେ ଗୁରୁତ୍ୱ ଦେବାକୁ ଜିଲାପାଳ ମନୋଜ ସତ୍ୟୱାନ ମହାଜନ କହିଥିଲେ।

ଓଡ଼ିଶା ରାଜ୍ୟ ଶିକ୍ଷା କାର୍ଯ୍ୟକ୍ରମ ପ୍ରାଧିକରଣ ଦ୍ୱାରା ବିଦ୍ୟାଳୟଗୁଡ଼ିକୁ ଆସୁଥିବା ବିଭିନ୍ନ ଅନୁଦାନ ଯଥା ମିଶ୍ରିତ ଅନୁଦାନ, ଖେଳ ଅନୁଦାନ, ରାଣୀ ଲକ୍ଷ୍ମୀବାଇ ଆତ୍ମରକ୍ଷା ଅନୁଦାନ, ୟୁନିଫର୍ମ ଅନୁଦାନ, ବିଦ୍ୟାଳୟ ନିରାପଦ ଅନୁଦାନ ଆଦିକୁ ଶୀଘ୍ର ଏବଂ ସୁବିନିଯୋଗ ପାଇଁ ନିର୍ଦ୍ଦେଶ ଦେଇଥିଲେ। ନିପୁଣ ଓଡ଼ିଶା ମିଶନ ଅନ୍ତର୍ଗତ କାର୍ଯ୍ୟକ୍ରମଗୁଡ଼ିକର ଠିକ୍ ତଦାରଖ ସହ ଗୁଣାତ୍ମକ ଶିକ୍ଷାକୁ ପ୍ରାଧାନ୍ୟ ଏବଂ ମୌଳିକ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ଏକ ଆହ୍ୱାନ ରୂପେ ଗ୍ରହଣ କରିବାକୁ ଜିଲାପାଳ କହିଥିଲେ।

ନୂତନ ପାଠ୍ୟକ୍ରମ ଆଧାରିତ ପ୍ରବୋଧନ ଶିକ୍ଷକ ପ୍ରଶିକ୍ଷଣକୁ ଶୀଘ୍ର ସମାପ୍ତ କରିବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆସ ସ୍କୁଲ ଯିବା ଅଭିଯାନ ମାଧ୍ୟମରେ ୬ ରୁ ୧୪ ବୟସର ୯୫୮୯ ଡ୍ରପ୍‌ଆଉଟ ପିଲାଙ୍କୁ ବିଦ୍ୟାଳୟରେ ନାମ ଲେଖାଇବା ଏବଂ ୧୫ରୁ ୧୮ ବୟସର ୨୦୧୫ ଡ୍ରପ୍‌ଆଉଟଙ୍କୁ ଏସ୍‌ଆଇଓଏସ୍, ଏନ୍‌ଆଇଓଏସ୍, ଆଇଟିଆଇରେ ନାମ ଲେଖାଇବାକୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ପୁଣି ବିଭିନ୍ନ ବର୍ଗର ୨୫୩ ଦିବ୍ୟାଙ୍ଗଙ୍କ ଡ୍ରପ୍‌ଆଉଟ ପିଲାଙ୍କୁ ମୁଖ୍ୟସ୍ରୋତରେ ସାମିଲ୍ କରିବାକୁ କହିଥିଲେ। ଜିଲ୍ଲାର ୭୧୨୨ ଜଣ ଶିକ୍ଷକ ପ୍ରବନ୍ଧ ତାଲିମରେ ଭାଗ ନେବେ। ଜିଲାରେ ସୁରେନ୍ଦ୍ର ସାଏ ଦିବ୍ୟ ଦୃଷ୍ଟି ଯୋଜନାରେ ବ୍ଲକସ୍ତରରେ ଚକ୍ଷୁ ପରୀକ୍ଷା ଶିବିର କରାଯିବ। ୨୨ ସ୍ଥାନରେ ୪୫୧୩ ପିଲାଙ୍କ ଚକ୍ଷୁ ପରିକ୍ଷାର କରାଯିବ ବୋଲି ବୈଠକରେ କୁହାଯାଇଛି। ଏହି ସମୀକ୍ଷା ବୈଠକରେ ଏଡିଇଓ ଅର୍ପିତା ପ୍ରଧାନ, ଜିଲା ଶିକ୍ଷା ବିଜ୍ଞାନ ସଂଯୋଜକ ଚନ୍ଦ୍ରକଳା ବରଗର୍ତ୍ତି, ଜିଲା ବିଜ୍ଞାନ ନିରୀକ୍ଷକ ଅନନ୍ତ ଦଳପତି, ସମଗ୍ର ଶିକ୍ଷା କାର୍ଯ୍ୟାଳୟ ଓ ଜିଲା ଶିକ୍ଷା ଅଧିକାରୀ କାର୍ଯ୍ୟାଳୟର ବିଭାଗୀୟ ମୁଖ୍ୟବୃନ୍ଦ, ଜିଲାର ସମସ୍ତ ବିଇଓ ଏବଂ ଏବିଇଓ ଉପସ୍ଥିତ ଥିଲେ।

# ୬ ହାଇସ୍କୁଲରେ ବିଦ୍ୟୁତ୍ ସଂଯୋଗ ହୋଇନି

## ନଷ୍ଟ ହେଉଛି କମ୍ପ୍ୟୁଟର, ସ୍ମାର୍ଟଟିଭି, ଲ୍ୟାବ ସାମଗ୍ରୀ

ନନ୍ଦପୁର/ପାଡୁଆ, ୧।୨ (ତୁଷାର କାନ୍ତ ମହାନ୍ତି/ଶଙ୍କର ପୂଜାରୀ)

ନନ୍ଦପୁର ବ୍ଲକ ଅନ୍ତର୍ଗତ ୨୩ ପଞ୍ଚାୟତରେ ଥିବା ୨୧ଟି ଉଚ୍ଚ ବିଦ୍ୟାଳୟ ମଧ୍ୟରୁ ୬ଟି ଉଚ୍ଚ ବିଦ୍ୟାଳୟକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇନି। ଫଳରେ ହାତୀବାରି, କୁରୁମାପୁଟ, ପରଜା ବଡପଡ଼ା, ଗୋଲୁର, ସେମେଲା ଓ କସନ୍ଦି ସ୍କୁଲର ସ୍ମାର୍ଟ ଶ୍ରେଣୀଗୃହ, ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ବିଜ୍ଞାନାଗାରରେ ଥିବା ସାମଗ୍ରୀ ବ୍ୟବହାର ନ ହୋଇ ନଷ୍ଟ ହେଉଥିବା ଅଭିଯୋଗ ହେଉଛି। ପୂର୍ବ ସରକାରଙ୍କ ଅମଳରେ ଉକ୍ତ ବିଦ୍ୟାଳୟଗୁଡ଼ିକୁ ୫-ଟି ରୂପାନ୍ତରଣ କରାଯାଇ ସ୍ମାର୍ଟ ଶ୍ରେଣୀଗୃହ, ସ୍ମାର୍ଟ ଲାଇବ୍ରେରୀ, ସ୍ମାର୍ଟ ବିଜ୍ଞାନଗାର ନିର୍ମାଣ ହୋଇଛି। ଶ୍ରେଣୀଗୃହରେ ସ୍ମାର୍ଟ ବୋର୍ଡ, ସ୍ମାର୍ଟ ଟିଭି ସ୍ଥାନିତ ହେବା ସହ ଛାତ୍ରୀଛାତ୍ରଙ୍କ କମ୍ପ୍ୟୁଟର ଶିକ୍ଷା ନିମନ୍ତେ ବିଦ୍ୟାଳୟ ପିଛା ୧୫ରୁ ୨୦ଟି ଲେଖାଏଁ କମ୍ପ୍ୟୁଟର କିଣାଯାଇ ସ୍ଥାପନ କରାଯାଇଥିଲା। ସମସ୍ତ ବିଦ୍ୟାଳୟରେ ଇନଭର୍ଟର କିଣା, ୱାଇରିଂ, ଅନ୍ୟ ବିଦ୍ୟୁତ୍ ସାମଗ୍ରୀ କିଣା ବାବଦକୁ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଛି। କିନ୍ତୁ ଉକ୍ତ ୬ ଉଚ୍ଚ ବିଦ୍ୟାଳୟକୁ ଅଦ୍ୟାବଧି ବିଦ୍ୟୁତ୍ ସଂଯୋଗ ହୋଇ ନ ଥିବାରୁ ସବୁ ସ୍ମାର୍ଟ ସାମଗ୍ରୀ ବ୍ୟବହାର ନ ହୋଇ ଖତ ଖାଉଥିବା ଉକ୍ତ ବିଦ୍ୟାଳୟ ପରିଚାଳନା କମିଟି ତରଫରୁ ଅଭିଯୋଗ ହୋଇଛି।


ହାତୀବାରି ଉଚ୍ଚ ବିଦ୍ୟାଳୟରେ ଶିଶୁ ବାଟିକାଠାରୁ ଦଶମ ଶ୍ରେଣୀ ଯାଏଁ ପ୍ରାୟ ୨୪୮ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। କିନ୍ତୁ ବିଦ୍ୟାଳୟରେ ମାତ୍ର ୭ ଜଣ ଶିକ୍ଷୟିତ୍ରୀ ଶିକ୍ଷକ ଥିବାରୁ ପିଲାଙ୍କ ପାଠପଢ଼ା ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହେଉଛି। ଏଥିସହ ଶ୍ରେଣୀଗୃହ ଅଭାବ, ପାନୀୟ ଜଳ ସୁବିଧା ନ ଥିବା, ଖେଳ ପଡିଆ ନ ଥିବା, ସୁରକ୍ଷା ପାଚେରି ନ ଥିବା ଏବଂ ମଧ୍ୟାହ୍ନ ଭୋଜନ ପାଇଁ ରୋଷେଇ ଘର କିମ୍ବା ଖାଇବା କକ୍ଷ ନ ଥିବାରୁ ପିଲାମାନେ ହଇରାଣ ହେଉଥିବା ସ୍କୁଲ ପରିଚାଳନା କମିଟି ସଭାପତି ଜଗବନ୍ଧୁ ଖରା, ଅଭିଭାବକ ଗୁଣ୍ଡରାଜ୍ ଶୁକ୍ରୀ, ହରି ଖିଲ, ବିଙ୍ଗୁ ଖରା, ଜୟ ଗୁଣ୍ଠା ପ୍ରମୁଖ ସୂଚନା ଦେଇଛନ୍ତି। ତେଣୁ ଶ୍ରେଣୀ ଓ ବିଭାଗ ଅନୁଯାୟୀ ଶିକ୍ଷୟିତ୍ରୀ ଶିକ୍ଷକ ନିଯୁକ୍ତି, ଅନ୍ୟ ଆନୁସଙ୍ଗିକ ବ୍ୟବସ୍ଥା ସହ ବିଦ୍ୟାଳୟକୁ ତୁରନ୍ତ ବିଦ୍ୟୁତ୍ ସଂଯୋଗ ଦେବାକୁ ସେମାନେ ଅନୁରୋଧ କରିଛନ୍ତି। ସେହିପରି ପରଜା ବଡ଼ପଡ଼ା ଖେମୁଣ୍ଡୁଗୁଡ଼ା, ଗୋଲୁର ସରପଞ୍ଚ, କସନ୍ଦି ଓ ଖର୍ଜୀ ସରପଞ୍ଚମାନେ ମଧ ସେମାନଙ୍କ ପଞ୍ଚାୟତର ଉଚ୍ଚ ବିଦ୍ୟାଳୟ ନିମନ୍ତେ ସମାନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ନନ୍ଦପୁର ବିଡିଓ ଦୁର୍ଗା ପ୍ରସାଦ ଦୋରାଙ୍କୁ ପଚାରିବାରୁ ବିଦ୍ୟାଳୟଠାରୁ ଦୂରରେ ବିଦ୍ୟୁତ୍ ଖୁଣ୍ଟ ଥିବାରୁ ବିଦ୍ୟୁତ୍ ସଂଯୋଗ ଦେବାରେ ଅସୁବିଧା ହେଉଛି। ୪/୫ଟି ବିଦ୍ୟୁତ୍ ପୋଲ ଓ ସ୍ୱତନ୍ତ୍ର ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଟିପି ଏସଓଡିଏଲ୍ କର୍ତ୍ତୃପକ୍ଷ କୁହାଯାଇଛି। ଆବଶ୍ୟକ ଅର୍ଥ ପ୍ରଦାନ କରିବାକୁ ବ୍ଲକ ତରଫରୁ ଜିଲାପାଳ, ସିଡିଓ ଏବଂ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ତରଫରୁ ଡିପିସିଙ୍କୁ ପତ୍ର ଲେଖି ଅନୁରୋଧ କରାଯାଇଛି। ପାଣ୍ଠି ଅନୁମୋଦନ ହେଲେ ସମ୍ପୃକ୍ତ ବିଦ୍ୟାଳୟଗୁଡ଼ିକୁ ବିଦ୍ୟୁତ୍ ସଂଯୋଗ ଦିଆଯିବ ବୋଲି ବିଡିଓ ଦୋରା ସୂଚନା ଦେଇଛନ୍ତି।



ହାତୀବାରି ଉଚ୍ଚ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଅଭିଯୋଗ କରୁଛନ୍ତି।

# ସିଙ୍ଗଲ ୟୁଜ ପ୍ଲାଷ୍ଟିକ୍ ବ୍ୟବହାରକୁ ବାରଣ

## ପ୍ଲାଷ୍ଟିକମୁକ୍ତ ପରିବେଶ ଗଠନ ପାଇଁ ଆହ୍ୱାନ



ସଚେତନତା କାର୍ଯ୍ୟକ୍ରମରେ ବନ ବିଭାଗ କର୍ମଚାରୀ, ସ୍ଥାନୀୟ ଲୋକେ।

ସୁନାବେଡ଼ା/ସେମିଲିଗୁଡ଼ା, ୧।୨ (କୃତ୍ତିବାସ ପ୍ରଧାନ/ବାସୁଦେବ ବରାଡ଼)

କୋରାପୁଟ ବନଖଣ୍ଡ ଓ ସେମିଲିଗୁଡ଼ା ବନ ବିଭାଗ ପକ୍ଷରୁ ପର୍ଯ୍ୟଟନସ୍ଥଳ ତଳମାଳିରେ ପ୍ଲାଷ୍ଟିକ ମୁକ୍ତ ପରିବେଶ ଗଠନ ଲକ୍ଷ୍ୟରେ ଏକ ସଚେତନତା କାର୍ଯ୍ୟକ୍ରମ କରାଯାଇଛି। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ଅଧ୍ୟକ୍ଷ ଦିପେଶ ବିଶ୍ୱାଳ, କୋରାପୁଟ ବନଖଣ୍ଡ ଅଧିକାରୀ କେ.ଭି ଭାସ୍କର ରାଓ, ଏସିଏଫ୍ ଜଗନ୍ନାଥ ପ୍ରସାଦ ବିଷୋୟୀ, ସେମିଲିଗୁଡ଼ା ବନାଞ୍ଚଳ ଅଧିକାରୀ ସୁଶାନ୍ତ କୁମାର ଦଳେଇ ପ୍ରମୁଖ ଉପସ୍ଥିତ ଥିଲେ। ତଳମାଳି ଓ ଏହାର ଆଖପାଖ ପର୍ଯ୍ୟଟନ ତଥା ବଣଭୋଜି ସ୍ଥଳକୁ ପ୍ଲାଷ୍ଟିକ ମୁକ୍ତ କରିବା ଲକ୍ଷ୍ୟରେ ପର୍ଯ୍ୟଟକ ସ୍ଥାନୀୟ ଲୋକଙ୍କ ଙ୍କୁ ସିଙ୍ଗଲ୍ ୟୁଜ ପ୍ଲାଷ୍ଟିକ ବ୍ୟବହାରକୁ ବାରଣ କରାଯାଇଛି। ପ୍ଲାଷ୍ଟିକ ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇବାକୁ କୁହାଯାଇଥିଲା। ପ୍ଲାଷ୍ଟିକ ବ୍ୟବହାର ଦ୍ୱାରା କିପରି ପରିବେଶ ନଷ୍ଟ ହୋଇଥାଏ ସେ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯାଇଥିଲା। 'ସେ ନୋ ଟୁ ସିଙ୍ଗଲ ୟୁଜ ପ୍ଲାଷ୍ଟିକ୍' ନେଇ ଏକ ଶପଥପାଠ କରାଯାଇଥିଲା। ଏହାପରେ ଏଣେତେଣେ ପଡ଼ିଥିବା ପ୍ଲାଷ୍ଟିକ ବୋତଲ, ପଲିଥିନ ଓ ପ୍ଲାଷ୍ଟିକ ଗ୍ଲାସ୍ ହଟାଯାଇଥିଲା। ଏଥିରେ ଜଙ୍ଗଲ ବିଭାଗ ଅନ୍ୟ ସମସ୍ତ କର୍ମଚାରୀଙ୍କ ସମେତ ଏଫଇଏସ୍‌ଏନ୍‌ଜିଓ, ସ୍ୱାମୀନାଥ ଫାଉଣ୍ଡେସନ କର୍ମକର୍ତ୍ତା ଓ ତଳମାଳି ଆଖପାଖ ଗାଁର ଗ୍ରାମବାସୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଅନ୍ୟ ପର୍ଯ୍ୟଟନ ସ୍ଥଳ ମାନଙ୍କରେ ମଧ ଏଭଳି ସଚେତନତା କାର୍ଯ୍ୟକ୍ରମ ଜାରି ରହିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

### ଡ୍ରାଇଭର, କଣ୍ଡକ୍ଟର ହେଲ୍‌ପରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା

କୋରାପୁଟ, ୧।୨ (ଅମିତାଭ ବେହେରା)

କୋରାପୁଟ ଘରୋଇ ବସ ମଲିକ ସଂଘ ପକ୍ଷରୁ ଏକ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ରବିବାର ଅନୁଷ୍ଠିତ ହୋଇଯାଇଛି। କୋରାପୁଟସ୍ଥିତ ବସଷ୍ଟାଣ୍ଡ ପରିସରରେ ଥିବା ସଂଘ କାର୍ଯ୍ୟାଳୟରେ ଆୟୋଜିତ ଏହି ଶିବିରକୁ କୋରାପୁଟ ଏସ୍‌ଡିପିଇଓ ସଞ୍ଜୀୟ କୁମାର ମଣ୍ଡଳ ଶୁଭାରମ୍ଭ କରିଥିଲେ। ଏଥିରେ ବସ ଡ୍ରାଇଭର, କଣ୍ଡକ୍ଟର ଓ ହେଲ୍‌ପରଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। କର୍ମଚାରୀଙ୍କ ସ୍ୱାସ୍ଥ୍ୟ ଠିକ ଥିଲେ ବସ୍ ଯାତ୍ରୀଙ୍କ ଯାତ୍ରା ସଫଳ ହେବ ବୋଲି ଏସ୍‌ଡିପିଓ କହିଥିଲେ। ସମ୍ମାନୀତ ଅତିଥି ଭାବେ ଆଞ୍ଚଳିକ ପରିବହନ ଅଧିକାରୀ ରାଜେଶ ମାରାଣ୍ଡି, ଏଡିପିଏଚଓ ଡା ମୁକ୍ତିକାନ୍ତ ଖଟୁଆ, ସଂଘର ଆଇନ ପରାମର୍ଶଦାତା ଅଶୋକ କୁମାର ଷଡଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ଡା ରାମକୃଷ୍ଣ ସାହୁ ଓ ଡା ସିଦ୍ଧାନ୍ତ କୁମାର ମେହେର କର୍ମଚାରୀଙ୍କ ଚକ୍ଷୁ, ମଧୁମେହ, ରକ୍ତଚାପ ଓ ରକ୍ତ ପରୀକ୍ଷା କରିଥିଲେ। ନର୍ସିଂ ଅଧିକାରୀ ସରିତା ନାୟକ ସହଯୋଗ କରିଥିଲେ। ସ୍ୱାସ୍ଥ୍ୟ ଶିବିରକୁ ସଂଘ ସଭାପତି ସେକ କାସିମ, ସମ୍ପାଦକ ଫିରୋଜ କୁମାର ତୁରୁକ ପରିଚାଳନା କରିଥିଲେ। ଉପସଭାପତି ରାମଦାସ ନିର୍କୀ, କୋଷାଧ୍ୟକ୍ଷ ଜିଭିଏସ୍‌ଏନ୍ ମୂର୍ତ୍ତି, ଯୁଗ୍ମ ସମ୍ପାଦକ ଚନ୍ଦ୍ରଶେଖର ପଣ୍ଡା, ପରାମର୍ଶଦାତା ଖୁଦରତ ନୁର ଖାନ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

### ଦାମନଯୋଡ଼ିରେ ଅଗ୍ନି ଉତ୍ସବ

ଦାମନଯୋଡ଼ି, ୧।୨ (ନରସିଂହ ବ୍ରହ୍ମା)

ମାଘ ପୂର୍ଣ୍ଣମୀ ଅବସରରେ ରବିବାର ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ଅଗ୍ନି ଉତ୍ସବ ପାଳିତ ହୋଇଛି। ଶ୍ୱେତସୁବର୍ଣ୍ଣ କ୍ଷେତ୍ର ଶ୍ରୀ ଜଗନ୍ନାଥ ମନ୍ଦିରରେ ଶ୍ରୀରାଧାକୃଷ୍ଣଙ୍କୁ ମୁଖ୍ୟ ମନ୍ଦିରରୁ ଉତ୍ସବ ସ୍ଥଳକୁ ଆଣି ପୂଜାର୍ଚ୍ଚନା କରଯାଇଥିଲା। ପୂଜକ ଅମୀୟ କୁମାର ସାମନ୍ତରାୟ ଓ ବିପିନ ବିହାରୀ ପଣ୍ଡା ଅଗ୍ନି ଦେବତାଙ୍କୁ ପୂଜା କରିବା ପରେ ଅଗ୍ନି ସଂଯୋଗ କରିଥିଲେ। ଶ୍ରଦ୍ଧାଳୁମାନେ ଅଗ୍ନିରେ ବାଇଗଣ, ଆଳୁ, ସାରୁ ଓ ନଡ଼ିଆ ଆଦି ପୋଡ଼ି ଥିଲେ। ସରସ୍ୱତୀ ବିଦ୍ୟାମନ୍ଦିର ଶିକ୍ଷକ କଲୋନୀରେ ଅନୁଷ୍ଠିତ ଉତ୍ସବରେ ରାଜେନ୍ଦ୍ର କୁମାର ପଣ୍ଡା ପୂଜାନୀତି କରିଥିଲେ। ଏହି ଉତ୍ସବରେ ଚିତ୍ତରଞ୍ଜନ ମିଶ୍ର, ଚନ୍ଦ୍ର ମୋହନ ମହନ୍ତ, ପ୍ରଶାନ୍ତ କୁମାର ମହାରଣା, ପ୍ରଦୀପ କୁମାର ଜଗତି, ସ୍ନିଗ୍ଧା ରାଣୀ ମିଶ୍ର, ଜ୍ୟୋତିପ୍ରଭା ମହାରଣା, ଅରୁଣ ଓଝା, ନରେଶ ସାହୁ ପ୍ରମୁଖ ସହଯୋଗ କରିଥିଲେ। ମାଥାଲପୁଟ ରାଧାକୃଷ୍ଣ ମନ୍ଦିର, ଭେଜାପୁଟ ଶ୍ରୀ ସିଦ୍ଧେଶ୍ୱର ମନ୍ଦିର ଓ ଅନ୍ୟ କେତେକ ସ୍ଥାନରେ ମଧ ଅଗ୍ନି ଉତ୍ସବ ପାଳିତ ହୋଇଛି।



ରାଧାକୃଷ୍ଣଙ୍କୁ ପୂଜାସ୍ଥଳକୁ ଅଣାଯାଉଛି।

# 'ନିଜ ଅଞ୍ଚଳରେ କାମ କରି ଲୋକେ ହେବେ ଆର୍ଥିକ ସ୍ୱଚ୍ଛଳ'

## ଭିବି ଜି ରା ମ ଜି ମଣ୍ଡଳସ୍ତରୀୟ ସମ୍ମିଳନୀ

କୁନ୍ଦୁରା, ୧।୨ (ସନ୍ତୋଷ ପ୍ରହରାଜ)

କୋରାପୁଟ ଜିଲା କୁନ୍ଦୁରା ବ୍ଲକ ଜଗନ୍ନାଥ ମନ୍ଦିର କଲ୍ୟାଣ ମଣ୍ଡପରେ ମଣ୍ଡଳ ସଭାପତି ପଦ୍ମନାଭ ବିଷୋୟୀ ଅଧକ୍ଷତାରେ ଭି ବି ଜି ରାମଜି ମଣ୍ଡଳସ୍ତରୀୟ ସମ୍ମିଳନୀ ରବିବାର ଅନୁଷ୍ଠିତ ହୋଇଛି। କୋଟପାଡ଼ ବିଧାୟକ ରୁପୁ ଭତ୍ରା ମୁଖ୍ୟ ଅତିଥି, ପ୍ରଭାରୀ ଆଶୁତୋଷ ମହାପାତ୍ର, ସହପ୍ରଭାରୀ ଭଗବାନ ପଣ୍ଡା, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଉପେନ୍ଦ୍ର ଭଞ୍ଜ, ମଣ୍ଡଳ ସମ୍ପାଦକ ତ୍ରିନାଥ ନାୟକ, ସନ୍ତୋଷ ନାୟକ, ଏମ୍‌ପି ପ୍ରତିନିଧି ଅମ୍ମୁ ପାତ୍ର, କୃଷକ ମୋର୍ଚ୍ଚା ପ୍ରତିନିଧି ପ୍ରକାଶ ପଟ୍ଟନାୟକ, ଜିଲା ଭାଜପା ଉପସଭାପତି ସୁଧାଂଶୁ ଶେଖର ଜେନା, ଗିରିଶ ପାଢ଼ୀ, ଭଗବାନ ମଲ୍ଲିକ ଏବଂ ସୁନ୍ଦର ମାଳି ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମାଞ୍ଚଳରେ କାର୍ଯ୍ୟ କରୁଥିବା ଶ୍ରମିମଙ୍କୁ ଏମ୍‌ଜିଏନ୍‌ଆର୍‌ଇଜିଏସ୍‌ରେ ଅଧା ଦିନ କାମ ମିଳୁ ନ ଥିଲା। ଏବେ କେନ୍ଦ୍ର ସରକାର ଭି ବି ଜି ରାମଜିରେ ଶ୍ରମିକଙ୍କୁ ୧୨୫ ଦିନର କାମ ମିଳିବ ବୋଲି କୁହାଯାଇଛି। ଶ୍ରମିକମାନେ ଏବେ ଦାଦନ ଖଟିବାକୁ ନ ଯାଇ ନିଜ ଅଞ୍ଚଳରେ କାମ କରି ଆର୍ଥିକଭାବେ ସ୍ୱଚ୍ଛଳ ହୋଇପାରିବେ ବୋଲି ବିଧାୟକ ରୁପୁ ଭତ୍ରା କହିଛନ୍ତି। ଆଗାମୀ ପଞ୍ଚାୟତ ନିର୍ବାଚନ ପାଇଁ ପ୍ରସ୍ତୁତି ଆରମ୍ଭ କରିବାକୁ ବୁଥ ସଭାପତିମାନଙ୍କୁ ପ୍ରଭାରୀ ଆଶୁତୋଷ ମହାପାତ୍ର କହିଛନ୍ତି। ସରକାରଙ୍କ ଉନ୍ନତି ମୂଳକ କାର୍ଯ୍ୟକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ସେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଭିଳାଷ ବେହେରା, ସୁନ୍ଦର ମାଳି, ସୁବାସ ନାୟକ, ଲଛମନ ଭତ୍ରା, ସୁନାମଣୀ ନାୟକ, ଶିବାନୀ ହାଲବା, ବାବୁ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ବିଧାୟକ ରୁପୁ ଭତ୍ରା ଉଦ୍‌ବୋଧନ ଦେଉଛନ୍ତି।

# ବିଧାୟକଙ୍କୁ ଡକାଇ ସମସ୍ୟା ଜଣାଇଲେ ୨ଗାଁ ଲୋକେ

ପଟ୍ଟାଙ୍ଗି, ୧।୨ (ଶରତ କୁମାର ଧଳ)



ନୂଆପୋଡାପଦରରେ ଗ୍ରାମବାସୀ ବିଧାୟକଙ୍କୁ ସମସ୍ୟା ଜଣାଉଛନ୍ତି।

କୋରାପୁଟ ଜିଲା ପଟ୍ଟାଙ୍ଗି ବ୍ଲକ ସଦର ପଞ୍ଚାୟତର କାରିଡ଼ି ଏବଂ ନୂଆପୋଡ଼ାପଦର ଗାଁର ଲୋକେ ସ୍ଥାନୀୟ ବିଧାୟକ ରାମଚନ୍ଦ୍ର କାଡ଼ାମଙ୍କୁ ଡକାଇ ନିଜ ସମସ୍ୟା ଜଣାଇଛନ୍ତି। ବିଧାୟକ ମଧ ସେମାନଙ୍କ ଅନୁରୋଧ ରକ୍ଷା କରି ଗାଁକୁ ଯାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ସମସ୍ୟାର ସମାଧାନ କରାଯିବ ବୋଲି ବଧାୟକ ପ୍ରତିଶ୍ରୁତି ଦେଇଥିବା ସୂଚନା ମିଳିଛି।

ସୂଚନାନୁଯାୟୀ, କାରିଡ଼ି ଗ୍ରାମବାସୀ ବିଧାୟକ କାଡାମ୍‌ଙ୍କୁ ଗାଁକୁ ଡକାଇ ଏକ ବୈଠକ କରାଇଥିଲେ। ଗାଁର ସମସ୍ୟାକୁ ଲିଖିତଭାବେ ଜଣାଇବା ସହ ସେଗୁଡ଼ିକ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ନୂଆପୋଡ଼ାପଦରରୁ କାରିଡ଼ିକୁ ଥିବା ପିଚୁ ରାସ୍ତା ଗାଁକୁ ସଂଯୋଗ କରୁନାହିଁ। ଗାଁର କିଛି ବାଟ ପୂର୍ବରୁ ରାସ୍ତା ପିଚୁ ବଦଳରେ ମାଟି ହୋଇ ରହିଛି। ଯେଉଁଥିପାଇଁ ଗ୍ରାମବାସୀ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ବୋଲି ବିଧାୟକଙ୍କୁ ଜଣାଇଥିଲେ। ଗାଁ ଭିତରେ ଡ୍ରେନେଜ୍ ବ୍ୟବସ୍ଥା ନ ଥିବା ଯୋଗୁ ବର୍ଷା ଦିନେ ଅଳିଆ ଆବର୍ଜନା ଏବଂ ପାଣି ଜମି ଅପରିଷ୍କାର ହେଉଥିବା ନେଇ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଏଥିସହ କମିଟି ହଲ୍, ଗାଁ ମଣ୍ଡପ ତିଆରି କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଗ୍ରାମବାସୀଙ୍କ ସମସ୍ୟା କିପରି ପୂରଣ ହେବ ସେନେଇ ପଦକ୍ଷେପ ବୋଲି ପ୍ରତିଶ୍ରୁତି ଦେଇ ଅତିଶୀଘ୍ର ଗ୍ରାମରେ ଏକ ଷ୍ଟ୍ରିଟ୍ ଲାଇଟ୍ ବ୍ୟବସ୍ଥା କରାଯିବ ବୋଲି ଘୋଷଣା କରିଥିଲେ। ଏହି ସମୟରେ ଗ୍ରାମର ମୁଖିଆ କିମିୟା ପାଙ୍ଗିଙ୍କ ସହ ଯୁବଗୋଷ୍ଠୀ ଉପସ୍ଥିତ ଥିଲେ।

ବିଧାୟକ କାଡାମ୍ ସେଠାରୁ ବାହାରି ନୂଆଁ ପୋଡ଼ାପଦର ଗ୍ରାମରେ ପହଞ୍ଚି ଗ୍ରାମବାସୀଙ୍କୁ ଭେଟି ତାଙ୍କ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଗ୍ରାମର କମ୍ୟୁନିଟି ହଲ, ନିଶାଣି ମୁଣ୍ଡା ପାଇଁ ପାଚେରୀ, ଗ୍ରାମ ଭିତରେ ଆବଶ୍ୟକ ଥିବା ସିମେଣ୍ଟ ରାସ୍ତା, ସ୍ୱାସ୍ଥ୍ୟକେନ୍ଦ୍ର ପାଚେରି, ସୁବିଧାରେ ପାଣି ଯୋଗାଣ ପାଇଁ ଦାବି ହୋଇଛି। ବ୍ଲକ୍‌ସଦର ମହକୁମାରେ ରହିଥିବା ଚାଉଳ ପ୍ରଦାନ କେନ୍ଦ୍ରକୁ ବହୁତ ଦୂର ହେଉଥିବାରୁ ଅନେକ ସମୟରେ ସମସ୍ୟା ହେଉଥିବା ଗ୍ରାମବାସୀ କହିଥିଲେ। ଆଖପାଖର ୯ ଖଣ୍ଡ ଗ୍ରାମବାସୀ ସୁବିଧା ପାଇଁ ନୂଆପୋଡାପଦର ଗ୍ରାମରେ ଚାଉଳ ପ୍ରଦାନ କେନ୍ଦ୍ର କରିବାକୁ ଜଗୁ ତାରୁପୁଙ୍କ ସହ ଅନ୍ୟମାନେ ଲିଖିତଭାବେ ଜଣାଇଥିଲେ। ଚାଉଳ ବଣ୍ଟନ ବ୍ୟବସ୍ଥା ଉପରେ ପ୍ରଥମେ ଅତିଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯିବ ବୋଲି ବିଧାୟକ କାଡାମ୍ ପ୍ରତିଶ୍ରୁତି ଦେଇଥିଲେ। ଅନ୍ୟ ସମସ୍ୟାଗୁଡ଼ିକ କିପରି ସମାଧାନ କରା ଯାଇପାଇବ ସେନେଇ ମଧ ପର୍ଯ୍ୟାୟ କ୍ରମେ ପଦକ୍ଷେପ ନିଆଯିବ ବୋଲି ସେ କହିଥିଲେ। ବିଧାୟକ କାଡାମ୍‌ଙ୍କ ଏହି ଗସ୍ତ ସମୟରେ ଏମ୍‌ପିଙ୍କ ପ୍ରତିନିଧି ଶୁକ୍ରା ଖରା, ଅର୍ଜୁନ ବାଙ୍କା, ପଞ୍ଚାୟତ ବିଧାୟକ ପ୍ରତିନିଧି ରବି ଖରା, କାମେଶ କାମଡ଼ି, ଅଭି ଲବୁଡୁ ବାରିକଙ୍କ ସହ କଂଗ୍ରେସ ଦଳର ଅନ୍ୟ କର୍ମୀମାନେ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ଶିଷ୍ଟକରଣ ସଂଘର ବନ୍ଧୁମିଳନ

ନବରଙ୍ଗପୁର, ୧।୨ (ସଦାଶିବ ପ୍ରହରାଜ)

ଜିଲା ଶିଷ୍ଟ କରଣ ସଂଘର ବନ୍ଧୁ ମିଳନ କାର୍ଯ୍ୟକ୍ରମ ରବିବାର ଅନୁଷ୍ଠିତ ହୋଇଛି। ସ୍ଥାନୀୟ ନୀଳାମ୍ବର ଗ୍ୟାସ୍ କଲ୍ୟାଣ ମଣ୍ଡପରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ କରଣ ସଂଘର ପରିବାର ଯୋଗ ଦେଇଥିଲେ। ଦୀର୍ଘ ୩୦ ବର୍ଷ ବ୍ୟବଧାନ ପରେ ସଂଘର ଏଭଳି କାର୍ଯ୍ୟକ୍ରମ କରାଯାଇଛି। ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ଚିତ୍ରାଙ୍କନ, ବାଦ୍ୟ ଯନ୍ତ୍ର, ସଙ୍ଗୀତ ଗାନ, ନୃତ୍ୟ, କରାଟେ, ମ୍ୟୁଜିକ ଚେୟାର ଆଦି ପ୍ରତିଯୋଗିତା କରାଯାଇଛି। ମୁରଲୀଧର ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବିଚାରକ ଭାବେ ଅଶୋକ ପଟ୍ଟନାୟକ, କାହ୍ନୁ ପଟ୍ଟନାୟକ, ଶ୍ରୀନିବାସ ପଟ୍ଟନାୟକ, କୃଷ୍ଣମୋହନ ପଟ୍ଟନାୟକ ସହଯୋଗ କରିଥିଲେ। ଶେଷରେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ଏକ ବୈଠକ କରାଯାଇଥିଲା। ସଂଘ ସଭାପତି ସତୀଶ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବୈଠକରେ ଆଇନ ପରାମର୍ଶଦାତା ଅରବିନ୍ଦ ପ୍ରସାଦ ପଟ୍ଟନାୟକ, ଉପସଭାପତି କିଶୋର ପଟ୍ଟନାୟକ, ସମ୍ପାଦକ ମହେଶ୍ୱର ପଟ୍ଟନାୟକ, ଯୁଗ୍ମ ସମ୍ପାଦକ ଅବନୀ ପ୍ରସାଦ ପଟ୍ଟନାୟକ, କୋଷାଧ୍ୟକ୍ଷ ଚନ୍ଦ୍ରଶେଖର ପଟ୍ଟନାୟକ ମଞ୍ଚାସୀନ ଥିଲେ। ସଭାରେ ସଂଘର ୧୦ ଜଣ ବରିଷ୍ଠ ସଦସ୍ୟା ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏହି ଅବସରରେ କୃତୀ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କାର୍ଯ୍ୟକାରିଣୀ ସଦସ୍ୟ ପ୍ରସନ୍ନ ପଟ୍ଟନାୟକ, ରବି ପଟ୍ଟନାୟକ, ରାଜକିଶୋର ପଟ୍ଟନାୟକ, ତିର୍ମୁଲେଶ ପଟ୍ଟନାୟକ, ଦନ୍ତେଶ୍ୱର ପଟ୍ଟନାୟକ, ନାରାୟଣ ରାଓ, ଏମ୍.ବି. ରାମଣା, ଜଗଦୀଶ ପଟ୍ଟନାୟକ, ରମେଶ ପଟ୍ଟନାୟକ, ସୁଜାତା ପଟ୍ଟନାୟକ, ଗଙ୍ଗା ପଟ୍ଟନାୟକ, ଦାଶରଥି ପଟ୍ଟନାୟକ, ରାମକୃଷ୍ଣ ପଟ୍ଟନାୟକ, ସତ୍ୟନାରାୟଣ ପଟ୍ଟନାୟକ ସହଯୋଗ କରିଥିଲେ।

# ଗୁଣାତ୍ମକ ଶିକ୍ଷାରେ ନବରଙ୍ଗପୁର ପଛୁଆ, କମୁଛି ଏ-୧ ସଂଖ୍ୟା

ନବରଙ୍ଗପୁର, ୧।୨ (ସଦାଶିବ ପ୍ରହରାଜ)

ଶିକ୍ଷା ପ୍ରଗତିର ମୂଳ ଆଧାର। ସ୍କୁଲ ଶିକ୍ଷାର ବିଶେଷ ଗୁରୁତ୍ୱ ରହିଛି। କିନ୍ତୁ ବିଡ଼ମ୍ବନାର ବିଷୟ ଯେ, ନବରଙ୍ଗପୁର ଜିଲା ଏଥିରେ ବହୁତ ପଛୁଆ। ଏଠାକାର ପିଲାମାନଙ୍କୁ ଗୁଣାତ୍ମକ ଶିକ୍ଷା ମିଳିପାରୁନାହିଁ। ଯାହା କି ଜିଲାର ମାଟ୍ରିକ୍ ପରୀକ୍ଷା ଫଳକୁ ଦେଖିଲେ ଜାଣିହେବ। ୨୦୨୩ରେ ଜିଲାରେ ଏ-୧ରେ ୧୬, ୨୦୨୪ରେ ଏ-୧ରେ ୭ ଓ ୨୦୨୫ରେ ଏ-୧ରେ ୫ ଜଣ ପାସ୍ ହୋଇଛନ୍ତି। ଏହାର ପ୍ରମୁଖ କାରଣ ଶିକ୍ଷକ ଓ ଶିକ୍ଷା ବିଭାଗୀୟ ଅଧିକାରୀଙ୍କ ଅଭାବ ବୋଲି ବୁଦ୍ଧିଜୀବୀ ଅଭିଯୋଗ କରୁଛନ୍ତି। ପିଲାଙ୍କୁ ସ୍କୁଲ ମୁହାଁ କରାଇବାକୁ ସରକାର ବିଭିନ୍ନ ଯୋଜନା କରୁଛନ୍ତି। କିନ୍ତୁ ଶିକ୍ଷକ ଅଭାବ ପୂରଣ ଦିଗରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ। ଫଳରେ ଜିଲାର ପିଲାମାନେ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଛନ୍ତି ବୋଲି ଅଭିଯୋଗ ହେଉଛି।

## ଶିକ୍ଷକ, ଅଧିକାରୀ ଅଭାବ ପ୍ରମୁଖ କାରଣ

ନବରଙ୍ଗପୁର ଜିଲାରେ ୧୩୫ ସରକାରୀ ହାଇସ୍କୁଲ ଓ ୫୦ଟି ଅନୁଦାନପ୍ରାପ୍ତ ବ୍ଲକ ଗ୍ରାଣ୍ଟ ହାଇସ୍କୁଲ ରହିଛି। ୧୩୫ ହାଇସ୍କୁଲରୁ ୧୩୨ ବିଦ୍ୟାଳୟର ପ୍ରଧାନଶିକ୍ଷକ ପାଇଁ ସରକାରୀ ଅନୁମୋଦନ ରହିଛି। ଏହା ମଧ୍ୟରୁ ମାତ୍ର ୨୫ ହାଇସ୍କୁଲରେ ସ୍ଥାୟୀ ପ୍ରଧାନଶିକ୍ଷକ ରହିଛନ୍ତି। ୧୦୭ ପ୍ରଧାନଶିକ୍ଷକ, ୫୫ ଜଣ ସହକାରୀ ଶିକ୍ଷକ, ୨୯ ଜଣ ସଂସ୍କୃତ, ୪୧ ହିନ୍ଦୀ, ୨୩ କ୍ରୀଡ଼ା ଶିକ୍ଷକ ପଦବୀ ଖାଲି ପଡ଼ିଛି। ଏଥିଯୋଗୁ ପିଲାଙ୍କ ପାଠପଢ଼ା ବିଶେଷଭାବେ ପ୍ରଭାବିତ ହେଉଛି। ମାଟ୍ରିକ ପରୀକ୍ଷା ଆଗରୁ ମଧ୍ୟ ପିଲାଙ୍କୁ ପର୍ଯ୍ୟାପ୍ତ ମାର୍ଗଦର୍ଶନ ମିଳୁନାହିଁ। ଚଳିତବର୍ଷ ରେଗୁଲାରରେ ୧୭,୯୭୧ ଛାତ୍ରୀଛାତ୍ର ପରୀକ୍ଷା ଦେବେ। ୭୦ ପ୍ରତିଶତ ମାର୍କ ଆଧାରରେ ହେଉଥିବା ମେଧାବୀ ଅନ୍ୱେଷଣ କାର୍ଯ୍ୟକ୍ରମ ଅନୁଯାୟୀ ଛାତ୍ରୀଛାତ୍ରଙ୍କ ସଂଖ୍ୟା ମାତ୍ର ୦.୪ ପ୍ରତିଶତ।

ପ୍ରଥମରୁ ୮ମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଧ୍ୟ ସମାନ ଅବସ୍ଥା। ୧୨୦୯ ଶିକ୍ଷକ ପଦବୀ ଖାଲି ପଡ଼ିଛି। ପ୍ରାଥମିକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିଚାଳନା ପାଇଁ ବିଇଓ ଓ ଏବିଇଓଙ୍କ ଗୁରୁଦାୟିତ୍ୱ ରହିଛି। ଜିଲାର ଚନ୍ଦାହାଣ୍ଡି, ଝରିଗାଁ, ପାପଡ଼ାହାଣ୍ଡି, ନବରଙ୍ଗପୁର ଓ ନନ୍ଦାହାଣ୍ଡି ବ୍ଲକରେ ବିଇଓ ପଦବୀ ଖାଲି ପଡ଼ିଛି। ଚନ୍ଦାହାଣ୍ଡି ବିଇଓ ଦାୟିତ୍ୱରେ ଏଡିଇଓ ପ୍ରକାଶ ଚନ୍ଦ୍ର ମହାଲିକ ଅଛନ୍ତି। ଜିଲା ସଦରମହକୁମାରୁ ୧୨୫ କିମି ଦୂର ଯାଇ କିଭଳି ଦାୟିତ୍ୱ ତୁଲାଉଥିବେ ତାହା ଅନୁମେୟ। ଝରିଗାଁ ବିଇଓ ଦାୟିତ୍ୱରେ ଡାବୁଗାଁ ବିଇଓ ରଶ୍ମିତା ନେତମ, ନବରଙ୍ଗପୁର ବିଇଓ ଦାୟିତ୍ୱରେ ଏଡିଇଓ ସୁପ୍ରିୟା ନାୟକ, ନନ୍ଦାହାଣ୍ଡି ବିଇଓ ଦାୟିତ୍ୱରେ ଏଡିଇଓ ଶ୍ରୀକାନ୍ତ ଜାନି, ପାପଡ଼ାହାଣ୍ଡି ବିଇଓ ଦାୟିତ୍ୱରେ ତେନ୍ତୁଳିଖୁଣ୍ଟି ବିଇଓ ସୁଦୀପ୍ତ କୁମାର ଦାଶ ରହିଛନ୍ତି। ଏଥିସହ ୭ଟି ଏବିଇଓ ପଦବୀ ଖାଲିପଡ଼ିଛି। ଏକାଧିକ କାମ ଚାପ ଓ ଦୂରତା ଯାଗୁ ନିରୀକ୍ଷଣ, ମାର୍ଗଦର୍ଶନ ଓ ପରିଚାଳନା ଠିକ୍ ଭାବେ ହେଉ ନ ଥିବା ବୁଦ୍ଧୀଜୀବୀ ମତ ଦେଉଛନ୍ତି। ଜିଲାରେ ପଦବୀ ସୃଷ୍ଟି ଓ ଶିକ୍ଷକ ନିଯୁକ୍ତି ପାଇଁ ଜିଲା ଶିକ୍ଷା ବିଭାଗ ପକ୍ଷରୁ ବିଦ୍ୟାଳୟ ଓ ଗଣ ଶିକ୍ଷା ବିଭାଗକୁ ୨୦୨୫ ଏପ୍ରିଲ ୭ରେ ଚିଠି ମଧ୍ୟ କରାଯାଇଛି। କିନ୍ତୁ ଏହାର କିଛି ସୁଫଳ ମିଳିନଥିବା ଜଣାପଡ଼ିଛି। ଖାଲିଥିବା ଶିକ୍ଷକ, ବିଇଓ ଏବଂ ଏବିଇଓ ପଦବୀ ପୂରଣ, ନୂତନ ପଦବୀ ସୃଷ୍ଟି, ଅସ୍ଥାୟୀ ଶିକ୍ଷକଙ୍କୁ ସ୍ଥାୟୀ, ଗୁଣାତ୍ମକ ଶିକ୍ଷା ପାଇଁ ପ୍ରଶିକ୍ଷଣ ବ୍ୟବସ୍ଥା ସମେତ ନିୟମିତ ନିରୀକ୍ଷଣ କରିବା ଆବଶ୍ୟକତା ରହିଛି ବୋଲି ମତ ପ୍ରକାଶ ପାଇଛି। ଏନେଇ ଜିଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କୁ ପଚାରିବାରୁ ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଖାଲି ପଡ଼ିଥିବା ଶିକ୍ଷକ, ନୂତନ ଶିକ୍ଷକ ଓ କର୍ମଚାରୀ ପଦବୀ ସୃଷ୍ଟି ଏବଂ ଅଧିକାରୀଙ୍କ ପଦବୀ ନେଇ ତଥ୍ୟ ମଗାଯାଇଛି। ସରକାରଙ୍କୁ ତଥ୍ୟ ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

# ହିନ୍ଦୁ ସମ୍ମିଳନୀ, ବିଶ୍ୱଶାନ୍ତି ମହାଯଜ୍ଞ



ଚାଉଁରିଆଗୁଡ଼ାରେ ଆୟୋଜିତ କଳସ ଶୋଭାଯାତ୍ରାରେ ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଯୋଗଦେଇଛନ୍ତି।

ନବରଙ୍ଗପୁର, ୧।୨ (ସଦାଶିବ ପ୍ରହରାଜ)

ପବିତ୍ର ମାଘ ପୁର୍ଣମା ଅବସରରେ ରବିବାର ନବରଙ୍ଗପୁର ଜିଲା ହିନ୍ଦୁ ଏକତା ବାହିନୀ, ବିଶ୍ୱହିନ୍ଦୁ ପରିଷଦ ଓ ଆର୍‌ଏସ୍‌ଏସ୍ ମିଳିତ ଆନୁକୂଲ୍ୟରେ ସହରର ପ୍ରମୁଖ ୫ ଗୋଟି ପବିତ୍ର ପୀଠସ୍ଥଳରେ ବିଶାଳ ହିନ୍ଦୁ ସମ୍ମିଳନୀ ଓ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହେଉଛି। ରାଜା ଚୈତନ୍ୟ ଦେବ ନୋଡାଲ ହାଇସ୍କୁଲ ପଡ଼ିଆ, ଚାଉଁରିଆଗୁଡ଼ାସ୍ଥିତ ବୁଢ଼ା ଚାଉଁରିଆ ମନ୍ଦିର, ଗାୟତ୍ରୀ ମନ୍ଦିର, ରଙ୍ଗମାଟିଗୁଡା କାଶୀ ବିଶ୍ୱନାଥ ଶୈବ ପୀଠ ଓ ଗାନ୍ଧୀ ନଗର ସାପ୍ତାହିକ ହାଟ ପଡ଼ିଆରେ ହିନ୍ଦୁ ସମ୍ମିଳନୀ ସହ ଆରସିଡି ହାଇସ୍କୁଲ ପଡିଆରେ ବିଶ୍ୱଶାନ୍ତି ମହାଯଜ୍ଞ କରାଯାଉଛି। ଏଥିସହିତ ସାମୂହିକ ହନୁମାନ ଚାଳିଶା ଗାନ ଓ ଗୋ-ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି ଅବସରରେ କଳସ ଶୋଭାଯାତ୍ରା କରାଯାଇଥିଲା। ବେଲପଡ଼ା ମାରୁତି ଆଶ୍ରମ ମହନ୍ତ ଚିନ୍ମୟ ଦାଶ ଜୀ ମହାରାଜଙ୍କ ପୌରୋହିତ୍ୟରେ ଜ୍ଞାନଯଜ୍ଞ ଅନୁଷ୍ଠିତ ହେଉଛି। ଆର୍‌ଏସ୍‌ଏସ୍ ରାଜ୍ୟ ଶାଖା ଯୁଗ୍ମ ସମ୍ପାଦକ ହରିଶ ପରିଡ଼ା ଉପସ୍ଥିତ ଅଛନ୍ତି। ନବରଙ୍ଗପୁର ବିଧାୟକ ଗୌରୀଶଙ୍କର ମାଝୀ ଓ ବହୁ ବିଶିଷ୍ଟ ବ୍ୟକ୍ତି କଳସ ଶୋଭାଯାତ୍ରା ସହ ସମସ୍ତ କାର୍ଯ୍ୟକ୍ରମରେ ଯୋଗଦେଇ ସହଯୋଗ କରିଥିଲେ। ସମସ୍ତ ମଣ୍ଡପରେ ସାମୂହିକ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଛି। ବିଭିନ୍ନ ହିନ୍ଦୁ ସଙ୍ଗଠନର ଶତାଧିକ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ।

# ଗାଁରେ ତେଜିଲା ମହିଳାଙ୍କ ମଦମୁକ୍ତ ଅଭିଯାନ



ମଦମୁକ୍ତ ଅଭିଯାନରେ ସାମିଲ ହୋଇଥିବା ମହିଳା ଓ ଯୁବତୀ।

## ଭାଙ୍ଗିଲେ ବୋତଲ, ଜବତ କଲେ ମଦ ପାଉଚ୍

■ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନ ନେଲେ ଆନ୍ଦୋଳନ ତୀବ୍ରତର ଚେତାବନୀ

ନବରଙ୍ଗପୁର, ୧।୨ (ସଦାଶିବ ପ୍ରହରାଜ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ନାରୀ ମହାସଂଘ ପକ୍ଷରୁ ରବିବାର ହାଟପଦାରେ ଏକ ବୈଠକ କରାଯାଇଥିଲା। ଚନ୍ଦାହାଣ୍ଡି, ପୂଜାରିଗୁଡ଼ା, ହଳଦୀ ସାନ ଧୂରୁଆପଡ଼ା, ସଲେବିଡି ଓ ମୋହରା ଗାଁର ଶତାଧିକ ମହିଳା ବେଆଇନ ଦେଶୀ ବିଦେଶୀ ମଦ ବ୍ୟବସାୟ ବିରୋଧରେ ସ୍ଲୋଗାନ ଦେଇ ଗାଁରେ ପଶିଥିଲେ। ସେମାନେ ମଦ ବୋତଲ ଭାଙ୍ଗିବା ସହ ମଦ ପାଉଚ୍ ଜବତ କରିଥିଲେ। ଚନ୍ଦାହାଣ୍ଡି ବ୍ଲକ ନାରୀ ମହାସଙ୍ଘ ପକ୍ଷରୁ ବେଆଇନ୍ ମଦ ବ୍ୟବସାୟ ଓ ମଦ ଭାଟି ବିରୋଧରେ ୧୫ ଦିନ ପୂର୍ବରୁ ଜିଲାପାଳ, ଏସ୍‌ପି, ଅବକାରୀ ଅଧୀକ୍ଷକଙ୍କୁ ଅଭିଯୋଗପତ୍ର ପ୍ରଦାନ କରାଯାଇଥିଲା। ଏଥିସହ ବେଆଇନ୍ ଦେଶୀ ବିଦେଶୀ ମଦ ଭାଟି, ମଦ ଦୋକାନ ଓ ମଦ ବ୍ୟବସାୟ ବିରୋଧରେ ଚନ୍ଦାହାଣ୍ଡି ବିଡିଓ, ତହସିଲଦାର ଓ ଥାନାଧିକାରୀଙ୍କୁ ଲିଖିତଭାବେ ଜଣାଇ ଥିଲେ। ୧୫ ଦିନ ମଧ୍ୟରେ ବେଆଇନ୍ ମଦ କାରବାର ବିରୋଧରେ କାର୍ଯାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଥିଲା। ଏହା ମଧ୍ୟରେ ୧୫ ପରେ କୌଣସି ଆଖିଦୃଶିଆ ପଦକ୍ଷେପ ନିଆଗଲା ନାହିଁ। ତେଣୁ ମହିଳାମାନେ ଏକାଠି ହୋଇ ମଦ ମୁକ୍ତ ଅଭିଯାନ ଆରମ୍ଭ କରିଛନ୍ତି ବୋଲି ମହାସଂଘ ବ୍ଲକ ସଭାନେତ୍ରୀ ଜୟନ୍ତୀ ମାଝୀ, ଉପସଭାନେତ୍ରୀ ଘମେ ଗୌଡ଼, ସମ୍ପାଦିକା ପାର୍ବତୀ ଧୂରୁଆ, ସହ ସମ୍ପାଦିକା ମୁକ୍ତେଶ୍ୱରୀ ମାଝୀ ପ୍ରମୁଖ କହିଛନ୍ତି। ଆଗାମୀ ଦିନରେ ଏହି ମଦ ମୁକ୍ତ ଅଭିଯାନ ଚନ୍ଦାହାଣ୍ଡି ବ୍ଲକର ସମସ୍ତ ୧୪ ଗୋଟି ପଞ୍ଚାୟତ ମଧ୍ୟରେ ଜୋରଦାର ଭାବରେ କରାଯିବ ବୋଲି ମହାସଂଘର ବ୍ଲକ ସମ୍ପାଦିକା ପାର୍ବତୀ ଧୂରୁଆ କହିଛନ୍ତି। ଚନ୍ଦାହାଣ୍ଡିକୁ ସମ୍ପୂର୍ଣ୍ଣ ମଦ ମୁକ୍ତ ନ କରିବା ଯାଏ ଆମେ ଲଢ଼ିବୁ ବୋଲି ମହାସଂଘ ସଦସ୍ୟ ଲଳିତା ନାୟକ, କମଳା ନାୟକ, ସବିତା ନାୟକ, ଜନ୍ମନି ମାଝୀ, ପାର୍ବତୀ ମାଝୀ, ସ୍ୱର୍ଣ୍ଣ ବାଘ, ପାତ୍ରୁ ପୂଜାରୀ, ବରୁଣ ପୂଜାରୀ, ନମିତା ଅନ୍ତି, ଚିନ୍ତାମଣି ପୂଜାରୀ, ରୁକମନି ମାଝୀ, ମୁଙ୍ଗେ ମାଝୀ , ବାସମତି ମାଝୀ ଓ ଅନ୍ୟ ସଦସ୍ୟମାନେ କହିଛନ୍ତି। ପ୍ରଶାସନ ଯଦି ଏହି ବେଆଇନ୍ ମଦ ବ୍ୟବସାୟ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରନ୍ତି ତେବେ ଆଗାମୀ ଦିନରେ ଅଭିଯାନ ଆହୁରି ଉଗ୍ର ଓ ତୀବ୍ର ହେବ ବୋଲି ମହାସଂଘ ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

# ମୃତ ଶିକ୍ଷକଙ୍କ ପରିବାରକୁ ସହାୟତା

ଡାବୁଗାଁ, ୧।୨ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ବଡ ଓଲମା ଆଶ୍ରମ ବିଦ୍ୟାଳୟର ଶିକ୍ଷକ ଲମ୍ବୋଦର ଭତ୍ରାଙ୍କ ଦଶାହରେ ରବିବାର ଏକ୍ସ କ୍ୟାଡର୍ ଶିକ୍ଷକ ସଂଘ ପକ୍ଷରୁ ତାଙ୍କ ପରିବାରକୁ ସହାୟତା ପ୍ରଦାନ କରାଯାଇଛି। ଗତ ଜାନୁଆରୀ ୨୩ରେ ଶିକ୍ଷକଙ୍କ ମୃତ୍ୟୁ ହୋଇଥିଲା। ରବିବାର ଦଶାହରେ ସଂଘ ସଭାପତି ବଲ୍ଲଭ ନାରାୟଣ ପଣ୍ଡା, ନରସିଂହ ମାଝୀ, ଜିତେନ୍ଦ୍ର ମାଝୀ, ପ୍ରଦୀପ ପାଢ଼ୀ, ଦୁର୍ଗା ରଥ, ରବି ପ୍ରଧାନ, ଡମଣା ମେହେର, ଉଦରନ ଭତ୍ରା, ଶୁଭେନ୍ଦୁ ଦାସ, ଆଶାରାମ ହରିଜନ, ଧରମୁପରଜା, ସମୁଦ୍ରୁଗଣ୍ଡ, ଭକଚନ୍ଦ ମାଝୀ, ଦଶମନ ମାଝୀ ପ୍ରମୁଖ ସଦସ୍ୟମାନେ ମୃତକଙ୍କ ଗ୍ରାମ ତାଳବେଡ଼ାକୁ ଯାଇଥିଲେ। ତାଙ୍କ ପରିବାରକୁ ଚାଉଳ, ପନିପରିବା, ଲୁଗାପଟା ଓ ଆର୍ଥିକ ସହାୟତା ଦେଇଥିଲେ। ମୃତ ଶିକ୍ଷକଙ୍କ ବଡ଼ ଝିଅଙ୍କୁ ସରକାରୀ ଚାକିରୀ ଦେବାକୁ ସଂଘ ପକ୍ଷରୁ ନିବେଦନ କରାଯାଇଛି।

# ଯୁବତୀଙ୍କ ଝୁଲନ୍ତା ମୃତଦେହ ଜବତ, ହତ୍ୟା ଅଭିଯୋଗ

ରାଇଘର, ୧।୨ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ କୁନ୍ଦେଇ ଥାନା ଅଞ୍ଚଳର ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ରବିବାର ମିଳିଛି। ପରିବାର ହତ୍ୟା ଅଭିଯୋଗ ଆଣିଛନ୍ତି। ପରିବାର ଲୋକଙ୍କ ସୂଚନାନୁଯାୟୀ, ଯୁବତୀ ଶନିବାର ରାତିରେ ପରିବାର ସହ ଖାଇବା ପରେ ଶୋଇବାକୁ ଯାଇଥିଲେ। କିନ୍ତୁ ସକାଳେ ସେ ଘରେ ନ ଥିବା ଦେଖି ପରିବାର ଲୋକେ ବ୍ୟସ୍ତ ହୋଇ ଆଖପାଖ ଅଞ୍ଚଳରେ ଖୋଜାଖୋଜି କରିଥିଲେ। କିନ୍ତୁ କୌଣସି ସନ୍ଧାନ ପାଇନଥିଲେ। ଘର ଠାରୁ ଏକ କିଲୋମିଟର ଦୁର ମାଲାପାରା ଗ୍ରାମର ଏକ ପୋଖରୀ ନିକଟରେ ଥିବା ବମୁର ଗଛରେ ଯୁବତୀଙ୍କ ମୃତଦେହ ଝୁଲଥିବା ଦେଖି ଲୋକେ ପରିବାରକୁ ଜଣାଇଥିଲେ। ପରିବାର ଲୋକେ ଏ ନେଇ କୁନ୍ଦେଇ ପୋଲିସକୁ ଖବର ଦେଇଥିଲେ। କୁନ୍ଦେଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବାବେଳେ ପରିବାର ଲୋକେ ଏହାକୁ ବିରୋଧ କରିଥିଲେ। ସେମାନେ କହିଥିଲେ ଯେ, ପାଖ ଓଡଣ୍ଡୀ ଗ୍ରାମର ସାଗାରାମ ଗଣ୍ଡ ମୃତ ଯୁବତୀଙ୍କୁ ୬ମାସ ତଳେ ଘରୁନେଇ ନିଜ ପାଖରେ ରଖିଥିଲେ। ଏହାପରେ ପରିବାର ଲୋକେ ଖବରପାଇ ଝିଅକୁ ନିଜ ଘରକୁ ଆଣିଥିଲେ। ପରିବାରଲୋକେ ଉଭୟଙ୍କୁ ମିଶିବାକୁ ଦେଉ ନ ଥିଲେ। ଯୁବତୀ ଆତ୍ମହତ୍ୟା କରିନାହାନ୍ତି ବରଂ ତାଙ୍କୁ କେହି ମାରି ଟାଙ୍ଗି ଦେଇଥିବା ମୃତକଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ପରେ ପୋଲିସ ସନ୍ଧାନୀ କୁକୁର ଆଣି ତଦନ୍ତ ଆରମ୍ଭ କରିଥିଲା। ପୋଲିସ ଏବେ ସାଗାରାମଙ୍କୁ ଅଟକ ରଖି ପଚରାଉଚରା କରୁଛି। ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା କୁନ୍ଦେଇ ଥାନାଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା କହିଛନ୍ତି।

# ଭାଜପାରେ ମିଶିଲେ ଶତାଧିକ ବିଜେଡି, କଂଗ୍ରେସ କର୍ମୀ

ରାଇଘର, ୧।୨ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ଯୋଡିଙ୍ଗାରେ ଭାଜପା ପକ୍ଷରୁ ଏକ ମିଶ୍ରଣ ପର୍ବ ଓ ଭି ବି ଜି ରାମ ଜି କର୍ମଶାଳା ରବିବାର ଅନୁଷ୍ଠିତ ହୋଇଛି। ରାଜ୍ୟ ଗଣଶିକ୍ଷା ଓ ଆଦିବାସୀ ଉନ୍ନୟନ ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ଅନ୍ୟ ଅତିଥିଭାବେ ରାଜ୍ୟ ଉପ ସଭାପତି ରମେଶ ସାହୁ, ଶିବନାଥ ବାନାର୍ଜୀ, ସନ୍ତୋଷ ମହାପାତ୍ର, ଶିବ କୁମାର ଗଣ୍ଡ, ପୂର୍ଣ୍ଣଚନ୍ଦ୍ର ଗଣ୍ଡ, ବିଶ୍ୱନାଥ ସିଲ ପ୍ରମୁଖ ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମକୁ ଶରତ ଜେନା ପରିଚାଳନା କରିଥିଲେ। ବିକଶିତ ଭାରତ ଗ୍ୟାରେଣ୍ଟି ରୋଜଗାର ଆଜୀବିକା ମିଶ୍ରଣ ଗ୍ରାମୀଣ ଯୋଜନା ମାଧ୍ୟମରେ ଲୋକଙ୍କୁ ୧୦୦ ଦିନ ପରିବର୍ତ୍ତେ ୧୨୫ ଦିନର କାମ ଯୋଗାଇ ଦିଆଯିବ। ଏହି ଯୋଜନା ମାଧ୍ୟମରେ ବିଭିନ୍ନ ଯୋଜନାଗୁଡିକ ଗ୍ରହଣ କରି ଆବଶ୍ୟକତା ଅନୁସାରେ ଖର୍ଚ୍ଚ କରାଯାଇ ପାରିବ ବୋଲି ରମେଶ ସାହୁ କହିଥିଲେ। ଏହାପରେ ଦଳର ଏକ ମିଶ୍ରଣ ପର୍ବ କରାଯାଇଥିଲା। ଯୋଡିଙ୍ଗା, ଜଲଙ୍ଗପାରା, ବୋବେଇ, ନାକଟିସିମୋଡା ପଞ୍ଚାୟତରୁ ଶତାଧିକ ବିଜେଡି ଓ କଂଗ୍ରେସ କର୍ମୀ ଭଜେପାରେ ମିଶିଥିଲେ। ଯୋଡ଼ିଙ୍ଗାର ପୂର୍ବତନ ସରପଞ୍ଚ ଟୁନୁ ଗଣ୍ଡ, ମନୋହର ଗଣ୍ଡ, ରତିରାମ ଗଣ୍ଡ, ବନସିଂ ଗଣ୍ଡଙ୍କ ସମେତ ବହୁ ସଦସ୍ୟ ସାମିଲ ହୋଇଥିଲେ। ଭାଜପା ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଦଳରେ ମିଶିଥିବା ନୂତନ କର୍ମୀମାନେ କହିଛନ୍ତି।

# ଭୂମିହୀନଙ୍କୁ ସଶକ୍ତ କରୁଛି ବସୁନ୍ଧରା ଯୋଜନା: ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ



ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଓ ଅନ୍ୟ ଅତିଥିଙ୍କ ସହ ପଟ୍ଟା ପାଇଥିବା ହିତାଧିକାରୀ।

ରାଇଘର, ୧।୨ (କିରଣ ପଟ୍ଟନାୟକ)

ନବରଙ୍ଗପୁର ଜିଲା ରାଇଘର ତହସିଲ କାର୍ଯ୍ୟାଳୟରେ ରବିବାର ବସୁନ୍ଧରା ଯୋଜନାରେ ଭୂମିହୀନ ମାନଙ୍କୁ ପଟ୍ଟା ବଣ୍ଟନ କାର୍ଯ୍ୟକ୍ରମ କରାଯାଇଛି। ବିଧାୟକ ତଥା ଗଣଶିକ୍ଷା ଓ ଆଦିବାସୀ ଉନ୍ନୟନ ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥିଭାବେ ଯୋଗଦେଇ ୧୬୧ ରହି ଭୂମିହୀନ ପରିବାରଙ୍କୁ ଜମି ପଟ୍ଟା ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାଜ୍ୟ ଭାଜପା ଉପସଭାପତି ରମେଶ ସାହୁ, ଶିବନାଥ ବାନାର୍ଜୀ ଯୋଗ ଦେଇଥିଲେ। ଭୂମିହୀନମାନେ ଜମିର ଆଇନଗତ ଅଧିକାର ପାଇ ଖୁସି ପ୍ରକାଶ କରିଥିଲେ। ମନ୍ତ୍ରୀ ଗଣ୍ଡ ରଜା ସରକାରଙ୍କ ଜନ କଲ୍ୟାଣକାରୀ ଯୋଜନା ସହ ଭୂମିହୀନଙ୍କୁ ସଶକ୍ତ କରିବାରେ ବସୁନ୍ଧରା ଯୋଜନାର ଗୁରୁତ୍ୱ ରହିଥିବା ମତ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ତହସିଲଦାର ରିତୁ ସିଂ, ଅତିରିକ୍ତ ତହସିଲଦାର ମୌସୁମୀ ସଜ୍ଜନଙ୍କ ସମେତ ସମସ୍ତ ତହସିଲ କର୍ମଚାରୀ ଯୋଗଦେଇଥିଲେ। ପଟ୍ଟା ବଣ୍ଟନ ଭଳି ଏକ ସରକାରୀ କାର୍ଯ୍ୟକ୍ରମରେ ଖବରଦାତାଙ୍କୁ ଡକାଯାଇ ନ ଥିବାକୁ ନେଇ ଅସନ୍ତୋଷ ଦେଖାଦେଇଥିଲା।

# ବିପଦସଙ୍କୁଳ ଅବସ୍ଥାରେ ବୁଢ଼ା ଗଛ



ନନ୍ଦପୁର, ୧।୨ (ତୁଷାର କାନ୍ତ ମହାନ୍ତି)

କୋରାପୁଟ ଜିଲା ନନ୍ଦପୁର ବ୍ଲକ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପାଚେରୀ ପାର୍ଶ୍ୱରେ ଏକ ବୁଢ଼ା ତେନ୍ତୁଳି ଗଛ ବିପଦସଙ୍କୁଳ ଅବସ୍ଥାରେ ରହିଛି। ଏହାର ମୂଳରୁ ବକଳ ଛାଡ଼ି ଯାଇଥିବାରୁ ବିଦ୍ୟାଳୟ ଓ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଉପରେ ଭାଙ୍ଗି ପଡ଼ି ଧନ ଜୀବନ ନଷ୍ଟ କରିବା ଆଶଙ୍କା ରହିଛି। ତେନ୍ତୁଳି ଗଛ ଥିବା ସ୍ଥାନରେ ବିଦ୍ୟାଳୟ ସୁରକ୍ଷା ପାଚେରୀ ଭାଙ୍ଗିଯାଇଛି। ଏହାଦ୍ୱାରା ଭଙ୍ଗା ପାଚେରୀ ଦେଇ ସ୍କୁଲ ପରିସରକୁ ଅସାମାଜିକ ଲୋକେ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି। ନନ୍ଦପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ବିଆରସିସି ଓ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ରହିଛି। କସ୍ତୁରବା ଗାନ୍ଧୀ ବାଳିକା ବିଦ୍ୟାଳୟ ଓ ଆଇଟିଡିଏ ହଷ୍ଟେଲ ରହିଛି। ବିଦ୍ୟାଳୟରେ ୬୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିବାବେଳେ ୩ଶହରୁ ଉର୍ଦ୍ଧ୍ୱ ଅନ୍ତେବାସୀ ଛାତ୍ରୀ ହଷ୍ଟେଲରେ ରହୁଛନ୍ତି। ବିପଦସଙ୍କୁଳ ଗଛକୁ ହଟାଇବା ସହ ସୁରକ୍ଷା ପାଚେରୀ ନିର୍ମାଣ କରି ଛାତ୍ରୀଛାତ୍ର ଓ କର୍ମଚାରୀଙ୍କୁ ସୁରକ୍ଷିତ ରଖିବାକୁ ନନ୍ଦପୁର ପଞ୍ଚାୟତ, ବ୍ଲକ ଓ ଜିଲା ପ୍ରଶାସନ ବ୍ୟବସ୍ଥା କରିବାକୁ ଦାବି ହୋଇଛି।

GOVERNMENT OF ORISSA
OFFICE OF THE SUPERINTENDING ENGINEER : GANJAM (R&B) DIVISION NO.I, BERHAMPUR
Phone/Fax : (0680) 2233683, e-mail : eernb1_bam@yahoo.com
Letter No.1004 / Dated 29.01.2026
Ist Corrigendum to Bid Identification No.S.E. (R&B) Divn. No.I Bam. 57/2025-26 vide letter No.665 dtd 20.01.2026
No. 34001/11/2526 : The tender invited vide Bid Identification No.57/2025-26 bearing letter No.665 dated 20.01.2026 the sale and receipt of Tenders invited for 03 no. of work may be read as from 30.01.2026 to 06.02.2026 instead of 27.01.2026 to 04.02.2026 and opening of tender on 07.02.2026 in place of 05.02.2026.
Other terms and conditions remain unchanged
OIPR-34001/34109/1/25-26/0011
Sd./- Superintending Engineer, Ganjam R&B Division No. I

Government of Odisha "e" procurement Notice
INVITATION FOR BIDS (IFB)
OFFICE OF THE DISTRICT PROJECT OFFICE, SAMAGRA SHIKSHA, DHENKANAL
Bid Identification No.SS/DKL/02/2025-2026
No.27001/6/2526

| | | |
|---|---|---|
| 1. | The District Project Coordinator, Samagra Shiksha, Dhenkanal, on behalf of Governor of Odisha, invites percentage rate bids in single cover system in **ONLINE MODE** only from eligible contractors for Construction of Building work as detailed below. | |
| 2. | Nature of work | : Construction of Additional Classrooms |
| 3. | No. of work | : 11 Nos. |
| 4. | Cost of Tender Paper | : 6,000/- |
| 5. | Class of Contractor | : "C" & "D" |
| 6. | Period of Completion | : 04 (Four) Calendar Months |
| 7. | Availability of Bid Documents in the website | : **From 10.00 A.M. of 04.02.2026 to 5.30 P.M. of 18.02.2026** |
| 8. | Date of Opening of Bid | : **Dt.19.02.2026 at 11:00 A.M.** |
| 9. | The Bidders have to participate in ONLINE bidding only. Further details can be seen from the website : https://tendersodisha.gov.in. Any addendum / corrigendum / cancellation of tender can also be seen in the said website only. | |

OIPR-27001/27210/1/25-26/0006
Sd./- District Project Coordinator, Samagra Shiksha, Dhenkanal

# ପୌର କାର୍ଯ୍ୟାଳୟରେ ନାହାନ୍ତି ସ୍ଥାୟୀ ଏଇଇ: ଉପୁଜୁଛି ସମସ୍ୟା

ସୁନାବେଡ଼ା, ୧।୨ (କୃତ୍ତିବାସ ପ୍ରଧାନ)

କୋରାପୁଟ ଜିଲା ସର୍ବବୃହତ୍ ପୌର ପରିଷଦ ମଧ୍ୟରେ ଦ୍ୱିତୀୟ ଥିବା ସୁନାବେଡ଼ା ପୌର ପରିଷଦ କାର୍ଯ୍ୟାଳୟରେ ଦୀର୍ଘ ଦିନରୁ ସ୍ଥାୟୀ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ(ଏଇଇ) ନ ଥିବାରୁ ସମସ୍ୟା ଉପୁଜୁଛି। ପୌରାଞ୍ଚଳର ବିଭିନ୍ନ ଉନ୍ନୟନ କାମରେ ବାଧା ସୃଷ୍ଟି ହେଉଥିବା ଅଭିଯୋଗ ହୋଇଛି। ଦିନକୁ ଦିନ ପୌରାଞ୍ଚଳର ଜନସଂଖ୍ୟା ସହ କ୍ଷେତ୍ରର ପରିସୀମା ମଧ୍ୟ ବଢ଼ିବାରେ ଲାଗିଛି। ତା'ଛଡା ପୂର୍ବରୁ ଥିବା ଏମ୍‌ଇଙ୍କର କୋରାପୁଟ ପୌରପାଳିକାକୁ ବଦଳି ହୋଇଛି। ସେ ଏଠାକାର ଦାୟିତ୍ୱରେ ରହିଛନ୍ତି। ଜଣେ ଯନ୍ତ୍ରୀଙ୍କ ହାତରେ ୨ ପୌରପାଳିକା ଦାୟିତ୍ୱ ଥିବାରୁ କାମରେ ବାଧା ହେଉଛି। ଏ ନେଇ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ପୌର କାର୍ଯ୍ୟାଳୟରେ ୩ କନିଷ୍ଠଯନ୍ତ୍ରୀ ରହିଛନ୍ତି। ଜଣେ କନିଷ୍ଠ ଯନ୍ତ୍ରୀ ୬ ମାସ ହେବ ମାତୃତ୍ୱ ଛୁଟିରେ ରହିଛନ୍ତି। ଅନ୍ୟ ୨ କନିଷ୍ଠ ଯନ୍ତ୍ରୀ ସମସ୍ତ ଉନ୍ନୟନ କାର୍ଯ୍ୟର ତଦାରଖ କାର୍ଯ୍ୟ ନିର୍ବାହ କରୁଛନ୍ତି। ଏ ସମ୍ପର୍କରେ ସୁନାବେଡା ପୌର ପରିଷଦ ଅଧ୍ୟକ୍ଷ ଡ.ରାଜେନ୍ଦ୍ର ପାତ୍ରଙ୍କୁ ପଚାରିବାରୁ ସ୍ଥାୟୀ ଏଇଇ ନ ଥିବାରୁ ଏଭଳି ସମସ୍ୟା ହେଉଛି। ଏଥିସହ ଜଣେ ସ୍ଥାୟୀ ଏଇଇଙ୍କ ଆବଶ୍ୟକତା ଥିବା ଓ ଏକାଧିକବାର ଏ ନେଇ ଉପର ସ୍ତରରେ ଗୁହାରି କରିଥିବା କହିଛନ୍ତି। ଜଣେ ଯନ୍ତ୍ରୀ ୨ ପରିଷଦର ଦାୟିତ୍ୱରେ ରହିଲେ କେମିତି କାମ ହେବ ବୋଲି ଓଲଟା ପ୍ରଶ୍ନ କରିଛନ୍ତି। ସୁନାବେଡ଼ା ପୌର କର୍ମଚାରୀଙ୍କ ଅବସର ପରେ ମଧ୍ୟ କୌଣସି ନିଯୁକ୍ତି ନ ଥିବାରୁ କାମରେ ବାଧା ସୃଷ୍ଟି ହେଉଛି। ଏହାକୁ ନେଇ କିଛି ମାସ ପୂର୍ବରୁ ପୌର ପରିଷଦ ପରିଦର୍ଶନରେ ଆସିଥିବା ରାଜ୍ୟ ସରକାରଙ୍କ ନଗର ଉନ୍ନୟନ ମନ୍ତ୍ରୀଙ୍କୁ ଅବଗତ କରାଯାଇଥିବା ସେ କହିଛନ୍ତି।

ODISHA MINING CORPORATION LTD
(A Gold Category State PSU)
Registered Office : OMC House, Bhubaneswar-751 001
CIN : U13100OR1956SGC000313
ODISHA MINING CORPORATION LTD. — Mining Happiness —
No.30001/4/2526 NOTICE INVITING REQUEST FOR PROPOSAL (RFP)
RfP No.01/OMC/CIVIL/2026 Dated : 30.01.2026
1. Request for Proposal (RfP) for the following work is invited on-line through the e-procurement portal of Govt. of Odisha.

| Sl No. | Name of Project | EMD in INR | Bid Processing Fee in INR | Period of Services |
|---|---|---|---|---|
| 1 | **Design, Manufacturing, Supply and Installation of PEB (Pre-Engineered Building) Core Box shed 2 (two) nos including civil foundation, E/I and others on Turnkey basis at Dubuna camp of Barbil region in the district of Keonjhar** | 1,67,000/- | 10,000/- plus 18% GST | 08 (Eight Months) |

2. The bidders must participate in on-line bidding at the site : **https://www.tendersodisha.gov.in**
3. Bid documents will be available in the above website from Dt.03.02.2026 to Dt.18.02.2026 up to 05:00 P.M.
4. Last date and time for on-line submission of bid in web portal is Dt.18.02.2026 up to 05:00 P.M.
5. The tender will be opened on Dt.19.02.2026 at 11:00 A.M.
6. The bidder must possess compatible Digital Signature Certificate (DSC) of Class-III.
All other details can be seen from RfP Document at **https://www.tendersodisha.gov.in**.
Odisha Mining Corporation Limited reserves the right to reject any or all RfPs received without assigning any reasons thereof.
OIPR-30001/30005/1/25-26/0004
Sd./- GM (Civil)



## ଚଳିତ ବଜେଟ ସମସ୍ତଙ୍କୁ ନିରାଶ କରିଛି



କେନ୍ଦ୍ର ସରକାରଙ୍କ ଦ୍ୱାରା ଉପସ୍ଥାପିତ ବଜେଟ ସମସ୍ତଙ୍କୁ ନିରାଶ କରିଛି। ଏହି ବଜେଟରେ ଓଡ଼ିଶା ଏବଂ ଏଠାର ଜନସାଧାରଣଙ୍କ ପାଇଁ କୌଣସି ଉଲ୍ଲେଖନୀୟ ସୁବିଧା ନାହିଁ। ଓଡ଼ିଶାବାସୀଙ୍କ ଆଶା ଥିଲା ଯେ 'ଡବଲ ଇଞ୍ଜିନ' ସରକାର ଭିତ୍ତିଭୂମି, ନିଯୁକ୍ତି ସୁଯୋଗ ଏବଂ ରାଜ୍ୟ ପାଇଁ ପ୍ରାପ୍ୟ ଅତିରିକ୍ତ ଅନୁଦାନ ଉପରେ ଗୁରୁତ୍ୱ ଦେଇ ବିକାଶକୁ ଗତି ଦେବ, କିନ୍ତୁ ତାହା ହେଲା ନାହିଁ। ଓଡ଼ିଶାରେ 'ରେୟାର ଆର୍ଥ କରିଡର' ପ୍ରତିଷ୍ଠା ପ୍ରସ୍ତାବକୁ ସ୍ୱାଗତ କରୁଛି। ଅନେକ ପ୍ରମୁଖ ଖଣିଜଦ୍ରବ୍ୟର ଅଗ୍ରଣୀ ଉତ୍ପାଦନକାରୀ ଓଡ଼ିଶା, ନିଜର ସମୃଦ୍ଧ ସମ୍ପଦ ମାଧ୍ୟମରେ ଦେଶ ଗଠନରେ ସର୍ବଦା ଯୋଗଦାନ ଦେଇଆସିଛି। ଖଣିଜ ସମୃଦ୍ଧ ଅଞ୍ଚଳ ଏବଂ ଶିଳ୍ପ କେନ୍ଦ୍ରଗୁଡ଼ିକୁ ବନ୍ଦର ସହିତ ସଂଯୋଗ କରିବା ପାଇଁ 'ଜାତୀୟ ଜଳପଥ' ନିର୍ମାଣ ନେଇ ପୁଣିଥରେ ଘୋଷଣା କରାଯାଇଛି। କିନ୍ତୁ ଏହା ଏକଦଶନ୍ଧିର ପୁରୁଣା ପ୍ରସ୍ତାବ; ଯାହାର ତୃଣମୂଳସ୍ତରରେ କୌଣସି ଅଗ୍ରଗତି ହୋଇନାହିଁ।

- ନବୀନ ପଟ୍ଟନାୟକ, ବିରୋଧୀ ଦଳ ନେତା

## ଆଦିବାସୀଙ୍କ ପାଇଁ ଛୋଟ ହୃଦୟ



କେନ୍ଦ୍ର ସରକାରଙ୍କ ୨୦୨୬-୨୭ ଆର୍ଥିକବର୍ଷ ବଜେଟରେ ଓଡ଼ିଶାର ଆଦିବାସୀ ଏବଂ କେବିକେ ଜିଲା ପାଇଁ କୌଣସି ଗୁରୁତ୍ୱ ଦିଆଯାଇନାହିଁ। କେନ୍ଦ୍ରର ୫୩.୫ ଲକ୍ଷ କୋଟିର ବଡ଼ ବଜେଟ, ହେଲେ ଆଦିବାସୀଙ୍କ ପାଇଁ ଛୋଟ ହୃଦୟ। ୪.୩% ଆର୍ଥିକ ନିଅଣ୍ଟ ଏବଂ ବୃଦ୍ଧି ପାଉଥିବା ପୁଞ୍ଜି ବ୍ୟୟ କାଗଜପତ୍ରରେ ପ୍ରଭାବଶାଳୀ ଦେଖାଯାଇପାରେ, କିନ୍ତୁ କୋରାପୁଟ, ରାୟଗଡା, ମାଲକାନଗିରି, କନ୍ଧମାଳ ଏବଂ ଅନ୍ୟାନ୍ୟ ଆଦିବାସୀ ଅଞ୍ଚଳ ପାଇଁ କୌଣସି ଗୁରୁତ୍ୱ ଦିଆଯାଇ ନାହିଁ। କେବଳ ଦୟନିୟ ଭାବରେ, ଜାତୀୟ ଜଳପଥ-୫ ଏବଂ ଲଜିଷ୍ଟିକ୍ସ ପ୍ରୋତ୍ସାହନ ଭାବରେ ପ୍ରକ୍ଷେପିତ ହୋଇଛି, ତଥାପି ଆଦିବାସୀ ବିସ୍ଥାପନ, ଜୀବିକା ସୁରକ୍ଷା କିମ୍ବା କରିଡର ପାର୍ଶ୍ୱରେ ବାସ କରୁଥିବା ସମ୍ପ୍ରଦାୟ ପାଇଁ ଲାଭ-ବଣ୍ଟନ ଉପରେ କୌଣସି ସ୍ପଷ୍ଟତା ନାହିଁ। ଓଡ଼ିଶାର ଖଣିଜ ପଦାର୍ଥ ପୁଣି ପାଳନ କରାଯାଏ, କିନ୍ତୁ ପରିବେଶଗତ ଏବଂ ସାମାଜିକ ଖର୍ଚ୍ଚ ବହନ କରୁଥିବା ଲୋକଙ୍କୁ ସୁବିଧାଜନକ ଭାବରେ ଭୁଲି ଦିଆଯାଏ। ବଜେଟରେ ଆରାକୁ ଉପତ୍ୟକା ପାଇଁ ଟ୍ରେକିଂ ପଦକ୍ଷେପ ଘୋଷଣା କରାଯାଇଛି। କିନ୍ତୁ ଆଦିବାସୀ ପ୍ରାଣକେନ୍ଦ୍ର କୋରାପୁଟରେ ଅବସ୍ଥିତ ଓଡ଼ିଶାର ସର୍ବୋଚ୍ଚ ଶିଖର ଦେଓମାଳିକୁ ସମ୍ପୂର୍ଣ୍ଣ ଅଣଦେଖା କରାଯାଇଛି। ପଡ଼ୋଶୀ ଗନ୍ତବ୍ୟସ୍ଥଳଗୁଡ଼ିକୁ ପ୍ରୋତ୍ସାହିତ କରିବା ସମୟରେ ଦେଓମାଳିକୁ ଅଣଦେଖା କରିବା ଓଡ଼ିଶାର ଆଦିବାସୀ ସମ୍ପ୍ରଦାୟ ପ୍ରତି କେନ୍ଦ୍ରର ଉଦାସୀନତାକୁ ବୁଝାଉଛି।

- ସପ୍ତଗିରି ଉଲାକା, ଏମ୍‌ପି, କୋରାପୁଟ

## ଇଭି ଇକୋସିଷ୍ଟମ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସ୍ୱାଗତ



ୟୁନିୟନ୍ ବଜେଟ ବିଭିନ୍ନ କ୍ଷେତ୍ରକୁ ସ୍ଥାୟୀ ଓ ପ୍ରଯୁକ୍ତିଗତ ଭାବେ ଉନ୍ନତ ଭବିଷ୍ୟତ ଆଡ଼କୁ ନେବା ପାଇଁ ଏକ ଦୃଢ଼ ରାସ୍ତା ଦେଖାଇଛି। ବିଶେଷକରି ଇଭି ଇକୋସିଷ୍ଟମ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ଆମେ ସ୍ୱାଗତ କରୁଛୁ। ଲିଥିୟମ-ଆୟନ ସେଲ୍ ନିର୍ମାଣରେ ବ୍ୟବହୃତ କ୍ୟାପିଟାଲଗୁଡିକ ପାଇଁ ବେସିକ କଷ୍ଟମ୍ସ ଡ୍ୟୁଟି ଛାଡ଼, ଓଡ଼ିଶା ଭଳି ଖଣିଜସମ୍ପନ୍ନ ରାଜ୍ୟଗୁଡିକରେ ରେୟାର୍ ଆର୍ଥ କରିଡର୍ ସ୍ଥାପନ, ଗ୍ରୀନ ମୋବିଲିଟିକୁ ଆହୁରି ମଜଭୁତ କରିବାକୁ ଉତ୍ତର-ପୂର୍ବ ଓ ପୂର୍ବୋଦୟ ଅଞ୍ଚଳ ପାଇଁ ୪,୦୦୦ ଇ-ବସ୍ ପ୍ରଦାନ, ବ୍ଲେଣ୍ଡେଡ ସିଏନ୍‌ଜିରେ ବାୟୋଗ୍ୟାସ ମୂଲ୍ୟକୁ କେନ୍ଦ୍ରୀୟ ଏକ୍ସାଇଜ ଡ୍ୟୁଟିରୁ ମୁକ୍ତ ରଖିବା, ଇଣ୍ଡିଆ ସେମିକଣ୍ଡକ୍ଟର୍ ମିଶନ ୨.୦ ଭଳି ଭଲ ପଦକ୍ଷେପ ନିଆଯାଇଛି। ୧୦,୦୦୦ କୋଟିର ଏମ୍‌ଏସ୍‌ଏମ୍‌ଇ ଗ୍ରୋଥ୍ ଫଣ୍ଡ୍ ଏବଂ ପେମେଣ୍ଟ ସେଟେଲମେଣ୍ଟ ସହିତ ମୋଟର୍ ଆକ୍ସିଡେଣ୍ଟ କ୍ଲେମ୍ ଟ୍ରିବ୍ୟୁନାଲ ଦ୍ୱାରା ହେଉଥିବା ସୁଧର ଆୟକର ଛାଡ଼ ବ୍ୟକ୍ତିଗତ ଯାନ ମାଲିକ ଓ ଦୁର୍ଘଟଣା ପୀଡ଼ିତଙ୍କ ପାଇଁ ଆଶ୍ୱସ୍ତିକର ହେବ।

- ସି.ଏସ୍, ବିଘ୍ନେଶ୍ୱର, ସଭାପତି, ଫେଡେରେଶନ ଅଫ୍ ଅଟୋମୋବାଇଲ ଡିଲର୍ସ ଆସୋସିଏଶନ

## ପ୍ରଗତିର ରୋଡ୍‌ମ୍ୟାପ୍



୨୦୨୬-୨୭ ବଜେଟ ଭାରତ ତଥା ଓଡ଼ିଶାକୁ ପ୍ରଗତି ଦିଗରେ ଆଗେଇନେବାକୁ ଏକ ରୋଡ୍‌ମ୍ୟାପ୍ ବୋଲି କହିପାରିବା। ବିତ୍ତୀୟ ରେସପନ୍‌ସିବିଲିଟି ସହ ପ୍ରଗତିର ସନ୍ତୁଳନ ରକ୍ଷା କରିବା ଦିଗରେ ଚେଷ୍ଟା କରାଯାଇଛି। ଏମ୍‌ଏସ୍‌ଏମ୍‌ଇ, ପର୍ଯ୍ୟଟନ, ଶିକ୍ଷା ଆଦି ପ୍ରତ୍ୟେକ କ୍ଷେତ୍ରକୁ ସୁହାଇଲା ଭଳି ପଦକ୍ଷେପ ନିଆଯାଇଛି। ଓଡ଼ିଶା କଥା କହିଲେ, ରେଆର୍ ଆର୍ଥ ଓ ଖଣିଜ ସମ୍ପଦ ଥିବା ଜିଲାର ଉନ୍ନତୀକରଣ, ଜଳପଥ, ସହରୀ ଶିଳ୍ପାଞ୍ଚଳର ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ଶିକ୍ଷା ଓ ଶିଳ୍ପ ମଧ୍ୟରେ ଥିବା ଦୂରତାକୁ ଦୂର କଲାଭଳି ଭଲ ପଦକ୍ଷେପ ରହିଛି, ଯାହାକି ଯୁବପିଢ଼ିଙ୍କୁ ସଶକ୍ତ କରିବ। ଝିଅମାନଙ୍କ ଶିକ୍ଷାଠାରୁ ଆରମ୍ଭ କରି ଉଦ୍ୟୋଗ ପର୍ଯ୍ୟନ୍ତ ସୁବିଧା ରହିଛି। ପ୍ରତି ଜିଲାରେ ବାଳିକା ହଷ୍ଟେଲ ଭଳି ସୁବିଧାର ପରିକଳ୍ପନା କରାଯାଇଛି।

- ମିତାଲି ଚିନାରା, ଅର୍ଥନୀତିଜ୍ଞ

## ପ୍ରଥମଥର ଓଡ଼ିଶାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି



ଚଳିତବର୍ଷର ବଜେଟ ସରକାରଙ୍କ ଦୀର୍ଘକାଳୀନ ବିକଶିତ ଭାରତର ଲକ୍ଷ୍ୟ ନିଶ୍ଚିତ ପୂରଣ କରିବ। ପ୍ରତିରକ୍ଷା କ୍ଷେତ୍ରରେ ବର୍ଦ୍ଧିତ ବ୍ୟୟ ଭାରତକୁ ବାହ୍ୟ ସୁରକ୍ଷା ଦେବା ସହ ପ୍ରତିରକ୍ଷା ସାମଗ୍ରୀ ରପ୍ତାନିରେ ମଧ ସାହାଯ୍ୟ କରିବ। ଶିକ୍ଷା, ସ୍ୱାସ୍ଥ୍ୟ ଓ ଅନ୍ୟାନ୍ୟ ଭିତ୍ତିଭୂମି ସୁବିଧା ଉପର ଦିଆଯାଇଥିବା ଗୁରୁତ୍ୱ ଆଗାମୀ ଦିନରେ ଅର୍ଥନୈତିକ ଅଭିବୃଦ୍ଧିରେ ସହାୟକ ହେବ। ଯୁବବର୍ଗଙ୍କ କଣ୍ଟେଣ୍ଟ କ୍ରିଏଶନକୁ ନିଯୁକ୍ତିରେ ରୂପାନ୍ତରଣ କରିବା ଦିଗରେ ସରକାରଙ୍କ ପଦକ୍ଷେପ ଅତ୍ୟନ୍ତ ସ୍ୱାଗତଯୋଗ୍ୟ। ବଜେଟରେ ପ୍ରଥମଥର ଓଡ଼ିଶାକୁ ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ରାଜ୍ୟ ପର୍ଯ୍ୟଟନ କ୍ଷେତ୍ର, ବୟନ ଶିଳ୍ପ, ନଡ଼ିଆ ଓ କାଜୁ ଚାଷ ଆଦି କ୍ଷେତ୍ର ବହୁ ସୁବିଧା ପାଇବାକୁ ଯାଉଛି। ଓଡ଼ିଶାର ଖଣିଜ ପଦାର୍ଥକୁ ପୂର୍ଣ୍ଣ ବିନିଯୋଗ କରିବା ପାଇଁ ଏହାକୁ ବିରଳ ମୃତ୍ତିକା କରିଡରରେ ମଧ ଅନ୍ତର୍ଭୁକ୍ତ କରାଯାଇଛି। ତେଣୁ ଏହି ବଜେଟ ଏକ ସମତୁଲ ଓ ସକାରାତ୍ମକ ବଜେଟ କହିଲେ ଅତ୍ୟୁକ୍ତି ହେବ ନାହିଁ।

- ସଂଘମିତ୍ରା ମିଶ୍ର, ଅର୍ଥନୀତି ଅଧାପିକା, ୟୁଜିଏସ୍ ମହାବିଦ୍ୟାଳୟ, ସାକ୍ଷୀଗୋପାଳ

## ଅଭିବୃଦ୍ଧିଭିତ୍ତିକ ବିକାଶମୁଖୀ ବଜେଟ

'ବିକଶିତ ଭାରତ-୨୦୪୭'ର ନାରାକୁ ଦୃଷ୍ଟିରେ ରଖି ଦେଶର ଅର୍ଥନୈତିକ ବିକାଶକୁ ସୁନିଶ୍ଚିତ କରିବା ପାଇଁ ଏକ ଲୋକାଭିମୁଖୀ ତଥା ଅଭିବୃଦ୍ଧିଭିତ୍ତିକ

## ଚଳିତ ବଜେଟ ହେଉଛି ବିକଶିତ ଭାରତର ରୋଡ୍‌ମ୍ୟାପ



ଚଳିତ ବଜେଟରେ ଭିତ୍ତିଭୂମି ନିର୍ମାଣ ପାଇଁ ବ୍ୟୟବରାଦ ୧୨ଲକ୍ଷ କୋଟି ଟଙ୍କା ଟପିଥିଲାବେଳେ ସାମାଜିକ କ୍ଷେତ୍ରରେ ବ୍ୟୟବରାଦ ବଢ଼ିଛି। ପୂର୍ବରୁ ଚାଲୁଥିବା ଗୋଟିଏ ବି ଯୋଜନା ବନ୍ଦ ହୋଇନାହିଁ । ଜାତୀୟ ଜଳମାର୍ଗ ଯୋଜନାରେ ଆଗାମୀ ୫ ବର୍ଷରେ ୨୦ଟି ନୂତନ ଜଳପଥ ନିର୍ମାଣ କରାଯିବ, ଯାହା ଓଡ଼ିଶାରୁ ଆରମ୍ଭ ହେବ। ଖଣିଜ ପଦାର୍ଥରେ ଭରପୂର ତାଳଚେର ଓ ଅନୁଗୋଳ, କଳିଙ୍ଗନଗରକୁ ପାରାଦୀପ ବନ୍ଦର ସହ ସଂଯୋଗ କରିବା ପାଇଁ ଜାତୀୟ ଜଳପଥ ନିର୍ମାଣ ହେବ, ଯାହା ଆଗାମୀ ଦିନରେ ଓଡ଼ିଶାରେ ଶିଳ୍ପାୟନ କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଓଡ଼ିଶାରେ ବିରଳ ଖଣିଜ କରିଡର କରିବାକୁ ଘୋଷଣା କରିଛନ୍ତି। ନିଯୁକ୍ତି ସୃଷ୍ଟି, ଉତ୍ପାଦକତା ବୃଦ୍ଧି ଏବଂ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବା ଦିଗରେ ସରକାର ବ୍ୟାପକ ଅର୍ଥନୈତିକ ସଂସ୍କାର ଗ୍ରହଣ କରିଛନ୍ତି। ବଜେଟରେ ବିଭିନ୍ନ ସାମଗ୍ରୀକୁ ଶସ୍ତା କରିବା ସହ ଆୟକର ସ୍ଲାବ ଅପରବର୍ତ୍ତିତ ରଖାଯାଇଛି, ଯାହା ସାଧାରଣବର୍ଗକୁ ଆଶ୍ୱସ୍ତ କରିଛି।

- ମନମୋହନ ସାମଲ, ଭାଜପା, ରାଜ୍ୟ ସଭାପତି



ବିକାଶମୁଖୀ ବଜେଟ ଉପସ୍ଥାପନ କରିବା ପାଇଁ କେନ୍ଦ୍ର ଅର୍ଥମନ୍ତ୍ରୀ ପ୍ରୟାସ କରିଛନ୍ତି। କୃଷକ, ଯୁବବର୍ଗ ଓ ମହିଳାଙ୍କ ଉପରେ ପ୍ରାଧାନ୍ୟ ଦିଆଯାଇ ଭିତ୍ତିଭୂମି ଉନ୍ନୟନ, ସାମାଜିକ ନ୍ୟାୟ, ଗ୍ରାମୀଣ ଅର୍ଥନୀତି, ସହରାଞ୍ଚଳ ବିକାଶ, ପ୍ରତିରକ୍ଷା, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ, କୃଷି, ଶିକ୍ଷା, ସ୍ୱାସ୍ଥ୍ୟ ଓ ପର୍ଯ୍ୟଟନ ଶିଳ୍ପ ଉପରେ ଗୁରୁତ୍ୱ ଦିଆଯାଇଛି। ବିତ୍ତୀୟ ଶୃଙ୍ଖଳାକୁ ଦୃଷ୍ଟିରେ ରଖି ଅନେକ ପଦକ୍ଷେପ ନିଆଯାଇଥିବା ବେଳେ ଦେଶର ସାମଗ୍ରିକ ବିକାଶ ତଥା ଏକ ଆତ୍ମନିର୍ଭରଶୀଳ ଭାରତବର୍ଷ ଗଠନ ପାଇଁ ଆବଶ୍ୟକ ପଦକ୍ଷେପ ନିଆଯାଇଛି।

- ଶୁଭେନ୍ଦୁ ମହାନ୍ତି, ଅତିରିକ୍ତ ନିର୍ଦ୍ଦେଶକ(ଛାତ୍ର ବ୍ୟାପାର), କିସ୍ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର

## ନୈରାଶ୍ୟଜନକ ବଜେଟ



କେନ୍ଦ୍ର ସରକାରଙ୍କ ବଜେଟରେ ରାଜ୍ୟ ପାଇଁ କୌଣସି ଗୁରୁତ୍ୱ ଦିଆଯାଇ ନାହିଁ। ରାଜ୍ୟକୁ ସ୍ୱତନ୍ତ୍ର ରାଜ୍ୟ ପାହ୍ୟା ପ୍ରଦାନ ନେଇ କୌଣସି ଆର୍ଥିକ ବ୍ୟବସ୍ଥା କରାଯାଇ ନ ଥିବାବେଳେ ଲୋକଙ୍କୁ ପାନୀୟଜଳ ସୁନିଶ୍ଚିତ ପାଇଁ ସ୍ୱତନ୍ତ୍ର ଅର୍ଥ ବ୍ୟବସ୍ଥା ହୋଇନାହିଁ। ସେହିପରି ଖଣି ରୟାଲଟି ବୃଦ୍ଧିକୁ ଗୁରୁତ୍ୱ ଦିଆଯାଇ ନାହିଁ। ଆଗାମୀ ଦିନରେ ଓଡ଼ିଶା ପ୍ରାକୃତିକ ଖଣିଜ ସମ୍ପଦହୀନ ହୋଇଯିବ ହେଲେ ରାଜ୍ୟ କ୍ଷତିଗ୍ରସ୍ତ ହେବ। ଉତ୍କଟ ବେକାରି ସମସ୍ୟା ଦୂରୀକରଣ ଦିଗରେ ସେଭଳି କିଛି ଅଧିକ ଅର୍ଥ ବ୍ୟବସ୍ଥା କରାଯାଇନାହିଁ। ଗରିବ, ମଧ୍ୟବିତ୍ତ ଓ ମହିଳାମାନଙ୍କୁ ନିରାଶ କରିଛି। ଟେକ୍ସଟାଇଲ ପାର୍କ କେବଳ କଥାରେ ରହିଥିବାବେଳେ ରେଳବାଇ କ୍ଷେତ୍ରରେ ସମ୍ପୂର୍ଣ୍ଣ ଭାବେ ଅବହେଳା କରାଯାଇଛି। ଓଡ଼ିଶାରୁ ଯେତିକି ଟଙ୍କା ନେଉଛନ୍ତି ସେହି ପରିମାଣରେ ସୁବିଧା ପ୍ରଦାନ କରାଯାଇନାହିଁ। ସ୍ୱତନ୍ତ୍ର ହାଇସ୍ପିଡ୍ କରିଡରରେ ଓଡ଼ିଶାକୁ ଅବହେଳା କରାଯାଇଛି। ଏହା ସର୍ବସାଧାରଣଙ୍କ ପାଇଁ ଲାଭଦାୟକ ନୁହେଁ, ଏକ ନୈରାଶ୍ୟଜନକ ବଜେଟ।

- ପ୍ରଫୁଲ୍ଲ ଚନ୍ଦ୍ର ଘଡ଼େଇ, ପୂର୍ବତନ ଅର୍ଥମନ୍ତ୍ରୀ


## କର୍ପୋରେଟ୍ ସେକ୍ଟରକୁ ଉପହାର; କୃଷକ, ଶ୍ରମିକଙ୍କୁ ଅଣଦେଖା



ଚଳିତ ବଜେଟ ଧନୀଙ୍କୁ ସୁହାଉଥିବାବେଳେ ଗରିବଙ୍କୁ ରକ୍ତହୀନ କରୁଛି। ଏହା ବଜେଟ ନୁହେଁ, କର୍ପୋରେଟ ସେକ୍ଟର ପାଇଁ ଉପହାର ତାଲିକା। ସାଧାରଣ ଜନତାଙ୍କ ପାଇଁ ବଡ଼ ଧୋକା। ବଜେଟରେ କୃଷିକ୍ଷେତ୍ରକୁ ଅଣଦେଖା କରାଯାଇଛି। ଚାଷୀଙ୍କ ଆୟ ଦ୍ୱିଗୁଣିତ କରିବା ପରିବର୍ତ୍ତେ କୃଷି ସଂକ୍ରାନ୍ତୀୟ ଯୋଜନାରେ ଅନୁଦାନ ହ୍ରାସ କରାଯାଇଛି। ଶ୍ରମିକଙ୍କ ସାମାଜିକ ସୁରକ୍ଷା ପାଇଁ କୌଣସି ବ୍ୟବସ୍ଥା ନାହିଁ। କର୍ପୋରେଟ ଅନୁକୂଳ ଶ୍ରମ ନୀତିକୁ ପ୍ରୋତ୍ସାହନ ଦେଇ ଶ୍ରମିକ ଶ୍ରେଣୀକୁ ଶୋଷଣ କରାଯିବାର ବ୍ୟବସ୍ଥା କରାଯାଇଛି। ଆଗାମୀ ଦିନରେ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି ହେବା ସହ ପରୋକ୍ଷ କର ଓ ନୀତିଗତ ଅବହେଳା ଯୋଗୁ ମୁଦ୍ରାସ୍ଫୀତି ବଢ଼ିବ। ଏହାର ସିଧାସଳଖ ପ୍ରଭାବ ଖାଉଟି ଓ ମଧ୍ୟବିତ୍ତ ପରିବାର ଉପରେ ପଡ଼ିବ।

-ମହେନ୍ଦ୍ର ପରିଡ଼ା, ସାଧାରଣ ସମ୍ପାଦକ, ଏଆଇସିସିଟିୟୁ

## ଜନବିରୋଧୀ ବଜେଟ



ସମ୍ପୂର୍ଣ୍ଣ ଜନବିରୋଧୀ ଓ କର୍ପୋରେଟ ସପକ୍ଷବାଦୀ ବଜେଟ। ଏଥିରେ ରାଷ୍ଟ୍ରୀୟ କୃଷି ବିକାଶ ଯୋଜନା, ପ୍ରଧାନମନ୍ତ୍ରୀ ପୋଷଣ, ପିଏମ-ଶ୍ରୀ, ପିଏମ୍-ଜେଏଓ, ପିଏମ୍-ଏମ୍‌ଏସ୍‌ଓ, ପିଏମ୍‌ଏଓ ଭଳି ଅନେକ ଯୋଜନାରେ ବ୍ୟୟ ବହୁତ କମ୍ ହୋଇଛି। ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଓ ଉତ୍ତର-ପୂର୍ବାଞ୍ଚଳ କଲ୍ୟାଣ ପାଇଁ ବ୍ୟୟ ମଧ କମ୍ କରାଯାଇଛି। ମୋଦି ସରକାରଙ୍କ କାଳରେ 'ସ୍ଥିରତା, ଆର୍ଥିକ ଅନୁଶାସନ, ନିରନ୍ତର ବୃଦ୍ଧି ଓ ମଧ୍ୟମ ମୂଲ୍ୟବୃଦ୍ଧି' ରହିଥିବା ଅର୍ଥମନ୍ତ୍ରୀ କହିଛନ୍ତି, ହେଲେ ସ୍ଥିରତା କେବଳ ଶ୍ରମିକଙ୍କ ଦୁଃଖ, ବେକାରି ଓ କମ୍ ଆୟରେ ରହିଛି। ଧନୀ ଓ ଗରିବଙ୍କ ମଧ୍ୟରେ ବଢ଼ୁଥିବା ଅସମାନତାକୁ ଏହି ବଜେଟ ଆହୁରି ତୀବ୍ର କରିବ। ଏହା ଭାରତ ଓ ବିଶ୍ୱ ଅର୍ଥନୀତିର ସଙ୍କଟଜନକ ସ୍ଥିତିକୁ ମୁକାବିଲା କରିବାରେ ଅସମର୍ଥ ହେବ।

-ସୁରେଶ ଚନ୍ଦ୍ର ପାଣିଗ୍ରାହୀ, ଓଡ଼ିଶା ରାଜ୍ୟ କମିଟି ସମ୍ପାଦକ, ସିପିଆଇ(ଏମ)

## ମଧ୍ୟବିତ୍ତ ବର୍ଗ, ଘରୋଇ ଉତ୍ପାଦନକାରୀଙ୍କୁ ଖୁସି କରିବାକୁ ପ୍ରୟାସ



ଭାରତ ବିକଶିତ ରାଷ୍ଟ୍ର ହେବା ସହିତ ଅର୍ଥନୀତି କ୍ଷେତ୍ରରେ ବିଶ୍ୱରେ ଏକ ସ୍ୱତନ୍ତ୍ର ସ୍ଥାନ ରଖିବା ଭଳି ବିଭିନ୍ନ ଯୋଜନାକୁ ଚଳିତ ବଜେଟରେ ସ୍ଥାନ ଦିଆଯାଇଛି। ଏଥର ବଜେଟରେ ମଧ୍ୟବିତ୍ତ ବର୍ଗ ଏବଂ ଘରୋଇ ଉତ୍ପାଦନକାରୀଙ୍କୁ ଖୁସି କରିବାକୁ ଚେଷ୍ଟା କରାଯାଇଛି। ଶିକ୍ଷା, ସ୍ୱାସ୍ଥ୍ୟ, କୃଷି, ଶିଳ୍ପ ଓ ଜଳସେଚନକୁ ଗୁରୁତ୍ୱ ଦିଆଯାଇଛି। ଆୟୁର୍ବେଦ ମେଡିକାଲ ସଂସ୍ଥାକୁ ବିକଶିତ କରିବାକୁ ବ୍ୟବସ୍ଥା ରହିଛି। ଯୁବପିଢ଼ିଙ୍କୁ ଚାକିରି, ବାଣିଜ୍ୟ ବ୍ୟବସାୟ ଆଦି କ୍ଷେତ୍ରରେ ଆଗୁଆ କରିବା ପାଇଁ ବଜେଟରେ ଅର୍ଥ ବ୍ୟବସ୍ଥା କରାଯାଇଛି। ଡାଇବେଟିସ୍, କ୍ୟାନ୍ସର ପାଇଁ ବ୍ୟବହାର ୧୭ଟି ଔଷଧ ଶସ୍ତା କରାଯାଇଛି। ବିମାନ ଯାତ୍ରା ଏବଂ ବିଦେଶ ଯାତ୍ରା ବି ଶସ୍ତା ହେବ। ତେବେ ଓଡ଼ିଶାରେ କିଛି ବଡ଼ କଳକାରଖାନା ପାଇଁ ବଜେଟରେ ପ୍ରସ୍ତାବ ରହିବା ଆବଶ୍ୟକ ଥିଲା।

-ଜଲିଲ ଖାଁ, ଶିକ୍ଷାବିତ୍

## କର୍ପୋରେଟଜଗତଧର୍ମୀ ବଜେଟ



କେନ୍ଦ୍ର ବଜେଟରେ କୃଷକ, ଯୁବକ, ଗରିବ, ନିମ୍ନ ମଧ୍ୟବିତ୍ତ ଓ ମଧ୍ୟବିତ୍ତଙ୍କ ପାଇଁ କୌଣସି ସ୍ୱତନ୍ତ୍ର ବ୍ୟବସ୍ଥା ନାହିଁ। 'ଉପା' ସରକାର ସମୟରେ ଥିବା ଘରୋଇ ସଞ୍ଚୟ ୭.୪% ଖସି ଆସି ୫.୩% ହୋଇଯାଇଛି। ଶିକ୍ଷିତ ଯୁବକମାନଙ୍କ ବେକାରି ସମସ୍ୟା ଅତି ଉତ୍କଟ ହୋଇଛି। ଶିକ୍ଷିତ ଗ୍ରାଜୁଏଟ ମାନଙ୍କ ବେକାରି ହାର ୨୬.୩% ପହଞ୍ଚିଛି। ଉପାର୍ଜନ ଅସମତାରେ ଭାରତ ଶୀର୍ଷରେ ଅଛି, ଏହାକୁ ରୋକିବା ପାଇଁ ସରକାରଙ୍କ କୌଣସି ଯୋଜନା ନାହିଁ। ଓଡ଼ିଶା କେନ୍ଦ୍ର ରାଜସ୍ୱ ଆଦାୟର କୌଣସି ଭାଗ ପାଇବାର ବ୍ୟବସ୍ଥା ନାହିଁ। ବଜେଟରେ ଘୋଷଣା ହୋଇଥିବା କେନ୍ଦୁଝର, ପାରାଦୀପ ଆନ୍ତଃଜଳ ଗମନାଗମନ ଏକ ଧୂଆଁବାଣ ଛଡ଼ା କିଛି ନୁହଁ। କାରଣ ବାଜପେୟୀଙ୍କ ସରକାର ମଧ ଏହି ମହତ୍ତ୍ୱାକାଂକ୍ଷୀ ଯୋଜନାର ଘୋଷଣା କରିଥିଲେ କିନ୍ତୁ ଆଜି ପର୍ଯ୍ୟନ୍ତ ଏହା ସ୍ୱପ୍ନ ହୋଇ ରହିଯାଇଛି। ବଜେଟରେ ଥିବା ଇଷ୍ଟ କୋଷ୍ଟ କରିଡର ଅମ୍ବାନୀ, ଅଦାନୀ ଆଦି ଶିଳ୍ପପତିଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଘୋଷଣା ହୋଇନାହିଁ ତ? ୭ ଗୋଟି ସ୍ପିଡ୍ ରେଳ କରିଡର ଘୋଷଣାରେ ଓଡ଼ିଶାର ନାମ ନ ଥିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ।

- ଭକ୍ତ ଚରଣ ଦାସ, ପିସିସି ସଭାପତି

## ଅଲିମ୍ପିକ୍ସରେ ପଦକ ବୃଦ୍ଧି ଲକ୍ଷ୍ୟରେ ବଡ଼ ପଦକ୍ଷେପ



ଭାରତ ୨୦୩୬ ଅଲିମ୍ପିକ୍ସ ବିଡ୍ ଲାଗି ପ୍ରସ୍ତୁତ ହେଉଛି। ୨୦୩୦ ରାଜ୍ୟଗୋଷ୍ଠୀ କ୍ରୀଡ଼ା ଆୟୋଜନ ପାଇଁ ମଧ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ତେଣୁ ଖେଳାଳିଙ୍କ ସାମଗ୍ରିକ ବିକାଶକୁ ଲକ୍ଷ୍ୟରେ ରଖି ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ନୂଆ 'ଖେଲୋ ଇଣ୍ଡିଆ ମିଶନ' ଆରମ୍ଭ ପାଇଁ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାହା ନିଶ୍ଚିତ ସ୍ୱାଗତଯୋଗ୍ୟ। ଲୋକସଂଖ୍ୟା ତୁଳନାରେ ଆମେ ଅଲିମ୍ପିକ୍ସରେ ପଦକ ହାସଲରେ ସବୁବେଳେ ବହୁ ପଛରେ ପଡ଼ି ଯାଉଛୁ। ଏହାକୁ ଲକ୍ଷ୍ୟରେ ରଖି ଦୀର୍ଘକାଳୀନ ଭିତ୍ତିରେ ଖେଳାଳିଙ୍କ ପ୍ରଦର୍ଶନରେ ଉନ୍ନତି ଲାଗି ଏପରି ପଦକ୍ଷେପ ନିଆଯାଉଛି ବୋଲି ମୋର ଅନୁଭବ ହେଉଛି। ଏହାଦ୍ୱାରା ଏକାଧିକ କ୍ରୀଡ଼ାରେ ତୃଣମୂଳ ସ୍ତରରୁ ଖେଳାଳିମାନେ ଉପକୃତ ହୋଇପାରିବେ। କେନ୍ଦ୍ର ସରକାର ପୂର୍ବରୁ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତିଲାଗି ଅନେକ ପଦକ୍ଷେପ ନେଇଛନ୍ତି। ଏବେ ଖେଳାଳିଙ୍କ ସମେତ କୋଚ୍ ଏବଂ ସପୋର୍ଟ ଷ୍ଟାଫଙ୍କ ଦକ୍ଷତା ବୃଦ୍ଧି, ସ୍ପୋର୍ଟ୍ସ ମେଡିସିନ, ମ୍ୟାନେଜମେଣ୍ଟ ଏବଂ ଭିତ୍ତିଭୂମିରେ ଉନ୍ନତି ଉପରେ ମଧ ଗୁରୁତ୍ୱ ଦିଆଯାଇଛି। ତେଣୁ ଆଗାମୀ ୧୦ ବର୍ଷକୁ ଦୃଷ୍ଟିରେ ରଖି ଏଥର ଯେଉଁ ଯୋଜନା ପ୍ରସ୍ତୁତ କରାଯାଉଛି ତାହାଦ୍ୱାରା ଖେଳାଳିମାନେ ନିଶ୍ଚିତ ଉପକୃତ ହୋଇପାରିବେ ଏବଂ ଏହାର ଫଳାଫଳ ବଡ଼ ପ୍ରତିଯୋଗିତାଗୁଡ଼ିକରେ ପ୍ରତିଫଳିତ ହେବ।

-ଅନୁରାଧା ବିଶ୍ୱାଳ, ଅଲିମ୍ପିଆନ

## ଜିଏସ୍‌ଟି ସରଳୀକରଣ ନିରାଶ କରିଛି



ସାଧାରଣ ଲୋକ, ମଧ୍ୟବର୍ଗ, କୃଷକ, ଯୁବତୀଯୁବକ ଓ ବ୍ୟବସାୟ ଦୃଷ୍ଟିକୋଣରୁ ଏହା ଏକ ଉତ୍ତମ ବଜେଟ। ଏହି ବଜେଟ ମାଧ୍ୟମରେ ରାସ୍ତା, ରେଲ୍‌ୱେ, ହାଇ-ସ୍ପିଡ୍ ଟ୍ରେନ୍, ଭିତ୍ତିଭୂମି, ରୋଜଗାର ସୃଷ୍ଟି ଓ ଅର୍ଥନୈତିକ କ୍ଷେତ୍ରରେ ବୃଦ୍ଧି ସମ୍ଭାବନା ରହିଛି। ଶିକ୍ଷା ଓ ଗବେଷଣାକୁ ଗୁରୁତ୍ୱ ଦେଇ ବିଶ୍ୱବିଦ୍ୟାଳୟ ଟାଉନ୍‌ଶିପ୍, ଛାତ୍ରୀ ହଷ୍ଟେଲ ଆଦି ସ୍ଥାନ ପାଇଛି। ଏଥିରେ ଗ୍ରାମାଞ୍ଚଳ ଛାତ୍ରୀଛାତ୍ର ଉପକୃତ ହୋଇପାରିବେ। ମହିଳା ସଶକ୍ତୀକରଣ କ୍ଷେତ୍ରରେ ମହିଳା ଶିକ୍ଷା ଓ ସୁରକ୍ଷାରେ ସହାୟକ ହେବ। କୃଷି, ମତ୍ସ୍ୟ, ପଶୁପାଳନ ଯୋଜନା ଏବଂ କୃଷକ ଆୟ ବୃଦ୍ଧିର ସମ୍ଭାବନା ସୃଷ୍ଟି କରାଯାଇଛି। ଉଦ୍ୟୋଗ ଓ ନିବେଶ ପ୍ରୋତ୍ସାହନ ସେମିକଣ୍ଡକ୍ଟର, ଉତ୍ପାଦନ କ୍ଷେତ୍ରରେ ନିବେଶ ବୃଦ୍ଧି ଭଲ ସଙ୍କେତ। ଜୀବନ ବଞ୍ଚାଉଥିବା କେତେକ ଗୁରୁତ୍ୱପୂର୍ଣ୍ଣ ଔଷଧ ଉପରେ କଷ୍ଟମ ଶୁଳ୍କ ହ୍ରାସ ସ୍ୱାଗତଯୋଗ୍ୟ ପଦକ୍ଷେପ। କିନ୍ତୁ ମଧ୍ୟବର୍ଗ ପାଇଁ ଉପଯୁକ୍ତ କର ରାହାତି ନାହିଁ। ବୃଦ୍ଧ ନାଗରିକଙ୍କ ପାଇଁ ଅତିରିକ୍ତ ପେନ୍‌ସନ କିମ୍ବା କର ରିହାତିରେ ବଡ଼ ଘୋଷଣା ହୋଇନାହିଁ। ମହଙ୍ଗା ନିୟନ୍ତ୍ରଣ ଉପରେ ସ୍ପଷ୍ଟ ରୋଡ୍‌ମ୍ୟାପ୍ ହୋଇପାରିନାହିଁ। ଛୋଟ ବ୍ୟବସାୟ ପାଇଁ ସୀମିତ ରିହାତି ଋଣ ଓ ଜିଏସ୍‌ଟି ସରଳୀକରଣ ଉପରେ ରହିଥିବା ଆଶା ପୂରଣ ହୋଇପାରିଲାନାହିଁ, ଯାହା ନିରାଶ କରିଛି। କହିବାକୁ ଗଲେ ଏହା ଏକ ସନ୍ତୁଳନ ବଜେଟ।

- ବିବେକାନନ୍ଦ ମହାନ୍ତି, ସଭାପତି, ଯାଜପୁର ଜିଲା ଟ୍ୟାକ୍ସ ବାର ଆସୋସିଏଶନ

## ରେୟାର ଆର୍ଥ କରିଡର ଲାଭକାରୀ ପଦକ୍ଷେପ



ଚଳିତ ବର୍ଷର ବଜେଟ୍ ସବୁ ସେକ୍ଟରକୁ ନିଶ୍ଚିତ ଭାବେ ଉତ୍ସାହିତ କରିବ। ବାୟୋ ଫାର୍ମା ଶକ୍ତି ଓ ରେୟାର ଆର୍ଥ କରିଡର ତଥା ସେମି କଣ୍ଡକ୍ଟର ୟୁନିଟ୍, ହାଇସ୍ପିଡ୍ ରେଲୱେ କରିଡର, ଏମ୍‌ଏସ୍‌ଏମଇ ସେକ୍ଟର ପାଇଁ ଦଶ ହଜାର କୋଟିର ସରକାର ଯେଉଁ ବ୍ୟୟବରାଦ କରିଛନ୍ତି ତାହା ବିକଶିତ ଭାରତ ପାଇଁ ଉଲ୍ଲେଖନୀୟ ପଦକ୍ଷେପ। ଓଡ଼ିଶା ପରିପ୍ରେକ୍ଷୀରେ ରେୟାର ଆର୍ଥ କରିଡର ଏକ ଲାଭକାରୀ ପଦକ୍ଷେପ। ପ୍ରାକୃତିକ ସମ୍ପଦର ବିକାଶ ସହ ଏଥିରେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ୱାଟର ୱେ ଟ୍ରେନିଂ ସେଣ୍ଟର ଓଡ଼ିଶାରେ ହେବା ଏକ ଶୁଭଙ୍କର ସୂଚନା। ବିତ୍ତୀୟ ନିଅଣ୍ଟ ୪.୩% ହ୍ରାସ କରାଯାଇଛି। ଫଳରେ ଭାରତରେ ଅର୍ଥନୈତିକ ଅଭିବୃଦ୍ଧିର ସୁଯୋଗ ସୃଷ୍ଟି ହେବ। ବୈଶ୍ୱିକ କ୍ଷେତ୍ରରେ ଯୁଦ୍ଧର ଘନଘଟାକୁ ଲକ୍ଷ୍ୟ ରଖି ପ୍ରତିରକ୍ଷା କ୍ଷେତ୍ରରେ ବଜେଟ୍ ବୃଦ୍ଧି କରାଯିବା ଏକ ଉଲ୍ଲେଖନୀୟ ପଦକ୍ଷେପ।

- ଅଧାପକ ସୁବ୍ରତ ବଳ, ବିଭାଗ ମୁଖ୍ୟ, ବାଣିଜ୍ୟ ବିଭାଗ, ଖ୍ରୀଷ୍ଟ ମହାବିଦ୍ୟାଳୟ, କଟକ

## ପ୍ରଗତିର ବିକାଶଶୀଳ ବଜେଟ



କେନ୍ଦ୍ର ବଜେଟ୍-୨୦୨୬ ମୋଦିଙ୍କ ବିକାଶ ଆବର୍ତ୍ତନର ବହୁମୁଖୀ ବିକାଶ ଯୋଜନା ରୂପାୟନର ପ୍ରୟାସ। ଏହା ଏକ ଉତ୍ତମ ଆର୍ଥିକ ପ୍ରଗତିଶୀଳ ବଜେଟ୍। ଏଥିରେ ଦେଶର ଦ୍ରୁତ ଆର୍ଥିକ ପ୍ରଗତି ସୁଦୃଢ଼ ହେବ। ଯୁବଶକ୍ତିର ଉତ୍ତମ ବିନିଯୋଗ, ନାରୀ ପ୍ରଗତିର ଦ୍ରୁତ ବିକାଶ, ନିଯୁକ୍ତି ପ୍ରକ୍ରିୟା, ଉଦ୍ୟମ ନିବେଶ, ପ୍ରକଳ୍ପ ପରିପୂର୍ଣ୍ଣତା ସିଦ୍ଧି ହେବ। କୃଷି, ଶିକ୍ଷା, ସ୍ୱାସ୍ଥ୍ୟ, ଶିଳ୍ପ, ଗ୍ରାମୀଣ ରୋଜଗାରର ଅଭିବୃଦ୍ଧି ପାଇଁ ବଜେଟ୍‌ରେ ଯଥେଷ୍ଟ ସୁବିଧା ସୁଯୋଗ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ ପାଇଁ ବାୟୋଫାର୍ମ ବୃଦ୍ଧିର ୧୦,୦୦୦ କୋଟିର କର୍ପସ ଫଣ୍ଡ ଓ ଛୋଟ ଉଦ୍ୟୋଗ ପାଇଁ ୨୦୦୦ କୋଟି ବ୍ୟବସ୍ଥା ରହିଛି। ଜଳ ତଥା ସ୍ଥଳପଥ ସମ୍ପ୍ରସାରଣ ଅଗ୍ରାଧିକାର ନିର୍ମାଣ ରହିଛି। ରେଳପଥର ବିସ୍ତାର ଓ ସଂଯୋଗୀକରଣର ସୁବ୍ୟବସ୍ଥା ଅଛି। ସାଧାରଣ ଜନଜୀବନ ଏହାଦ୍ୱାରା ସୁଦୂରପ୍ରସାରୀ ହେବା ସହ ବିଶ୍ୱ ମାନଚିତ୍ରରେ ମାନବସମ୍ବଳ ଅଧିକୃତ କରିପାରିବ।

- ଡ. ଚୈତନ୍ୟ କୁମାର ସାହୁ, ଶିଳ୍ପପତି, ଖପୁରିଆ, କଟକ

## ଶ୍ରମିକ ଗୋଷ୍ଠୀ ପାଇଁ ନୈରାଶ୍ୟଜନକ



ଗରିବ, ଖଟିଖିଆ, ଦିନମଜୁରିଆ, ଶ୍ରମିକ ଗୋଷ୍ଠୀ ପାଇଁ ଚଳିତ ବଜେଟରେ କୌଣସି ବ୍ୟବସ୍ଥା ନାହିଁ। ଶ୍ରମିକ ଗୋଷ୍ଠୀ ପାଇଁ ଏହା ନୈରାଶ୍ୟଜନକ ହୋଇଛି। କାଗଜ, ନିୟୁଜପ୍ରିଣ୍ଟ, ପୁସ୍ତକ ପ୍ରସ୍ତୁତ ସାମଗ୍ରୀ ପାଇଁ ବଜେଟରେ ଧାନ ଦିଆଯାଇନାହିଁ। ଓଡ଼ିଶାରେ ବୁଲେଟ ଟ୍ରେନ, ଟ୍ରାମର ପ୍ରଚଳନର ବ୍ୟବସ୍ଥା ଉପରେ କୌଣସି ପ୍ରସ୍ତାବ ନାହିଁ। ଶେୟାର ମାର୍କେଟ ଉପରେ ଏହା ପ୍ରତିକୂଳ ବଜେଟ। ଆୟକର ସମ୍ବନ୍ଧୀୟ ପ୍ରସ୍ତାବ ସ୍ୱାଗତଯୋଗ୍ୟ ପଦକ୍ଷେପ । ଖଣିଜ ପଦାର୍ଥ, ନଦୀ ବନ୍ଦର ଉନ୍ନତୀକରଣ, ମହାକାଶ ଉପରେ ତୀକ୍ଷ୍ଣ ନଜର ସହ ହିମାଳିଆନ ଚନ୍ଦ୍ରା ଟେଲେସ୍କୋପିକର ଉନ୍ନତୀକରଣ ଦ୍ୱାରା ଓଡ଼ିଶା ପାଇଁ ଥିବା ପ୍ରସ୍ତାବ ସ୍ୱାଗତଯୋଗ୍ୟ ଓ ଅଭିନନ୍ଦନୀୟ । ସ୍ୱାସ୍ଥ୍ୟ କ୍ଷେତ୍ରରେ କ୍ୟାନ୍‌ସର ଓ ମଧୁମେହ ଔଷଧ ଶସ୍ତା ହେବାର ଆବଶ୍ୟକତା ଥିଲା। ସାମଗ୍ରୀର ମୂଲ୍ୟାଙ୍କନ ଉତ୍ତମ ବିଚାର ଓ ହ୍ରାସ ଘୋଷଣା ସ୍ୱାଗତଯୋଗ୍ୟ । ସାଧାରଣ ଲୋକଙ୍କ ପାଇଁ ମୋଟାମୋଟି ଏହା ଏକ ମିଶ୍ରିତ ବଜେଟ।

- ଉତ୍କଳ ଭୂଷଣ ରାଉତରାୟ, ରେଳ ଶ୍ରମିକ ନେତା, କଟକ

## ୱାଟର ୱେ କରିଡର ନିଯୁକ୍ତି ସୃଷ୍ଟି କରିବ



ଚଳିତ ବଜେଟ୍‌ରେ ଆଗାମୀ ୨୦୪୭ ବିକଶିତ ଭାରତ ନିର୍ମାଣକୁ ଆଖିରେ ରଖି ଭିତ୍ତିଭୂମି ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଇଛି। ଏମ୍‌ଏସ୍‌ଏମ୍‌ଇ ସେକ୍ଟରର ଅଭିବୃଦ୍ଧି ବ୍ୟବସ୍ଥା ଦ୍ୱାରା ଜନସାଧାରଣ ସ୍ୱାବଲମ୍ବୀ ହୋଇପାରିବେ। ୨୦ଟି ୱାଟର ୱେ କରିଡରରେ ଜଳପଥର ବିକାଶକୁ ପ୍ରାଧାନ୍ୟ ଦିଆଯାଇଛି। ଏଦ୍ୱାରା ଲୋକମାନେ ଦୁବାଇ, ମରିସସ୍, ଆମେରିକା ଭଳି ଦେଶକୁ ନ ଯାଇ ନିଜ ଦେଶରେ ନିଯୁକ୍ତି ପାଇପାରିବେ। ବଜେଟ୍‌ରେ ୧୨ ଲକ୍ଷ କୋଟି ଟଙ୍କା ଦେଶର ରାସ୍ତାଘାଟ ଆଦି ଉନ୍ନତୀକରଣ କ୍ଷେତ୍ରରେ ଖର୍ଚ୍ଚ ହେବାକୁ ବ୍ୟୟ ବରାଦ କରାଯାଇଛି। ସେହିପରି ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସିରେ ଭାରତ ସଶକ୍ତ ଓ ସ୍ୱାବଲମ୍ବୀ ହେବ। ସେମିକଣ୍ଡକ୍ଟର ପ୍ରତିଷ୍ଠା କ୍ଷେତ୍ରରେ ପ୍ରୋତ୍ସାହନ, ନିଜସ୍ୱ ଡାଟା ସେକ୍ଟର ପ୍ରତିଷ୍ଠା କ୍ଷେତ୍ରରେ ଯୁଗାନ୍ତକାରୀ ପଦକ୍ଷେପ । ଏହା ଏକ ସାମୂହିକ ତଥା ହିତକାରୀ ବଜେଟ।

- ପ୍ରଦୀପ କୁମାର ପଟ୍ଟନାୟକ, ଆଇନଜୀବୀ, ଓଡ଼ିଶା ହାଇକୋର୍ଟ

## ମହିଳା ଉଦ୍ୟୋଗୀଙ୍କ ପାଇଁ ନୂଆ ଆଶା



ଉଦ୍ୟମିତା ଓ ଆତ୍ମନିର୍ଭରତାକୁ ଆଧାର କରି କେନ୍ଦ୍ର ସରକାର ବଜେଟ ଆଣିଛନ୍ତି। ବିଶେଷକରି ମହିଳା ଉଦ୍ୟୋଗୀଙ୍କ ପାଇଁ ଏହି ବଜେଟ ଏକ ସକାରାତ୍ମକ ସନ୍ଦେଶ ନେଇଆସିଛି। ଏମ୍‌ଏସ୍‌ଏମ୍‌ଇ ଓ ଷ୍ଟାର୍ଟଅପ ଖାତାରେ ଋଣ ସୁବିଧା, ଲିକ୍ୟୁଡିଟି ସହାୟତା ଏବଂ ଡିଜିଟାଲ ଫାଇନାନ୍ସିଂକୁ ଗୁରୁତ୍ୱ ଦିଆଯାଇଥିବାରୁ ମହିଳାମାନେ ନିଜ ବ୍ୟବସାୟକୁ ଆହୁରି ବିସ୍ତାର କରିପାରିବେ। ଏହା ଛୋଟ ବ୍ୟବସାୟ ପାଇଁ ଆତ୍ମବିଶ୍ୱାସ ବଢ଼ାଇବ। ଇନ୍‌ଫ୍ରାଷ୍ଟ୍ରକ୍ଚର ଓ ଲଜିଷ୍ଟିକ୍ସ ଖାତାରେ ବିନିଯୋଗ ବୃଦ୍ଧି ହେବାରୁ ଖାଦ୍ୟ ପ୍ରକ୍ରିୟାକରଣ, ହସ୍ତଶିଳ୍ପ, ଆଗ୍ରୋ-ଭିତ୍ତିକ ଓ ଘରୋଇ ଉଦ୍ୟମଗୁଡ଼ିକୁ ନୂଆ ବଜାର ମିଳିବ। ଏହା ଗ୍ରାମୀଣ ଓ ଅର୍ଦ୍ଧ-ସହରୀ ମହିଳା ଉଦ୍ୟୋଗୀଙ୍କ ପାଇଁ ଏକ ବଡ଼ ସୁଯୋଗ। ସ୍କିଲ ଡେଭଲପ୍‌ମେଣ୍ଟ ଓ ଡିଜିଟାଲ ସଶକ୍ତୀକରଣ ଉପରେ ଗୁରୁତ୍ୱ ଦିଆଯାଇଥିବାରୁ ମହିଳାମାନେ ନୂଆ ପ୍ରଯୁକ୍ତି ସହିତ ନିଜକୁ ଯୋଡ଼ିପାରିବେ।

-ସଙ୍ଗୀତା ଦାସ, ମହିଳା ଉଦ୍ୟୋଗୀ

## ସ୍ୱାସ୍ଥ୍ୟ, ଶିକ୍ଷାକୁ ଅଧିକ ଗୁରୁତ୍ୱ



ଏଥର ବଜେଟ ଅନୁମାନୀୟ ଠିକ୍ ରହିଛି। ସ୍ୱାସ୍ଥ୍ୟ, ଶିକ୍ଷା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପ୍ରତ୍ୟେକ ଜିଲାରେ ଛାତ୍ରୀନିବାସ ନିର୍ମାଣ କରାଯିବ। ଏହାଦ୍ୱାରା ଛାତ୍ରୀମାନେ ସୁରକ୍ଷିତ ଓ ଅନୁକୂଳ ପରିବେଶରେ ରହି ପାଠ ପଢ଼ିପାରିବେ। ଶିକ୍ଷା କ୍ଷେତ୍ରରେ ଛାତ୍ରୀମାନେ ଆହୁରି ଅଧିକ ସଶକ୍ତ ହୋଇପାରିବେ। ବିଦେଶ ଯାତ୍ରା ଓ ପାଠପଢ଼ା ଶସ୍ତା ହେବା ଦ୍ୱାରା ଅନେକ ମେଧାବୀ ଛାତ୍ରୀଛାତ୍ର ଉଚ୍ଚଶିକ୍ଷାର ସୁଯୋଗ ପାଇପାରିବେ। ସେହିପରି ବଜେଟରେ ସ୍ୱାସ୍ଥ୍ୟ କ୍ଷେତ୍ରକୁ ମଧ ଗୁରୁତ୍ୱ ଦିଆଯାଇଛି। କ୍ୟାନ୍ସର ଓ ଡାଇବେଟିସ ମେଡିସିନ ଶସ୍ତା ହେବ। ସାଧାରଣ ଲୋକଙ୍କ ପାଇଁ ବୋଝ ପାଲଟିଥିବା ଔଷଧ ଖର୍ଚ୍ଚରୁ କିଛିଟା ମୁକ୍ତି ମିଳିବ।

-ପ୍ରୀତିଛନ୍ଦା ଧଳ, ସମାଜସେବୀ

## ବୃଦ୍ଧିମୁଖୀ, ସୁଧାରମୁଖୀ ବଜେଟ



କେନ୍ଦ୍ର ବଜେଟ ୨୦୨୬-୨୭ ହେଉଛି ଏକ ବୃଦ୍ଧିମୁଖୀ ଓ ସୁଧାରମୁଖୀ ବଜେଟ। ଏହା ଆର୍ଥିକ ଶାସନକୁ ସୁନିଶ୍ଚିତ କରିବା ସହିତ ଦୀର୍ଘମିଆଦୀ ବିକାଶକୁ ଆଗକୁ ନେବ। ବଜେଟରେ ନିଯୁକ୍ତି, ବ୍ୟବସାୟିକ ଅଭିବୃଦ୍ଧି, ଭିତ୍ତିଭୂମି ଏବଂ ଦୀର୍ଘକାଳୀନ ସ୍ଥିରତାକୁ ପ୍ରାଥମିକତା ଦିଆଯାଇଛି। ମାନୁଫ୍ୟାକ୍ଚରିଂ, ଏମ୍‌ଏସ୍‌ଏମ୍‌ଇ, ସେବା ଓ ଆର୍ଥିକ କ୍ଷେତ୍ରକୁ ସରକାର ଲଗାତର ଗୁରୁତ୍ୱ ଦେଇଛନ୍ତି। ମେକ ଇନ୍ ଇଣ୍ଡିଆ, ଉର୍ଜା ପରିବର୍ତ୍ତନ, ଏମ୍‌ଏସ୍‌ଏମ୍‌ଇ ଋଣ ବିସ୍ତାର ସମ୍ବନ୍ଧୀୟ କୌଶଳଗତ ପଦକ୍ଷେପ ଦୀର୍ଘକାଳୀନ ଲାଭ ବୃଦ୍ଧି ଓ ରୋଜଗାର ସୃଷ୍ଟିକୁ ସମର୍ଥନ କରିବ। ଏହି ବଜେଟ ଅନୁମାନମୂଳକ ବ୍ୟାପାର ଅପେକ୍ଷା ଦୀର୍ଘମିଆଦୀ ଓ ଲକ୍ଷ୍ୟଭିତ୍ତିକ ନିବେଶକୁ ପ୍ରାଥମିକତା ଦେଇ ଭାରତକୁ ଏକ ଦୃଢ଼ ଓ ଆକର୍ଷଣୀୟ ନିବେଶ ଗନ୍ତବ୍ୟ ଭାବେ ଆହୁରି ସୁଦୃଢ଼ କରିବ।

-ତ୍ରିନାଥ ଲେଙ୍କା, ଏମ୍‌ଡି, ୱାଲେଟ ଫର୍ ୱେଲ୍‌ଥ

## 'ଓଡ଼ିଶା ଭିଜନ ୨୦୩୬', 'ଇଣ୍ଡିଆ ଭିଜନ ୨୦୪୭'କୁ ଦୃଢ଼ କରୁଛି



କେନ୍ଦ୍ରୀୟ ବଜେଟ 'ଓଡ଼ିଶା ଭିଜନ ୨୦୩୬' ଏବଂ 'ଇଣ୍ଡିଆ ଭିଜନ ୨୦୪୭'କୁ ଶକ୍ତିଶାଳୀ ଭାବରେ ସୁଦୃଢ଼ କରୁଛି। ଜାତୀୟ ଜଳପଥ-୫ ଏବଂ ଏନ୍‌ଡବ୍ଲ୍ୟୁ-୬୪ର ୧୨,୨୦୦ କୋଟି ଟଙ୍କାର ରୂପାନ୍ତରଣ ପ୍ରକ୍ରିୟା ଅନୁଗୋଳ-ତାଳଚେରକୁ କଳିଙ୍ଗନଗର, ପାରାଦୀପ ଏବଂ ଧାମରା ସହିତ ଯୋଡ଼ିବ, ଯାହା ପରିବହନ ଖର୍ଚ୍ଚକୁ ୩୦% ପର୍ଯ୍ୟନ୍ତ ହ୍ରାସ କରିବ। ଏଥିସହ ଶିଳ୍ପ, ଏମ୍‌ଏସ୍‌ଏମଇ ଏବଂ ଚାଷୀଙ୍କ ପାଇଁ ଗ୍ରୀନ୍ କାର୍ଗୋ କରିଡର ସୃଷ୍ଟି କରିବ। ରେୟାର ଆର୍ଥ ମୂଲ୍ୟ ଶୃଙ୍ଖଳା ଏବଂ ୪୦,୦୦୦ କୋଟି ଟଙ୍କାର ଇଲେକ୍ଟ୍ରୋନିକ୍ସ ମିଶନ, ଓଡ଼ିଶାକୁ ଇଭି, ଅକ୍ଷୟ ଶକ୍ତି, ପ୍ରତିରକ୍ଷା ଏବଂ ସେମିକଣ୍ଡକ୍ଟର ପାଇଁ ଏକ ରଣନୀତିକ କେନ୍ଦ୍ର ଭାବରେ ସ୍ଥାପିତ କରୁଛି। ୧୨.୨ ଲକ୍ଷ କୋଟି ଟଙ୍କାର ଜାତୀୟ ପୁଞ୍ଜିଗତ ବ୍ୟୟ ଏବଂ ଓଡ଼ିଶା ପାଇଁ ଆବଣ୍ଟନ ୬୪,୪୦୮ କୋଟି ଟଙ୍କାକୁ ବୃଦ୍ଧି ପାଇବ। ଏହି ବଜେଟ ସରକାର, ଉଦ୍ୟୋଗୀ, ଶ୍ରମିକ, ଶିକ୍ଷାବିତ୍, ଷ୍ଟାର୍ଟଅପ୍, ବନ୍ଦର ସମୁଦାୟକୁ ସୁଆଉଥିବାବେଳେ ଏଆଇ-ସକ୍ଷମ ଉତ୍ପାଦନ, ସୁଦୃଢ଼ ଭିତ୍ତିଭୂମି ଏବଂ ଅନ୍ତର୍ଭୁକ୍ତ ଜୀବିକା ଗଠନ ପାଇଁ ଆହ୍ୱାନ ଦେଉଛି।

- ପଙ୍କଜ ଲୋଚନ ମହାନ୍ତି, ଅଧ୍ୟକ୍ଷ, ଆସୋଚାମ ଓଡ଼ିଶା ରାଜ୍ୟ ବିକାଶ ପରିଷଦ

# ଗହୀରମଥାରୁ ୨ ଟ୍ରଲର ଜବତ: ୨୦ ମତ୍ସ୍ୟଜୀବୀ ଗିରଫ

ରାଜନଗର,୧।୨
(ଭାସ୍କର ରାଉତରାୟ)



ଗହୀରମଥା ସାମୁଦ୍ରିକ ଅଭୟାରଣ୍ୟରେ ବେଆଇନ ଭାବେ ମାଛ ଧରୁଥିବାବେଳେ ବନବିଭାଗର ପାଟ୍ରୋଲିଂ ଦଳ ଏଫ.ବି. ମା' ଅନ୍ନପୂର୍ଣ୍ଣା ଓ ବାବା ରଘୁନାଥ-୨ ନାମକ ୨ଟି ଟ୍ରଲରକୁ ଜବତ କରିଛି। ଏସିଏଫ୍ ମାନସ ଦାସଙ୍କ ନିର୍ଦ୍ଦେଶକ୍ରମେ ରେଞ୍ଜ ଅଫିସର କପିଳେନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବନ ବିଭାଗର କର୍ମଚାରୀମାନେ ଅନ୍ନପୂର୍ଣ୍ଣା ଟ୍ରଲରରୁ ଗୋଟିଏ ଜିପିଏସ, ଗୋଟିଏ ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୨ଟି ଟ୍ରଲିଂ ନେଟ, ୧କୁଇଣ୍ଟାଲ ୧୦କେଜି ମାଛ ଜବତ କରିବା ସହ ୧୨ଜଣ ମତ୍ସ୍ୟଜୀବୀଙ୍କୁ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ହରିପଦ ବର, ପଞ୍ଚୁ ମଣ୍ଡଳ, ପଙ୍କଜ ବର, ଶିବପ୍ରସାଦ ବର, ରଞ୍ଜନ ପାଖିରା, ରଞ୍ଜିତ ବର, କାର୍ତ୍ତିକ ମଣ୍ଡଳ, ରବିନ ଦାସ, ଅଜୟ ମଙ୍ଗଳ, ଗଣେଶ ମଣ୍ଡଳ, ଲକ୍ଷ୍ମୀଧର ରାଉଳ, ବିଷ୍ଣୁପଦ ବର। ୩ ଜଣ ମତ୍ସ୍ୟଜୀବୀ ବାଲେଶ୍ୱର ଜିଲାର ହୋଇଥିବା ବେଳେ ଅନ୍ୟ ୯ଜଣ ପଶ୍ଚିମବଙ୍ଗ ଓ ହାୱାଡା ପୂର୍ବମେଦିନ ଜିଲାର ବୋଲି ଜଣାପଡିଛି। ସେହିପରି ବାବା ରଘୁନାଥ-୨ ଟ୍ରଲରରୁ ଗୋଟିଏ ଜିପିଏସ, ୨ଟି ଭିଏଚଏଫ, ଗୋଟିଏ ଫିସଫାଇଣ୍ଡର, ୧୦ଟି ଟ୍ରଲିଂ ନେଟ ଓ ୨୨ କୁଇଣ୍ଟାଲ ୮୦କେଜି ମାଛ ଜବତ କରିବା ସହ ୮ଜଣ ମତ୍ସ୍ୟଜୀବୀଙ୍କୁ ବନ ବିଭାଗ ଗିରଫ କରିଛି। ଗିରଫ ମତ୍ସ୍ୟଜୀବୀମାନେ ହେଲେ ରମାକାନ୍ତ ମଳିକ, ସୂର୍ଯ୍ୟମଣୀ ମଳିକ, ସରୋଜ ମଳିକ, ମନ୍ମଥ ମଳିକ, ପ୍ରଶାନ୍ତ ତରାଇ, ଦୀପକ ମାଝୀ, ସୁରେନ୍ଦ୍ର ଦାସ, ରମେଶ ମାଝୀ। ଗିରଫ ମତ୍ସ୍ୟଜୀବୀମାନେ ବାଲେଶ୍ୱର ଓ ଭଦ୍ରକ ଜିଲାର ବୋଲି ଜଣାପଡିଛି। ୨ ଟି ଟ୍ରଲରରୁ ଗିରଫ ସମସ୍ତ ମତ୍ସ୍ୟଜୀବୀଙ୍କୁ କେନ୍ଦ୍ରାପଡ଼ା ସିଜେଏମ୍‌ଙ୍କ କୋର୍ଟରେ ରବିବାର ହାଜର କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ସେମାନଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

# ଆଜୀବନ କାରାଦଣ୍ଡାଦେଶ ପାଇଥିବା ୫ ଅଭିଯୁକ୍ତଙ୍କୁ ହାଇକୋର୍ଟରୁ ଜାମିନ

କଟକ, ୧।୨(କାର୍ତ୍ତିକ ସାହୁ)

## ପୁରୀ କୋର୍ଟର ରାୟ ଉପରେ ସ୍ଥଗିତାଦେଶ

ପୁରୀ ଜିଲାର ଏକ ହତ୍ୟାକାଣ୍ଡ ମାମଲାରେ ଆଜୀବନ କାରାଦଣ୍ଡାଦେଶ ପାଇଥିବା ୫ ଅଭିଯୁକ୍ତଙ୍କୁ ହାଇକୋର୍ଟ ଜାମିନ ପ୍ରଦାନ କରିଛନ୍ତି। ହାଇକୋର୍ଟ ବିଚାରପତି ମାନସ ରଞ୍ଜନ ପାଠକ ଓ ବିଚାରପତି ଶିବ ଶଙ୍କର ମିଶ୍ରଙ୍କ ଖଣ୍ଡପୀଠ ୫ ଅଭିଯୁକ୍ତଙ୍କ ଜାମିନ ଆବେଦନର ଏକତ୍ର ଶୁଣାଣି କରି ପ୍ରତ୍ୟେକ ୨୦ ହଜାର ଟଙ୍କାର ବେଲବଣ୍ଡ ସହିତ ଜଣେ ଜାମିନଦାରଙ୍କ ଜରିଆରେ ତଳକୋର୍ଟରେ ଜାମିନରେ ଯିବାକୁ ଆଦେଶ ଦେଇଛନ୍ତି। ଜାମିନ ସମୟ ମଧ୍ୟରେ ସେମାନେ କୌଣସି ଆପରାଧିକ କାର୍ଯ୍ୟରେ ଲିପ୍ତ ରହିବେ ନାହିଁ ବୋଲି ଖଣ୍ଡପୀଠ ସର୍ତ୍ତ ରଖିଛନ୍ତି। ଏଥିସହ ତଳକୋର୍ଟ ଦେଇଥିବା ଆଜୀବନ କାରାଦଣ୍ଡ ରାୟକୁ ସ୍ଥଗିତ ରଖିଛନ୍ତି। ଆବେଦନକାରୀମାନେ ହେଲେ ଧର୍ମାନନ୍ଦ ବେହେରା, ରାମ ଚନ୍ଦ୍ର ବେହେରା, ପରମାନନ୍ଦ ବେହେରା, ବୈକୁଣ୍ଠ ବେହେରା ଓ ହୃଷୀକେଶ ବେହେରା ।

ମାମଲାର ବିବରଣୀ ଅନୁସାରେ, ପୁରୀ ଆଡିଶନାଲ ସେସନ୍ସ ଜଜ୍ ଉପରୋକ୍ତ ୫ ଆବେଦନକାରୀଙ୍କ ବିରୋଧରେ ଆଗତ ହତ୍ୟା ମାମଲାର ବିଚାର କରି ପ୍ରତ୍ୟେକଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଥିଲେ। ଏଥିସହ ପ୍ରତ୍ୟେକଙ୍କୁ ୧୫ ହଜାର ଟଙ୍କା ଲେଖାଏ ଜରିମାନା ମଧ୍ୟ କରିଥିଲେ। ସେମାନେ ତଳକୋର୍ଟର ରାୟ ବିରୋଧରେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ହାଇକୋର୍ଟରେ ଶୁଣାଣି ବେଳେ ଯୁକ୍ତି ଉପସ୍ଥାପନ କରାଯାଇଥିଲା ଯେ, ଅଭିଯୁକ୍ତମାନଙ୍କ କୌଣସି ପୂର୍ବ ଆପରାଧିକ ରେକର୍ଡ ନାହିଁ। ସାକ୍ଷୀମାନେ କେବଳ ଅଭିଯୁକ୍ତମାନେ ଏହି ହତ୍ୟାକାଣ୍ଡ କରିଛନ୍ତି ବୋଲି କୋର୍ଟରେ କହିଛନ୍ତି। ଧାରୁଆ ଅସ୍ତ୍ର ଦ୍ୱାରା ମୃତକଙ୍କ ଶରୀରରେ ଗଭୀର କ୍ଷତ ହୋଇଥିବା ଦର୍ଶାଯାଇଥିଲେ ବି କୌଣସି ଅସ୍ତ୍ର ଘଟଣାସ୍ଥଳରୁ ମିଳି ନାହିଁ। ତେଣୁ ଏସବୁ ଆଧାରରେ ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ସୌରଚନ୍ଦ୍ର ମହାପାତ୍ର ମାମଲା ପରିଚାଳନା କରୁଥିଲେ।

# ବେଲଘର ହାତୀମୃତ୍ୟୁ ଘଟଣା, ଡ୍ରାଇଭର, ଶିକାରୀ ଗିରଫ

ବାଲିଗୁଡ଼ା, ୧।୨(ସଞ୍ଜୟ କୁମାର ପାଣିଗ୍ରାହୀ)

ବହୁ ଚର୍ଚ୍ଚିତ କନ୍ଧମାଳ ଜିଲା ବେଲଘର ହାତୀମୃତ୍ୟୁ ଘଟଣାରେ ଆଉ ୨ ଜଣଙ୍କୁ ବନ ବିଭାଗ ଗିରଫ କରିଛି। ସେମାନେ ହେଲେ ଜେସିବି ଡ୍ରାଇଭର ପ୍ରଶାନ୍ତ ସାହୁ ଓ ଝିରିପାଣି ଗ୍ରାମର ଶିକାରୀ ଜୟମଙ୍ଗଳ ପାତ୍ର। ଜୟମଙ୍ଗଳ ଘରୁ ତାର ଓ ଗୋଟିଏ ଦେଶୀ ବନ୍ଧୁକ ଜବତ ହୋଇଛି। ହାତୀମୃତ୍ୟୁ ଘଟଣାକୁ ଚପାଇ ଦେବାକୁ ନେଇ ସାରା ରାଜ୍ୟରେ ଚର୍ଚ୍ଚା ଜୋର୍ ଧରିଥିଲା। ଘଟଣା ସାମ୍ନାକୁ ଆସିବା ପରେ ପ୍ରଥମେ ବେଲଘର ଡେପୁଟି ରେଞ୍ଜର ବିନୟ କୁମାର ବିଶିଙ୍କୁ ନିଲମ୍ବନ କରାଯିବା ପରେ ତାଙ୍କ ଡ୍ରାଇଭର ହୃଷିକେଶ ପଣ୍ଡାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତରେ ଅବହେଳା ଯୋଗୁ ଶନିବାର ଏସିଏଫ୍ ସୂର୍ଯ୍ୟକାନ୍ତ ବେହେରାଙ୍କୁ ନିଲମ୍ବନ କରାଯାଇଛି।

# ମୋଷ୍ଟ ୱାଣ୍ଟେଡ୍ ସିପୁଙ୍କ ଗୋଡ଼କୁ ଗୁଳି

## ବହୁଚର୍ଚ୍ଚିତ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ର ଡକାୟତି ଘଟଣା

ବଡ଼ବିଲ, ୧।୨(ଜୟନ୍ତୀ ରଣା)



ପୋଲିସ ଉପସ୍ଥିତିରେ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଅପରାଧୀଙ୍କ ଚିକିତ୍ସା କରାଯାଉଛି।

କେନ୍ଦୁଝରଜିଲା ବଡ଼ବିଲ ପୋଲିସ ରବିବାର ଭୋରରେ ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରରୁ ଡକାୟତି ଘଟଣାରେ ସମ୍ପୃକ୍ତ ମୋଷ୍ଟ ୱାଣ୍ଟେଡ୍ ତଥା ଆନ୍ତଃରାଜ୍ୟ ଅପରାଧୀଙ୍କ ଗୋଡ଼କୁ ଗୁଳି କରିଛି। ପୋଲିସ ଗୁଳିରେ ଅଭିଯୁକ୍ତ ଗୁରୁତର ହୋଇଥିବା ବେଳେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ଅଭିଯୁକ୍ତ ଜଣଙ୍କ ବିହାର ରାଜ୍ୟ ପାଟନା ଜିଲା ପିପାର ଅଞ୍ଚଳର ସିପୁ କୁମାର। ତାଙ୍କୁ ଗିରଫ କରାଯାଇଥିବା ବେଳେ ପୋଲିସ ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ଜବତ କରିବାକୁ ସକ୍ଷମ ହୋଇଛି।

ସୂଚନା ଅନୁଯାୟୀ, ଜାନୁଆରୀ ୨୧ ତାରିଖ ଦିନ ଦ୍ୱିପ୍ରହରେ ବଡ଼ବିଲ ଏସ୍‌ଡିପିଓ (ସବ୍‌ଡିଭିଜନାଲ ପୋଲିସ ଅଫିସର)ଙ୍କ କାର୍ଯ୍ୟାଳୟଠାରୁ ଅନତି ଦୂରରେ ଥିବା ବ୍ୟାଙ୍କ ଅଫ୍ ମହାରାଷ୍ଟ୍ରର ବଡ଼ବିଲ ଶାଖାରେ ୬ ଜଣ ଦୁର୍ବୃତ୍ତ ପ୍ରବେଶ କରିଥିଲେ। ବ୍ୟାଙ୍କ କର୍ମଚାରୀ ଓ ଗ୍ରାହକଙ୍କୁ ବନ୍ଧୁକ ମୁନରେ ଭୟଭୀତ କରି ବ୍ୟାଙ୍କ୍ ଷ୍ଟ୍ରଙ୍ଗ ରୁମ୍‌ରେ ଥିବା ନଗଦ ୪ ଲକ୍ଷ ୩୮ ହଜାର ୭ ଶହ ଟଙ୍କା ଏବଂ ୧୫୫ଟି ପ୍ୟାକେଟ୍‌ରେ ଭର୍ତ୍ତିଥିବା ମୋଟ ୬ କିଲୋଗ୍ରାମ୍ ୪ ଶହ ଗ୍ରାମ୍ ସ୍ୱର୍ଣ୍ଣ ଅଳଙ୍କାର( ଯାହାର ଆନୁମାନିକ ମୂଲ୍ୟ ପ୍ରାୟ ୯ କୋଟି ୪୦ ଲକ୍ଷ ଟଙ୍କା ହେବ) ଲୁଟି ନେଇଥିଲେ। ଘଟଣାରେ ପୋଲିସ ଏଯାବତ୍ ଦୁର୍ବୃତ୍ତଙ୍କ ୩ ସହଯୋଗୀଙ୍କୁ ଗିରଫ କରିଛି। ରବିବାର ଭୋରରେ ଡକାୟତି ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ଗୋଡ଼କୁ ଗୁଳି କରି ଗିରଫ କରିବାରେ ସକ୍ଷମ ହୋଇଛି। ପୋଲିସ ରାଜ୍ୟ ସୀମାନ୍ତ ତଥା ଟାଙ୍କୁରା ଗ୍ରାମ ନିକଟବର୍ତ୍ତୀ ଜଙ୍ଗଲରେ ଡକାୟତି ଘଟଣାର ଫଲୋ-ଅପ୍ ଅପରେଶନ କରୁଥିବା ସମୟରେ ଅଭିଯୁକ୍ତ ଖସିଯିବାକୁ ଚେଷ୍ଟା କରିଥିଲେ। ଏଥିସହ ଜଙ୍ଗଲ ଭିତରୁ ପୋଲିସ ଉପରକୁ ଗୁଳି ଚଳାଇଥିଲେ। ପୋଲିସ ଆତ୍ମରକ୍ଷା ପାଇଁ ଗୁଳି ଚଳାଇଥିଲା। ଗୁଳି ଅପରାଧୀଙ୍କ ଗୋଡ଼ର ମାଂସପେଶୀ ଦେଇ ପାର ହୋଇଯାଇଥିଲା। ପୋଲିସ ଅପରାଧୀଙ୍କୁ କାବୁ କରିବା ସହ ତୁରନ୍ତ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥକେନ୍ଦ୍ରରେ ଭର୍ତ୍ତି କରିଥିଲା। ଆଶୁ ଚିକିତ୍ସା ପରେ ଅପରାଧୀଙ୍କ ଅଧିକ ଚିକିତ୍ସା ନିମନ୍ତେ କେନ୍ଦୁଝର ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଛି। ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ଏକ ଦେଶୀ ପିସ୍ତଲ ଜବତ କରିଛି। ଅଭିଯୁକ୍ତ ଜଣକ ଓଡ଼ିଶା, ଝାଡ଼ଖଣ୍ଡ ଏବଂ ବିହାରରେ ବିଭିନ୍ନ ହତ୍ୟା, ସଶସ୍ତ୍ର ଡକାୟତି, ଲୁଟ୍ ଏବଂ ବଟି ଆଦାୟ ଭଳି ମାମଲାରେ ସମ୍ପୃକ୍ତ ଥିବାବେଳେ ଦୀର୍ଘ ଦିନରୁ ଫେରାରଥିବା ପୋଲିସ କହିଛି।

# ଆଉ ଜଣେ ସାଇବର ଠକ ଆନ୍ଧ୍ରରୁ ଗିରଫ

ବ୍ରହ୍ମପୁର, ୧।୨
(ସୁବାସ ଚନ୍ଦ୍ର ପାଢ଼ୀ)

## ୬ କୋଟି ଠକେଇ ଘଟଣା

କ୍ରିପ୍ଟୋ କରେନ୍ସିରେ କାରବାର ନାଁରେ ବ୍ରହ୍ମପୁରର ଜଣେ ବ୍ୟବସାୟୀଙ୍କଠାରୁ ୬ କୋଟି ୧୬ ଲକ୍ଷ ଟଙ୍କା ଠକି ନେବା ଘଟଣାରେ ରାଜ୍ୟ କ୍ରାଇମବ୍ରାଞ୍ଚ ଆନ୍ଧ୍ରପ୍ରଦେଶରୁ ଆଉ ଜଣେ ସାଇବର ଠକଙ୍କୁ ଗିରଫ କରିଛି । ସେ ହେଲେ ଆନ୍ଧ୍ରପ୍ରଦେଶ ଗୁଣ୍ଟୁର ଅଞ୍ଚଳର ଭି. ଶ୍ରୀନିବାସ ରାଓ(୩୮)। ପୂର୍ବରୁ ଏହି ମାମଲାରେ ୬ଜଣ ସାଇବର ଠକଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଛି। ଅଭିଯୁକ୍ତମାନେ ଏକ କମ୍ପାନୀ ଖୋଲି କ୍ରିପ୍ଟୋ କାରବାର ନାଁରେ ବ୍ରହ୍ମପୁରର ଅଭିଯୋଗକାରୀ ସଞ୍ଜନା ଶ୍ରୀନିବାସନଙ୍କଠାରୁ ୨୦୨୪ ମେ ମାସରୁ ଜୁନ ମାସ ଭିତରେ ୬ କୋଟି ୧୯ ଲକ୍ଷ ଟଙ୍କା ଠକି ନେଇଥିଲେ। ଜେଡ୍‌ଏଆଇଏଫ୍ ନାମକ ଏହି ସଂସ୍ଥା ସଞ୍ଜନାଙ୍କୁ ବାରମ୍ବାର ଫୋନ କରି କ୍ରିପ୍ଟୋ କରେନ୍ସିରେ ନିବେଶ କରିବାକୁ କହିଥିଲେ। ଏହାପରେ ସାଇବର ଠକମାନେ ତାଙ୍କଠାରୁ ଟଙ୍କା ଠକି ନେଇଥିଲେ । ଘଟଣାକୁ ନେଇ କ୍ରାଇମବ୍ରାଞ୍ଚ ସାଇବର ଥାନାରେ ନଂ.୩୮/୨୪ରେ ଏକ ମାମଲା ରୁଜୁ ହୋଇଥିଲା । ତଦନ୍ତ ବେଳେ କ୍ରାଇମବ୍ରାଞ୍ଚ ଏହି ବଡ ଧରଣର ସାଇବର ଠକେଇର ମାଷ୍ଟରମାଇଣ୍ଡ ସମେତ ୬ ଅଭିଯୁକ୍ତଙ୍କୁ ବିଭିନ୍ନ ରାଜ୍ୟରୁ ଗିରଫ କରିଥିଲା। ଅଭିଯୁକ୍ତ ଶ୍ରୀନିବାସନଙ୍କୁ ଗିରଫ ପରେ ସଂଖ୍ୟା ୭କୁ ବୃଦ୍ଧି ହୋଇଛି। ଶ୍ରୀନିବାସନଙ୍କୁ ଆନ୍ଧ୍ରରୁ କାବୁ କରି ବ୍ରହ୍ମପୁର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ହାଜର କରାଯିବା ପରେ ଜେଲ ହାଜତକୁ ପଠାଇ ଦିଆଯାଇଥିବା କ୍ରାଇମବ୍ରାଞ୍ଚ ଡିଏସପି ରତ୍ନପ୍ରଭା ଶତପଥୀ ସୂଚନା ଦେଇଛନ୍ତି ।

## Business

# ବିକଶିତ ଭାରତର ସଂକଳ୍ପକୁ ମଜଭୁତ କରିବ ବଜେଟ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ ରବିବାର କେନ୍ଦ୍ର ବଜେଟ ୨୦୨୬-୨୭ ଉପସ୍ଥାପନ କରିଛନ୍ତି। ଏହି ବଜେଟ ବିକଶିତ ଭାରତର ସଂକଳ୍ପକୁ ଆହୁରି ମଜଭୁତ କରିବାର ଏକ ମହତ୍ତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ବର୍ଣ୍ଣନା କରାଯାଉଛି। ଏଥିରେ ଆର୍ଥିକ ଅଭିବୃଦ୍ଧି, ରାଜକୋଷୀୟ ଅନୁଶାସନ, ଇନ୍‌ଫ୍ରାଷ୍ଟ୍ରକ୍ଚରରେ ରେକର୍ଡ ନିବେଶ ଏବଂ ସମାବେଶୀ ବିକାଶ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ବଜେଟରେ ସାର୍ବଜନୀନ ପୁଞ୍ଜିଗତ ବ୍ୟୟ (କ୍ୟାପେକ୍ସ)କୁ ବଢ଼ାଇ ୧୨.୨ ଲକ୍ଷ କୋଟି ଟଙ୍କା କରାଯାଇଛି, ଯାହା ଏପର୍ଯ୍ୟନ୍ତର ସର୍ବାଧିକ ଅଟେ। ଏହି ବଜେଟ ମାନୁଫାକ୍ଚରିଙ୍ଗ, ସେମିକଣ୍ଡକ୍ଟର୍, ରେୟାର୍ ଅର୍ଥ ମିନେରାଲ୍ସ, ବାୟୋଫାର୍ମା, ଏମ୍‌ଏସ୍‌ଏମ୍‌ଇ, ଇନ୍‌ଫ୍ରାଷ୍ଟ୍ରକ୍ଚର୍ , ସ୍କିଲିଙ୍ଗ, ରୋଜଗାର ସୃଷ୍ଟି ଏବଂ ଯୁବ ଶକ୍ତି ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଲୋକଙ୍କ ଆକାଂକ୍ଷା ପୂରଣ ଏବଂ ସମସ୍ତଙ୍କ ପାଇଁ ଅବସର ସୁନିଶ୍ଚିତ କରିବା ମୁଖ୍ୟ ଲକ୍ଷ୍ୟ ରହିଛି। ଏହି ବଜେଟ ବିଶ୍ୱବ୍ୟାପୀ ଚ୍ୟାଲେଞ୍ଜ ମଧ୍ୟରେ ଭାରତର ମଜଭୁତ ଆର୍ଥିକ ନୀତି ଏବଂ ଆତ୍ମନିର୍ଭରତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ କହିଥିବାବେଳେ ଭିନ୍ନ ଭିନ୍ନ ମହଲରେ ଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି।




"ଉତ୍ପାଦନ କ୍ଷେତ୍ର ଉପରେ ଦିଆଯାଇଥିବା ବିଶେଷ ଗୁରୁତ୍ୱ ଅର୍ଥନୈତିକ ଅଭିବୃଦ୍ଧି ଏବଂ ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ଏକ ପ୍ରମୁଖ ଚାଳକ ଭାବରେ କାର୍ଯ୍ୟ କରିବ। ଉତ୍ପାଦନ, ସେବା, ପର୍ଯ୍ୟଟନ ଏବଂ ଦକ୍ଷତା ବିକାଶ ଉପରେ ବଜେଟର ଧ୍ୟାନ କେନ୍ଦ୍ରିତ ହୋଇଥିବାରୁ ଓଡ଼ିଶା ଏଥିରୁ ବହୁଳ ଭାବରେ ଉପକୃତ ହେବ। ଉତ୍ପାଦନକୁ ଦିଆଯାଇଥିବା ଗୁରୁତ୍ୱ ଶିଳ୍ପ ଅଭିବୃଦ୍ଧିକୁ ତ୍ୱରାନ୍ୱିତ କରିବ ଏବଂ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିବ। କାଜୁ ପ୍ରକ୍ରିୟାକରଣ ଏବଂ ନଡ଼ିଆ ପ୍ରୋତ୍ସାହନ ଯୋଜନା ଭଳି ନିର୍ଦ୍ଦିଷ୍ଟ ପଦକ୍ଷେପଗୁଡ଼ିକ ରାଜ୍ୟର କୃଷିଭିତ୍ତିକ ଶିଳ୍ପଗୁଡ଼ିକୁ ସିଧାସଳଖ ସହାୟତା କରିବ । ପର୍ଯ୍ୟଟନ, ସ୍ୱାସ୍ଥ୍ୟସେବା ଏବଂ ସେବା କ୍ଷେତ୍ର ଉପରେ ଗୁରୁତ୍ୱ ଓଡ଼ିଶାର ବିକାଶ ଧାରାକୁ ଆହୁରି ସୁଦୃଢ଼ କରୁଛି।



**- ଡ. ପ୍ରଦୀପ୍ତ ମହାନ୍ତି**
**ସିଆଇଆଇ ଓଡ଼ିଶା ରାଜ୍ୟ ପରିଷଦର ପୂର୍ବତନ ଅଧ୍ୟକ୍ଷ**

"କେନ୍ଦ୍ର ବଜେଟ ୨୦୨୬ରେ ଏମ୍‌ଏସ୍‌ଏମ୍‌ଇ ଓ ଏସ୍‌ଏମ୍‌ଇ ପାଇଁ ଆର୍ଥିକ ସହାୟତା, ସହଜ ଋଣ, ଇକ୍ୱିଟି ଫଣ୍ଡ, ଟ୍ରେଡ୍‌ସ ମାଧ୍ୟମରେ ତ୍ୱରିତ ପେମେଣ୍ଟ ଏବଂ ଇଜ୍ ଅଫ୍ ଡୁଇଂ ବିଜନେସ୍ ଭଳି ଅନେକ ଐତିହାସିକ ପଦକ୍ଷେପ ନିଆଯାଇଛି । ଏହା ଓଡ଼ିଶାର ଛୋଟ ଉଦ୍ୟୋଗୀମାନଙ୍କ ପାଇଁ ଏକ ସୁବର୍ଣ୍ଣ ସୁଯୋଗ। ଓଡ଼ିଶାର କଳିଙ୍ଗନଗର, ଅନୁଗୋଳ, ତାଳଚେର, ପାରାଦୀପ ଭଳି ଶିଳ୍ପ ଅଞ୍ଚଳଗୁଡ଼ିକ ରାଜ୍ୟକୁ ଏକ ଇଣ୍ଡଷ୍ଟ୍ରିଆଲ ପାୱରହାଉସ କରୁଛି। ନୂଆ ରେଆର୍ ଆର୍ଥ କରିଡର, ଇଣ୍ଡଷ୍ଟ୍ରିଆଲ କ୍ଲଷ୍ଟର ଏବଂ ଇନ୍‌ଫ୍ରାଷ୍ଟ୍ରକ୍ଚର ବିକାଶ ଓଡ଼ିଶାର ଶିଳ୍ପକୁ ଆହୁରି ଶକ୍ତିଶାଳୀ କରିବ। ଯୁବବର୍ଗ ଚାକିରି ଖୋଜନ୍ତୁ ନାହିଁ, ଚାକିରି ସୃଷ୍ଟିକର୍ତ୍ତା ହୁଅନ୍ତୁ। ଏମ୍‌ଏସ୍‌ଏମ୍‌ଇ ହେଉଛି ସେଇ ପ୍ଲାଟଫର୍ମ ଯେଉଁଠାରୁ ଆତ୍ମନିର୍ଭର ଓଡ଼ିଶା ଗଢ଼ିଉଠିବ। ଚାଷୀ, ଶ୍ରମିକ, ମହିଳା ଉଦ୍ୟୋଗୀ ଏବଂ ଯୁବ ଉଦ୍ୟୋଗୀମାନେ ଏହି ଶିଳ୍ପ ଯାତ୍ରାର ମୁଖ୍ୟ ଶକ୍ତି।



**- ସୁଶାନ୍ତ କୁମାର ପଣ୍ଡା, ଏମ୍‌ଡି, ଭାରତ ମସଲା**

"ଚଳିତ ବର୍ଷ ଉପସ୍ଥାପିତ ହୋଇଥିବା ବଜେଟ୍ ସବୁ କ୍ଷେତ୍ରକୁ ଛୁଇଁଛି। ଓଡ଼ିଶାରେ ରେଆର୍ ଆର୍ଥ , ଖଣିଜ ପଦାର୍ଥ ଠାରୁ ଆରମ୍ଭ କରି ଉନ୍ନତ ଭିତ୍ତିଭୂମି ସହ ଜଳପଥର ବିକାଶ ଦିଗରେ ପଦକ୍ଷେପ ନିଆଯାଇଛି। ସବୁ ବର୍ଗ ପାଇଁ କିଛି କିଛି ଘୋଷଣା ହୋଇଛି। ମାତ୍ର କୌଣସି ଗୋଟିଏ କ୍ଷେତ୍ରକୁ ଫୋକସ୍ କରି ବିଶେଷ ଘୋଷଣା କରାଯାଇନାହିଁ। ବ୍ୟାଙ୍କିଂ ବା ଫାଇନାନ୍ସ ସେକ୍ଟର ପାଇଁ ଅନେକ କିଛି ଘୋଷଣା ପାଇଁ ଆଶା କରାଯାଇଥିଲା । ମାତ୍ର ଆଶାନୁରୂପ ଘୋଷଣା ହୋଇନି। କହିବାକୁ ଗଲେ ଏଥିରେ ନିର୍ଦ୍ଦିଷ୍ଟ ଭାବେ କୌଣସି କ୍ଷେତ୍ର ପାଇଁ ଲୋଭନୀୟ ଘୋଷଣା କରାଯାଇନାହିଁ।




**- ଗୋବିନ୍ଦ ପଟ୍ଟନାୟକ, ମ୍ୟାନେଜିଂ ଡାଇରେକ୍ଟର, ଅନ୍ନପୂର୍ଣ୍ଣା ଫାଇନାନ୍ସ**

"ଅଟୋମୋବାଇଲ କ୍ଷେତ୍ର ପାଇଁ ଏହା ଏକ ସ୍ଥିର ବଜେଟ । ଏଥିରେ ବଡ଼ ଧରଣର ଘୋଷଣା ନଥିଲେ ମଧ୍ୟ ଦୀର୍ଘମିଆଦୀ ବୃଦ୍ଧି ପାଇଁ ଏକ ସ୍ୱଷ୍ଟ ରାସ୍ତା ପ୍ରଦାନ କରୁଛି। ଅଟୋ ପିଏଲଆଇ ଯୋଜନା ଅଧୀନରେ ଅଧିକ ବ୍ୟୟ ଦ୍ୱାରା ଉତ୍ପାଦନ ଓ ଉନ୍ନତ ଅଟୋମୋଟିଭ ପ୍ରଯୁକ୍ତିକୁ ସମର୍ଥନ ମିଳିବ, ଯାହା ଓଇଏମ୍‌ମାନଙ୍କୁ ଅଧିକ ସ୍ଥାନୀୟକରଣ, ନୂତନ ଉତ୍ପାଦ ନିବେଶ ଓ ସପ୍ଲାଇ ଚେନ ମଜବୁତ କରିବାକୁ ଉତ୍ସାହିତ କରିବ। ଏହାର ଲାଭ ଧୀରେ ଧୀରେ ଡିଲରଶିପଗୁଡ଼ିକୁ ଭଲ ମଡେଲ ପାଇପଲାଇନ, କମ ଖର୍ଚ୍ଚ ଓ ମଜବୁତ ବ୍ୟାକ୍ ଏଣ୍ଡ ସପୋର୍ଟ ଆକାରରେ ମିଳିବ। ପିଏମ ଇ-ଡ୍ରାଇଭ, ଇଭି ସପ୍ଲାଇ ଚେନ ଓ ସ୍ୱଦେଶୀ ସେଲ ନିର୍ମାଣ ପ୍ରତି ନିରନ୍ତର ଗୁରୁତ୍ୱ ଇଭିର ଦୃଢ଼ ନୀତି ସଙ୍କେତ ଦେଉଛି, ଯଦିଓ ଟିୟର-୨ ଓ ଟିୟର-୩ ସହରରେ ମାସ୍ -ମାର୍କେଟ ଇଭି ଚାହିଦା ସୁଲଭତା, ଚାର୍ଜିଙ୍ଗ ଭିତ୍ତିଭୂମି ଓ ଗ୍ରାହକ ବିଶ୍ୱାସ ଉପରେ ନିର୍ଭର କରିବ। ରାସ୍ତା ଓ ଲଜିଷ୍ଟିକ୍ସ କରିଡରରେ ବୃଦ୍ଧି ପାଇଥିବା ପୁଞ୍ଜିଗତ ବ୍ୟୟ ଓଡ଼ିଶା ପାଇଁ ବିଶେଷ ଗୁରୁତ୍ୱପୂର୍ଣ୍ଣ। ଉନ୍ନତ ହାଇୱେ ଓ ସଂଯୋଗ ଆଗାମୀ ବର୍ଷଗୁଡ଼ିକରେ କମର୍ସିଆଲ ଭେହିକଲ, ଏସ୍‌ୟୁଭି ଓ ଗ୍ରାମାଞ୍ଚଳ ଯାତ୍ରୀବାହୀ କାର୍ ଚାହିଦା ବଢ଼ାଇବ।




**- ଆଦିତ୍ୟ ପାତ୍ର, ମ୍ୟାନେଜିଂ ଡାଇରେକ୍ଟର, ହାଇୱେ ହୋଣ୍ଡା**

"କେନ୍ଦ୍ର ବଜେଟ ୨୦୨୬-୨୭ ରିୟଲ ଇଷ୍ଟେଟ କ୍ଷେତ୍ର ପାଇଁ ପ୍ରତ୍ୟକ୍ଷ ସହାୟତା ନ ଦେଇଥିଲେ ମଧ୍ୟ ଇନ୍‌ଫ୍ରାଷ୍ଟ୍ରକ୍ଚର୍ ବିକାଶ ଓ ଆରଇଆଇଟି ମନିଟାଇଜେଶନ ଭଳି ସଂସ୍କାରଗୁଡ଼ିକ ଉପରେ ଦୃଢ଼ ଗୁରୁତ୍ୱ ଦେବା ଦ୍ୱାରା ସମୟ ସହିତ ଲିକ୍ୱିଡିଟି ବୃଦ୍ଧି ଓ ଚାହିଦା ବୃଦ୍ଧି କରିଛି। ଏହା ଅର୍ଥପୂର୍ଣ୍ଣ ପରୋକ୍ଷ ସମର୍ଥନ ପ୍ରଦାନ କରିବ ବୋଲି ଆଶା କରାଯାଉଛି।



**- ମନୋଜ ସାହୁ, ପ୍ରତିଷ୍ଠାତା, ଡିଅନ ଗ୍ରୁପ**

"ଏହି ବଜେଟ ଅଟୋମୋବାଇଲ ଶିଳ୍ପ ପାଇଁ ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ । ଏହା ଇଲେକ୍ଟ୍ରିକ ଭେହିକଲ (ଇଭି), ଉତ୍ପାଦନ ଓ ସପ୍ଲାଇ ଚେନ୍ ମଜଭୁତ କରିବା ଦିଗରେ ଦୀର୍ଘମିଆଦୀ ଦୃଢ଼ ପ୍ରୋତ୍ସାହନର ସଙ୍କେତ ଦେଉଛି, ଯଦିଓ ଗ୍ରାହକମାନଙ୍କ ପାଇଁ ତୁରନ୍ତ ଚାହିଦା ବା ପ୍ରତ୍ୟକ୍ଷ ପ୍ରୋତ୍ସାହନର ଅଭାବ ରହିଛି। ଏମ୍‌ଏସ୍‌ଏମ୍‌ଇ ପାଇଁ ବଜେଟ ଅନେକ ସକାରାତ୍ମକ ଦିଗ ଆଣିଛି। ଏହି ବଜେଟ ଅଣୁ ଓ ଲଘୁ ଉଦ୍ୟୋଗକୁ ବହୁଗୁଣ ବୃଦ୍ଧି କରିବ ବୋଲି ଆଶା କରାଯାଉଛି। ତଥାପି ଆୟକରରେ କୌଣସି ପରିବର୍ତ୍ତନ ନ ହେବା ମଧ୍ୟବର୍ଗୀୟ କରଦାତାଙ୍କ ମଧ୍ୟରେ ନିରାଶା ସୃଷ୍ଟି କରିଛି। ଏହି ବଜେଟ ପୂର୍ବବର୍ତ୍ତୀ ନୀତିଗୁଡ଼ିକର ନିରନ୍ତରତାକୁ ପ୍ରତିଫଳିତ କରୁଛି ଏବଂ 'ମେକ୍ ଇନ୍ ଇଣ୍ଡିଆ' ସହିତ ଦୀର୍ଘମିଆଦୀ ଆର୍ଥିକ ମଜଭୁତି ଉପରେ ଦୃଢ଼ ଗୁରୁତ୍ୱ ଦେଇଛି।



**-ଅଖିଳ ପୋଦ୍ଦାର, ଓଡ଼ିଶା ରାଜ୍ୟ ଅଧ୍ୟକ୍ଷ, ଫାଡା**

"ପ୍ରତିରକ୍ଷା, ବିମାନ, ମହାକାଶ, ରାସାୟନିକ ପଦାର୍ଥ, ଔଷଧ, ଇଲେକ୍ଟ୍ରୋନିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ଉତ୍ପାଦନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ଦୀର୍ଘକାଳୀନ ଗଭୀର ଚିନ୍ତାଧାରାଯୁକ୍ତ ବଜେଟ । ଦୀର୍ଘକାଳୀନ ଟିକସ ଛାଡ଼ ଦେଇ ଆଇଟି କ୍ଷେତ୍ରକୁ ଉତ୍ସାହିତ କରାଯାଇଛି। ନଡ଼ିଆ, କାଜୁ ଏବଂ ପର୍ଯ୍ୟଟନ କ୍ଷେତ୍ରରେ ଓଡ଼ିଶା ଲାଭବାନ ହେବ। ରେୟାର ଆର୍ଥ କରିଡର ମଧ୍ୟ ଫୋକସରେ ରହିବ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ରରେ ବଡ଼ ପ୍ରଭାବ ନ ପଡ଼ିପାରେ କିନ୍ତୁ ଉତ୍ପାଦନ କ୍ଷେତ୍ରରେ ଦୀର୍ଘକାଳୀନ ପ୍ରଭାବ ପଡ଼ିବ। ସି-ମାର୍ଟ ଏକ ଦୀର୍ଘକାଳୀନ ଦାବି ଥିଲା, ଯାହା ପୂରଣ ହୋଇଛି।



**- ସାତ୍ତ୍ୱିକ ସ୍ୱାଇଁ,**
**ସେକ୍ରେଟାରୀ ଜେନେରାଲ, ଓଏଏସ୍‌ଏମ୍‌ଇ**

# ରୟାଲ ଏନ୍‌ଫିଲ୍ଡ ହିମାଳୟନ ୪୫୦ 'ମାନା ବ୍ଲାକ'ର ଅନାବରଣ



ଭୁବନେଶ୍ୱର, ୧।୨(ଅନୁରାଧା ମହାରାଣା)

ଭୁବନେଶ୍ୱର ଲୁଇସ୍‌ରୋଡସ୍ଥିତ ଜୟବାବା ଅଟୋମୋବାଇଲ୍ସରେ ପ୍ରଥମ ରୟାଲ ଏନ୍‌ଫିଲ୍ଡ ହିମାଳୟନ ୪୫୦ 'ମାନା ବ୍ଲାକ' ସହିତ ପୂର୍ଣ୍ଣ ଗ୍ୟାର୍ ଅଫ୍ ଜେନୁଇନ୍ ମୋଟରସାଇକେଲ ଆକ୍ସେସରିଜ ଡେଲିଭରି କରାଯାଇଛି। ଏହି ବାଇକଟି ମଣିପାଲ ହସ୍ପିଟାଲ୍ସର ଡାକ୍ତର କୀର୍ତ୍ତି କେତନଙ୍କୁ ଜୟବାବା ଅଟୋମୋବାଇଲ୍ସ ପକ୍ଷରୁ ପ୍ରଦାନ କରାଯାଇଛି। ଡିଲର୍ ପ୍ରିନ୍ସିପାଲ ହର୍ଷିତ ଲୋଧାଙ୍କ ଦ୍ୱାରା ଏହି ମୋଟରସାଇକେଲକୁ ଆନୁଷ୍ଠାନିକ ଭାବେ ଅନାବରଣ କରାଯାଇଥିଲା। ଏହି ଅବସରରେ ରୟାଲ ଏନଫିଲ୍ଡ ଆର୍‌ଆର୍‌ସିଚନ୍ଦନ ଗୋରାଇ, ରାଇଡର୍ ଓ ରୟାଲ ଏନ୍‌ଫିଲ୍ଡ କମ୍ୟୁନିଟି ସଦସ୍ୟ ଶୁଭେନ୍ଦୁ, ପ୍ରଭୁ ଦତ୍ତ ଏବଂ ରାଜକିଶୋରଙ୍କ ସମେତ ଜୟବାବା ଟ୍ରାଇବ ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ମାଇଲଷ୍ଟୋନ୍ ଡେଲିଭରି ଜୟବାବା ଅଟୋମୋବାଇଲ୍ସର ପ୍ରିମିୟମ ମୋଟରସାଇକେଲିଂ ଅଭିଜ୍ଞତା ପ୍ରଦାନ କରିବା ପ୍ରତି ପ୍ରତିବଦ୍ଧତା ଏବଂ ଅଞ୍ଚଳରେ ରୟାଲ ଏନ୍‌ଫିଲ୍ଡ ରାଇଡିଂ ସଂସ୍କୃତିକୁ ପ୍ରୋତ୍ସାହନ ଦେବାରେ ତାଙ୍କର ନିରନ୍ତର ପ୍ରୟାସକୁ ପ୍ରତିଫଳିତ କରୁଛି। ଜୟବାବା ଅଟୋମୋବାଇଲ୍ସ ଭୁବନେଶ୍ୱରରେ ରୟାଲ ଏନ୍‌ଫିଲ୍ଡର ଏକ ବିଶ୍ୱସ୍ତ ଡିଲର ଭାବେ ପରିଚିତ ଏବଂ ଏହି ପ୍ରଥମ ମାନା ବ୍ଲାକ ଡେଲିଭରି ସ୍ଥାନୀୟ ରାଇଡର ମହଲରେ ବହୁତ ଉତ୍ସାହ ସୃଷ୍ଟି କରିଛି।

# ରେଶମ ଉତ୍ପାଦନରେ କୋଲ୍ ଇଣ୍ଡିଆକୁ ସଫଳତା

ଭୁବନେଶ୍ୱର, ୧।୨(ଅନୁରାଧା ମହାରାଣା)



କୋଲ୍ ଇଣ୍ଡିଆ ଲିମିଟେଡର କର୍ପୋରେଟ ସୋସିଆଲ ରେସ୍ପନ୍ସିବିଲିଟି (ସିଏସ୍‌ଆର୍) ଫଣ୍ଡର ସହଯୋଗରେ ଚାଲିଥିବା ଆଇଆଇଟି ବମ୍ବେର ଅନନ୍ୟ ପାଇଲଟ ପ୍ରୋଜେକ୍ଟ 'ଜୀବୋଦୟ' ତିନି ବର୍ଷର ଅବିରତ ଅନୁସନ୍ଧାନ ଓ ବିକାଶ ପରେ ନୈତିକ ରେଶମ ଉତ୍ପାଦନ କ୍ଷେତ୍ରରେ ଏକ ଗୁରୁତ୍ୱପୂର୍ଣ୍ଣ ଉପଲବ୍ଧି ହାସଲ କରିଛି। ଏହି ପ୍ରୋଜେକ୍ଟ ଅଧୀନରେ ଆଇଆଇଟି ବମ୍ବେର ଗ୍ରାମାଞ୍ଚଳ ପାଇଁ ଟେକ୍ନୋଲୋଜି ଅଲଟରନେଟିଭ୍ସ ସେଣ୍ଟର (ସି-ତାରା) ଏକ ନୂତନ ରେଶମ ଉତ୍ପାଦନ ପ୍ରଯୁକ୍ତି ସଫଳତାପୂର୍ବକ ବିକଶିତ କରିଛି। ଏଥିରେ ରେଶମ କୀଟମାନଙ୍କର ହତ୍ୟାର ଆବଶ୍ୟକତା ନାହିଁ। ପାରମ୍ପରିକ ପଦ୍ଧତିରୁ ଭିନ୍ନ, ଏହି ପ୍ରଯୁକ୍ତିରେ ରେଶମ କୀଟମାନେ ରେଶମୀ ସୂତା ଉତ୍ପାଦନ କରିବା ପରେ ପ୍ରାକୃତିକ ଭାବେ ପତଙ୍ଗ(ମଥ୍)ରେ ପରିଣତ ହୋଇ ନିଜ ଜୀବନ ଚକ୍ର ପୂର୍ଣ୍ଣ କରିପାରନ୍ତି। ଏହି ପ୍ରଯୁକ୍ତି ରେଶମ ଉତ୍ପାଦନ ସହ ଜଡ଼ିତ ଚାଷୀମାନଙ୍କ ପାଇଁ ଆୟର ଏକ ନୂତନ ଓ ସ୍ଥାୟୀ ଉତ୍ସ ପ୍ରଦାନ କରୁଛି, ଯାହା ଗ୍ରାମାଞ୍ଚଳର ଜୀବିକାକୁ ମଜଭୁତ କରିବ। 'ଜୀବୋଦୟ' ପାଇଲଟ ପ୍ରୋଜେକ୍ଟର ସଫଳତା ସହିତ ଏହି ପଦକ୍ଷେପ ବ୍ୟାପକ ସ୍ତରରେ ଗ୍ରହଣ କରାଯିବା ଏବଂ ସ୍ଥାୟୀ ଓ ନୈତିକ ରେଶମ ଉତ୍ପାଦନକୁ ପ୍ରୋତ୍ସାହନ ଦେବାର ବିପୁଳ ସମ୍ଭାବନା ରଖିଛି।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................


ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


# ସେମିଫାଇନାଲରେ ଭାରତ

**ବୁଲଓ୍ୱାୟୋ,୧।୨**

ଚଳିତ ୧୯ ବର୍ଷରୁ କମ୍ ବିଶ୍ୱକପ୍‌ରେ ରବିବାର ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ସୁପର-୬ ପର୍ଯ୍ୟାୟର ଏକ ଗୁରୁତ୍ୱପୂର୍ଣ୍ଣ ଗ୍ରୁପ୍-ବି' ମ୍ୟାଚ୍‌କୁ ଭାରତୀୟ ଦଳ ୫୮ ରନରେ ଜିତି ନେଇଛି। ଏହି ବିଜୟ ସହ ଭାରତୀୟ ଦଳ ସେମିଫାଇନାଲରେ ପ୍ରବେଶ କରିଛି। ଭାରତ ଦ୍ୱାରା ପ୍ରଦତ୍ତ ୨୫୩ ରନର ଟାର୍ଗେଟ ଆଗରେ ପାକିସ୍ତାନ ୧୯୪ ରନରେ ଅଲଆଉଟ୍ ହୋଇଯାଇଥିଲା।

## ୧୯ ବର୍ଷରୁ କମ୍ ବିଶ୍ୱକପ୍

ଏହି ବିଜୟ ସହ ଗତ ଡିସେମ୍ବରରେ ୧୯ ବର୍ଷରୁ କମ୍ ଏସିଆ କପ୍ ଫାଇନାଲରେ ପାକିସ୍ତାନଠାରୁ ମିଳିଥିବା ପରାଜୟର ମଧୁର ପ୍ରତିଶୋଧ ନେଇଛି ଭାରତ।

ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୪୯.୫ ଓଭରରେ ୨୫୨ ରନରେ ଅଲଆଉଟ୍ ହୋଇଯାଇଥିଲା। ଦଳ ପାଇଁ ବେଦାନ୍ତ ତ୍ରିବେଦୀ ୬୮ (୨ ଚୌକା ଓ ୧ ଛକା), କନିଷ୍କ ଚୌହ୍ୱାନ ୩୫ (୪ ଚୌକା ଓ ୧ ଛକା), ବୈଭବ ସୂର୍ଯ୍ୟବଂଶୀ ୩୦ (୫ ଚୌକା ଓ ୧ ଛକା) ଓ ଆର୍ ଅମ୍ବ୍ରିଶ ୨୯ (୨ ଚୌକା) ରନ କରିଥିଲେ। ପାକିସ୍ତାନ ପକ୍ଷରୁ ଅବଦୁଲ ସୁଭନ ୩, ମହମ୍ମଦ ସୟମ ୨ ଓ ଅଲୀ ରାଜା ଗୋଟିଏ ଉଇକେଟ ନେଇଥିଲେ। ଜବାବରେ ଉସ୍ମାନ ଖାନଙ୍କ ୬୬ (୭ ଚୌକା) ଓ ହମଜା ଜହୁରଙ୍କ ୪୨ (୮ ଚୌକା) ରନର ପାଳି ଯୋଗୁ ପାକିସ୍ତାନ ୨୯ ଓଭର ସୁଦ୍ଧା ୨ ଉଇକେଟ ହରାଇ ୧୫୧ ରନ କରିଥିଲା। ହେଲେ ଏହିଠାରୁ ଦଳ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇ ୪୬.୨ ଓଭରରେ ୧୯୪ ରନରେ ଅଲଆଉଟ୍ ହୋଇଯାଇଥିଲା। ଭାରତ ପାଇଁ ଅଧିନାୟକ ଆୟୁଷ ମାହାତ୍ରେ ଓ ଖିଲାନ ପଟେଲ ୩ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ: ୪୯.୫ ଓଭରରେ ୨୫୨/ଅଲଆଉଟ୍ (ବେଦାନ୍ତ ତ୍ରିବେଦୀ-୬୮, କନିଷ୍କ ଚୌହ୍ୱାନ-୩୫, ଅବଦୁଲ ସୁଭନ-୩/୩୩, ମହମ୍ମଦ ସୟମ-୨/୬୯)। ପାକିସ୍ତାନ: ୪୬.୨ ଓଭରରେ ୧୯୪/ଅଲଆଉଟ୍ (ଉସ୍ମାନ ଖାନ-୬୬, ହମଜା ଜହୁର-୪୨, ଫର୍ହାନ ୟୁସଫ-୩୮, ଆୟୁଷ ମାହାତ୍ରେ-୩/୧୪, ଖିଲାନ ପଟେଲ-୩/୩୫)।



କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍‌ର ୩ଟିଯାକ ବର୍ଗରେ ଚାମ୍ପିୟନ ଓଡ଼ିଶା ଖେଳାଳିମାନେ ଟ୍ରଫି ସହ ଖୁସି ମୁହୂର୍ତ୍ତରେ।

# କିଟ୍-ସମ୍ବଲପୁର ଫାଇନାଲ



ଫାଇନାଲରେ ପ୍ରବେଶ କରିଥିବା କିଟ୍ ବିଶ୍ୱବିଦ୍ୟାଳୟ ଦଳ।

**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

ଓଡ଼ିଶାର ଦୁଇଟି ବିଶ୍ୱବିଦ୍ୟାଳୟ କିଟ୍ ଓ ସମ୍ବଲପୁର ସର୍ବଭାରତୀୟ ଆନ୍ତଃଜୋନ ମହିଳା ହକି ଚାମ୍ପିୟନଶିପ୍‌ର ଫାଇନାଲରେ ପ୍ରବେଶ କରିଛି। ପ୍ରଥମ ସେମିଫାଇନାଲରେ ସମ୍ବଲପୁର ବିଶ୍ୱବିଦ୍ୟାଳୟ ଶୁଟ୍‌ଆଉଟରେ ପଟିଆଲାର ପଞ୍ଜାବୀ ବିଶ୍ୱବିଦ୍ୟାଳୟକୁ ପରାସ୍ତ କରିଛି। ନିର୍ଦ୍ଧାରିତ ସମୟରେ ଖେଳ ୧-୧ରେ ବରାବର ରହିଥିଲା। ଦ୍ୱିତୀୟ ସେମିଫାଇନାଲରେ କିଟ୍ ବିଶ୍ୱବିଦ୍ୟାଳୟ ୨-୧ ଗୋଲରେ ଗ୍ୱାଲିୟରର ଆଇଟିଏମ୍ ବିଶ୍ୱବିଦ୍ୟାଳୟକୁ ହରାଇ ଦେଇଛି। ଫଳରେ ପ୍ରତିଯୋଗିତାରେ ଦେଶର ୧୬ଟି ଶ୍ରେଷ୍ଠ ବିଶ୍ୱବିଦ୍ୟାଳୟ ଦଳ ଅଂଶଗ୍ରହଣ କରିଥିଲେ ହେଁ ଶେଷରେ ଫାଇନାଲରେ ଅଲ୍ ଓଡ଼ିଶା ମୁକାବିଲା ପାଇଁ ପଥ ପ୍ରସ୍ତୁତ ହୋଇଛି। ପଞ୍ଜାବୀ ବିଶ୍ୱବିଦ୍ୟାଳୟ ଓ ଆଇଟିଏମ୍ ମଧ୍ୟରେ ତୃତୀୟ ସ୍ଥାନ ଲାଗି ମୁକାବିଲା ହେବ। ଫାଇନାଲ ପୂର୍ବରୁ ଉଭୟ ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।

# ଓଡ଼ିଶାର କ୍ଲିନ ସୁଇପ୍

**ଭୁବନେଶ୍ୱର,୧।୨(ଅନାଦି କର)**

## ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍

ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଚାଲିଥିବା ପ୍ରଥମ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍ ରବିବାର ଉଦ୍‌ଯାପିତ ହୋଇଯାଇଛି। ସବ୍-ଜୁନିୟର ବାଳିକା(୧୫ ବର୍ଷରୁ କମ୍), ଜୁନିୟର ବାଳିକା (୧୮ ବର୍ଷରୁ କମ୍) ଓ ସିନିୟର ମହିଳା ବର୍ଗରେ ଚାମ୍ପିୟନ ହୋଇ ଓଡ଼ିଶା ଦଳ କ୍ଲିନ ସୁଇପ୍ କରିଛି।

ସବ୍-ଜୁନିୟର ବାଳିକା ବିଭାଗ ଫାଇନାଲରେ ଓଡ଼ିଶା ୨୬-୬ ବ୍ୟବଧାନରେ ବିହାରକୁ ହରାଇଥିବା ବେଳେ ଜୁନିୟର ବାଳିକା ଫାଇନାଲରେ ୨୯-୦ ବ୍ୟବଧାନରେ ମହାରାଷ୍ଟ୍ରକୁ ହରାଇଥିଲା। ସିନିୟର ମହିଳା ବିଭାଗ ଫାଇନାଲରେ ଓଡ଼ିଶା ୩୬-୫ ବ୍ୟବଧାନରେ ବିହାରକୁ ହରାଇ ଅସ୍ମିତା ଜାତୀୟ ରଗ୍‌ବୀ ଲିଗ୍‌ରେ କ୍ଲିନ ସୁଇପ୍ ହାସଲ କରିଥିଲା। ସେହିଭଳି ମହାରାଷ୍ଟ୍ର ଓ ରାଜସ୍ଥାନ ସବ୍-ଜୁନିୟର ବାଳିକା ବର୍ଗରେ ଯୁଗ୍ମ ଭାବେ ଦ୍ୱିତୀୟ ରନରଅପ୍ ହୋଇଥିବା ବେଳେ ଜୁନିୟର ବାଳିକାରେ ବିହାର ଓ ରାଜସ୍ଥାନ ଦ୍ୱିତୀୟ ରନରଅପ୍ ହେଇଛନ୍ତି। ସେହିଭଳି ସିନିୟର ମହିଳା ବର୍ଗରେ ପଶ୍ଚିମ ବଙ୍ଗ ଓ ମହାରାଷ୍ଟ୍ର ଦ୍ୱିତୀୟ ରନରଅପ୍ ଭାବେ ଅଭିଯାନ ଶେଷ କରିଛନ୍ତି। ପ୍ରତ୍ୟେକ ବର୍ଗର ଚାମ୍ପିୟନ ଦଳକୁ ୧ ଲକ୍ଷ ୪୪ ହଜାର ଓ ରନରଅପ୍ ଦଳକୁ ୧ ଲକ୍ଷ ୨୦ ହଜାର ଟଙ୍କାର ପୁରସ୍କାର ରାଶି ଦିଆଯାଇଛି। ସେହିଭଳି ସେମିଫାଇନାଲରେ ପରାଜିତ ହୋଇଥିବା ଦୁଇ ଦ୍ୱିତୀୟ ରନରଅପ୍ ଦଳକୁ ୯୬ ହଜାର ଲେଖାଏ ପୁରସ୍କାର ରାଶି ପ୍ରଦାନ କରାଯାଇଛି। ୧୫ ବର୍ଷରୁ କମ୍ ବର୍ଗରେ ଓଡ଼ିଶାର ସୁମି ଗଗରାଇ (୭୧ ପଏଣ୍ଟ), ଜୁନିୟର ବର୍ଗରେ ବିହାର ସିମରନ ପର୍ବିନ (୬୦) ଓ ସିନିୟର ବର୍ଗରେ ରାଜସ୍ଥାନର ମୁସ୍କାନ ପିପଲୋଦା (୫୫) ସର୍ବାଧିକ ସ୍କୋର କରିଥିଲେ।


# ମନେ ପଡ଼ନ୍ତି

**୩ୟ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



୰ବିଷ୍ଣୁପ୍ରିୟା ମହାନ୍ତି

ଜେଲ୍ ରୋଡ, ଖୋର୍ଦ୍ଧା

ଶୋକସନ୍ତପ୍ତ ପରିବାର ପରିଜନ ଶୁଭଚିନ୍ତକ। ଭୁବନେଶ୍ୱର, କଟକ, କେଉଁଝର ଅଞ୍ଚଳର ଆତ୍ମୀୟ ପରିଜନ ତୁମକୁ ସବୁ ବେଳେ ମନେ ପକାଇ ଥାଆନ୍ତି। ମହାପ୍ରଭୁ ଶ୍ରୀଜଗନ୍ନାଥ ତୁମ ଆତ୍ମା ସଦ୍‌ଗତି ଦିଅନ୍ତୁ।

ଧ-୩୨୮୨

**ଏକାଦଶାହ ଉପଲକ୍ଷେ**



୰ଶୈଳବାଳା ଦାସ

ଜଗନ୍ନାଥପୁର, ଗୋବିନ୍ଦପୁର, କଟକ
ଆବିର୍ଭାବ: ୦୧।୧୨।୧୯୩୬
ତିରୋଧାନ: ୨୩।୦୧।୨୦୨୬

ଆପଣଙ୍କ ପବିତ୍ର ଅମର ଆତ୍ମାର ଶାନ୍ତି ଓ ସଦ୍‌ଗତି ନିମନ୍ତେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।

-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ରମାନେ:
ପ୍ରମୋଦ, ପ୍ରତାପ, ପ୍ରଦୀପ, ପ୍ରବୀର

ଧ-୩୨୮୦

**ଏକାଦଶାହ ଉପଲକ୍ଷେ**



ସ୍ୱର୍ଗତ କେଲୁ ଖଟୁଆ

ଆବିର୍ଭାବ : ୧୨।୦୧।୧୯୩୧
ତିରୋଧାନ : ୨୩।୦୧।୨୦୨୬
(ଶ୍ରୀ ପଞ୍ଚମୀ ତିଥି)

ଚାହିଁ ଚାହିଁ ଆପଣଙ୍କ ଯିବା ଆଜକୁ ଏଗାର ଦିନ ବିତିଲା। ଆଜି ଏ ପବିତ୍ର ଏକାଦଶାହ ତିଥିରେ ଆପଣଙ୍କ ଅମରାତ୍ମାର ସଦ୍‌ଗତି ପାଇଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପ୍ରାର୍ଥନା ଓ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।

-:ଶୋକସନ୍ତପ୍ତ:-
ହତଭାଗ୍ୟ ପୁତ୍ର- ଅନାମ ଖଟୁଆ, ସୁଦାମ ଖଟୁଆ, ଝିଅ- ପ୍ରତିମା ଖଟୁଆ, ଜ୍ୱାଇଁ- ବିକାଶ ଚନ୍ଦ୍ର ବେହେରା ତଥା ବନ୍ଧୁ ଓ ପରିବାରବର୍ଗ।

ଧ-୩୨୮୧


## ନ୍ୟାଶନାଲ ସ୍କୁଲ ଗେମ୍ସ

# ଓଡ଼ିଶା ବାଳିକା, ବାଳକ ଦଳ ଚାମ୍ପିୟନ

**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

ଓଡ଼ିଶା ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦର ବାଳିକା ଓ ବାଳକ ଦଳ ୬୯ତମ ନ୍ୟାଶନାଲ ସ୍କୁଲ ଗେମ୍ସର ରଗ୍‌ବୀ (୧୯ ବର୍ଷରୁ କମ୍) ଇଭେଣ୍ଟରେ ଚାମ୍ପିୟନ ହୋଇ ଇତିହାସ ରଚିଛି। ନୂଆଦିଲ୍ଲୀର ତ୍ୟାଗରାଜ ଷ୍ଟାଡିୟମରେ ରବିବାର ଅନୁଷ୍ଠିତ ବାଳିକା ବିଭାଗ ଫାଇନାଲରେ ଓଡ଼ିଶା ୨୦-୦ରେ ବିହାରକୁ ପରାସ୍ତ କରିଛି। ସେହିପରି ବାଳକ ବର୍ଗ ଫାଇନାଲରେ ଓଡ଼ିଶା ୧୨-୫ରେ ମହାରାଷ୍ଟ୍ରକୁ ହରାଇ ଟାଇଟଲ ଜିତିଛି। କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳକ ଦଳ ଆନ୍ଧ୍ର ପ୍ରଦେଶକୁ ୫୮-୦ ଓ ସେମିଫାଇନାଲରେ ଦିଲ୍ଲୀକୁ ୧୭-୭ରେ ପରାସ୍ତ କରିଥିଲା। ସେହିପରି ବାଳିକା ଦଳ କ୍ୱାର୍ଟରରେ ପଞ୍ଜାବକୁ ୪୪-୧୦ ଓ ସେମିରେ ମହାରାଷ୍ଟ୍ରକୁ ୧୯-୧୦ରେ ହରାଇଥିଲା। ଓଡ଼ିଶା ଦଳକୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ, ଓଡ଼ିଶା ରଗ୍‌ବୀ ଫୁଟବଲ ଆସୋସିଏଶନ ସଭାପତି ଉପେନ୍ଦ୍ର ମହାନ୍ତି ଏବଂ ସିଏଚ୍‌ଏସଇ ପକ୍ଷରୁ ଅଭିନନ୍ଦନ ଜ୍ଞାପନ କରାଯାଇଛି।




ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ଚାମ୍ପିୟନ ବିଜେଇଏମ୍ ସ୍କୁଲ ଦଳର ଖେଳାଳିମାନେ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

# ଆନ୍ତଃସ୍କୁଲ କ୍ରିକେଟ: ବିଜେଇଏମ୍ ସ୍କୁଲ ଚାମ୍ପିୟନ

**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

ଓଡ଼ିଶା ଭେଟେରାନ୍ସ କ୍ରିକେଟ ଆସୋସିଏଶନ ଆନୁକୂଲ୍ୟରେ ହାଇ-ଟେକ୍ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ୟୁନିଲାଇଟ୍ କପ୍ ଭୁବନେଶ୍ୱର ଆନ୍ତଃସ୍କୁଲ କ୍ରିକେଟ ଟୁର୍ନାମେଣ୍ଟରେ ବିଜେଇଏମ୍ ସ୍କୁଲ ଚାମ୍ପିୟନ ହୋଇଛି। ରବିବାର ଅନୁଷ୍ଠିତ ଫାଇନାଲରେ ବିଜେଇଏମ୍ ୧୦୧ ରନରେ ଡିଏଭି ଚନ୍ଦ୍ରଶେଖର ପୁର ଦଳକୁ ପରାସ୍ତ କରିଛି। ବିଜେଇଏମ୍ ହାଇସ୍କୁଲ ୨୫ ଓଭରରେ ୫ ଉଇକେଟ ହରାଇ ୨୦୨ ରନ କରିଥିଲା। ଜବାବରେ ଡିଏଭି ୨୫ ଓଭରରେ ୧୦୧ ରନକରି ଅଲ୍‌ଆଉଟ ହୋଇ ଯାଇଥିଲା। ହାଇ-ଟେକ୍ ଗ୍ରୁପ୍‌ର ନିର୍ଦ୍ଦେଶକ ରାକେଶ କୁମାର ପାଣିଗ୍ରାହୀ ମୁଖ୍ୟ ଅତିଥି ଏବଂ ୟୁନିଲାଇଟ ପକ୍ଷରୁ ଦେବାଶିଷ ପଣ୍ଡା ଓ ଅନନ୍ତ ଅଟୋମୋବାଇଲ୍ସର ପରିଚାଳନା ନିର୍ଦ୍ଦେଶକ ରାଜଶେଖର ସୁବୁଦ୍ଧି ସମ୍ମାନିତ ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଥିଲେ। ଚାମ୍ପିୟନ ଦଳର ଶାହଜିବ ଆଲାମ ପ୍ଲେୟର ଅଫ୍ ଦି ସିରିଜ ବିବେଚିତ ହୋଇଥିଲେ।


# Classified Everyday

0674-2580101, 9692975378



**REAL ESTATE SALE**

କଟକ-ଭୁବନେଶ୍ୱରର ମଧ୍ୟଭାଗରେ ଥିବା **Sum-2** ଏବଂ **Grand Bazar (NH-16)** ସମ୍ମୁଖରୁ ଅଳ୍ପ ଦୂରତାରେ ଘରବାରି **SC general plot** କିଣନ୍ତୁ, ଗୃହ ନିର୍ମାଣ କରନ୍ତୁ। **9658562429.** D-3194

ଭୁବନେଶ୍ୱର ବରମୁଣ୍ଡାରୁ **48km farmhouse land** ପିଚୁରୋଡକୁ ଲାଗି ଏକର ୨୮ଲକ୍ଷରେ ବିକ୍ରି ହେବ। **8144706560.** D-3199

ଭୁବନେଶ୍ୱର ଉପକଣ୍ଠ ସୁନ୍ଦରପଦା Xavier University/ ଆଦିତ୍ୟ ବିର୍ଲା ସ୍କୁଲ ପାଖରେ ସରକାରୀ ରାସ୍ତାକୁ ଲାଗି ପାଚେରି ସହିତ Futureରେ ଘର କଲା ଭଳି ପ୍ଲଟ୍ ମିଳୁଛି। 9692439755, 7325891140. D-3023

ଭୁବନେଶ୍ୱର, ଉତ୍ତରାଛକ, ପିପିଲି ଟୋଲ୍ ଗେଟ୍ ପାଖରେ ଘରବାରି ପ୍ଲଟ୍ **KEC** ପାଖରେ **ready to move 2/3BHK flat** ବିକ୍ରି ହେବ। **8327785834** D-3178

Unused 3BHK Flats & 4BHK with servant quarter in heart of Cuttack City. Reserve parking and maximum facilities. Genuine direct buyers preferred. Call 9776226548. D-3271




All types of physiotherapy and massage contact 9556924059/ 7656969134. D-3245

Kerala Ayurveda Massage therapy gents/ Ladies pain relief Bhubaneswar. 9337672475. D-3246

**AFFIDAVIT**

"By virtue of an affidavit sworn before Notary Public, Rourkela, dated-15.01.2026, I, Manorama Swain, Khariabahal- 1, Sector- 2, Rourkela, Sundargarh, Odisha-769006 declare that I have changed my name from Manorama Bisoi to Manorama Swain. Henceforth, I shall be known as Manorama Swain for all purposes". D-3279

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/- ରେ। ରଙ୍ଗୀନ ଟ୪୨୦/- ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

By virtue of an affidavit sworn before the Executive Magistrate, Titlagarh, Dtd.- 23.11.2026, I, Piyush Sharma, resident of At- Raghunath Pada, P.O./P.S.- Titilagarh, Dist.- Balangir, Odisha do hereby declare that my son's actual name is Avyukt Sharma, S/o.- Piyush Sharma. But in my son's birth certificate Vide No. 458/2023, dtd.- 10.03.2023 issued by S. D. H. Titilagarh his name has been mentioned as Advait Sharma instead of Avyukt Sharma. I declare that both the names Avyukt Sharma and Advait Sharma belongs to one and the same person i.e. my son. D-3277

**Email** ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com

By virtue of an affidavit sworn before the Executive Magistrate, Sambalpur, No. 369, Dtd. 31.01.26, I, Saroj Kumar Bakshi, S/o. Ramani Ranjan Bakshi, R/o. At- Kanijuri, Durgapali, P.O.- Remed, P.S.- Khetrajpur, Dist.- Sambalpur declare that I have changed the spelling of my surname from Boxi to Bakshi. That I am known as Saroj Kumar Bakshi, S/o. Ramani Ranjan Bakshi instead of Saroj Kumar Boxi, S/o. Ramani Ranjan Boxi for all purpose. That both the names belongs to one and same person. D-3278

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


# ବାପୁଜୀ, ରାମେଶ୍ୱର କ୍ରିକେଟ କ୍ଲବ ସେମିରେ





ପୁରସ୍କାର ଗ୍ରହଣ ଅବସରରେ ପ୍ଲେୟର ଅଫ୍ ଦି ମ୍ୟାଚ ନମନ ଧ୍ରୁବ ଓ ଶୁଭାଶିଷ ମଲିକ।

**ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)**

ମୁନ୍ ଲାଇଟ୍ ୟୁଥ୍ କ୍ଲବ ଆନୁକୂଲ୍ୟରେ ୯ମ ନବ ଦାଶ ଓ ୫ମ ପ୍ରଶାନ୍ତ ମହାପାତ୍ର ସ୍ମାରକୀ ଟି୨୦ କ୍ରିକେଟ ଟୁର୍ନାମେଣ୍ଟ ରବିବାର ବିଜେବି କଲେଜ ଗ୍ରାଉଣ୍ଡରେ ଆରମ୍ଭ ହୋଇଛି। ପ୍ରଥମ ଦିବସରେ ଅନୁଷ୍ଠିତ ୨ଟି କ୍ୱାର୍ଟର ଫାଇନାଲରେ ବିଜୟୀ ହୋଇ ବାପୁଜୀ କ୍ରିକେଟ କ୍ଲବ ଏବଂ ରାମେଶ୍ୱର କ୍ଲବ ସେମିଫାଇନାଲରେ ପ୍ରବେଶ କରିଛି। ପ୍ରଥମ ମ୍ୟାଚରେ ବାପୁଜୀ କ୍ଲବ ୧୬ ରନରେ ମୁକ୍ତେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରିଛି। ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ବାପୁଜୀ କ୍ଲବ ୧୯.୩ ଓଭରରେ ୧୫୭ ରନକରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସିଦ୍ଧାନ୍ତ ଜେନା ସର୍ବାଧିକ ୩୨ ରନକରି ଅପରାଜିତ ରହିଥିଲେ। ଆର୍ଯ୍ୟଶ୍ରୀ ଭଞ୍ଜ ୨୮ ରନ କରିଥିଲେ। ବିପକ୍ଷ ଦଳର ଉଦୟ ଜଟ ଓ ସ୍ୱପ୍ନ ଏସ. ଭୂୟାଁ ୨ଟି ଲେଖାଏ ଉଇକେଟ ନେଇଥିଲେ। ଜବାବରେ ମୁକ୍ତେଶ୍ୱର ୧୯.୫ ଓଭରରେ ୧୪୧ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଅର୍ଣ୍ଣବ କିଶୋର ୭୫ ରନ ସତ୍ତ୍ୱେ ଅନ୍ୟମାନଙ୍କ ବିଫଳତା ଯୋଗୁ ଦଳ ପରାଜିତ ହୋଇଥିଲା। ବିପକ୍ଷ ଦଳର ନମନ ଧ୍ରୁବ ମାତ୍ର ୨୦ ରନ ବିନିମୟରେ ୪ ଉଇକେଟ ନେଇ ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ଅଭିଷେକ ଯାଦବ ୩ଟି ଓ ଦୀନା ଦାସ ୨ଟି ଉଇକେଟ ନେଇଥିଲେ। ଦ୍ୱିତୀୟ କ୍ୱାର୍ଟର ଫାଇନାଲରେ ରାମେଶ୍ୱର ୬ ଉଇକେଟରେ ପାରାମାଉଣ୍ଟ ସ୍ପୋର୍ଟିଂକୁ ପରାସ୍ତ କରିଛି। ପାରାମାଉଣ୍ଟ ୧୯.୩ ଓଭରରେ ୧୨୯ ରନ କରି ସମସ୍ତ ଉଇକେଟ ହରାଇଥିଲା। ଦଳ ପକ୍ଷରୁ ସେକ୍ ନକିବ ସର୍ବର ସର୍ବାଧିକ ୩୭ ଓ ସୁଦର୍ଶନ ସ୍ୱାଇଁ ୩୨ ରନ କରିଥିଲେ। ପ୍ରତିପକ୍ଷ ଦଳର ଶୁଭମ ବିସ୍ତ ୩ଟି ଏବଂ ଆଶୁତୋଷ ନାୟକ ଓ ଏମ.ଜି. ଗୋପାଳ ୨ଟି ଲେଖାଏ ଉଇକେଟ ନେଇଥିଲେ। ୧୩୦ ରନର ବିଜୟ ଲକ୍ଷ୍ୟକୁ ରାମେଶ୍ୱର ୧୫.୧ ଓଭରରେ ୪ ଉଇକେଟ ହରାଇ ହାସଲ କରି ନେଇଥିଲା। ଶୁଭାଶିଷ ମଲିକ ୬୬ ରନରେ ଅପରାଜିତ ରହି ପ୍ଲେୟର ଅଫ୍ ଦି ମ୍ୟାଚ ହୋଇଥିଲେ। ନିର୍ମଳ କୁମାର ମିଶ୍ର ଓ ଦିଲୀପ କୁମାର ସାମଲ ମ୍ୟାଚ ପରିଚାଳନା କରିଥିଲେ। ସ୍କୋରର ଥିଲେ ସୁଶୀଲ ସୁନ୍ଦରାୟ।

# ଅଦୃଶ୍ୟ ଆକ୍ରମଣକାରୀ ମାଇକ୍ରୋପ୍ଲାଷ୍ଟିକ



ଡ. ଶିବାନୀ ମହାପାତ୍ର

''ସାମୁଦ୍ରିକ ଇକୋସିଷ୍ଟମ୍ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ପ୍ଲାଙ୍କଟନ୍ ଏବଂ ଅନ୍ୟାନ୍ୟ ଛୋଟ ଜୀବ। ସେମାନଙ୍କର ଆକାର ଏବଂ ପ୍ରାକୃତିକ ଶିକାର ସହିତ ସମାନତା ହେତୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ଖାଦ୍ୟ ବୋଲି ଭାବି ଭୁଲ୍ କରନ୍ତି। ଏହି କଣିକାଗୁଡ଼ିକ ତା'ପରେ ଖାଦ୍ୟ ଶୃଙ୍ଖଳ ଉପରକୁ ଚାଲିଯାଏ। କାରଣ ଛୋଟ ମାଛ ପ୍ଲାଙ୍କଟନ୍ ଗ୍ରହଣ କରନ୍ତି ଏବଂ ବଡ଼ ଶିକାରୀମାନେ ଛୋଟ ମାଛକୁ ଖାଇଥାନ୍ତି, ଯାହା ଫଳରେ ଟ୍ରୋଫିକ୍ ସ୍ତର ମଧ୍ୟରେ ଜୈବସଞ୍ଚୟ ହୁଏ। ୭୦୦ରୁ ଅଧିକ ସାମୁଦ୍ରିକ ପ୍ରଜାତି ପ୍ଲାଷ୍ଟିକ୍ ଗ୍ରହଣ କିମ୍ବା ଜଡ଼ିତ ହେବା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରମାଣିତ ହୋଇଛି।''



ମାଇକ୍ରୋପ୍ଲାଷ୍ଟିକ୍ ଆଧୁନିକ ବିଶ୍ୱର ସବୁଠାରୁ ବ୍ୟାପକ କିନ୍ତୁ ସବୁଠାରୁ କମ୍ ଦୃଶ୍ୟମାନ ପ୍ରଦୂଷକ ମଧ୍ୟରୁ ଗୋଟିଏ। ଏହା ୫ ମିଲିମିଟରରୁ ଛୋଟ ପ୍ଲାଷ୍ଟିକ୍ ଖଣ୍ଡ ଭାବରେ ପରିଭାଷିତ। ଏହି କଣିକାଗୁଡ଼ିକ ତିଳ ବିହନ ତୁଳନାତ୍ମକ ଖଣ୍ଡରୁ ଆରମ୍ଭ କରି ନାନୋପ୍ଲାଷ୍ଟିକ୍ ପର୍ଯ୍ୟନ୍ତ ଏତେ ଛୋଟ ଯେ ସେମାନେ ସମ୍ପୂର୍ଣ୍ଣ ଭାବରେ ମଣିଷ ଦୃଷ୍ଟିରୁ ଦୂରେଇ ଯାଆନ୍ତି। କିଛି ମାଇକ୍ରୋପ୍ଲାଷ୍ଟିକ୍ ଉଦ୍ଦେଶ୍ୟମୂଳକ ଭାବରେ ଅଣୁବୀକ୍ଷଣୀୟ ଆକାରରେ ନିର୍ମିତ ହୋଇଥାଏ, ଯେପରିକି ପ୍ରସାଧନ ସାମଗ୍ରୀ ଏବଂ ଶିଳ୍ପ ସାମଗ୍ରୀରେ ଥରେ ବ୍ୟବହୃତ ମାଇକ୍ରୋବିଡ୍ କିମ୍ବା କପଡ଼ାରୁ ନିର୍ଗତ ସିନ୍ଥେଟିକ୍ ଫାଇବର ଇତ୍ୟାଦି। ଅନ୍ୟଗୁଡ଼ିକ ବଡ଼ ପ୍ଲାଷ୍ଟିକ୍ ବସ୍ତୁ – ବୋତଲ, ପ୍ୟାକେଜିଂ, ମାଛ ଧରିବା ଜାଲ, ଟାୟାର ଏବଂ ଘରୋଇ ସାମଗ୍ରୀର ଧୀର ବିଭାଜନରୁ ଉତ୍ପନ୍ନ ହୁଏ, ଯାହା ସୂର୍ଯ୍ୟାଲୋକ, ପବନ ଏବଂ ଯାନ୍ତ୍ରିକ ଚାପରେ ନଷ୍ଟ ହୁଏ।

ଲ୍ୟାଣ୍ଡଫିଲ୍ସରୁ ଜୀବନ୍ତ ପ୍ରାଣୀ ପର୍ଯ୍ୟନ୍ତ ମାଇକ୍ରୋପ୍ଲାଷ୍ଟିକ୍‌ର ଯାତ୍ରା ନିରନ୍ତର ଏବଂ ନିରବଚ୍ଛିନ୍ନ। ପ୍ରତିଦିନ ମାନବ କାର୍ଯ୍ୟକଳାପ ଏହି ଅଦୃଶ୍ୟ ପ୍ରଦୂଷଣରେ ଯୋଗଦାନ କରେ। ସିନ୍ଥେଟିକ୍ ପୋଷାକ ଧୋଇବା ଦ୍ୱାରା ପ୍ରତି ଥରରେ ହଜାର ହଜାର ମାଇକ୍ରୋଫାଇବର ନିର୍ଗତ ହୁଏ। ଯେତେବେଳେ ରାସ୍ତା ଯାତ୍ରା ସମୟରେ ଟାୟାର ଘଷି ହେବା ଦ୍ୱାରା ସୂକ୍ଷ୍ମ ରବର କଣିକା ବାୟୁରେ ବିସ୍ତାରିତ ହୁଏ। ଶିଳ୍ପ ରଙ୍ଗ, ସିନ୍ଥେଟିକ୍ ଆବରଣ ଏବଂ କସମେଟିକ୍ ଗ୍ଲିଟର ବର୍ଦ୍ଧିତ ବୋଝକୁ ଆହୁରି ବୃଦ୍ଧି କରେ। ଯଦିଓ ଅପଚୟ ଜଳ ଚିକିତ୍ସା କେନ୍ଦ୍ର ଏହି କଣିକାଗୁଡ଼ିକର ଏକ ଅଂଶକୁ ବାହାର କରିପାରେ, ଅନେକ ଫିଲ୍ଟରେଶନରୁ ଖସି ଜଳୀୟ ପ୍ରଣାଳୀରେ ନିଷ୍କାସିତ ହୁଏ। ଏକ ସଦ୍ୟତମ ଆକଳନ ଅନୁଯାୟୀ ପ୍ରତିବର୍ଷ ୧୧ ନିୟୁତ ଟନ୍‌ରୁ ଅଧିକ ପ୍ଲାଷ୍ଟିକ୍ ସମୁଦ୍ରରେ ପ୍ରବେଶ କରେ। ପ୍ରଭାବଶାଳୀ ହସ୍ତକ୍ଷେପ ଅନୁପସ୍ଥିତିରେ ୨୦୪୦ ସୁଦ୍ଧା ଏହା ତିନି ଗୁଣ ହେବ ବୋଲି ଆକଳନ କରାଯାଇଛି। ସମୁଦ୍ର ସ୍ରୋତ ଏହି କଣିକାଗୁଡ଼ିକୁ ବିଶ୍ୱବ୍ୟାପୀ ପରିବହନ କରେ, ସେଗୁଡ଼ିକୁ ଆର୍କଟିକ୍ ବରଫ, ଆଣ୍ଟାର୍କଟିକ୍ ତୁଷାର ଏବଂ ହିମାଳୟ ପରି ଉଚ୍ଚ-ଉଚ୍ଚ ପର୍ବତ ଅଞ୍ଚଳ ସମେତ ସବୁଠାରୁ ଦୂରବର୍ତ୍ତୀ ପରିବେଶରେ ଜମା କରେ। ଏହି ବିଚ୍ଛିନ୍ନ ସ୍ଥାନରେ ସେମାନଙ୍କର ଉପସ୍ଥିତି ମାଇକ୍ରୋପ୍ଲାଷ୍ଟିକ୍ ବିସ୍ତାରର ଗ୍ରହୀୟ ସ୍କେଲକୁ ହାଇଲାଇଟ୍ କରୁଛି।

ସାମୁଦ୍ରିକ ଇକୋସିଷ୍ଟମ୍ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣ ଦ୍ୱାରା ସବୁଠାରୁ ଅଧିକ ପ୍ରଭାବିତ ହୁଅନ୍ତି ପ୍ଲାଙ୍କଟନ୍ ଏବଂ ଅନ୍ୟାନ୍ୟ ଛୋଟ ଜୀବ। ସେମାନଙ୍କର ଆକାର ଏବଂ ପ୍ରାକୃତିକ ଶିକାର ସହିତ ସମାନତା ହେତୁ ମାଇକ୍ରୋପ୍ଲାଷ୍ଟିକ୍‌କୁ ଖାଦ୍ୟ ବୋଲି ଭାବି ଭୁଲ୍ କରନ୍ତି। ଏହି କଣିକାଗୁଡ଼ିକ ତା'ପରେ ଖାଦ୍ୟ ଶୃଙ୍ଖଳ ଉପରକୁ ଚାଲିଯାଏ କାରଣ ଛୋଟ ମାଛ ପ୍ଲାଙ୍କଟନ୍ ଗ୍ରହଣ କରନ୍ତି ଏବଂ ବଡ଼ ଶିକାରୀମାନେ ଛୋଟ ମାଛକୁ ଖାଇଥାନ୍ତି, ଯାହା ଫଳରେ ଟ୍ରୋଫିକ୍ ସ୍ତର ମଧ୍ୟରେ ଜୈବସଞ୍ଚୟ ହୁଏ। ୭୦୦ରୁ ଅଧିକ ସାମୁଦ୍ରିକ ପ୍ରଜାତି ପ୍ଲାଷ୍ଟିକ୍ ଗ୍ରହଣ କିମ୍ବା ଜଡ଼ିତ ହେବା ଦ୍ୱାରା ପ୍ରଭାବିତ ହୋଇଥିବା ପ୍ରମାଣିତ ହୋଇଛି। ମାଇକ୍ରୋପ୍ଲାଷ୍ଟିକ୍ ଶରୀରର ପାଚନ ପ୍ରକ୍ରିୟାକୁ ଅବରୋଧ କରିପାରେ, ପୁଷ୍ଟିକର ଅବଶୋଷଣକୁ ହ୍ରାସ କରିପାରେ ଏବଂ ଆଭ୍ୟନ୍ତରୀଣ ଆଘାତ ସୃଷ୍ଟି କରିପାରେ। ଶାରୀରିକ କ୍ଷତି ବ୍ୟତୀତ, ମାଇକ୍ରୋପ୍ଲାଷ୍ଟିକ୍ ରାସାୟନିକ ପ୍ରଦୂଷଣର ବାହକ ଭାବରେ କାର୍ଯ୍ୟ କରେ। ସେମାନଙ୍କର ପୃଷ୍ଠଗୁଡ଼ିକ ଆଖପାଖର ଜଳରୁ ସ୍ଥାୟୀ ଜୈବ ପ୍ରଦୂଷକ, ଭାରି ଧାତୁ ଏବଂ ହାଇଡ୍ରୋକାର୍ବନକୁ ସହଜରେ ଶୋଷିତ କରିପାରେ।

ସମସ୍ୟା ସାମୁଦ୍ରିକ ପରିବେଶଠାରୁ ମଧ୍ୟ ବହୁତ ଦୂରକୁ ବିସ୍ତାରିତ। ସ୍ଥଳଜ ଇକୋସିଷ୍ଟମ୍, ବିଶେଷକରି କୃଷି ମୃତ୍ତିକା, ମାଇକ୍ରୋପ୍ଲାଷ୍ଟିକ୍ ପାଇଁ ପ୍ରମୁଖ ଉପାଦାନ ଭାବରେ ଉଭା ହୋଇଛି। ପ୍ଲାଷ୍ଟିକ୍ ମଲ୍ଚିଙ୍ଗ, ସ୍ୱେରେଜ୍ କାଦୁଅ ଏବଂ କମ୍ପୋଷ୍ଟ ହୋଇଥିବା ଅପଚୟ ବ୍ୟବହାର ଚାଷ ଜମିରେ ବହୁ ପରିମାଣର ପ୍ଲାଷ୍ଟିକ୍ କଣିକା ପ୍ରବେଶ କରାଏ। ଗବେଷଣା ସୂଚିତ କରେ ଯେ ମାଟିରେ ଏବେ ସମୁଦ୍ର ତୁଳନାରେ ମାଇକ୍ରୋପ୍ଲାଷ୍ଟିକ୍ ଅଧିକ ଘନତା ଥାଇପାରେ। ଏହି କଣିକାଗୁଡ଼ିକ ମାଟି ଗଠନକୁ ପରିବର୍ତ୍ତନ କରିପାରେ, ଜୀବାଣୁ ସମ୍ପ୍ରଦାୟର ବୃଦ୍ଧିକୁ ବାଧା ଦେଇପାରେ, ଜଳ ସଂରକ୍ଷଣରେ ବାଧା ସୃଷ୍ଟି କରିପାରେ ଏବଂ ଉଦ୍ଭିଦ ବୃଦ୍ଧି ଏବଂ ଫସଲ ଉତ୍ପାଦନକୁ ମଧ୍ୟ ବିଶେଷ ଭାବରେ ବାଧା ଦେଇପାରେ। କୃଷି ମାନବ ଖାଦ୍ୟ ପ୍ରଣାଳୀର ମୂଳଦୁଆ ଗଠନ କରୁଥିବାରୁ, ମାଟିରେ ମାଇକ୍ରୋପ୍ଲାଷ୍ଟିକ୍ ଜମା ହେବା ଦୀର୍ଘକାଳୀନ ଖାଦ୍ୟ ସୁରକ୍ଷା ଏବଂ ଇକୋସିଷ୍ଟମ୍ ସ୍ଥିରତା ବିଷୟରେ ଚିନ୍ତା ସୃଷ୍ଟି କରୁଛି।

ବାୟୁବାହୀ ମାଇକ୍ରୋପ୍ଲାଷ୍ଟିକ୍ ଏକ୍ସପୋଜରର ଆଉ ଏକ ବିଶେଷ ଦିଗକୁ ପ୍ରତିନିଧିତ୍ୱ କରେ। ପୋଷାକ ପିନ୍ଧିବା, ଶୁଖାଇବା ଏବଂ ଧୋଇବା ସମୟରେ ନିର୍ଗତ ସିନ୍ଥେଟିକ୍ ଫାଇବର ଘର ଭିତରେ ଏବଂ ବାହାର ବାୟୁରେ ଝୁଲିଯାଏ। ସହରାଞ୍ଚଳ ପରିବେଶରେ କରାଯାଇଥିବା ଅଧ୍ୟୟନରୁ ପ୍ରତି ଘନ ମିଟର ବାୟୁରେ ଦଶରୁ ଶହ ଶହ ମାଇକ୍ରୋପ୍ଲାଷ୍ଟିକ୍ କଣିକା ଚିହ୍ନଟ ହୋଇଛି। ଏହି କଣିକାଗୁଡ଼ିକ ଶେଷରେ ପୃଷ୍ଠରେ ବସତି ସ୍ଥାପନ କରନ୍ତି, ଖାଦ୍ୟକୁ ଦୂଷିତ କରନ୍ତି କିମ୍ବା ମାନବ ଶ୍ୱାସକ୍ରିୟା ପ୍ରଣାଳୀରେ ପ୍ରବେଶ କରନ୍ତି। ମାଇକ୍ରୋପ୍ଲାଷ୍ଟିକ୍ ସାଧାରଣ ବ୍ୟବହାର୍ଯ୍ୟ ଦ୍ରବ୍ୟ ଯେପରିକି ଟେବୁଲ୍ ଲୁଣ, ମହୁ, ବୋତଲ ପାଣି, ବିୟର ଏବଂ ସାମୁଦ୍ରିକ ଖାଦ୍ୟରେ ଚିହ୍ନଟ କରାଯାଇଛି ଏବଂ ରକ୍ତ, ଫୁସ୍‌ଫୁସ୍, ପ୍ଲାସେଣ୍ଟାଲ୍ ଟିସୁ ଏବଂ ସ୍ତନ କ୍ଷୀର ସମେତ ମାନବ ଜୈବିକ ନମୁନାରେ ମଧ୍ୟ ଚିହ୍ନଟ କରାଯାଇଛି। ସେମାନଙ୍କର ବ୍ୟାପକ ଉପସ୍ଥିତି ଆଧୁନିକ ମାନବ ଇକୋସିଷ୍ଟମ ମଧ୍ୟରେ ମାଇକ୍ରୋପ୍ଲାଷ୍ଟିକ୍ କେତେ ପରିମାଣରେ ସ୍ଥାପିତ ହୋଇଛି ତାହା ସ୍ପଷ୍ଟ କରୁଛି।

ମାଇକ୍ରୋପ୍ଲାଷ୍ଟିକ୍ ସେମାନଙ୍କର ସ୍ଥାୟିତା ଯୋଗୁ ବିପଜ୍ଜନକ। ପ୍ଲାଷ୍ଟିକ୍ ଜୈବିକ ଅପଘଟନ କରେ ନାହିଁ; ବରଂ, ସେମାନେ ସେମାନଙ୍କର ରାସାୟନିକ ପରିଚୟ ବଜାୟ ରଖି ସର୍ବଦା ଛୋଟ କଣିକାରେ ଖଣ୍ଡ ଖଣ୍ଡ ହୋଇଯାଆନ୍ତି। ଫଳସ୍ୱରୂପ, ପ୍ରାୟତଃ ଉତ୍ପାଦିତ ପ୍ରତ୍ୟେକ ପ୍ଲାଷ୍ଟିକ ଅଂଶ ପରିବେଶରେ କୌଣସି ସ୍ଥାନରେ ରହିଥାଏ। ଏହି କଣିକାଗୁଡ଼ିକ ରାସାୟନିକ ସ୍ପଞ୍ଜ ଭାବରେ କାର୍ଯ୍ୟ କରନ୍ତି, କର୍କଟ ରୋଗ ସୃଷ୍ଟିକାରୀ ଯୌଗିକଗୁଡ଼ିକ ଏବଂ ପଲିକ୍ଲୋରିନେଟେଡ୍ ବାଇଫିନାଇଲ୍ସ, ପଲିସାଇକ୍ଲିକ୍ ଆରୋମାଟିକ୍ ହାଇଡ୍ରୋକାର୍ବନ ଭଳି ହରମୋନ୍-ବିଘ୍ନକାରୀ ଯୌଗିକଗୁଡ଼ିକୁ ଶୋଷିତ କରନ୍ତି। ଗ୍ରହଣ କରିବା ପରେ, ଏହି ବିଷାକ୍ତ ପଦାର୍ଥଗୁଡ଼ିକ ଟିସୁଗୁଡ଼ିକରେ ପ୍ରବେଶ କରି ଜୈବିକ କ୍ଷତିକୁ ବଢ଼ାଇପାରେ। ଅଲ୍‌ଟ୍ରାଭାୟୋଲେଟ୍ ବିକିରଣ ଅଧୀନରେ ପ୍ଲାଷ୍ଟିକ୍ ଅବକ୍ଷୟ ମିଥେନ ଏବଂ ଇଥିଲିନ୍ ପରି ସବୁଜଗୃହ ଗ୍ୟାସ୍ ନିର୍ଗତ କରେ, ଯାହା ସୂକ୍ଷ୍ମ ଭାବରେ ମାଇକ୍ରୋପ୍ଲାଷ୍ଟିକ୍ ପ୍ରଦୂଷଣକୁ ଜଳବାୟୁ ପରିବର୍ତ୍ତନ ପ୍ରକ୍ରିୟା ସହିତ ଯୋଡ଼ିଥାଏ। (କ୍ରମଶଃ...)

-ସହକାରୀ ପ୍ରଫେସର (ଗବେଷଣା),
ଜୈବପ୍ରଯୁକ୍ତି ବିଦ୍ୟା କେନ୍ଦ୍ର, ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ : ୬୩୭୨୫୯୮୯୯୩

## ସତର୍କ ନ ରହିଲେ...



ଆମ ଶରୀର କିପରି ସୁସ୍ଥ ରହିବ ସେନେଇ ଆମେ ସ୍ୱତନ୍ତ୍ର ଭାବରେ ଦୃଷ୍ଟି ଦେବା ନିହାତି ଦରକାର। ଶରୀର ଭିତରେ କେତେକ ଅଙ୍ଗ ଠିକ୍ ଭାବରେ କାମ କଲେ ଶରୀର ଅନେକାଂଶରେ ନୀରୋଗ ରହିଥାଏ। ବର୍ତ୍ତମାନ କିଡନୀ ରୋଗ ଅନ୍ୟତମ ପ୍ରମୁଖ ସମସ୍ୟା ଭାବରେ ଉଭା ହୋଇଛି। ଏହାର କାରଣ ବିଷୟରେ ଅବଗତ ରହିବା ଆବଶ୍ୟକ। ପ୍ରାରମ୍ଭରୁ କିଡନୀଜନିତ ସମସ୍ୟାର ଲକ୍ଷଣ ବିଷୟରେ ଜାଣିବା ମାତ୍ରେ ବିଳମ୍ବ ନ କରି ଅଭିଜ୍ଞ କିଡନୀ ଡାକ୍ତରଙ୍କ ସହ ପରାମର୍ଶ କରି ଚିକିତ୍ସିତ ହେବା ବୁଦ୍ଧିମତାର ପରିଚାୟକ। କିଡନୀ ଶରୀରରେ ପ୍ରଭାବିତ ହେଉଥିବା ରକ୍ତକୁ ବିଶୋଧନ କରି, ଅଦରକାରୀ ତତ୍ତ୍ୱକୁ ନିଷ୍କାସନ କରିଥାଏ। କିଡ୍‌ନୀ କାର୍ଯ୍ୟ ବାଧାପ୍ରାପ୍ତ ହେଲେ ହାତଗୋଡ଼ ଫୁଲିଯାଏ। ଶରୀରର ଯୋଡ଼ା ଅଂଶଗୁଡ଼ିକରେ ଦରଜ ଅନୁଭୂତ ହୁଏ। ରକ୍ତଚାପ ଅସନ୍ତୁଳିତ ରହେ। ବାନ୍ତି ଉଠାଏ ଆଉ ବେଳେବେଳେ ହୁଏ ମଧ୍ୟ। ଶ୍ୱାସକ୍ରିୟାଜନିତ ଅନେକ ରୋଗ ଶରୀରରେ ଦେଖାଦିଏ। ଶରୀରରେ ୟୁରିଆ ତତ୍ତ୍ୱ ବଢ଼ିଯାଏ। ସେଥିପାଇଁ ଏହାକୁ ସନ୍ତୁଳିତ ରଖିବା ଲାଗି ପ୍ରୋଟିନ୍‌ଯୁକ୍ତ ଖାଦ୍ୟ ଅଧିକ ଖାଆନ୍ତୁ। ତେଣୁ କିଡ୍‌ନୀକୁ ସୁସ୍ଥ ରଖିବା ପାଇଁ ପ୍ରଚୁର ପରିମାଣର ପାଣି ପିଇବା ଆବଶ୍ୟକ। ଯଦି ନିଶାଦ୍ରବ୍ୟ ସେବନ ଅଭ୍ୟାସ ରହିଛି ତେବେ ଏହାକୁ ତୁରନ୍ତ ଛାଡ଼ନ୍ତୁ। ଏ ନେଇ ନିଜେ ସତର୍କ ରହିଲେ ହିଁ ଆପଣ ନିଜ କିଡନୀକୁ ସୁସ୍ଥ ଆଉ ସକ୍ରିୟ ରଖିପାରିବେ।

## ସନ୍ତୁଳିତ ଖାଦ୍ୟ ଖାଉଥିଲେ...



କୁହାଯାଏ, ସ୍ୱାସ୍ଥ୍ୟ ହିଁ ସମ୍ପଦ। ଶରୀରର ବିଭିନ୍ନ ଅଙ୍ଗପ୍ରତ୍ୟଙ୍ଗଗୁଡ଼ିକୁ ଶକ୍ତ ରଖିବାକୁ ଆମେ ଭିଟାମିନଯୁକ୍ତ ଖାଦ୍ୟ ଖାଇବା ଦରକାର। ଯଦି ଜଣେ ବ୍ୟକ୍ତି ସବୁବେଳେ ସନ୍ତୁଳିତ ଖାଦ୍ୟ ଖାଆନ୍ତି ତେବେ ସେ ସୁସ୍ଥ ରହିବା ସହ ନିଜର ରୋଗ ପ୍ରତିରୋଧକ ଶକ୍ତିକୁ ମଧ୍ୟ ଦୃଢ଼ ରଖିପାରିବେ। ଏଭଳି ଖାଦ୍ୟରେ ବିଭିନ୍ନ ପ୍ରକାର ଉପକାରୀ ତତ୍ତ୍ୱ ଭରି ରହିଛି। ଏହାଦ୍ୱାରା ମଧ୍ୟ ପାଚନ କ୍ରିୟା ସକ୍ରିୟ ରହିଥାଏ। 'ସନ୍ତୁଳିତ ଖାଦ୍ୟ ଓ ରୋଗ ପ୍ରତିରୋଧକ ଶକ୍ତି' ବିଷୟକୁ ନେଇ କାଲିଫର୍ନିଆ ବିଶ୍ୱବିଦ୍ୟାଳୟର ବିଶେଷଜ୍ଞମାନେ ଏକ ସର୍ଭେ କରିଥିଲେ। ଏହି ସମୟରେ ନିୟମିତ ସନ୍ତୁଳିତ ଖାଦ୍ୟ ଖାଉଥିବା କେତେକ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟକୁ ସେମାନେ ତନ୍ନ ତନ୍ନ କରି ପରୀକ୍ଷା କରିଥିଲେ। ଏହି ସମୟରେ ସେମାନେ ଜାଣିପାରିଥିଲେ ଯେ ସନ୍ତୁଳିତ ଖାଦ୍ୟରେ ଏଭଳି ତତ୍ତ୍ୱ ରହିଛି, ଯାହା ଶରୀରରେ ରୋଗ ପ୍ରତିରୋଧକ ଶକ୍ତିକୁ ଦୃଢ଼ କରିବାରେ ଅନେକାଂଶରେ ସହାୟକ ହୋଇଥାଏ।


## ହୃଦ୍‌ରୋଗ: କିଛି କଥା



ଆଜିର ସମୟରେ ଅନ୍ୟତମ ସ୍ୱାସ୍ଥ୍ୟଜନିତ ସମସ୍ୟା ହେଉଛି ହୃଦ୍‌ରୋଗ। ଶାରୀରିକ ପରିଶ୍ରମର ଅଭାବ, ନିଶାଦ୍ରବ୍ୟ ସେବନ, ମାନସିକ ଚାପ, ଖାଦ୍ୟପେୟ ଓ ବିଶ୍ରାମର ଅନିୟମିତତା ଆଦି ହୃଦ୍‌ରୋଗର ଅନ୍ୟତମ କାରଣ। ବର୍ତ୍ତମାନ ସମୟରେ ଅଧିକାଂଶ ଯୁବବର୍ଗ ହୃଦ୍‌ରୋଗର ଶିକାର ହେଉଛନ୍ତି। ହୃଦ୍‌ରୋଗଠାରୁ ନିଜକୁ ଦୂରେଇ ରଖିବାକୁ ହେଲେ ଚାପମୁକ୍ତ ଏବଂ ସନ୍ତୁଳିତ ଜୀବନଶୈଳୀ ଅନୁସରଣ କରନ୍ତୁ। ନିଶାଦ୍ରବ୍ୟ ସେବନଠାରୁ ଦୂରେଇ ରୁହନ୍ତୁ। ଦୈନିକ ଅତି କମ୍‌ରେ ଅଧଘଣ୍ଟା ବ୍ୟାୟାମ କରନ୍ତୁ। ଶରୀରର ଗଢ଼ଣ ଓ ବୟସ ଅନୁସାରେ ଓଜନ କେତେ ରହିବା ଆବଶ୍ୟକ, ତାହା ଜାଣନ୍ତୁ। ଆବଶ୍ୟକତାଠାରୁ ଅଧିକ ଓଜନ ଥିଲେ, ତାହାକୁ କେମିତି ସନ୍ତୁଳିତ ସ୍ତରକୁ ଆଣିହେବ, ସେଥିପାଇଁ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ରକ୍ତଚାପ ଏବଂ ରକ୍ତରେ ଶର୍କରା ବା ସୁଗାର ପରିମାଣ ଯେପରି ସନ୍ତୁଳିତ ରହେ ସେନେଇ ସତର୍କ ରହନ୍ତୁ। ଖାଦ୍ୟପେୟ ପ୍ରତି ସ୍ୱତନ୍ତ୍ର ଧ୍ୟାନ ଦିଅନ୍ତୁ। ନିୟମିତ ବ୍ୟାୟାମ କରନ୍ତୁ। ଯେତେ ବ୍ୟସ୍ତ ରହିଲେ ମଧ୍ୟ ନିୟମିତ ସମୟ ବ୍ୟବଧାନରେ ଅଭିଜ୍ଞ ଡାକ୍ତରଙ୍କ ନିକଟରେ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ନେବାକୁ ଭୁଲନ୍ତୁ ନାହିଁ।

## ମନେରଖନ୍ତୁ

ସବୁବେଳେ ଖୁସିରେ ରହିବାକୁ ଚାହିଁଲେ ମଧ୍ୟ ଅନେକ ସମୟରେ ଏହା ସମ୍ଭବ ହୋଇ ନ ଥାଏ। ସବୁବେଳେ ନିଜର ମାନସିକତାକୁ ସକାରାତ୍ମକ ରଖିବାକୁ ଚେଷ୍ଟା କରନ୍ତୁ। ଚାପ, ଅବସାଦ, ଟେନସନ୍ ଆଦି ଠାରୁ ନିଜକୁ ଯେତେ ଦୂରେଇ ରଖିବେ ସେତେ ଭଲ। କାରଣ ଏହା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିଥାଏ। ଚିନ୍ତାଧାରା ଯଦି ସବୁବେଳେ ନକାରାତ୍ମକ ରହୁଛି ତେବେ ତାହାର କାରଣ ଖୋଜି ତାହାକୁ ତୁରନ୍ତ ସମାଧାନ କରନ୍ତୁ। ତେଣୁ ଜୀବନକୁ ଠିକ୍ ବାଟରେ ଆଗେଇ ନେବାକୁ ଏକ ବ୍ୟବସ୍ଥିତ ଜୀବନଶୈଳୀ ଅନୁସରଣ କରନ୍ତୁ। ଠିକ୍ ସମୟରେ ଖାଆନ୍ତୁ। ଆବଶ୍ୟକ ମୁତାବକ ପାଣି ପିଅନ୍ତୁ। ଭଲ ପରିବେଶରେ ଭଲ ଲୋକଙ୍କ ସହ ମିଶନ୍ତୁ। ସବୁବେଳେ ହସଖୁସିର ମାହୋଲ ଭିତରେ ରହିବାକୁ ଚେଷ୍ଟା କରନ୍ତୁ। କାରଣ ହସିବା ଦ୍ୱାରା ଆମ ମସ୍ତିଷ୍କ ହାଲୁକା ହୋଇଥାଏ ଓ ଜଣେ ନିଜ ନିଷ୍ପତ୍ତି ଠିକ୍ ଭାବେ ନେବାକୁ କେତେକାଂଶରେ ସକ୍ଷମ ହୋଇଥାଏ। ଯଦି ଆପଣ ଡାଇବେଟିସ୍ କିମ୍ବା ବ୍ଲଡପ୍ରେସର ସମସ୍ୟା ସହ ଜଡିତ ତେବେ ନିୟମିତ ଔଷଧ ଖାଇବା ସହ ନିର୍ଦ୍ଦିଷ୍ଟ ସମୟ ଅନ୍ତରାଳରେ ଡାକ୍ତରଙ୍କ ସହ ପରାମର୍ଶ କରନ୍ତୁ। ପ୍ରତିଦିନ ଅତିକମ୍‌ରେ ୭-୮ ଘଣ୍ଟା ଶୁଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଲା ବ୍ୟାୟାମକୁ ନିଜର ଦୈନନ୍ଦିନ ରୁଟିନ୍‌ରେ ସାମିଲ କରିବାକୁ ଭୁଲନ୍ତୁ ନାହିଁ।



## ସୁସ୍ଥ ରହିବା ଅନ୍ତରାଳେ...

ସୁସ୍ଥ ମଣିଷ ହେଉଛି ଦେଶ ଓ ସମାଜର ସମ୍ବଳ। ଜଣେ ଅସୁସ୍ଥ ରହିଲେ ସେ କାର୍ଯ୍ୟକ୍ଷମ ହୋଇ ନ ଥାଏ। ଯେଉଁମାନେ ସମ୍ପୂର୍ଣ୍ଣ ସୁସ୍ଥ, ତାଙ୍କର କୌଣସି ଚିକିତ୍ସା ଆବଶ୍ୟକତା ନ ଥାଏ। ମାତ୍ର ସେମାନେ ମଧ୍ୟ ସୁସ୍ଥ ରହିବା ପାଇଁ ଓ ରୋଗ ନ ହେବା ପାଇଁ ସତର୍କ ରହିବା ଦରକାର। ଯେଉଁମାନେ ସାଧାରଣ ଅଣ-ଗୁରୁତର ରୋଗରେ ପୀଡ଼ିତ, ଯାହାର କି ଚିକିତ୍ସା ସହଜ ଓ ଆରୋଗ୍ୟ ମଧ୍ୟ ହୋଇଥାଏ। ତୃତୀୟ ପ୍ରକାରର ରୋଗ, ଯାହା କି ବହୁଳ ପରିଲକ୍ଷିତ ହେଉଛି ଦୀର୍ଘ ଦିନ ଧରି ଓ ପ୍ରାୟ ଜୀବନସାରା ଚିକିତ୍ସା ଦରକାର କରୁଥିବା ରୋଗ ସମୂହ। ଏହି ରୋଗ ପାଇଁ ପ୍ରଥମରୁ ଯାଞ୍ଚ କରିବା ଆବଶ୍ୟକ ଓ ରୋଗ ନିର୍ଣ୍ଣୟ ପରେ ନିୟମିତ ଔଷଧ ଖାଇବା ଓ ଯାଞ୍ଚ କରିବା ଉଚିତ। ସାଧାରଣତଃ ଉଚ୍ଚ ରକ୍ତଚାପ, ମଧୁମେହ-୨, ଥାଇରଏଡ ନ୍ୟୂନତା, ମାନସିକ ଅବସାଦ, ହୃଦ୍‌ରୋଗ ଓ କେତେଗୁଡ଼ିଏ ସ୍ନାୟୁଜନିତ ରୋଗ ତଥା କେତେକ କ୍ଷେତ୍ରରେ କ୍ୟାନ୍‌ସର ଓ ରକ୍ତରୋଗମାନଙ୍କର ସାରା ଜୀବନ ଚିକିତ୍ସା ଆବଶ୍ୟକ ହୋଇଥାଏ। ଦୁର୍ଘଟଣା, ହାର୍ଟ ଆଟାକ୍, ଷ୍ଟ୍ରୋକ୍, ରେନାଲ ଫେଲ୍ୟୁୟର, ମଧୁମେହ ଜଟିଳତା, ଇଲେକ୍ଟ୍ରୋଲାଇଟ୍ ଅସନ୍ତୁଳନ, ବିଭିନ୍ନ ପ୍ରକାରର ଅସ୍ତ୍ରୋପଚାର (ଅପରେଶନ) ଦ୍ୱାରା ହେଉଥିବା ଚିକିତ୍ସା ଓ ଆହୁରି ଅନେକ ରୋଗ ପାଇଁ ହସ୍ପିଟାଲରେ ଆଡ୍‌ମିଶନ କରାଯାଇ ସେଗୁଡ଼ିକର ଠିକ୍ ଚିକିତ୍ସା କରାଯାଇଥାଏ।



## ସ୍ୱାସ୍ଥ୍ୟ ସୂଚନା

➢ଅଣ୍ଟାଜନିତ ସମସ୍ୟା ଥିଲେ ବସିବା ଉଠିବା ସମୟରେ ସାବଧାନତା ଅବଲମ୍ବନ କରନ୍ତୁ। କୌଣସି ସ୍ଥାନରେ ବସିଥିଲେ ହଠାତ୍ ଉଠନ୍ତୁ ନାହିଁ। ଜିନିଷ ନେବା ଆଣିବା କରିବା ସମୟରେ ସତର୍କତା ଅବଲମ୍ବନ କରନ୍ତୁ।



➢ସ୍ୱାସ୍ଥ୍ୟ ପାଇଁ ମହୁ ବେଶ୍ ଉପକାରୀ। ଉଷୁମ ପାଣିରେ ମହୁ ମିଶାଇ ପିଇଲେ ତାହା ସ୍ୱାସ୍ଥ୍ୟ ପାଇଁ ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ।

➢ଯଦି ଆପଣଙ୍କର କିଛି ସ୍ୱାସ୍ଥ୍ୟଜନିତ ସମସ୍ୟା ରହିଛି, ତେବେ ଖାଦ୍ୟପେୟ ଓ ଜୀବନଶୈଳୀ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦିଅନ୍ତୁ। ଅଭିଜ୍ଞ ଡାକ୍ତରଙ୍କ ସହ ମଧ୍ୟ ପରାମର୍ଶ କରିବାକୁ ଭୁଲନ୍ତୁ ନାହିଁ।

➢ଦାନ୍ତଜନିତ ସମସ୍ୟା ଥିଲେ ତାହାର ତୁରନ୍ତ ଚିକିତ୍ସା କରାଇ ନିଅନ୍ତୁ।

➢ମେଦବହୁଳତା ପରୋକ୍ଷରେ କେତେକ ରୋଗକୁ ଆମନ୍ତ୍ରଣ କରିବାର ଆଶଙ୍କା ରହିଛି। ତେଣୁ ନିଜ ଓଜନକୁ ସବୁବେଳେ ନିୟନ୍ତ୍ରଣରେ ରଖିବାକୁ ଚେଷ୍ଟା କରନ୍ତୁ।

➢ ନିଜକୁ ଟେନ୍‌ସନ୍ ଠାରୁ ଯେତେ ସମ୍ଭବ ଦୂରେଇ ରଖିବାକୁ ଚେଷ୍ଟା କରନ୍ତୁ।

➢ଘରେ ଫାଷ୍ଟ-ଏଡ୍ ବକ୍ସ ରଖିଥିଲେ ନିୟମିତ ସମୟ ବ୍ୟବଧାନରେ ଚେକ୍ କରିନିଅନ୍ତୁ। ଏହାକୁ ଏଭଳି ସ୍ଥାନରେ ରଖନ୍ତୁ ଯେମିତି ଖୋଜିବା ମାତ୍ରେ ପାଇପାରିବେ।

➢ଖାଉଥିବ ଔଷଧକୁ ନେଇ ଯଦି ମନରେ କିଛି ପ୍ରଶ୍ନ ସୃଷ୍ଟି ହେଉଛି ତେବେ କେବଳ ଡାକ୍ତରଙ୍କ ସହ ହିଁ ପରାମର୍ଶ କରନ୍ତୁ।

## ସକାରାତ୍ମକ ମାନସିକତା ଓ ଯୋଗ

ନିଜର ମାନସିକତାକୁ ଅଧିକାଂଶ ସମୟ ସକାରାତ୍ମକ ରଖିବା ସହଜ ନୁହେଁ। ତଥାପି ଅନେକେ ଏ କ୍ଷେତ୍ରରେ ସଫଳ ହୋଇଥାଆନ୍ତି। ଅବଶ୍ୟ ଏଥିନେଇ କେତୋଟି ଦିଗ ପ୍ରତି ଦୃଷ୍ଟି ଦେବାକୁ ପଡ଼ିଥାଏ। ଅନ୍ୟପକ୍ଷରେ ଏକ ସଦ୍ୟତମ ଗବେଷଣାରୁ ଜଣାପଡିଛି ଯେ ଯଦି ଜଣେ ବ୍ୟକ୍ତି ନିୟମିତ ଯୋଗ କରନ୍ତି, ତେବେ ସେ ନିଜର ମାନସିକତାକୁ ଅନେକାଂଶରେ ସକାରାତ୍ମକ ରଖିପାରିବେ। 'ସକାରାତ୍ମକ ମାନସିକତା ଏବଂ ଯୋଗ' ବିଷୟକୁ ନେଇ ନିକଟରେ ସିଡନୀ ବିଶ୍ୱବିଦ୍ୟାଳୟର ମନୋବିଜ୍ଞାନୀମାନେ ଏକ ସର୍ଭେ କରିଥିଲେ। ଏହାର ପରିସରଭୁକ୍ତ ବ୍ୟକ୍ତିଙ୍କୁ ପ୍ରତିଦିନ କିଛି ସମୟ ଯୋଗ କରିବାକୁ ପରାମର୍ଶ ଦିଆଯାଇଥିଲା। କେବଳ ସେତିକି ନୁହେଁ, ଏହାର କି ପ୍ରକାର ପ୍ରଭାବ ସେମାନଙ୍କର ମାନସିକତା ଉପରେ ପଡୁଛି ତାହାକୁ ତନ୍ନ ତନ୍ନ କରି ସେମାନେ ତର୍ଜମା କରିଥିଲେ। ସର୍ଭେ ପରିସରଭୁକ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ପ୍ରାୟ ୫୫ ପ୍ରତିଶତ ବ୍ୟକ୍ତିଙ୍କର ମାନସିକତା ଏହାଦ୍ୱାରା ସକାରାତ୍ମକ ରହୁଥିଲା ବୋଲି ପ୍ରକାଶିତ ରିପୋର୍ଟରେ ଉଲ୍ଲେଖ କରାଯାଇଛି।







# ଅଲ୍‌କାରାଜ ଜିତିଲେ ଅଷ୍ଟ୍ରେଲିଆନ୍ ଓପନ

## କ୍ୟାରିୟରର ଗ୍ରାଣ୍ଡସ୍ଲାମ ପୂରଣ, ଜୋକୋଭିଚ୍ ନିରାଶ

ମେଲବୋର୍ନ,୧।୨(ଏପି)

ୱାର୍ଲ୍ଡ ନଂ-୧ କାର୍ଲୋସ ଅଲକାରାଜ ଚଳିତବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ନାମେଣ୍ଟ ଅଷ୍ଟ୍ରେଲିଆନ ଓପନରେ ପୁରୁଷ ସିଙ୍ଗଲ୍ସ ଟାଇଟଲ ହାସଲ କରିଛନ୍ତି। ରବିବାର ଅନୁଷ୍ଠିତ ଫାଇନାଲରେ ଅଲକାରାଜ ୨-୬, ୬-୨, ୬-୩, ୭-୫ ସେଟ୍‌ରେ ଚତୁର୍ଥ ସିଡ୍ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇ ଏହି ସଫଳତା ପାଇଛନ୍ତି। ଏହି ମ୍ୟାଚ୍ ଲାଗି ରଡ ଲାଭର ଏରେନାରେ ସ୍ପାନିଶ ଟେନିସ କିମ୍ବଦନ୍ତୀ ରାଫେଲ ନାଡାଲ ଉପସ୍ଥିତ ଥିଲେ। ଏହି ବିଜୟ ସହିତ ୨୨ ବର୍ଷୀୟ ଅଲକାରାଜ ଓପନ ଏରାର ସର୍ବକନିଷ୍ଠ ଖେଳାଳି ଭାବେ କ୍ୟାରିୟରର ଗ୍ରାଣ୍ଡସ୍ଲାମ ପୂରଣ କରିଛନ୍ତି। ସେ ୨୨ ବର୍ଷ ୨୭୨ ଦିନ ବୟସରେ ସମସ୍ତ ୪ ଗ୍ରାଣ୍ଡସ୍ଲାମ ଟାଇଟଲ ଜିତିଛନ୍ତି। ଏଥିପୂର୍ବରୁ ଏହି ରେକର୍ଡ ଡନ ବଜଙ୍କ ନାମରେ ଥିଲା। ସେ ୧୯୩୮ରେ ୨୨ ବର୍ଷ ୩୬୩ ଦିନ ବୟସରେ ଫ୍ରେଞ୍ଚ ଚାମ୍ପିୟନଶିପ୍‌ରେ କ୍ୟାରିୟର ଗ୍ରାଣ୍ଡସ୍ଲାମ ପୂରଣ କରିଥିଲେ। ତେବେ ଅଲକାରାଜ ବିଶ୍ୱର ନବମ ପୁରୁଷ ଖେଳାଳି ଭାବେ କ୍ୟାରିୟରର ଗ୍ରାଣ୍ଡସ୍ଲାମ ପୂରଣ କରିଛନ୍ତି। ଏହା ଅଲକାରାଜଙ୍କର ପ୍ରଥମ ଅଷ୍ଟ୍ରେଲିଆନ ଓପନ ଓ ମୋଟ ଉପରେ ସପ୍ତମ ଗ୍ରାଣ୍ଡସ୍ଲାମ ଟାଇଟଲ। ଏଥିପୂର୍ବରୁ ସେ ୱିମ୍ବେଲଡନ, ଫ୍ରେଞ୍ଚ ଓ ୟୁଏସ୍ ଓପନରେ ଦୁଇ ଥର ଲେଖାଏ ଚାମ୍ପିୟନ ହୋଇଛନ୍ତି। ଅନ୍ୟପକ୍ଷରେ ପରାଜୟ ଯୋଗୁ ସର୍ବିଆର କିମ୍ବଦନ୍ତୀ ଖେଳାଳି ଜୋକୋଭିଚ୍‌ଙ୍କର ରେକର୍ଡ ୨୫ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଅପେକ୍ଷା ଜାରି ରହିଛି। ସେ ଅଷ୍ଟ୍ରେଲିଆନ ଓପନ ଫାଇନାଲରେ ପ୍ରଥମ ଥର ପାଇଁ ପରାସ୍ତ ହୋଇଛନ୍ତି।



ଅଷ୍ଟ୍ରେଲିଆନ ଓପନ ଟ୍ରଫି ସହ କାର୍ଲୋସ ଅଲ୍‌କାରାଜ।

## ଥାଇଲାଣ୍ଡ ମାଷ୍ଟର୍ସ: ଦେବୀକାଙ୍କୁ ଟାଇଟଲ

**ନୂଆଦିଲ୍ଲୀ,୧।୨:** ଯୁବା ଭାରତୀୟ ଶଟଲର ଦେବୀକା ସିହାଗ ବ୍ୟାଙ୍କକଠାରେ ଚାଲିଥିବା ଥାଇଲାଣ୍ଡ ମାଷ୍ଟର୍ସରେ ଟାଇଟଲ ହାସଲ କରିଛନ୍ତି। ପ୍ରତିପକ୍ଷ ଖେଳାଳି ମାଲେସିଆର ଗୋ ଜିନ ୱେଇ ଫାଇନାଲ ମ୍ୟାଚ୍ ମଧ୍ୟରୁ ଇଞ୍ଜୁରି କାରଣରୁ ଓହରି ଯିବାରୁ ଦେବୀକା କ୍ୟାରିୟରର ପ୍ରଥମ ବିଡବ୍ଲ୍ୟୁଏଫ୍ ସୁପର ୩୦୦ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଜିତିଛନ୍ତି। ରବିବାର ଅନୁଷ୍ଠିତ ମହିଳା ସିଙ୍ଗଲ୍ସ ଫାଇନାଲ ମ୍ୟାଚ୍‌ରେ ହରିୟାଣାରେ ଜନ୍ମିତ ଦେବୀକା ପ୍ରଥମ ଗେମ୍‌କୁ ୨୧-୮ ବ୍ୟବଧାନରେ ଜିତିବା ପରେ ଦ୍ୱିତୀୟ ଗେମ୍‌ରେ ୬-୩ ବ୍ୟବଧାନରେ ଆଗରେ ଥିବା ବେଳେ ୱାର୍ଲ୍ଡ ନଂ-୬୮ ଗୋ ମାଂସପେଶୀଜନିତ ସମସ୍ୟା କାରଣରୁ ମ୍ୟାଚ୍‌ରୁ ଓହରି ଯାଇଥିଲେ। ବର୍ତ୍ତମାନ ବିଶ୍ୱ ର୍‍ୟାଙ୍କିଙ୍ଗ୍‌ରେ ୬୩ତମ ସ୍ଥାନରେ ଥିବା ଦେବୀକାଙ୍କୁ ଏହି ଟାଇଟଲ ସହ ପୁରସ୍କାର ରାଶି ବାବଦକୁ ଅଢ଼େଇ ଲକ୍ଷ ଆମେରିକୀୟ ଡଲାର ମିଳିବ। ଦେବୀକା ଭାରତର ତୃତୀୟ ଖେଳାଳି ଭାବେ ସୁପର ୩୦୦ ମହିଳା ସିଙ୍ଗଲ୍ସ ଟାଇଟଲ ଜିତିଛନ୍ତି।

# ପରାଜୟ ସହ ଓଡ଼ିଶା ଅଭିଯାନ ଶେଷ

ଭୁବନେଶ୍ୱର, ୧।୨ (ତପନ ସ୍ୱାଇଁ)

ଜାମସେଦପୁରର କିନାନ୍ ଷ୍ଟାଡିୟମରେ ଅନୁଷ୍ଠିତ ରଣ୍‌ଜୀ ଟ୍ରଫି କ୍ରିକେଟ ମ୍ୟାଚରେ ଓଡ଼ିଶା ୪ ଉଇକେଟରେ ଝାଡ଼ଖଣ୍ଡଠାରୁ ହାରିଯାଇଛି। ଫଳରେ ପରାଜୟ ସହ ଓଡ଼ିଶା ରଣ୍‌ଜୀ ଟ୍ରଫି ୨୦୨୫-୨୬ ଅଭିଯାନ ଶେଷ କରିଛି। ଓଡ଼ିଶା ପକ୍ଷରୁ ୨୪୬ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବାବେଳେ ଝାଡ଼ଖଣ୍ଡ ରବିବାର ଅନ୍ତିମ ଦିବସରେ ଦ୍ୱିତୀୟ ଇନିଂସରେ ୭୧.୩ ଓଭର ଖେଳି ୬ ଉଇକେଟରେ ୨୪୯ ରନ ସଂଗ୍ରହ କରି ନେଇଥିଲା।

## ରଣ୍‌ଜୀ ଟ୍ରଫି

ଶରଣଦୀପ ସିଂ ୬୪, ରବିନ ମିଞ୍ଜ ୬୩, ଅନୁକୂଳ ରାୟ ୪୫ ଓ ଶିଖର ମୋହନ ୩୦ ରନକରି ଦଳ ବିଜୟରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ। ଓଡ଼ିଶା ପକ୍ଷରୁ ନିଜର ପଦାର୍ପଣ ମ୍ୟାଚରେ ସୟଦ ତୁଫେଲ ଅହମଦ ୪ ଉଇକେଟ ସଫଳତା ପାଇଥିବାବେଳେ ଗୋବିନ୍ଦ ପୋଦ୍ଦାର ୨ଟି ଉଇକେଟ ନେଇଥିଲେ। ପୂର୍ବରୁ ଓଡ଼ିଶା ଏହାର ଦ୍ୱିତୀୟ ଇନିଂସରେ ୨୨୬ ରନକରି ଅଲ୍‌ଆଉଟ ହୋଇଯାଇଥିଲା। ଅଧିନାୟକ ଶୁଭ୍ରାଂଶୁ ସେନାପତି ସର୍ବାଧିକ ୭୩ ଓ ଗୋବିନ୍ଦ ପୋଦ୍ଦାର ୩୧ ରନ କରିଥିଲେ। ଝାଡ଼ଖଣ୍ଡ ବୋଲରଙ୍କ ମଧ୍ୟରେ ଅନୁକୂଳ ରାୟ ୫ ଉଇକେଟ ସଫଳତା ପାଇଥିବାବେଳେ ଆଦିତ୍ୟ ସିଂ ୪ଟି ଏବଂ ଋଷଭ ରାଜ ଗୋଟିଏ ଉଇକେଟ ନେଇଥିଲେ। ଦୁଇ ଇନିଂସରେ ଯଥାକ୍ରମେ ୫୨ ଓ ୬୩ ରନ କରିଥିବା ଝାଡ଼ଖଣ୍ଡର ରବିନ ମିଞ୍ଜ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଓଡ଼ିଶା ଦଳ ଏଲିଟ ଗ୍ରୁପ୍ 'ଏ'ରେ ୭ ମ୍ୟାଚରୁ ୧ ବିଜୟ, ୫ ପରାଜୟ ଓ ୧ ଡ୍ର ସହ ମୋଟ ୭ ପଏଣ୍ଟ ପାଇ ୮ ଦଳ ବିଶିଷ୍ଟ ଗ୍ରୁପ୍‌ରେ ୭ମ ସ୍ଥାନରେ ରହିଛି।



ସୟଦ ତୁଫେଲ ଅହମଦ

**ସଂକ୍ଷିପ୍ତ ସ୍କୋର**

ଓଡ଼ିଶା ପ୍ରଥମ ଇନିଂସ: ୨୮୨। ଝାଡ଼ଖଣ୍ଡ ପ୍ରଥମ ଇନିଂସ: ୨୬୩। ଓଡ଼ିଶା ଦ୍ୱିତୀୟ ଇନିଂସ: ୨୨୬। ଝାଡ଼ଖଣ୍ଡ ଦ୍ୱିତୀୟ ଇନିଂସ: ୨୪୯/୬।

# ମହିଳା ଟି୨୦ ବିଶ୍ୱକପ୍: ସ୍କଟଲାଣ୍ଡ, ଆୟର୍ଲାଣ୍ଡକୁ ଯୋଗ୍ୟତା

ନୂଆଦିଲ୍ଲୀ,୧।୨

ଆସନ୍ତା ଜୁନ୍‌ରେ ଇଂଲଣ୍ଡରେ ହେବାକୁ ଥିବା ମହିଳା ଟି୨୦ ବିଶ୍ୱକପ୍ ଲାଗି ସ୍କଟଲାଣ୍ଡ ଓ ଆୟର୍ଲାଣ୍ଡ ରବିବାର ଯୋଗ୍ୟତା ଅର୍ଜନ କରିଛନ୍ତି। ନେପାଳର କିର୍ତ୍ତିପୁରଠାରେ ଚାଲିଥିବା କ୍ୱାଲିଫାୟର୍ସ ସୁପର-୬ରେ ଖେଳାଯାଇଥିବା ମ୍ୟାଚ୍‌ରେ ଆୟର୍ଲାଣ୍ଡ ୬୨ ରନରେ ଥାଇଲାଣ୍ଡକୁ ଏବଂ ସ୍କଟଲାଣ୍ଡ ୪୧ ରନରେ ଆମେରିକାକୁ ହରାଇ ଏହି ସଫଳତା ହାସଲ କରିଛନ୍ତି। ବାଂଲାଦେଶ ଓ ନେଦରଲାଣ୍ଡ୍ସ ପ୍ରଥମ ଦୁଇ ଦଳ ଭାବେ ସୁପର ୬ ପଏଣ୍ଟ ଟେବୁଲରେ ଶୀର୍ଷରେ ରହି ସ୍ଥାନ ପକ୍କା କରିଥିଲେ। ଜୁନ ୧୨ରୁ ଇଂଲଣ୍ଡରେ ହେବାକୁ ଥିବା ବିଶ୍ୱକପ୍‌ରେ ୧୨ଟି ଦଳ ଅଂଶଗ୍ରହଣ କରିବେ। ଅଂଶଗ୍ରହଣକାରୀଙ୍କ ତାଲିକାରେ ନେଦରଲାଣ୍ଡ୍ସ, ବାଂଲାଦେଶ, ଆୟର୍ଲାଣ୍ଡ, ସ୍କଟଲାଣ୍ଡ ବ୍ୟତୀତ ଇଂଲଣ୍ଡ, ଅଷ୍ଟ୍ରେଲିଆ, ଭାରତ, ନ୍ୟୁଜିଲାଣ୍ଡ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ, ପାକିସ୍ତାନ ଓ ଶ୍ରୀଲଙ୍କା ରହିଛନ୍ତି।




ମନ୍ମୟ ପଟ୍ଟନାୟକଙ୍କୁ ବିଦାୟୀ ଶୁଭେଚ୍ଛା ଜଣାଇବା ଅବସରରେ କ୍ରୀଡ଼ା ସଚିବ ସଚିନ ରାମଚନ୍ଦ୍ର ଯାଦବ ଓ ଅନ୍ୟମାନେ।

# ଭାରତୀୟ ସଫ୍ଟଟେନିସ ଦଳରେ ମନ୍ମୟ

ଭୁବନେଶ୍ୱର,୧।୨(ଅନାଦି କର)

ଆସନ୍ତା ୩ରୁ ୮ ତାରିଖ ପର୍ଯ୍ୟନ୍ତ ପଞ୍ଜାବର ଲୁଧିଆନାରେ ଦ୍ୱିତୀୟ ଜୁନିୟର ଏସିଆନ୍ ସଫ୍ଟ ଟେନିସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବାକୁ ଯାଉଛି। ଏଥିଲାଗି ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ମନ୍ମୟ ପଟ୍ଟନାୟକ ସ୍ଥାନ ପାଇଛନ୍ତି। ଏହି ଦଳରେ କୋଚ୍ ଭାବେ ମହମଦ ଅମନ, ରେଫରି ମହମଦ ଆଜମ, ଅମ୍ପାୟର ସତିଶ କୁମାର ବିଶ୍ୱକର୍ମା, ସହଦେବ ସିଂ, ରୀନା ରଶ୍ମି ତିର୍କୀ, ବୁଦ୍ଧେଶ୍ୱର ବେହେରା ପ୍ରମୁଖ ଯୋଗ ଦେବେ। ଲୁଧିଆନା ଗସ୍ତ ପୂର୍ବରୁ ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମରେ ଓଡ଼ିଶା କ୍ରୀଡ଼ା ବିଭାଗ କମିଶନର ତଥା ସଚିବ ସଚିନ ରାମଚନ୍ଦ୍ର ଯାଦବ, ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଧିରଜ କୁମାର ପଟ୍ଟନାୟକ, ଆଶିଷ କୁମାର ରାଉତ, ମହମ୍ମଦ ଆଜମ ଓ ଦିଲୀପ କୁମାର ପଟ୍ଟନାୟକ ଉପସ୍ଥିତ ରହି ମନ୍ମୟଙ୍କୁ ସମ୍ବର୍ଦ୍ଧିତ କରିଥିଲେ।




# ରାଇଜିଂ ଷ୍ଟୁଡେଣ୍ଟ୍ସ କଟକ ଚାମ୍ପିୟନ

## ସର୍ବଭାରତୀୟ କିଶୋର ନାୟକ ସ୍ମାରକୀ କ୍ରିକେଟ

ବନ୍ତ,୧।୨(ହରିନାରାୟଣ ମହାନ୍ତି)

ଭଦ୍ରକ ଜିଲା ବନ୍ତ ବ୍ଲକର ପୁରୁଷୋତ୍ତମପୁରସ୍ଥିତ ନେତାଜୀ ବ୍ଲକସ୍ତରୀୟ ଷ୍ଟାଡିୟମ୍‌ରେ ଚାଲିଥିବା ୨୪ତମ ସର୍ବଭାରତୀୟ କିଶୋର ନାୟକ ସ୍ମାରକୀ କ୍ରିକେଟ ଟୁର୍ନାମେଣ୍ଟ (ବନ୍ତ କପ୍-୨୦୨୬)ର ଫାଇନାଲ ମ୍ୟାଚ୍ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଇଷ୍ଟକୋଷ୍ଟ ରେଲ୍‌ୱେ ବିଶାଖାପାଟଣାକୁ ହରାଇ ରାଇଜିଂ ଷ୍ଟୁଡେଣ୍ଟ୍ସ କଟକ ଚାମ୍ପିୟନ ହୋଇଛି। ରାଇଜିଂ ଷ୍ଟୁଡେଣ୍ଟ୍ସ ନିର୍ଦ୍ଧାରିତ ୨୦ ଓଭରରେ ୯ ଉଇକେଟ ହରାଇ ୧୯୨ ରନ୍ କରିଥିଲା। ଦଳ ପକ୍ଷରୁ ବିକ୍ରମ ସାମଲ ୬୮ ଓ ଆନନ୍ଦ ଭରଦ୍ୱାଜ ୩୫ ରନ୍ କରିଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେର ବୋଲର ପ୍ରକାଶ ରେଡ୍ଡୀ ୩ ଓ ଧୀରଜ କୁମାର ୨ ଉଇକେଟ ନେଇଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେ ୨୦ ଓଭରରେ ୯ ଉଇକେଟ ହରାଇ ୧୭୯ ରନ୍ କରିପାରିଥିଲା। ଦଳ ପକ୍ଷରୁ ବି.ସାତ୍ତ୍ୱିକ ୪୩ ଓ କେ.ପି. ରାହୁଲ ୩୧ ରନ୍ କରିଥିଲେ। ରାଇଜିଂ ଷ୍ଟୁଡେଣ୍ଟ୍ସର ବୋଲର ସୂର୍ଯ୍ୟକାନ୍ତ ପ୍ରଧାନ ୩ ଓ ଆନନ୍ଦ ଭରଦ୍ୱାଜ ୨ ଉଇକେଟ ନେଇଥିଲେ। ଫଳରେ ରାଇଜିଂ ଷ୍ଟୁଡେଣ୍ଟ୍ସ ୧୩ ରନ୍‌ରେ ବିଜୟୀ ହୋଇଥିଲା।

ମୁଖ୍ୟ ଅତିଥି ଭାବେ ଭଦ୍ରକ ବିଧାୟକ ସିତାଂଶୁ ଶେଖର ମହାପାତ୍ର, ସମ୍ମାନିତ ଅତିଥି ଭାବେ ଅବକାରୀ ବିଭାଗର ସହକାରୀ କମିଶନର ବିଶ୍ୱନାଥ ଜେନା, ଜିଲା ଭାଜପା ସଭାପତି ଭଗବାନ ପଣ୍ଡା, ଭଣ୍ଡାରିପୋଖରୀ ବିଧାନସଭା ନେତା ଡ. ସୁଧାଂଶୁ ଶେଖର ନାୟକ, ଏମ୍‌ପି ପ୍ରତିନିଧି ସନ୍ତୋଷ କୁମାର ନାୟକ, କମିଟିର ସଭାପତି ସୁବାସ ଚନ୍ଦ୍ର ବିଶ୍ୱାଳ, ସମ୍ପାଦକ ଅରୁଣ କୁମାର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଚାମ୍ପିୟନ ଓ ରନରଅପ୍ ଦଳକୁ ଟ୍ରଫି ପ୍ରଦାନ କରାଯାଇଥିଲା। ରାଇଜିଂ ଷ୍ଟୁଡେଣ୍ଟ୍ସର ବିକ୍ରମଙ୍କୁ ପ୍ଲେୟର ଅଫ୍ ଦି ମ୍ୟାଚ୍ ପୁରସ୍କାର ବରିଷ୍ଠ ସଦସ୍ୟ ମାଧବାନନ୍ଦ ଦାସ, କେଦାରନାଥ ମହାନ୍ତି ପ୍ରଦାନ କରିଥିଲେ। ଇଷ୍ଟକୋଷ୍ଟ ରେଲ୍‌ୱେର ବି.ସାତ୍ତ୍ୱିକଙ୍କୁ ମ୍ୟାନ୍ ଅଫ୍ ଦି ସିରିଜ ପୁରସ୍କାର ବରିଷ୍ଠ ସଦସ୍ୟ ସପନ କୁମାର ମଜୁମଦାର, ପ୍ରଦ୍ୟୁମ୍ନ ସେଠୀ ଓ କାହ୍ନା ନାୟକ ପ୍ରଦାନ କରିଥିଲେ। ଶାନ୍ତନୁ ରାଉତ ଓ ଲଲାଟ କେଶରୀ ନନ୍ଦ ମ୍ୟାଚ୍ ପରିଚାଳନା କରିଥିଲେ। ଭାଷ୍ୟକାର ଭାବେ ସଞ୍ଜୟ କୁମାର ମଜୁମଦାର, ସୁଧାଂଶୁ ଶେଖର ମହାନ୍ତି, ସୁକାନ୍ତ କୁମାର ବେହେରା, ସ୍କୋରର ଭାବେ ଜ୍ୟୋତି ରଞ୍ଜନ ଜେନା, ଗୁରୁଦେବ ସେଠୀ, ଅବନୀ ମଲ୍ଲିକ ଓ ପୂର୍ଣ୍ଣେନ୍ଦୁ ଜେନା ଦାୟିତ୍ୱ ତୁଲାଇଥିଲେ।




ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ